

ମନ୍ତବ୍ୟ (Notes)

# ୨୧

# ମାନବିକ ବିକାଶରେ ସମସ୍ୟା ଓ ପ୍ରତିକାର

ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶିଶୁର ବିକାଶ ଏବଂ ତାହାକୁ ପ୍ରଭାବିକ କରୁଥିବା ଉପାଦନ ଗୁଡିକ ବିଷୟରେ ତୁମେ ଅବଗତ ହୋଇସାରିଛ । କିନ୍ତୁ ଏଭଳି କିଛି ଶିଶୁ ଅଛନ୍ତି ଯେଉଁମାନେ ସେମାନଙ୍କର ସମ୍ପୂର୍ଣ୍ଣ ବିକାଶ ପାଇଁ ପର୍ଯ୍ୟାପ୍ତ ପରିବେଶ ଏବଂ ସୁବିଧା ସୁଯୋଗ ପାଆନ୍ତି ନାହିଁ । ଉଦାହରଣ ସ୍ୱରୂପ ଭାରତୀୟ ପରିବାରରେ ଏକ କନ୍ୟା ସନ୍ତାନ ଅବହେଳିତ ହେବା ଏକ ଜଣାଶୁଣା କଥା । ଅନେକ ଶିଶୁ ସ୍କୁଲ ନଯାଇ, ବିପଦଜ୍ଜନକ ପରିବେଶରେ କାର୍ଯ୍ୟ କରିଥାନ୍ତି ଏବଂ ଅନ୍ୟ ଶିଶୁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇଥାଆନ୍ତି । କିନ୍ତୁ ଶିଶୁଙ୍କ ଠାରେ ଜନ୍ମଗତ ଭିନ୍ନତା ଦେଖାଇଥାଏ । ଯେଉଁ ଶିଶୁ କିମ୍ବା ତାର ପିତା ମାତା H.I.V ପଜିଟିଭ୍‌ର ଶିକାର ହୋଇଥାନ୍ତି ବା H.I.V ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି, ସେମାନେ ସମାଜରେ ଅବହେଳିତ ହୋଇଥାଆନ୍ତି । କିଛି ଶିଶୁ ହଠାତ୍ ବା ସଙ୍ଗଦୋଷରେ ପଡି ନିଶା ସେବନ ଆରମ୍ଭ କରନ୍ତି ଓ ନିଶାଗ୍ରସ୍ତ ହୋଇଥାଆନ୍ତି । ଏମାନେ ସମସ୍ତେ ଆମର ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଥାନ୍ତି । ଏହି ପାଠ୍ୟକ୍ରମରେ ଆମେ ଏଭଳି ଶିଶୁମାନଙ୍କର ସ୍ୱତନ୍ତ ସମସ୍ୟା ବିଷୟରେ ଜାଣିବା ଓ ସେମାନଙ୍କୁ ଏଥିରୁ ମୁକ୍ତି କରିବା ନିମନ୍ତେ କିଛି ଉପାୟ ଚିନ୍ତା କରିବା ।

## ଉଦ୍ଦେଶ୍ୟ

ଏହି ପାଠ୍ୟ ପଢ଼ିସାରିଲା ପରେ ତୁମେ

- ❖ କନ୍ୟା ସନ୍ତାନ ମାନଙ୍କ ବିରୁଦ୍ଧରେ ହେଉଥିବା ପକ୍ଷପାତିତାର ଉଦାହରଣ ଦେଇପାରିବ
- ❖ କିଶୋର ଅପରାଧବୃତ୍ତି ଶବ୍ଦ କୁ ବିସ୍ତାରରେ ବୁଝାଇପାରିବ ଏବଂ ଏହାର ନିରାକରଣ ନିମନ୍ତେ ପ୍ରତିଷେଧକ ବ୍ୟବସ୍ଥା ଗୁଡିକ ବିଷୟରେ ମତାମତ ପ୍ରଦାନ କରିପାରିବ
- ❖ ଶିଶୁର ବିକାଶରେ ଶିଶୁ ଶ୍ରମିକର କରୁଣ ପରିଣିତି କୁ ତୁଳନା କରିପାରିବ
- ❖ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନଗ୍ରସର ଶିଶୁର ସମସ୍ୟା ସମାଧାନ ନିମନ୍ତେ ବାଟ ବତାଇ ପାରିବ

ମନ୍ତବ୍ୟ (Notes)

- ❖ ଶିଶୁ ମାନଙ୍କ ଠାରେ ଦେଖାଯାଉଥିବା ମୁଖ୍ୟ ଶାରୀରିକ ଅକ୍ଷମତାର ତାଲିକା କରିପାରିବ ଓ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଉପାୟ ବତାଇ ପାରିବ ।
- ❖ ମାନସିକ ଅନଗ୍ରସର ଶିଶୁ ମାନଙ୍କୁ ସାହାଯ୍ୟ କରିବା ପାଇଁ ମାର୍ଗଦର୍ଶନ କରିପାରିବ
- ❖ AIDS ଓ HIV ଶବ୍ଦର ସଜ୍ଞା ଲେଖିପାରିବ ଓ AIDS ରେ ପ୍ରଚଳିତ କଥା ଓ ଭ୍ରାନ୍ତଧାରଣା ବିଷୟରେ ଆଲୋକପାତ କରିପାରିବ
- ❖ ନିରାପଦ ମାତୃତ୍ୱକୁ ସୁନିଶ୍ଚିତ କରିବା ସହିତ ମାତୃ ମୃତ୍ୟୁହାର ଓ ଅସୁସ୍ଥତା କମାଇବା ପାଇଁ ପ୍ରତିକାର ସମ୍ପର୍କିତ ସୁଚନା ପ୍ରଦାନ କରିପାରିବ ।
- ❖ ନିଶା ଦ୍ରବ୍ୟ ସେବନର ଅପବ୍ୟବହାର, ଲକ୍ଷଣ ଓ ପରିଣାମ ବିଷୟରେ ଆଲୋଚନା କରିପାରିବା ।

## ୨୧.୧ କନ୍ୟା ସନ୍ତାନ ନିମନ୍ତେ ପକ୍ଷପାତିତା

ଏହି ଗପଟି ବଢ଼.


ସୀମା ଗୋଟିଏ ୧୦ ବର୍ଷର ବାଳିକା ଯେ କି ଗୋଟିଏ ଛୋଟ କୁଡ଼ିଆରେ ରହେ । ସେ ସକାଳ ୫ଟାରୁ ଉଠିପଡ଼େ ଏବଂ ଅନ୍ୟମାନଙ୍କ ଘରେ କାମ କରିବାକୁ ବାହାରିପଡ଼େ । ତାର ବଡ଼ ଭାଇମାନଙ୍କୁ ଜନରଦସ୍ତି ସ୍କୁଲ ପଠାଯାଏ ଯଦି ଓ ସେମାନଙ୍କର ପାଠ ପଢ଼ିବା ପାଇଁ ଇଚ୍ଛାନଥାଏ ଏବଂ ସେମାନେ ଗୋଟିଏ ଶ୍ରେଣୀରେ ୨/୩ ଥର ଫେଲ୍ ହୋଇଥାଆନ୍ତି । ଯେତେବେଳେ ସୀମା ସ୍କୁଲ ଯିବାକୁ ଇଚ୍ଛା ପ୍ରକାଶ କରେ, ସେତେବେଳେ ସେ ପିତା ମାତାଙ୍କ ଠାରୁ ଗାଳି ଶୁଣେ ତାର ଭାଇମାନଙ୍କୁ ଘରର ସମ୍ପତ୍ତି ଭାବେ ବିବେଚନା କରାଯାଏ ଯେତେବେଳେ ସୀମା କୁ ଘର ପାଇଁ ଏକ ବୋଝ ବୋଲି ବିଚାର କରାଯାଏ ।

ଏହି କଥା ଜାଣିସାରିବା ପରେ, ସୀମାର ଜୀବନ ପାଇଁ ତୁମେ କିଭଳି ଅନୁଭବ କରୁଛ ? ଏହା ଭାରତର ଅଧିକାଂଶ କନ୍ୟା ସନ୍ତାଙ୍କର ଜୀବନ ନୁହେଁ କି ?

ଭାରତରେ କନ୍ୟା ସନ୍ତାନ ମାନେ ବହୁତ ଦୁଃଖ କଷ୍ଟରେ ଜୀବନ ବିତାଇଥାଆନ୍ତି । ଜନ୍ମଠାରୁ ତା ପ୍ରତି ପକ୍ଷପାତିତା ଆରମ୍ଭ ହୋଇଥାଏ, ଏଭଳିକି ମାତୃଗର୍ଭରେ ଥଲାବେଳେ ମଧ୍ୟ ସେ ଅଧିକାଂଶ ପରିବାରରେ ଏକ ଅଦରକାରୀ ଅନିଚ୍ଛାକୃତ ଓ ନ୍ୟୁନ ପ୍ରାଣୀ ଭାବେ ବିବେଚିତ ହୋଇଥାଏ । ତା ବିରୁଦ୍ଧରେ ହେଉଥିବା ପକ୍ଷପାତିତା ଗୁଡିକ ବିଷୟରେ ତୁମେ ଜାଣ କି ? ସେଥିରୁ କିଛି ନିମ୍ନରେ ବର୍ଣ୍ଣନା କରାଗଲା ।

ଗୋଟିଏ ଭାରତୀୟ ପରିବାରରେ ପ୍ରଥମେ କିଏ ଖାଦ୍ୟ ଗ୍ରହଣ କରେ ? ଜଣେ କନ୍ୟା ସନ୍ତାନ କି ? ନା, ଆମ ଦେଶରେ ଅଧିକାଂଶ 'ମା' ସେମାନଙ୍କର ସ୍ୱାମୀ ଓ ପୁତ୍ର ସନ୍ତାନ ମାନଙ୍କୁ ପ୍ରଥମେ ଖାଇବାକୁ ବାଢିଥାନ୍ତି । ସେମାନେ ଖାଇସାରିବା ପରେ ଯାହା କିଛି ବଳକା ହୁଏ, ତାହା ସେମାନେ କନ୍ୟା ସନ୍ତାନକୁ ଦେଇଥାଆନ୍ତି । ଏହି ଖାଦ୍ୟ ଅଧିକାଂଶ ସମୟରେ ପରିମାଣ ଓ ଗୁଣରେ ତା ପାଇଁ ଯଥେଷ୍ଟ ହୋଇନଥାଏ । ଉଦାହରଣ ସ୍ୱରୂପ ଝିଅଟିଏ ଅଧିକାଂଶ ସମୟରେ ପର୍ଯ୍ୟାପ୍ତ ପରିମାଣର ଡ଼ାଲି, ପରିବା ଓ ରୁଟି ପାଇନଥାଏ । ଜନ୍ମ ପରଠାରୁ ତା ପ୍ରତି ଏଭଳି ପକ୍ଷପାତିତା କରାଯାଇଥାଏ ତୁମେ ଜାଣକି 'ମା' କ୍ଷୀର ପୁଅ ମାନଙ୍କ ଅପେକ୍ଷା ଝିଅମାନଙ୍କୁ କମ୍ ସମୟ ଦିଆଯାଇଥାଏ ?

ଯେତେବେଳେ ଜଣେ ଶିଶୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ନ ପାଏ, ତାର ଅବସ୍ଥା କଣ ହୁଏ ? ତାର ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଏ ନାହିଁ ଏବଂ ସେ ବାରମ୍ବାର ଅସୁସ୍ଥ ହୋଇପଡ଼େ, ଯେତେବେଳେ ଗୋଟିଏ କନ୍ୟାସନ୍ତାନ ଅସୁସ୍ଥ ହୋଇପଡେ, ତାକୁ ଡ଼ାକ୍ତର ପାଖରୁ ନିଆଯାଏ କି ? ନା କାରଣ ଉତ୍ତମ ସ୍ୱାସ୍ଥ୍ୟ ତା ପାଇଁ ବିଚାରକୁ ନିଆଯାଏ ନାହିଁ । ଏହାଫଳରେ ଅନେକ କନ୍ୟା ସନ୍ତାନ ନିଜର ପ୍ରଥମ ଜନ୍ମଦିନ କୁ ମଧ୍ୟ ଦେଖିପାରନ୍ତି ନାହିଁ । ଏହିଭଳି ଗୋଟିଏ କନ୍ୟା ସନ୍ତାନକୁ ତାର ଆବଶ୍ୟକ ସ୍ୱାସ୍ଥ୍ୟ ଓ ପୌଷ୍ଟିକ ଆବଶ୍ୟକତାରୁ ବଞ୍ଚିତ କରାଯାଏ । ସ୍କୁଲରେ ପାଠପଢୁଥିବା ପୁଅ ଙ୍କ ତୁଳନାରେ ଝିଅ ପିଲାଙ୍କ ସଂଖ୍ୟା ସମାନକି ? ନା କାରଣ ସେ ମାନଙ୍କ ମଧ୍ୟରୁ ଅଧିକାଂଶ ଝିଅପିଲାଙ୍କୁ ତାଙ୍କରା ମୌଳିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ସ୍କୁଲରୁ କାଢ଼ି ଅଣାଯାଏ । ଝିଅ ମାନେ ଅତି ଅଳ୍ପବୟସରେ ସେମାନଙ୍କର 'ମା' ମାନଙ୍କୁ ଘର କାମରେ ସାହାଯ୍ୟ ସହଯୋଗ କରିବା ଆରମ୍ଭ କରିଦେଇଥାଆନ୍ତି ।




ଚିତ୍ର: ୨୧ - ୧ କୁ-ଚକ୍ର

### ୨୧-୧-୧ : ଶିକ୍ଷାର ଭୂମିକା

ଶିକ୍ଷା ତା ଜୀବନରେ କିଭଳି ଭୂମିକା ଗ୍ରହଣ କରିପାରିବ ? ଏ ସେହି କନ୍ୟା ସନ୍ତାନ ଯିଏ କି ଭବିଷ୍ୟତରେ ପରିବାରର ପ୍ରତ୍ୟେକ ସଦସ୍ୟର ଜୀବନକୁ ସଜାଡିବ । ଏଣୁ ତା ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ ଏହା ତାକୁ ନିମ୍ନମତେ ସାହାଯ୍ୟ କରିବ ।

୧ . ଶିକ୍ଷା, ନାରୀମାନଙ୍କ କ୍ଷେତ୍ରରେ ସଚେତନତା ସୃଷ୍ଟି କରେ । ସେମାନଙ୍କ ଚାରିପାଖରେ କଣ ଘଟୁଛି, ଭଲ କଣ, ମନ୍ଦ କଣ, କହାକୁ କିପରି ବ୍ୟବହାର କରିବେ ଓ କାହାକୁ ତ୍ୟାଗ କରିବେ, ସେମାନେ ତାହା ଭଲଭାବେ ଜାଣନ୍ତି । ଶିକ୍ଷିତ ଝିଅ ମାନେ ସେମାନଙ୍କ ଘର ଓ ଜୀବନକୁ ଖୁବ୍ ଦକ୍ଷତାର ସହ ପରିଚାଳନା କରିପାରନ୍ତି ଅର୍ଥାତ୍ ସେମାନେ ଗ୍ରାହକ ହିସାବରେ ସେମାନଙ୍କ ଅଧିକାର ବିଷୟରେ ସଚେତନ ସେମାନେ ନିଜପାଇଁ ତଥା ଘର ପାଇଁ ରୋଜଗାର ଅନୁଯାୟୀ ଆବଶ୍ୟକ ଜିନିଷ ଗୁଡିକ କିଣିପାରନ୍ତି ଏବଂ ଘରର ଆୟ ଓ ବ୍ୟୟର ହିସାବ ରଖିପାରନ୍ତି ।

ମନ୍ତବ୍ୟ (Notes)

୨. ଶିକ୍ଷା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରେ । ଶିକ୍ଷା ନାରୀମାନଙ୍କ ମନରେ ଦୃଢବିଶ୍ୱାସ ଓ ଦକ୍ଷତା ଆହରଣ କରିବାରେ ସାହାଯ୍ୟକରେ ଏବଂ ସେମାନଙ୍କୁ ଆବଶ୍ୟକ ପଡିଲେ କୌଣସି ଏକ ଧନ୍ଦାମୂଳକ କାର୍ଯ୍ୟ କରିବାକୁ ଯୋଗ୍ୟତା ପ୍ରଦାନ କରିଥାଏ ଯାହା ଫଳରେ ସେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିପାରେ ।

୩. ଶିକ୍ଷିତା ଝିଅ ଯେଉଁମାନେ କି ଭବିଷ୍ୟତରେ ଜଣେ ଜଣେ ଶିକ୍ଷିତା 'ମା' ପରିଣତ ହୁଅନ୍ତି, ସେମାନେ ନିଜ ଛୁଆ ମାନଙ୍କର ଶିକ୍ଷାର ଯତ୍ନ ନେଇ ପାରନ୍ତି । ନିଜ ଛୁଆ ମାନଙ୍କୁ ଉତ୍ତମ ଅଭ୍ୟାସ ଓ ମୂଲ୍ୟବୋଧ ପ୍ରଦାନ କରିବାରେ ସେମାନେ ସହାୟତା କରିଥାନ୍ତି ।

୪. ଶିକ୍ଷିତା 'ମା' ମାନେ, ଦୈନନ୍ଦିନ ଜୀବନରେ ତାଙ୍କ ପିଲାମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ବିଷୟରେ ଅବଗତ ହୋଇଥାଆନ୍ତି ଏବଂ ସେଗୁଡ଼ିକର ସଠିକ୍ ସମାଧାନ ନିମନ୍ତେ ବାଟ ବତାଇପାରନ୍ତି ।

ଯଦି ପିତା ମାତା ମାନେ ସେମାନଙ୍କର କନ୍ୟା ସନ୍ତାନକୁ ଶିକ୍ଷିତ କରାନ୍ତି, ତେବେ ସେମାନେ ତାଙ୍କ ଝିଅ କୁ ଜଣେ ଉତ୍ତମ ବୋହୂ, ସ୍ତ୍ରୀ ଓ 'ମା' ହେବାରେ ସାହାଯ୍ୟ କରିଥାନ୍ତି । ପ୍ରକାରାନ୍ତରେ ଏହା ସମସ୍ତ ସମାଜ ପାଇଁ ଉପକାରୀ ହୋଇଥାଏ । ଝିଅମାନଙ୍କ ପ୍ରତି ପକ୍ଷପାତିତା ବିଷୟରେ ଜାଣିସାରିବା ପରେ, ତୁମେ ତୁମ ଝିଅ କୁ କିଭଳି ବ୍ୟବହାର କରିବ ? କନ୍ୟାସନ୍ତାନ ମାନଙ୍କ ପ୍ରତି ତୁମ ସମାଜର ଦୃଷ୍ଟିଭଙ୍ଗୀ ବଦଳାଇବାରେ ତୁମେ କିଭଳି ଭୂମିକା ଗ୍ରହଣ କରିବ ?

**୨୧-୧ ପାଠଗତ ପ୍ରଶ୍ନ**

୧. କନ୍ୟା ସନ୍ତାନ ମାନଙ୍କ କ୍ଷେତ୍ରରେ ହେଉଥିବା ପକ୍ଷପାତିତାର ତିନୋଟି ଉଦାହରଣ ଦର୍ଶାଅ

୨. କନ୍ୟା ସନ୍ତାନ ମାନଙ୍କ ବିରୁଦ୍ଧରେ ପକ୍ଷପାତିତା କରାଯିବାର କାରଣ ସେମାନେ

(i) -------------------------

(ii) -------------------------

(iii) -------------------------

୩. ଶିକ୍ଷା କିଭଳି ଝିଅମାନଙ୍କୁ ସହାୟତା କରେ, ତାହାର ତିନୋଟି ବାଟ ଆଲୋଚନା କର ।


(i) -------------------------

(ii) -------------------------

(iii) -------------------------

## ୨୧.୨ ବାଳ ଅପରାଧ ପ୍ରବଣତା ?

ତୁମେ ସବୁଦିନ ଖବର କାଗଜ ପଢ଼କି ? ମୁଖ୍ୟ ଖବର ଗୁଡ଼ିକ କଣ ? କେଉଁମାନେ ଏହି ଘଟଣାରେ ସଂପୃକ୍ତ ? ଅଳ୍ପ ବୟସ୍କ ପିଲାମାନେ ଏବଂ କିଶୋରମାନେ । ସାମାଜିକ ସ୍ତରରେ ଏହି ପ୍ରକାର ର ବ୍ୟବହାର ଗ୍ରହଣୀୟ ବୋଲି ତୁମେ ଭାବୁଛକି ? ନା, ଏଗୁଡ଼ିକ ଅସାମାଜିକ କାର୍ଯ୍ୟ କଳାପ ଏବଂ ଏହା ସମାଜରେ କଦାପି ଗ୍ରହଣୀୟ ନୁହେଁ ।



ମନ୍ତବ୍ୟ (Notes)




**ଚିତ୍ର ୨୧.୨ କିଶୋର ଅପରାଧ**

> ଯୁବକ ମାନଙ୍କ ଦ୍ୱାରା ହେଉଥିବା ଆଇନର ଉଲଂଘନ କାର୍ଯ୍ୟକୁ ବାଳ ଅପରାଧ କୁହାଯାଏ । (୧୬ ବର୍ଷରୁ କମ୍ ଗୋଟିଏ ବାଳକ ଏବଂ ୧୮ ବର୍ଷରୁ କମ୍ ଗୋଟିଏ ବାଳିକା) ଯେଉଁମାନେକି ନିୟମ ଦୃଷ୍ଟିରୁ ଆଇନ ଅନୁଯାୟୀ ଦଣ୍ଡିତ ହୋଇ ପାରିବେନି ।

ଯେଉଁ ଆଚରଣ ଗୁଡ଼ିକ "ଅପରାଧ"ର ଅନ୍ତର୍ଭୁକ୍ତ ତାହାର ତାଲିକା ତୁମେ କରିପାରିବ ? ହଁ, ସେଗୁଡିକ ମଧ୍ୟରୁ କେତେକ ହେଲା–

୧. ଜାଲିଆତି

୨. ହିଂସା　　୩. ଚୋରିକରିବା　　୪. ଆତ୍ମହତ୍ୟା

୫. ମିଛ କହିବା　　୬. ଯୌନ ଅପରାଧ　　୭. ନିଶା କାରବାର

### ୨୧. ୨.୧ – ବାଳ ଅପରାଧର କାରଣ


ଯୁବକ ମାନଙ୍କ ମଧ୍ୟରେ ହେଉଥିବା ଅପରାଧ ପ୍ରବଣତା ବିଭିନ୍ନ କାରଣ ଯୋଗୁଁ ହୋଇଥାଏ । ସେଥିମଧ୍ୟରୁ କେତେକ ହେଲା --

ଦାରଦ୍ର୍ୟ ହେଉଛି ବାଳ ଅପରାଧର ଏକ ମୁଖ୍ୟ କାରଣ । ଗରିବ ପିଲାମାନେ ଜୀବନରେ ପ୍ରାଚୁର୍ଯ୍ୟ ଉପଭୋଗ କରିବା ପାଇଁ ସୁବିଧା ସୁଯୋଗ ପାଆନ୍ତି ନାହିଁ । ସେମାନେ ସୁବିଧା ପାଇବା ପାଇଁ ଚୋରି, ଡ଼କାୟତି ର ପଥ ବାଛିନିଅନ୍ତି । ତେଣୁ ଯୁବକ ମାନେ ଚୋରି, ଡ଼କାୟତି ଆଦିରେ ନିଜକୁ ପ୍ରବୃତ୍ତ କରାନ୍ତି । ସମୟ ସମୟରେ ବାପ ମାଆମାନେ ଦାରିଦ୍ର୍ୟ ଯୋଗୁଁ ମଧ୍ୟ ପିଲାମାନଙ୍କୁ ଏହିସବୁ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରନ୍ତି ।

ଖରାପ ସାଙ୍ଗ ମାନେ କଣ ଜଣେ ବ୍ୟକ୍ତିକୁ ଅପରାଧ ପ୍ରବଣ ହେବା ପାଇଁ ପ୍ରବର୍ତ୍ତାନ୍ତି ? ହଁ , ଯୁବକମାନେ ଚୋରିକରିବା, ମିଛ କହିବା, ଘରର ଝରକା ଭାଙ୍ଗିବା ଇତ୍ୟାଦି କାମ ଆଦରି ନିଅନ୍ତି ଏହା ଦ୍ୱାରା ଦଳର ମୁଖ୍ୟଙ୍କ ପ୍ରଭାବିତ କରାଇପାରିଥାନ୍ତି । ପରବର୍ତ୍ତୀ ସମୟରେ ଏହା ତାଙ୍କର ଅଭ୍ୟାସରେ ପଡ଼ିଯାଏ । ଗଣ ମାଧ୍ୟମର ହିଂସା ବାଳ ଅପରାଧକୁ ଉତ୍ସାହିତ କରିଥାଏ କି ? ହଁ, ଚଳଚିତ୍ର ଓ ବହିରେ ଅପରାଧୀକୁ ଏକ ଶକ୍ତ ଚରିତ୍ର ଭାବରେ ଚିତ୍ରଣ କରାଯାଇଥାଏ । ଶିଶୁ ଯେଉଁ ମାନେ ଏହି ଚଳଚ୍ଚିତ୍ରର ଚରିତ୍ର ସହିତ ନିଜକୁ ପରିଚିତ କରାଇ ଏହି ବ୍ୟବହାରକୁ ଅନୁସରଣ କରିଥାନ୍ତି ।

ପିତାମାତାଙ୍କ ମଧ୍ୟରେ ନିୟମିତ କଳିଗୋଳ ଲାଗି ରହିଲେ ଏଭଳି ସମସ୍ୟା ସୃଷ୍ଟି ହୋଇ ଥାଏ । ପିତାମାତା ଉଚ୍ଚସ୍ୱରରେ ପାଟିତୁଣ୍ଡ କଲେ ପିଲାମନେ ସେମାନଙ୍କର ଝଗଡା ବୁଝି ନପାରି

ଡରିଯାଇଥାନ୍ତି । ଏହି ଝଗଡା ସେମାନଙ୍କ ମଧ୍ୟରେ ଏକ ଅସୁରକ୍ଷିତ ଭାବ ସୃଷ୍ଟି କରିଥାଏ । ନିମ୍ନଲିଖିତ ଚାର୍ଟ ଟି ବାଳ ଅପରାଧର କାରଣ ଗୁଡ଼ିକ ଦର୍ଶାଉଛି--




ଚିତ୍ର: ୨୧.୩ : ବାଳ ଅପରାଧର କାରଣ

**୨୧.୨୨ - ସଂଶୋଧନ ଏବଂ ପ୍ରତିକାର ପ୍ରକ୍ରିୟା -**

ବାଳ ଅପରାଧ ଘଟାଉଥିବା ପିଲାମାନଙ୍କର ଭବିଷ୍ୟତ କଣ ? ଲୋକଙ୍କ ଠାରୁ ଅଭିଯୋଗ ମିଳିବା ପରେ ସେମାନଙ୍କୁ ତାଙ୍କ ଘରୁ ଉଠାଇ ନିଆଯାଇ ହାଜତରେ ରଖାଯାଏ । ହାଜତରେ କଣ କରାଯାଏ ? ଏଠାରେ ପିଲାମାନଙ୍କୁ ଆଉ ଅପରାଧ ନକରିବା ପାଇଁ ସୁଯୋଗ ଦିଆଯାଏ । ସେମାନଙ୍କୁ ସେମାନଙ୍କର ନିଜ ଗୋଡରେ ଠିଆ ହେବା ପାଇଁ ବିଭିନ୍ନ ପ୍ରକାରଧନ୍ଦା ମୂଳକ ଶିକ୍ଷା ଦିଆଯାଏ । ଏଭଳି ସଂଶୋଧନ ପ୍ରକ୍ରିୟା ଛଡା ବାଳ ଅପରାଧର ପ୍ରତିକାର ନିମନ୍ତେ ଆମେ ମଧ୍ୟ ଚେଷ୍ଟା କରିପାରିବା । ସେଗୁଡିକ କଣ ?

ଯେହେତୁ ଦ୍ରାରଦ୍ର୍ୟ ବାଳ ଅପରାଧର ମୂଳକାରଣ, ଆମେ ଏହାର ଦ୍ୱରୀକରଣ ନିମନ୍ତେ କିଛି ସାହାଯ୍ୟ କରିପାରିବା । ତୁମେ ଜାଣକି ଆମ ଦେଶରେ ଦ୍ରାରିଦ୍ର୍ୟ ଦୂରୀକରଣ ନିମନ୍ତେ ସରକାରଙ୍କ ତରଫରୁ ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ? ଏଭଳି କିଛି ଅନୁଷ୍ଠାକୁ ଖୋଜି ବାହାର କର ଯିଏ କି ଅତ୍ୟନ୍ତ ସ୍ୱଳ୍ପ ସୁଧ ହାରରେ ଋଣ ଯୋଗାଇ ଦେଇ ପାରନ୍ତି ଯାହା ଦ୍ୱାରା ଏକ ଧନ୍ଦାମୂଳକ ସଂସ୍ଥା ଆରମ୍ଭ କରାଯାଇ ପାରିବ । ଏଭଳି କୌଣସି ସ୍ୱେଚ୍ଛାସେବି ଅନୁଷ୍ଠାନ ତୁମ ଚାରିପାଖରେ ଅଛନ୍ତି କି ? ଗରିବ ଲୋକମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଦେବା ପାଇଁ ତୁମେ ଏହି ଅନୁଷ୍ଠାନ ଗୁଡ଼ିକୁ ଅନୁରୋଧ କରିପାରିବ କି ?

ପିତା, ମାତା, ସେମାନଙ୍କ ସନ୍ତାନ ମାନଙ୍କ ସହିତ ଅଧିକାଂଶ ସମୟ ବିତାଇବା ଉଚିତ, ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ଉଚିତ ଏବଂ ସେମାନଙ୍କ ନିକଟରେ ଥିବା ମତ ପାର୍ଥକ୍ୟକୁ ଦୂରେଇ ଦେବା ଉଚିତ । ପିଲାମାନେ କିପରି ଭଲ ଗୁଣର ଅଧିକାରୀ ହେବେ ଏବଂ ନୈତିକ ମୂଲ୍ୟବୋଧର ଅଧିକାରୀ ହେବେ ସେଥିପାଇଁ ଚେଷ୍ଟା କରାଯିବା ଉଚିତ । ଏହି ପାଠ ପଢିବା ପରେ ତୁମେ ତୁମ ପିଲାମାନଙ୍କ ସହିତ ଏବେକାର ପିତାମାତା ବା ଭବିଷ୍ୟତର ପିତା ମାତା ଭାବେ କି ଭଳି ବ୍ୟବହାର କରିବ ? ଯୁବକ ମାନଙ୍କୁ ଅବସର ବିନୋଦନ ନିମନ୍ତେ ସମୟ ଯୋଗାଇ ଦେବା ଉଚିତ / ଯାହାକି ସେମାନଙ୍କୁ ସେମାନଙ୍କର ସମୟରେ ସଦୁପଯୋଗ କରିବା ପାଇଁ ସମୟ ଦେବ ।

**କାର୍ଯ୍ୟାବଳୀ - ୨୧.୧**

ତୁମ ଘରିପାଖକୁ ଦେଖ, ଏଭଳି କିଛି ପିଲା ଆଡୁଆଳରେ ରହିଯାଉଛନ୍ତି କି ? ସେମାନଙ୍କ ପାଇଁ କିଛି ଅବସର ବିନୋଦନ କାର୍ଯ୍ୟକ୍ରମ ସଂଘଠିତ କରିପାରିବ କି ? ଏହା ସେମାନଙ୍କୁ କିଭଳି ସାହାଯ୍ୟ କରିପାରିବ ତା'ର ତାଲିକା କର ।

| କ୍ର.ନଂ | ସଂଗଠିତ କାର୍ଯ୍ୟକ୍ରମ | ଏହା କିଭଳି ସାହାଯ୍ୟ କରିବ ? |
|---|---|---|
| | | |
| | | |
| | | |
| | | |

**୨୧.୨ ପାଠଗତ ପ୍ରଶ୍ନ**

ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦୁଇଧାଡିରେ ଲେଖ ।

୧. ବାଳ ଅପରାଧୀ କିଏ ?

---------------------------------------------------------------

---------------------------------------------------------------

୨. କେଉଁ କେଉଁ କାର୍ଯ୍ୟକଳାପ ବାଳ ଅପରାଧ ବୋଲି ବିବେଚନା କରାଯାଏ ?

---------------------------------------------------------------

---------------------------------------------------------------

୩. ବାଳ ଅପରାଧ ର କାରଣ କଣ ?

---------------------------------------------------------------

---------------------------------------------------------------

୪. ଦାରିଦ୍ର୍ୟ ଯଦି ବାଳ ଅପରାଧର କାରଣ ହୋଇଥାଏ, ତେବେ ବାଳ ଅପରାଧୀ ମାନଙ୍କୁ କିଭଳି ସହାୟତା ପ୍ରଦାନ କରାଯାଇପାରିବ ?

---------------------------------------------------------------

---------------------------------------------------------------

୫. କ୍ରୀଡ଼ାର ସୁବଧା ଯୁବକଙ୍କୁ କିଭଳି ସାହାଯ୍ୟ କରିଥାଏ ?

---------------------------------------------------------------

---------------------------------------------------------------

## ୨୧.୩ ଶିଶୁ ଶ୍ରମିକ : କାରଣ ଓ ପରିଣାମ (ଶିଶୁ ଶ୍ରମିକ : କାରଣ ଓ ପରିଣାମ)

ତୁମର ଚତୁଃର୍ପାଶ୍ୱକୁ ଦେଖ ଏବଂ ଏଭଳି କର୍ମ ସଂସ୍ଥାନ କୁ ଖୋଜିବାକୁ ଚେଷ୍ଟାକର ଯେଉଁଠାରେ ଶିଶୁମାନେ କାର୍ଯ୍ୟରତ । ତୁମେ ଦେଖିବ ଯେ, ସେମାନେ ଖବର କାଗଜ ବିକୁଛନ୍ତି, ଢାବା ମାନଙ୍କରେ କାର୍ଯ୍ୟ କରୁଛନ୍ତି, କାର୍ ସଫାକରୁଛନ୍ତି, ଜୋତା ପଲିସ୍ କରୁଛନ୍ତି ଏବଂ ଘରେ ଚାକର ଚାକରଣୀ ଭାବେ କାମ କରୁଛନ୍ତି ଇତ୍ୟାଦି । ଶିଶୁ ମାନେ ଶ୍ରମ କାର୍ଯ୍ୟରେ ନିୟୋଜିତ ହେବା ଖରାପ ଅଟେ କି ? ହଁ କାରଣ ଜୀବନ ଜିବିକା ନିର୍ବାହ କରିବା ପାଇଁ, ଏହା ସେମାନଙ୍କର ସଠିକ୍ ବୟସ ନୁହେଁ । ସେମାନେ ସ୍କୁଲ ଯାଇ ଶିକ୍ଷା ଲାଭ କରିବା ଉଚିତ୍ । ଦୀର୍ଘ ସମୟ କାର୍ଯ୍ୟ କରିବା ଦ୍ୱାରା ସେମାଙ୍କର ବିକାଶ ବାଧାପ୍ରାପ୍ତ ହୁଏ ।

ତୁମେ ଜଣେ ଶ୍ରମିକ କୁ ଶିଶୁ ଶ୍ରମିକ ଭାବେ ଶ୍ରେଣୀଭୂକ୍ତ କରିବ ? ହଁ ତାର ବୟସ ଅନୁସାରେ ।


ଯଦି ୧୪ବର୍ଷ ବୟସରୁ କମ୍ କୌଣସି ଶିଶୁ ଶ୍ରମରେ ନିୟୋଜିତ ହୋଇ ଜୀବିକା ନିର୍ବାହ କରୁଥାଏ, ତେବେ ତାକୁ 'ଶିଶୁ ଶ୍ରମିକ' କୁହାଯାଏ ।

ଶିଶୁ ଶ୍ରମିକ ହେବାର କାରଣ ତୁମେ କିଛି ଭାବିପାରୁଛ କି ? ଆମ ସେଥିରୁ କିଛି ତାଲିକା କରିବା ।

| କାରଣ | ପରିମାଣ |
|---|---|
| • ଦରିଦ୍ର୍ୟ<br>• ପିତାମାତାଙ୍କ ଅଜ୍ଞତା ଓ ନିରକ୍ଷରତା<br>• ଅନାଥ, ନିରାଶ୍ରୟ ଏବଂ ବିତାଡ଼ିତ ଶିଶୁ ସେମାନଙ୍କର କ୍ଷିପ୍ର ହସ୍ତ ତଥା ତୀକ୍ଷ୍ଣ ଦୃଷ୍ଟିଶକ୍ତି ।<br>• ପାରମ୍ପରିକ ହସ୍ତକଳା ଯଥା କାର୍ପେଟ ବୁଣିବା ଇତ୍ୟାଦି ନିମନ୍ତେ ମୂଲ୍ୟବାନ ଦୃଷ୍ଟି ଶକ୍ତି<br>• ଶସ୍ତା, ଶାନ୍ତ ଓ ଅଭିଯୋଗହୀନ ଶ୍ରମର ଆବଶ୍ୟକତା | • ଶିଶୁମାନଙ୍କୁ ୧୨ ରୁ ୧୬ ଘଣ୍ଟା ପରିବେଶରେ କାର୍ଯ୍ୟ କରିବାକୁ ବାଧ କରାଯାଏ ଯାହା ଦ୍ୱାରା କି ସେମାନଙ୍କର ଶରୀର ସବୁଦିନ ପାଇଁ ବିକଳାଙ୍ଗ ହୋଇଯାଇ ପାରେ<br>• ସେମାନେ ଅସ୍ୱାସ୍ଥ୍ୟକର କାମ କରନ୍ତି ଯାହା ଫଳରେ ସେମାନେ ବିଭିନ୍ନ ସଂକ୍ରାମକ ରୋଗରେ ପୀଡିତ ହୋଇଥାନ୍ତି ।<br>• ସେମାନେ ସ୍କୁଲ ଯିବାରୁ ବଞ୍ଚିତ ହୋଇଥାଆନ୍ତି ଏବଂ ଦେଶର ନିରକ୍ଷର ଲୋକଙ୍କ ସଂଖ୍ୟାରେ ଯୋଡି ହୋଇଯାଆନ୍ତି । |

### ୨୧.୩.୧ ଶିଶୁ ଶ୍ରମିକ ସମସ୍ୟା ସମାଧାନ

ତୁମେ ମନେପକାଅ ୨୧.୨.୨ ଭାଗରେ ଆମେ କିଭଳି ଦାରିଦ୍ର୍ୟ ଦୂରୀକରଣ ପାଇଁ ଉପାୟ ବାହାର କରିଥିଲେ ? ସେହି ଉପାୟ ଗୁଡିକ ଏଠାରେ ଲାଗୁ କରିପାରିବା କି ? ହଁ, ଏଗୁଡିକ ଏଠାରେ ମଧ୍ୟ ପ୍ରୟୋଗ କରାଯାଇପାରିବ ।





- ଅନୌପଚାରିକ ଶିକ୍ଷା ନିମନ୍ତେ ବ୍ୟବସ୍ଥା କର । ନିଯୁକ୍ତକାରୀ ମାଲିକ ସେମାନଙ୍କୁ କାମ ସମୟରେ କିଛି ସମୟ ପାଇଁ ସ୍କୁଲ ଯିବା ପାଇଁ ପ୍ରବର୍ତ୍ତାଇବା ଉଚିତ୍ ଆବଶ୍ୟକ ପଡ଼ିଲେ, ସେମାନଙ୍କର ସ୍କୁଲଯିବା ପାଇଁ, କର୍ମଦାତା ଆନୁସଙ୍ଗିକ ବନ୍ଦୋବସ୍ତ କରିବା ଉଚିତ୍ ।
- ପିତାମାତାଙ୍କୁ ଶିକ୍ଷିତ କରାଯିବା ଉଚିତ୍ ଯାହାଦ୍ୱାରାଙ୍କ ସେମାନେ ଶିଶୁ ଶ୍ରମିକ ପ୍ରଥାର କରୁଣ ପରିଣତି ଓ ଶିଶୁ ମାନଙ୍କୁ ଶିକ୍ଷିତ କରିବାର ଆବଶ୍ୟକତା ବିଷୟରେ ଅନୁଭବ କରିପାରିବେ ।
- ସେମାନଙ୍କ ଡ଼ାକ୍ତରୀ ଚିକିତ୍ସାର ସୁବିଧା ଯୋଗାଇ ଦେବା ଉଚିତ୍ ଓ ନିୟମିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଉଚିତ୍ ।
- ଶିଶୁ ମାନଙ୍କୁ ପରିଷ୍କାର, ମୁକ୍ତ ବାୟୁ ଚଳାଚଳ ସ୍ଥାନ ଓ ଉଜ୍ଜ୍ୱଳ ଆଲୋକରେ କାମ କରିବାକୁ ଓ ବୟସ ଶ୍ରମିକ ଙ୍କ ତୁଳନାରେ ସେମାନଙ୍କୁ କମ୍ ସମୟ କାମ କରିବାକୁ ଦିଆଯିବା ଉଚିତ୍ ।

### ୨୧.୨ ତୁମ ପାଇଁ କାମ

ତୁମ ଅଞ୍ଚଳରେ ଗୋଟିଏ ଶିଶୁ ଶ୍ରମିକକୁ ଠାବକର ଏବଂ ତାପାଇଁ ଏକ ଆଲେଖ୍ୟ ପ୍ରସ୍ତୁତ କର । ତୁମେ ତାକୁ କିଭଳି ସାହାଯ୍ୟ କରିପାରିବ ?

### ୨୧.୩ ପାଠଗତ ପ୍ରଶ୍ନ

୧. ପିତାମାତା ମାନେ ସେମାନଙ୍କ ପିଲାକୁ କାହିଁକି କାମ କରିବାକୁ ପଠାନ୍ତି, ତାହାର ତିନୋଟି କାରଣ ଦର୍ଶାଅ ।

(କ) ------------------------------------------------

(ଖ) ------------------------------------------------

(ଗ) ------------------------------------------------

୨. ଶିଶୁ ଶ୍ରମିକ ମାନେ କାମ କରୁଥିବା ତିନୋଟି ସ୍ଥିତିର ତାଲିକା କର ।

(କ) ------------------------------------------------

(ଖ) ------------------------------------------------


(ଗ) ------------------------------------------------

୩. ଶିଶୁଶ୍ରମିକ ସମସ୍ୟାର ସାମାଧାନ କିପରି ହୋଇପାରିବ, ତାହାର ତିନୋଟି ଉପାୟ ବର୍ଣ୍ଣନା କର ।

(କ) ------------------------------------------------

(ଖ) ------------------------------------------------

(ଗ) ------------------------------------------------



ମନ୍ତବ୍ୟ (Notes)

## ୨୧.୪ - ଆର୍ଥିକ ଓ ସାମାଜିକ ଅନଗ୍ରସର ଶିଶୁ

ଏହି ଗପଟି ପଢ଼

ରାଧା ଗୋଟିଏ ୧୦ ବର୍ଷର ବାଳିକା । ତାର ପିତାମାତା ମୂଲିଆ କାମ କରନ୍ତି । ଘରର ବଡ଼ପିଲା ହିସାବରେ ପିତାମାତାଙ୍କ ଅନୁପସ୍ଥିତିରେ ତାକୁ ତାର ଛୋଟ ଚାରି ଭାଇ ଭଉଣୀରଙ୍କର ଯତ୍ନ ନେବାକୁ ହୁଏ । ସାରା ପରିବାର ଚରମ ଦାରିଦ୍ର୍ୟର ଶିକାର ଅଟନ୍ତି । ଏହି ଦୁଃଖ ଭୁଲିବା ପାଇଁ, ତାର ବାପା ଅଧିକାଂଶ ସମୟ ମଦପିଇ ଘରକୁ ଫେରେ ଓ 'ମା' ସହିତ କଳି କଜିଆ, ମାରପିଟ୍ କରେ । ପୂର୍ବରୁ ରାଧା ସ୍କୁଲକୁ ପଢିବାକୁ ଯାଉଥିଲା ମାତ୍ର ସ୍କୁଲ ଦରମା ଦେବାକୁ ଅକ୍ଷମ ହେବାରୁ ତାକୁ ସ୍କୁଲ ଛାଡିବାକୁ ପଡିଲା ।

ରାଧା ଭଳି ପିଲାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ତରରେ ଅନଗ୍ରସର ବୋଲି କୁହାଯାଏ, ସେମାନେ ଚରମ ଦାରିଦ୍ର୍ୟରେ କାଳାତିପାତ କରନ୍ତି । ଏହି ଶିଶୁ ମାନେ ଅନଗ୍ରସର ଓ ସେମାନଙ୍କର ପିତାମାତା ସେମାନଙ୍କୁ ଶାରୀରିକ ମାନସିକ, ସାମାଜିକ ତଥା ଆବେଗିକ ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇବାରେ ଅକ୍ଷମ ହୋଇଥାନ୍ତି ।

### ୨୧.୪.୧ - ସାମାଜିକ - ଆର୍ଥୀକ ଅନଗ୍ରସର ଶିଶୁ ମାନଙ୍କ ନିମନ୍ତେ ସହାୟତା

ଆମେ କିଭଳି ସାମାଜିକ - ଆର୍ଥୀକ ଅନଗ୍ରସର ଶିଶୁ ମାନଙ୍କୁ ସାହାଯ୍ୟ କରି ପାରିବା ? ଏଠାରେ କିଛି ପ୍ରସ୍ତାବ ଦିଆଯାଇଛି ।

- ଶିକ୍ଷା ପ୍ରଦାନ - ସେମାନଙ୍କୁ ମାଗଣା ପୁସ୍ତକ, ବହି, କାଗଜ, କଲମ, ସ୍କୁଲ ପୋଷକ, ବୃତ୍ତି ଏବଂ ସ୍କୁଲରେ ମଧ୍ୟାହ୍ନ ଭୋଜନ ଭଳି ପ୍ରୋତ୍ସାହନ ଯୋଗାଇ ଦିଆଯିବା ଉଚିତ । ଏହା ସେମାନଙ୍କୁ ସ୍କୁଲ ପଠାଇବା ପାଇଁ ତାଙ୍କ ପିତା ମାତାଙ୍କୁ ଉତ୍ସାହିତ କରିବ। ଏହା ଅଧିକାଂଶ ସ୍ଥାନରେ କିଛି ସ୍କୁଲରେ ଆରମ୍ଭ କରାଯାଇଛି ।
- ଶିକ୍ଷା ସହିତ ସେମାନଙ୍କୁ ଧନ୍ଦାମୂଳକ ତାଲିମ ଦିଆଯିବା ଉଚିତ । ଯାହାଦ୍ୱାରା ସେମାନେ ସ୍କୁଲ ଶିକ୍ଷା ସମାପ୍ତି ପରେ ଏକ ବୃତ୍ତିକୁ ଆବୋରି ନେବେ । ଏହା ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବ ଏବଂ ଜୀବନରେ ବିଭିନ୍ନ ପରିସ୍ଥିତିକୁ ସାମ୍ନା କରିବାରେ ସହାୟତା କରିବ।

ଏମାନଙ୍କ ବିଷୟରେ ଅଧିକ ଜାଣିବା ପାଇଁ http://freethchidren.org କୁ ଲଗ୍ ଅନ୍ କର ।

### ତୁମ ପାଇଁ କାର୍ଯ୍ୟ - ୨୧.୩

ଏହି ଶିଶୁ ମାନଙ୍କ ବିଷୟରେ ଜାଣିବା ପରେ ଏଭଳି ପିଲାଙ୍କୁ ଚିହ୍ନଟ କରିବା ପାଇଁ ଚେଷ୍ଟା କର । ସେମାନଙ୍କୁ କିଭଳି ସେବା ତୁମେ ଯୋଗାଇ ଦେଇ ପାରିବ, ତାହା ଚିନ୍ତା କର । ତୁମର ଅବସର ସମୟରେ ସେମାନଙ୍କୁ କିଛି ସମୟ ଶିକ୍ଷାଦାନ କରି ପାରିବ କି ? ଯଦି ହଁ, ତେବେ ଏହି କର୍ତ୍ତବ୍ୟ ଆରମ୍ଭ କର ।

### ପାଠଗତ ପ୍ରଶ୍ନ - ୨୧.୪

୧. ଶିଶୁମାନଙ୍କର ଏକ, କ୍ଲବ, ଗୋଟିଏ ସଭାର ଆୟୋଜନ କରି ସେମାନଙ୍କ ଅଞ୍ଚଳରେ ଥିବ ସାମାଜିକ - ଅର୍ଥନୈତିକ ଦୁର୍ବଳ ଶିଶୁମାନଙ୍କ ସାହାଯ୍ୟ କରାଯାଇ ପାରିବ, ତାହା ଆଲୋଚନା କଲେ



ମନ୍ତବ୍ୟ (Notes)

ସେମାନଙ୍କ ମତା ମତ ଲେଖିଲାବେଳେ ସେମାନେ କେତେ ଗୁଡିଏ ଅସଜଡା ଶବ୍ଦ ଲେଖିଲେ ଏହି ଶବ୍ଦ ଗୁଡିକୁ ଠିକ୍ ଭାବରେ ସଜାଡିଲେଖି ସେହି ପିଲାମାନଙ୍କୁ କଭଳି ସାହାଯ୍ୟ କରାଯାଇ ପାରିବ, ତାହା କର । ନମ୍ନରେ କେତେଗୁଡିଏ ଅସଜଡା ଶବ୍ଦ ଦିଆଯାଇଛି, ସଜାଡିଲେଖ ।

(i) ଏହିପରି ପୀଲାମାନଙ୍କୁ ଅପଢା ----------

(ii) ପୁରୁଣା ନାଖେଳ ଏବଂ ଇକଣ୍ଢେ ଦା କର -----------------

(iii) ପୁରୁଣା ହିବ ଓ କମ୍ସାରହାସ୍ୟ ବହି ଦାନ କର ----------------

(iv) କେତେକ ତାକ୍ଷଦ ଶିକ୍ଷା ଦିଅ -----------------

(v) କ୍ଷରସ୍ୱାସ୍ଥ୍ୟର ଶିକ୍ଷା ଦିଅ --------------

(vi) କ୍ଷଣୀୟଣୀ ଖେଳର ଆୟୋଜନ କର -------------

(vii) ଷ୍ଟିରକତୁ ଖାଦ୍ୟ ଯୋଗାଇ ଦିଅ । ------------------

(viii) ହକ୍ସଶିସ୍ତ କାର୍ଯ୍ୟର ସଂଗଠକର । ---------------

(ix) ଗଳ୍ପକହିବା ଛଳରେ ନୀକ୍ଷାଶିତି ପ୍ରଦାନ କର । -------------

(x) ଳବିଦ୍ୟାୟ କୁ ଯିବା ପାଇଁ ଉତ୍ସାହିତ କର । --------------

## ୨୧.୫ - ଗୁରୁତର ଶାରୀରିକ ଅକ୍ଷମତା

ରାଣୀ ଚଲିବା ପାଇଁ ଅକ୍ଷମ କାରଣ ସେ ପିଲାବେଳୁ ପୋଲିଓ ଦ୍ୱାରା ଆକ୍ରାନ୍ତ । ପାଞ୍ଚବର୍ଷର ବାଳକ ରମେଶ ତା'ର ମୁଣ୍ଡକୁ ସିଧା ରଖି ପାରୁ ନାହିଁ । ସୁବୋଧ ପିଙ୍କିର ଗପବହି ଗୁଡିକୁ ପଢିପାରୁ ନାହିଁ କାରଣ ସେ ଅନ୍ଧ । ଅଜୟ ମୂକ ଓ ବଧିର କିନ୍ତୁ ମା'ର ଠାରୁ କୁ ବୁଝିପାରେ । ଏହି ପିଲାମାନଙ୍କ ପାଖରେ କଣ ବ୍ୟତିକ୍ରମେ ହୋଇଛି ? ହଁ, ସେମାନେ କିଛି କାର୍ଯ୍ୟକଳାପ କରିପବା ପାଇଁ ଅକ୍ଷମ ଯାହାକି ତୁମେ ମୁଁ କରିପାରିବା । ଏହି ପିଲାମାନଙ୍କୁ ଶାରୀରିକ ବିକଳାଙ୍ଗ ଶିଶୁବୋଲି କୁହାଯାଏ ।

ଶାରୀରିକ ବିକଳାଙ୍ଗ ପିଲାମାନେ ଏକ ବା ଏକାଧିକ କାର୍ଯ୍ୟ କରିପାରନ୍ତି ନାହିଁ ଯାହା ଜଣେ ମନୁଷ୍ୟ ପାଇଁ ସାଧାରଣ ବିବେଚନା କରାଯାଏ ।

ପିଲାମାନଙ୍କ ଠାରେ ଦେଖାଯାଉଥିବା କିଛି ଗୁରୁତର ଶାରୀରିକ ଅକ୍ଷମତାର ତାଲିକା କରିପାରିବ କି ?



(ଚିତ୍ର ୨୧.୪ ବିକଳାଙ୍ଗ ଶିଶୁ)



ମନ୍ତବ୍ୟ (Notes)



ଶାରୀରିକ ଅକ୍ଷମତା ଗୁଡିକ

- ଅସ୍ଥିଗତ ବିକଳାଙ୍ଗତା
- ଅନ୍ଧ
- ମୂକ ଏବଂ ବଧିର

ତୁମେ ଏଭଳି ପିଲାମାନଙ୍କୁ ଦେଖିଛକି ଯେଉଁ ମାନେ ତାଙ୍କର ହାତ, ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଙ୍ଗ ହରାଇଥାନ୍ତି କିମ୍ବା ବ୍ୟବହାର କରିପାରନ୍ତି ନାହିଁ । ଏମାନଙ୍କୁ ଶାରୀରିକ ଅସ୍ଥିଗତ ବିକଳାଙ୍ଗ ବୋଲି କୁହାଯାଏ । ଏହାର ମୁଖ୍ୟ କାରଣ ହେଲା ଅସ୍ଥି ବିକୃତି ଗଠନ, କ୍ୟାଲସିୟମ ଏବଂ ଭିଟାମିନ୍ 'ଘ' ର ଅଭାବ ଏବଂ ଦୁର୍ଘଟଣା ଯୋଗୁଁ ହାଡଭାଙ୍ଗି ଯିବା ତୁମେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ସୁଧାଚନ୍ଦ୍ରନ୍‌ଙ୍କ ବିଷୟରେ ଶୁଣିଥିବ । ୧୯୮୧ ମସିହାରେ ଗୋଟିଏ ଦୁର୍ଘଟଣାର ଶିକାର ହୋଇ ସେ ତାଙ୍କର ଗୋଟିଏ ଗୋଡ ହଜାଇଥିଲେ, ଗୋଟିଏ କୃତ୍ରିମ ଗୋଡ (ଜୟପୁର ପାଦ) ଲଗାଇ ସାହସୀ ଚନ୍ଦ୍ରନ୍ ପୁଣିଥରେ ନୃତ୍ୟ ସାମ୍ରାଜ୍ୟକୁ ଫେରିଥିଲେ । ଦୁର୍ଘଟଣାର ପରେ ମଧ୍ୟ ସେ ନିୟମିତ ନୃତ୍ୟ କାର୍ଯ୍ୟକ୍ରମ ଜାରିରଖିଥିଲେ । ଏହା ତାଙ୍କର ଦୃଢ ମାନସିକ ଶକ୍ତିର ପରିଚୟ ପ୍ରଦା କରେ । ଦୁର୍ଘଟଣାକୁ ପାସୋରି ଦେଇ ଜୟପୁର ପାଦର ସହାୟତାରେ ସେ ଭାରତର ଜଣେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ହୋଇପାରିଛନ୍ତି, ମନେରଖ ଆମ ଭିତରେ ଏହିପରି ଅନେକ ସୁଧା ଲୁକାୟିତ ହୋଇରହିଛନ୍ତି କେବଳ ସେମାନେ ଆମର ପ୍ରୋତ୍ସାହନ ଓ ସହାୟତା ଆବଶ୍ୟକ କରନ୍ତି ।

କେତେକ ଶିଶୁଙ୍କର ମାଂସପେଶୀ ଶକ୍ତ ହୋଇଯାଏ ଏବଂ ଏହିଭଳି ପିଲାମାନଙ୍କୁ ସ୍ତମ୍ଭଗ୍ରସ୍ତ ଶିଶୁ ବୋଲି କୁହାଯାଏ । ସେମାନେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ? ଏଭଳି ପିଲାମାନେ ଚାଲିବା ବୁଲିବା ଏବଂ ଶାରିରୀକ ସମସ୍ୟା ଭୋଗ କରିଥାନ୍ତି । ଅଧିକାଂଶ ସମୟରେ ସେମାନେ ହାତ ଗୋଡ ଏବଂ ସୁପ୍ତର ଥିର ଏବଂ ତ୍ରୁଟିପୂର୍ଣ୍ଣ ଚାଳନା କରିଥାନ୍ତି । ଏହି ପ୍ରକାର ଶାରିରୀକ ଅକ୍ଷମତା ଗୋଟିଏ ପିଲା ଠାରୁ ଆଉଗୋଟିଏ ପିଲା ପର୍ଯ୍ୟାନ୍ତ ବଦଳି ଥାଏ ।

ତୁମେ ତୁମ ଅଞ୍ଚଳରେ ସମ୍ପୂର୍ଣ୍ଣ ଅନ୍ଧ ବା ଆଶିଂକ ଅନ୍ଧ ଶିଶୁଙ୍କୁ ଦେଖିଛ କି ? ସେମାନଙ୍କର ସମସ୍ୟା କଣ ? ଆଂଶିକ ଅନ୍ଧ ବ୍ୟକ୍ତି ଖୁବ୍ କମ୍ ଦେଖିପାରେ ଏବଂ ସମ୍ପୂର୍ଣ୍ଣ ଅନ୍ଧବ୍ୟକ୍ତି କିଛି ଦେଖି ପାରେ ନାହିଁ । ଅନେକ ଶିଶୁ କୌଣସି ବସ୍ତୁକୁ ପରିସ୍କାର ଭାବେ ଦେଖିବାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଶିଶୁଟି ଛୁଞ୍ଚିରେ ସୂତା ଗଳାଇ ନ ପାରିଲେ, କଳାପଟାରେ ଲେଖାଯାଉଥିବା ଅକ୍ଷରକୁ ନ ପଢିପାରିଲେ । ବସ୍‌ରେ ଲେଖା ହୋଇଥିବା ଅକ୍ଷର ପଢି ନ ପାରିଲେ ଆମେ ସେମାଙ୍କର ଦୃଷ୍ଟି ଶକ୍ତିର କିଛି ସମସ୍ୟା ରହିଛି ବୋଲି ଧ୍ୟାନ ଦେଉ ଏହି ଶିଶୁମାନେ ଚଷମା ପିନ୍ଧିଲେ ଭଲ ଭାବରେ ଦେଖି ପାରନ୍ତି ଭାରତୀୟ ସଂସ୍କୃତି ଉକ୍ତକବି ସୁରଦାସଙ୍କ ଅବଦାନ କିଏ ଭୁଲି ପାରିବ ? ଅନ୍ଧ ହୋଇଥିଲେ ମଧ୍ୟ ତାଙ୍କର ପ୍ରତିଭାକୁ ଏହା ଲକ୍ଷ୍ୟ ଚ୍ୟୁତ କରିପାରିନ ଥିଲା । ତୁମେ ଜାଣକି ? ମାତ୍ର କିଛି ଶିଶୁ ଜନ୍ମରୁ ଅନ୍ଧ ଏବଂ ଅଧିକାଂଶ କ୍ଷେତ୍ରରେ ଜନ୍ମପରେ ଶିଶୁଟି ଅନ୍ଧ ହୋଇଥାଏ । ଦୈନିକ ଖାଦ୍ୟରେ ଜୀବସାର 'କ'ର ଅଭାବ ଏବଂ ଆଖିରେ ଆଘାତ ଲାଗିବା ଅନ୍ଧତ୍ୱର ମୂଖ୍ୟ କାରଣ ଅଟେ ।

ଏଭଳି କିଛି ଶିଶୁ ଅଛନ୍ତି ଯେଉଁମାନେ ଶୁଣିପାରନ୍ତି, ନାହିଁ କିମ୍ବା କହିପାରନ୍ତି ନାହିଁ ସେମାନଙ୍କୁ ମୂକ ଏବଂ ବଧିର କୁହାଯାଏ ପିତା ମାତା ତାଙ୍କର ଶିଶୁଟି ମୂକ ବଧିର ବୋଲି ଜାଣନ୍ତି କିପରି ? ତାଙ୍କ ଶିଶୁଟି ଯଦି ତୀବ୍ର ଶବ୍ଦକୁ ଅଣଦେଖା କରୁଥାଏ ତାହାହେଲେ ସେମାନେ ଜାଣିପାରନ୍ତି ଯେ ସୋମନଙ୍କ



ମନ୍ତବ୍ୟ (Notes)

ଶିଶୁଟି ବଧିର । ବଧିର ଶିଶୁ ଭାଷା ଶିଖିବାରେ ଅସୁବିଧା ଅନୁଭବ କରେ, ଏହାର କାରଣ କଣ କହିପାରିବ ? କାରଣ ସେମାନେ ତାଙ୍କ ନିଜର କଥା କିମ୍ୱା ତାଙ୍କର ପିତାମାତାଙ୍କର କଥା ଶୁଣି ପାରନ୍ତି ନାହିଁ ଏଣୁ ଭାଷା ତା ପାଇଁ କୌଣସି ମନେ ରଖେ ନାହିଁ । ତୀବ୍ରଶବ୍ଦ, କାନରେ ସଂକ୍ରମଣ କାନରୁ ମଇଳା କାଢିବା ପାଇଁ କାନରେ ପିନ୍‌କଣ୍ଟା, ପେନ୍‌ସିଲ୍ ଇତ୍ୟାଦି ପୁରାଇବା ବଧିର ହେବାର ମୁଖ୍ୟ କାରଣ ଅଟେ, କିନ୍ତୁ ଏଭଳି ଶ୍ରବଣ ଜନିତ ଅକ୍ଷମତା ଏକ ଶ୍ରବଣ ଯନ୍ତ୍ର ଲଗାଇବା ଦ୍ୱାରା ଦୂର ହୋଇ ପାରିବ ।

### ୨୧.୫.୧ - ଶାରିରୀକ ଅକ୍ଷମ ଶିଶୁମାନଙ୍କ ସହାୟତା

ତୁମର ସ୍ନେହ ଯତ୍ନ ସାହାଯ୍ୟ ଓ ଉତ୍ସାହ ପାଇଲେ ଶାରୀରିକ ଅକ୍ଷମ ଶିଶୁମାନେ ଅନ୍ୟ ପିଲାମାନଙ୍କ ଭଳି ଖୁବ୍‌ଶିଘ୍ର ଦକ୍ଷତା ଲାଭ କରିପାରିବେ । ସେମାନଙ୍କୁ ସାହାଯ୍ୟ କରିବାର କେତେଗୁଡିଏ ଉପାୟ ତଳେ ଦିଆଗଲା ।

୧. ଯେତେଶିଘ୍ର ସମ୍ଭବ ଶିଶୁଟିର ଡାକ୍ତରୀ ପରୀକ୍ଷା କରାଇବା ଉଚିତ ଯେଉଁଥିରୁ ତା'ର ଅକ୍ଷମତାର ହାର ନିର୍ଣ୍ଣୟ କରାଯାଇ ପାରିବ । ଏହାକୁ ଏତେ ପ୍ରାଧାନ୍ୟ ଦିଆଯିବା କାହିଁକି ଉଚିତ ବୋଲିତୁମେ ଭାବୁଛ ? କାରଣ ଯେତେଶିଘ୍ର ତା'ର ଅକ୍ଷମତା ଚିହ୍ନଟ ହେବ, ସେତେଶିଘ୍ର ତା'ର ଚିକିତ୍ସା କରାଯାଇ ପାରିବ ।

୨. ଥରେ ଅକ୍ଷମତାର ଚିହ୍ନଟ ଓ ମାପ ହୋଇ ପାରିଲେ ଶିଶୁଟି ଏହାକୁ କିଭଳି ଗ୍ରହଣ କରିବ ତାହା ଶିଖି ପାରିବା ଶାରିରୀକ ଅକ୍ଷମ ଶିଶୁମାନଙ୍କୁ ସ୍ୱତନ୍ତ୍ର ସ୍କୁଲରେ କିଛି ଦିନ ପାଇଁ ନାମଲେଖାଇବା ଉଚିତ । ସେମାନଙ୍କୁ ସେଠାରେ ସ୍ୱତନ୍ତ୍ର ଯନ୍ତ୍ର ଏବଂ ତା'ର ପ୍ରୟୋଗର ଶିକ୍ଷା ଦିଆଯାଇ ତାଙ୍କର ଅକ୍ଷମତାର କିଛି ସମାଧାନ କରାଯାଇ ପାରିବ । ଗୋଟିଏ ଅନ୍ଧ ବାଳକ କିପରି ଲେଖା ପଢ଼ା ଶିଖେ ? ହଁ, ବ୍ରେଲି ଯନ୍ତ୍ରର ସହାୟତା ବଳରେ । ବ୍ରେଲିଯନ୍ତ୍ର କେତେଗୁଡିଏ ବିନ୍ଦୁର ସମାହାର ଯେଉଁଥିରୁ ଅନ୍ଧ ବାଳକଟି ତା'ର ଆଙ୍ଗୁଠି ଟିପର ସ୍ପର୍ଶଦ୍ୱାରା ଅକ୍ଷର ପଢିପାରେ । ସେହିଭଳି ଗୋଟିଏ ମୂକବାଳକ ଓଠର ଚଳନାରୁ ଭାଷା ବୁଝିପାରେ ।

୩. ହରାଇଥିବା ଅଙ୍ଗର ସ୍ଥାନରେ ନୂତନ ଅଙ୍ଗର ପ୍ରତିରୋପଣ କରିବା ପାଇଁ ଅକ୍ଷମ ଶିଶୁଟିକୁ ପ୍ରତିରୋପଣ କରିବା ପାଇଁ ଅକ୍ଷମ ଶିଶୁଟିକୁ ଉତ୍ସାହିତ କର । ଏଭଳି କିଛି ପ୍ରତିଭା ପଣର ନାମ କହିପାରିବ କି ? ଏଗୁଡିକ ହେଲା ମୁଣିବନ୍ଧ, ଫଟା ହାତ, କୃତ୍ରିମ ଅଙ୍ଗ ଇତ୍ୟାଦି । ଏଗୁଡିକ କେଉଁଠାରୁ ମିଳିବ ?

୪. ଏଗୁଡ଼ିକ ସରକାରୀ ଡାକ୍ତର ଖାନାରେ ସମ୍ପୂର୍ଣ୍ଣ ମାଗଣା କିମ୍ୱା ଖୁବ୍ କମ୍ ଦରରେ ମିଳିଥାଏ । ଅକ୍ଷମତା ବିଷୟରେ ଜାଣିସାରିବାପରେ ଶିଶୁଟିକୁ ସାଧାରଣ ଶିଶୁମାନଙ୍କ ସହିତ ମିଶିବାକୁ ଦିଆଯିବା ଉଚିତ ।

୫. ଅନ୍ଧ ବାଳକଟିକୁ ତା'ର ଆଂଶିକ ଦୃଷ୍ଟିଶକ୍ତି ଏବଂ ଅନ୍ୟାନ୍ୟ ଇନ୍ଦ୍ରିୟ ଗୁଡିକର ବ୍ୟବହାର କରିବା ପାଇଁ ଉତ୍ସାହିତ କରିବା ଉଚିତ । ଗୋଟିଏ ୪ବର୍ଷର ଅନ୍ଧ ବାଳକକୁ ତୁମେ ବିଭିନ୍ନ ବସ୍ତୁର ଆକୃତି ବିଷୟରେ କିପରି ଶିକ୍ଷା ଦେବ ? ହଁ ସ୍ପର୍ଶଦ୍ୱାରା ବସ୍ତୁଟିର ଆକୃତି ସେ ଜାଣି ପାରିବ ।

୬. ଅନ୍ଧ ବାଳକଟିକୁ ଚଳିବା ବେଳେ ଗୋଟିଏ ବାଡି ବ୍ୟବହାର କରିବା ପାଇଁ ସହାୟତା କର । ସେମାନେ ଏହାକୁ କାହିଁକି ବ୍ୟବହାର କରିବେ, ଏହା ସେମାନଙ୍କୁ ରାସ୍ତା ଦେଖାଇବାରେ ଏବଂ ଆତ୍ମ ବିଶ୍ୱାସୀ ହେବାରେ ସହାୟତା କରିବ ।

୭. ବାକ୍-ଶକ୍ତି ରହିତ ଶିଶୁ ମାନଙ୍କୁ ଶ୍ରବଣ ଯନ୍ତ୍ରର ଉପଯୁକ୍ତରକ୍ଷଣା ବେକ୍ଷଣ ଓ ବ୍ୟବହାର ଶିକ୍ଷା ଦେବା ଉଚିତ ।

୮. ଏହି ଶିଶୁକୁ ଓଠ ଚଳନା ଏବଂ କଥା କହିବା ପାଇଁ ଉତ୍ସାହିତ କରିବା ଉଚିତ । ଏହା ସେମାନଙ୍କ ପାଇଁ କାହିଁକି ଗୁରୁତ୍ୱ ପୂର୍ଣ୍ଣ ଅଟେ ? ଅନ୍ୟ ଲୋକମାନେ କଣ କହୁଛନ୍ତି ତାହା ତାଙ୍କ ଓଠ ଚଳନା ଓ ବିଭିନ୍ନ ଭାବଭଙ୍ଗୀରୁ ପିଲାଟି ବୁଝିପାରେ ।

୯. ବଧିର ଶିଶୁଟିକୁ ବିଭିନ୍ନ ଠାର ଓ ଭାଷାର ଚିହ୍ନର ବ୍ୟବହାର କରିବା ପାଇଁ ସମ୍ମତି ପ୍ରଦାନକର ।

ତୁମେ ଜାଣିଛକି ଅନେକ ଶାରୀରିକ ଅକ୍ଷମ ବ୍ୟକ୍ତି ଅଛନ୍ତି ଯେଉଁମାନେ ଶିକ୍ଷା ସମାପ୍ତ ପରେ ଯେଉଁ କାର୍ଯ୍ୟ ଗୁଡିକୁ ସାଧାରଣ ଲୋକ କରିପାରନ୍ତି, ସେହି କାର୍ଯ୍ୟ ଗୁଡ଼ିକ କରିପାରନ୍ତି । ଅକ୍ଷମ ବ୍ୟକ୍ତି ମାନେ କାହାରି ଦୟାଭିକ୍ଷା କରନ୍ତି ନାହିଁ ବରଂ ସେମାନଙ୍କର ଲୁକ୍‌କାୟିତ ପ୍ରତିଭାର ବିକାଶ ପାଇଁ ସହାୟତା ଚାହାନ୍ତି । ତୁମେ ସେମାନଙ୍କୁ ଏହା ଯୋଗାଇ ଦେବକି ? ଏହାର ଏକମାତ୍ର ଅର୍ଥ ହେଉଛି ତାଙ୍କର ଅକ୍ଷମତା ଅନୁସାରେ ତାଙ୍କୁ ଚାକିରୀ ଯୋଗାଇଦେବା ଏବଂ ସେମାନଙ୍କ ଦରକାର ମୁତାବକ ନିର୍ଦ୍ଦିଷ୍ଟ ସୁବିଧା ସୁଯୋଗ ତାଙ୍କ ପାଇଁ ଯୋଗାଇଦେବ । ଆମେ ଜଣେ କ୍ରୀଡା ଶିକ୍ଷକକୁ ଦେଖିଛୁ ଯାହାର କି ଗୋଟିଏ ଗୋଡ ୯୦ ଶତକ ଅକ୍ଷମ ହୋଇଥିଲେ ମଧ୍ୟ ସେ କଲେଜର କ୍ରୀଡା କାର୍ଯ୍ୟକ୍ରମକୁ ଅସାଧାରଣ ଦକ୍ଷତାର ସହିତ ପରିଚାଳନା କରିଛନ୍ତି । ରବୀନ୍ଦ୍ର ଜୈନ ଅନ୍ଧ ହୋଇଥିଲେ ମଧ୍ୟ ଜଣେ ଚମତ୍କାର ଗୀତିକାର ଏବଂ ସଂଗୀତ ନିର୍ଦ୍ଦେଶକ ନୁହଁନ୍ତି କି ?

**ତୁମ ପାଇଁ କାମ - ୨୧.୪**

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଗୋଟିଏ ଶିଶୁକୁ ଚିହ୍ନଟ କର । ଏବଂ ସେ ସ୍ୱାବଲମ୍ବୀ ହେବା ପାଇଁ ତା' ପରିବାରର ଉଦ୍ୟମକୁ ଅନୁଧ୍ୟାନ କର ।

**ପାଠଗତ ପ୍ରଶ୍ନ - ୨୧.୫**

୧. ଶାରୀରିକ ବିକାଳଙ୍ଗ ଶିଶୁ ମାନଙ୍କର ସମସ୍ୟା ରହିଥାଏ-

(କ) କଥା କହିବାରେ

(ଖ) ଦେଖିବାରେ

(ଗ) ଶୁଣିବାରେ

(ଘ) ଶରୀର ଅଙ୍ଗ ପ୍ରତେଙ୍ଗ ଚଳନାରେ


୨. ଗୋଟିଏ ଅନ୍ଧ ବାଳକଙ୍କୁ ବିଭିନ୍ନ ପ୍ରକାର ଆକୃତି ଚିହ୍ନାଇବାର ଶ୍ରେଷ୍ଠ ଉପାୟ ହେଲା-

(କ) ଚିତ୍ର କରିବା

(ଖ) ପାଟିରେ ବର୍ଣ୍ଣନା କରିବା

(ଗ) ଆକୃତିକୁ ଅନୁଭବ କରିବା

(ଘ) ପାଟିରେ ବର୍ଣ୍ଣନା ଏବଂ ସ୍ପର୍ଶ ଦ୍ୱାରା ଅନୁଭବ କରିବା





୩. ଜନ୍ମରୁ ବଧିର ହୋଇଥିବା ଶିଶୁମାନଙ୍କର କଥା କହିବାରେ ଅସୁବିଧା ହୋଇଥାଏ କାରଣ ସେମାନେ-

(କ) ପିତାମାତାଙ୍କ ସ୍ୱର ଦ୍ୱାରା ଆତଙ୍କିତ ହେବା

(ଖ) ତାଙ୍କର ନିଜଅସ୍ପଷ୍ଟ କଥାକୁ ଶୁଣି ନ ପାରିବା

(ଗ) କହିବା ଅପେକ୍ଷା ଶୁଣିବାକୁ ପସନ୍ଦ କରିବା

(ଘ) କୌଣସି ଶବ୍ଦ ଶୁଣି ନ ପାରିବା ।

୪. ଶ୍ରବଣେନ୍ଦ୍ରିୟରେ ସମସ୍ୟା ଥିବା ଶିଶୁ-

(କ) କାନ ସଫା କରିନେବା ଉଚିତ

(ଖ) ଶ୍ରବଣ ଯନ୍ତ୍ରର ବ୍ୟବହାର କରିବା ଉଚିତ ।

(ଗ) ଶୁଣିବା ପାଇଁ ଅଭ୍ୟାସ କରିବା ଉଚିତ ।

(ଘ) ଶୁଣିବା ପାଇଁ ମନଦେବା ଉଚିତ ।

୫. ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିକଳାଙ୍ଗ ଶିଶୁମାନଙ୍କର ଥଇଥାନ ନିମନ୍ତେ-

(କ) ସେମାନଙ୍କୁ ସ୍ନେହ ଓ ଯତ୍ନର ସହିତ ବ୍ୟବହାର କରିବା ଉଚିତ୍ ।

(ଖ) ଯେତେ ଶିଘ୍ର ସମ୍ଭବ ସେମାନଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇ ଦେବା ଉଚିତ ।

(ଗ) ସେମାନଙ୍କ ସହିତ ସମୟ କଟାଇବା ଉଚିତ ।

(ଘ) ଉପର ଲିଖିତ ସବୁକିଛି କରିବା ଉଚିତ ।

## ୨୧.୬ ମାନସିକ ବିକୃତି



ଚିତ୍ର ୨୧.୫

ଗୋଟିଏ ଶିଶୁର ମାନସିକ ବିକାଶ ବିଳମ୍ବ ହେଲେ ବା ଧୀର ହେଲେ ତା'ର ମାନସିକ ବିକୃତି ଘଟିଥାଏ । ମାନସିକ ବିକାର ଗ୍ରସ୍ତ ଶିଶୁଟି ସାଧାରଣ ପିଲାଙ୍କ ଠାରୁ ସବୁଜିନିଷ ବିଳମ୍ବରେ ଶିଖିଥାଏ । ଏହି ପିଲାମାନଙ୍କର କ୍ଷେତ୍ରରେ ବିକାଶର ଧାରା ବିଳମ୍ବିତ ହୋଇଥାଏ । ଏହାର ଏକ ଉଦାହରଣ ଦେଇ ପାରିବ କି ? ହଁ, ଏହି ପିଲାମାନଙ୍କର ଶିକ୍ଷଣ, ଚାଲିବା ଏବଂ କଥା କହିବା ସବୁଥିରେ ବିଳମ୍ବ ହୋଇପାରେ । ଏହି ବିଳମ୍ବର କାରଣ କଣ ହୋଇପାରେ ବୋଲି ତୁମେ ଭାବୁଛ ? ଏହାର କାରଣ ହେଉଛି ମାସିକ ଅପାରଗତା ଯାହାକି କୌଣସି ରୋଗଦ୍ୱାରା କିମ୍ବା ପିଲାଟିର ମସ୍ତିସ୍କ ବିକାଶରେ ଆଘାତ ଯୋଗୁଁ ହୋଇପାରି ଥାଏ- ଉଦାହରଣ - ମସ୍ତିସ୍କରେ ଆବୁ, କୀଟନାଶକ ଔଷଧର ବିଶାକ୍ତ ପ୍ରକ୍ରିୟା, ମସ୍ତିସ୍କକୁ ଅମ୍ଳଜାନର ଅଭାବ, ଜନ୍ମ ସମୟରେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତିର ଦ୍ୱାରା ମସ୍ତିଷ୍କରେ ଆଘାତ, ଦୁର୍ଘଟଣା ଦ୍ୱାରା ମସ୍ତିସ୍କରେ କ୍ଷତ ଇତ୍ୟାଦି । ମାସ୍ତିକ ବିକୃତିର ମାତ୍ରା ମସ୍ତିସ୍କରେ ହୋଇଥିବା କ୍ଷତର ପରିମାଣ ଉପରେ ନିର୍ଭର କରେ । କିଛି ଶିଶୁ ଅନ୍ୟମାନଙ୍କଠାରୁ ଅଧିକ ମାନସିକ ବିକାର ଗ୍ରସ୍ତ ହୋଇଥାନ୍ତି ।

### ମାନସିକ ବିକାର ଗ୍ରସ୍ତ ଶିଶୁମାନଙ୍କୁ ସାହାଯ୍ୟ

ମାନସିକ ବିକାର ଗ୍ରସ୍ତ ଶିଶୁମାନଙ୍କୁ କିଭଳି ସାହାଯ୍ୟ କରିବ ସେ ବିଷୟରେ ତୁମେ ଜାଣିବାକୁ ଚାହୁଁଥିବ । ସମସ୍ତଙ୍କ ମାନସିକ ବିକାରଗ୍ରସ୍ତ ଶିଶୁ ମାନଙ୍କୁ ସ୍ୱୟଂ ସହାୟକ ଦକ୍ଷତା କିଛି ପରିମାଣରେ

ଶିଖିବାକୁ ସାହାଯ୍ୟ କରାଯାଇ ପାରିବ । କିଛି ପିଲାମାନଙ୍କୁ ପଢିବା ଓ ଲେଖିବା ଶିଖା ଯାଇ ପାରିବ । ଏବଂ ଅନ୍ୟ କେତେକ ସର୍ବଦା ନିଜର ଯତ୍ନ ପାଇଁ ଅନ୍ୟ ଜଣଙ୍କର ସାହାଯ୍ୟ ଋହିଁବେ । ଏହିଭଳି ଶିଶୁମାନଙ୍କର ସର୍ବାଧିକ କ୍ଷମତା ସହିତ ବୃଦ୍ଧିପାଇଁ ତୁମେ କିଭଳି ସାହାଯ୍ୟ କରି ପାରିବ ? ନିମ୍ନରେ କିଛି ମାର୍ଗ ଦର୍ଶନ ପ୍ରଦାନ କରାଗଲା-


- ଏଭଳି ଶିଶୁ ମାନଙ୍କୁ କଦାପି ବୋକା ବା ମୁର୍ଖ ବୋଲି କୁହ ନାହିଁ ।
- ଏହା ଅନ୍ୟମାନଙ୍କ ଭଳି ସେମାନଙ୍କ ମନରେ ଆଘାତ ସୃଷ୍ଟି କରେ ।
- ସେମାନେ ତାଙ୍କ ଦକ୍ଷତା ଅନୁସାରେ ଯେତେ ଅଧିକା କାର୍ଯ୍ୟକରିପାରିବେ ସେମାନଙ୍କୁ ସୁଯୋଗ ଦିଆଯିବା ଉଚିତ । ସାହାଯ୍ୟ ଋହିଁଲେ କେବଳ ସାହାର୍ଯ୍ୟ କର ।
- ଧିରେ ଧିରେ ସେମାନଙ୍କୁ ପୋଷାକ ପିନ୍ଧିବା ଓ ପୋଷାକ ଖୋଲିବା, ଠିକ୍ ଭାବେ ଖାଇବା ଅନ୍ୟମାନଙ୍କ ସହିତ ଜିନିଷ ପତ୍ର ଭାଗ କରିବା ଏବଂ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ଶିକ୍ଷା ଦିଆଯିବା ଉଚିତ୍ ।
- ଯଦି ମାନସିକ ବିକୃତିର ମାତ୍ରା ଅତ୍ୟଧିକ ହୋଇ ନଥାଏ ତାହା ହେଲେ ସେମାନଙ୍କୁ ସରଳ ଘରକରଣା କାମରେ ଲଗାଇବା ଉଚିତ ଯଥା   ଘରେ ଜିନିଷପତ୍ର ସଜାଡିବା ସାଧାରଣ ରୋଷେଇ କାମ କରିବା ଯଥା - ଭାତରାନ୍ଧିବା, ଋ କରିବା, ଆଳୁସିଝାଇବା ଇତ୍ୟାଦି । ଏହା କେବଳ ସେମାନଙ୍କୁ କାର୍ଯ୍ୟବ୍ୟସ୍ତ ରଖିବ ନାହିଁ ତା ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ୱାଧିନତା ପ୍ରଦାନ କରିବ ।
- ଏଭଳି ଶିଶୁ ମାନଙ୍କର ସ୍ୱତନ୍ତ୍ର ସ୍କୁଲରେ ନାମ ଲେଖାଇବା ଉଚିତ ଯେଉଁଠାରେ ସେମାନେ କିଛି ଧନ୍ଦାମୂଳକ ତାଲିମ ନେଇ ପାରିବେ ଏବଂ ସେଥିର ଅର୍ଥରୋଜଗାର କରିପାରିବେ ।

**ପାଠଗତ ପ୍ରଶ୍ନ ୨୧.୬**

ଭୁଲ୍ ଉତ୍ତରଟିକୁ ବାଛ-

୧. ମାନସିକ ବିକୃତି ହେଉଛି-
   (କ) ଋଲିବାରେ ବିଳମ୍ବ
   (ଖ) କଥା କହିବାରେ ବିଳମ୍ବ
   (ଗ) ମାନସିକ ବିକାଶରେ ବିଳମ୍ବ
   (ଘ) ଖାଦ୍ୟ ଖାଇବାରେ ବିଳମ୍ବ

୨. ମାନସିକ ବିକୃତି - ଯୋଗୁଁ ଘଟିଥାଏ -
   (କ) ମସ୍ତିସ୍କରେ ଆଘାତ
   (ଖ) ମେରୁଦଣ୍ଡ ର ବୃଦ୍ଧିକୁ ପ୍ରଭାବିତ କରୁଥିବା ରୋଗ -
   (ଗ) କ୍ରମାଗତ ଅସୁସ୍ଥତା
   (ଘ) କ୍ରମାଗତ କାଶ ଓ କଫ
   (ଙ) ହୃତଯନ୍ତ୍ର କୁ ଅମ୍ଳଜାନର ଅଭାବ





୩. ମାନସିକ ବିକାର ଗ୍ରସ୍ତ ଶିଶୁଙ୍କୁ -

(କ) ନିଜର ଯତ୍ନ ନେବା ପାଇଁ ଶିକ୍ଷା ଦିଆଯିବା ଉଚିତ ।

(ଖ) ଘର କାମରେ ସାହାଯ୍ୟ କରିବା ପାଇଁ ଶିକ୍ଷା ଦିଆଯିବା ଉଚିତ୍ ।

(ଗ) ରୋଷେଇ କାମ ଶିକ୍ଷା ଦିଆଯିବା ଉଚିତ୍ ।

(ଘ) କିଛି ବୃତ୍ତିଗତ ଦକ୍ଷତା ଶିକ୍ଷା ଦିଆଯିବା ଉଚିତ ।

## ୨୧.୭ ଯୌନ - ସଂକ୍ରମିତ ରୋଗ (ଏଚ୍.ଆଇଭି / ଏଡସ୍ / ଆର୍ ଟି ଆଇ) (STD)

(i) ଆର୍.ଟି.ଆଇ କଣ ? (RTI)

ବେଳେ ବେଳେ ପ୍ରଜନନ ଅଙ୍ଗର ଚତୁଃପାର୍ଶ୍ୱ ଅଂଶ ଅଣୁଜୀବ ମାନଙ୍କ ଦ୍ୱାରା ସଂକ୍ରମିତ ହୋଇଥାଏ । ଯୌନକ୍ରିୟା ସମୟରେ ଏହି ଅଣୁଜୀବ ମାନେ ଅତି ସହଜରେ ଜଣେ ବ୍ୟକ୍ତ ଠାରୁ ଅନ୍ୟଜଣେ ବ୍ୟକ୍ତିକୁ ସଂକ୍ରମିତ କରିଥାନ୍ତି । ଯାହାକୁ ଆର୍.ଟି.ଆଇ (Reproduetive truet Infectives )ବୋଲି କୁହାଯାଏ ।

(ii) ଏସ୍.ଟି.ଡି (STD)କଣ ?

ଯୌନକ୍ରିୟା ଦ୍ୱାରା ବ୍ୟାପୁ ଥିବା ରୋଗ ଗୁଡ଼ିକୁ ଯୌନ ସଂକ୍ରମଣ ରୋଗ ବା (STD) କୁହାଯାଏ । ସିଫିଲିମ୍, ଗନେରିଆ ଏହାର ଉଦାହରଣ ଅଟେ । ଜଣେ ସଂକ୍ରାମିତ ବ୍ୟକ୍ତି ସହିତ ଯୌନ ସମ୍ପର୍କ ସ୍ଥାପ କଲେ ଏହି ରୋଗ ବ୍ୟାପିଥାଏ । ୨ରୁ ୫ଦିନ ମଧ୍ୟରେ ଗନେରିଆର ଲକ୍ଷଣ ଦେଖାଯାଏ ମାତ୍ର ସିଫିଲିସ୍‌ର ଲକ୍ଷଣ ୧୦ରୁ ୯୦ଦିନ ମଧ୍ୟରେ ଦେଖାଯାଇଥାଏ ।

**ଲକ୍ଷଣ -**

- ଜ୍ୱର ଏବଂ ଘା ଚର୍ମରେ ଦେଖାଦେବା, ତଣ୍ଟିରେ ଏବଂ ଲିଙ୍ଗ ପାଖରେ ବିଶେଷଭାବରେ ସ୍ତ୍ରୀ ଓ ପୁରୁଷର ଯୌନାଙ୍ଗରେ, ମଳଦ୍ୱାର, ମଳାଶୟ ଏବଂ ପାଟିରେ ଦେଖାଯାଏ ।
- ହାତରେ ଜିଭିକା, ପାଦ ଏବଂ ପାପୁଲିରେ
- ପାଟିଏ ଧଳା ଧଳା ଦାଗ ଦେଖାଯିବା
- ଯୌନାଙ୍ଗର ଅଗ୍ରଭାଗରେ ବ୍ରଣ ଦେଖାଯିବା ।
- ସଂକ୍ରମିତ ସ୍ଥାନରେ ହୋଇଥିବା ଦାଗରୁ ଲୋମ ଝଡିବା

**ପ୍ରତିଷେଧ କବ୍ୟବସ୍ଥା ଏବଂ ଆରୋଗ୍ୟ**

- କେବଳ ଜଣେ ବ୍ୟକ୍ତି ସହିତ ଯୌନ ସମ୍ପର୍କସ୍ଥାପନ କରିବା ।
- ବେଶ୍ୟାବୃତି ଏବଂ ସମଲିଙ୍ଗୀ ଯୌନ ସମ୍ପର୍କ ଠାରୁ ଦୂରେଇ ରୁହ ।
- ଉପଯୁକ୍ତ ଡାକ୍ତରୀ ସହାୟତା ନିଅ ।

**ଏଡସ୍ କଣ ?**

(iii) ଏଡସ୍‌ର ପୂର୍ଣ୍ଣ ଅର୍ଥ ହେଲା - ଆକୋୟାର୍ଡ - ଇମିନିୟୁ - ସିନ୍‌ଡ୍ରୋମ୍

ଇମ୍ୟୁନୋ - ରୋଗ ପତିରୋଧକ ଶକ୍ତି

ଡେଫିସିଏନ୍‌ସି - ଅଭାବ

ସିଣ୍ଡ୍ରୋମ - ଲକ୍ଷଣ

ଏହାର ଅର୍ଥ - ଆକ୍ୱାଡ୍

Acquired - କାରଣ ଏହା ବଂଶଗତ ନୁହେଁ, ଏହା ଅନ୍ୟଠାରୁ ଆସିଥାଏ ।

ଇମ୍ୟୁନ୍ ଡେଫିସିଏନସି - ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଧିରେ ଧିରେ ଦୁର୍ବଳ କରିଦିଏ ଏବଂ କୋଷରେ ଧ୍ୱଂସ କରିଦିଏ, ଅର୍ଥାତ୍ ରୋଗ ସୃଷ୍ଟି କରୁଥିବା ଜୀବାଣୁ ସହିତ ଲଢିବାର କ୍ଷମତା ହଜାଇ ଥାଏ ।

ସିଣ୍ଡ୍ରୋମ୍ - ଏହା ଗୋଟିଏ ରୋଗ ବା ଲକ୍ଷଣ ନୁହେଁ ବରଂ ଗୁଡିଏ ରୋଗର ସମାରୋହ ଅଟେ ।

ଏଡସ୍ ରୋଗ HIV (ଏଚଆଇଭି) ଭୂତାଣୁ ଦ୍ୱାରା ହୋଇଥାଏ ଯାହା ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ନଷ୍ଟ କରିଦେଇଥାଏ । ଗୋଟିଏ ଲକ୍ଷଣରୁ HIV / AIDS କୁ ଚିହ୍ନଟ କରିହେବ ନାହିଁ । ଏଡସ୍ ରୋଗର ସମସ୍ତ ଲକ୍ଷଣ ଅନ୍ୟ ରୋଗର ଲକ୍ଷଣ ହୋଇପାରେ । ସଠିକ୍ ପରୀକ୍ଷା ପରେ କେବଳ HIV (ଏଚଆଇଭି) ସଂକ୍ରମଣକୁ ଚିହ୍ନଟ କରାଯାଇପାରେ ।


(iv) ଏଚ୍.ଆଇ.ଭି HIV କଣ ?

ଯେଉଁ ଭୂତାଣୁ ଏଡସ୍ ରୋଗ ସୃଷ୍ଟି କରେ ତାକୁ HIV କୁହାଯାଏ । ଯାହାର ଅର୍ଥ ହେଲା ହ୍ୟୁମାନ୍, ଇମ୍ୟୁନୋ, ଡେଫିସିଏନ୍‌ସି, ଭାଇରସ୍ । (Human Immuno deficiency virus) ସଂକ୍ରମିତ ବ୍ୟକ୍ତିର ଶରୀରାରେ (HIV) ଭୂତାଣୁ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଗଲେ, ବ୍ୟକ୍ତିଟି ଅନ୍ୟାନ୍ୟ ରୋଗର ସଂକ୍ରମଣ କୁ ପ୍ରତିରୋଧ କରିପାରେ ନାହିଁ ।

ବର୍ତ୍ତମାନ ଦୁଇପ୍ରକାରର HIV ଦେଖା ଯାଉଛି, HIV - 1 ଏବଂ HIV-2 ଯାହାଦ୍ୱାରା ଏଡସ୍ ରୋଗ ହେଉଛି । ଏଚ୍ ଆଇ ଭି ଅନେକଭୂତାଣୁ ସହିତ (ଭୂତାଣୁ ପରିବାର) ଜଡିତ ଯାହାକୁ ରେଟ୍ରୋଭାଇରସ୍ କୁହାଯାଏ । ଏହା ହେଉଛି ଅତିକ୍ଷୁଦ୍ର, ଯାହାକି ଗୋଟିଏ କେଶ ବା ଚୁଟି ଠାରୁ ହଜାର ହଜାରଗୁଣରେ କ୍ଷୁଦ୍ର, ଏହା ଦେଖିବାକୁ ଫୁଟ୍‌ତା ସୂର୍ଯ୍ୟାମୁଖୀ ଫୁଲ ପରି ।

**ଏଚ୍ ଆଇ ଭି / ଏଡସ୍ ଏବଂ ପ୍ରତିରୋଧକ ବ୍ୟବସ୍ଥା -**

ଶରୀର ନିଜକୁ ରୋଗ ସଂକ୍ରମଣ ଠାରୁ ଯେଉଁ ଉପାୟରେ ପ୍ରତିରୋଧ କରେ ତାକୁ ରୋଗ ପ୍ରତିରୋଧ ବ୍ୟବସ୍ଥା କହନ୍ତି । ଚର୍ମ ଶରୀରର ବାହ୍ୟ ପ୍ରତିରୋଧକ ଭାବେ ଏବଂ ଶ୍ୱେତରକ୍ତ କଣିକା ପ୍ରତିରୋଧକ ବ୍ୟବସ୍ଥାଭାବେ କାର୍ଯ୍ୟକରେ । ଥରେ ଜଣେ ବ୍ୟକ୍ତି ଏଚ୍.ଆଇ.ଭି ଦ୍ୱାରା ସଂକ୍ରମିତ ହେଲେ ଶରୀରକୁ ରକ୍ଷା କରିବାକୁ ଯାଇ ଶରୀର ମଧ୍ୟରେ ଆଣ୍ଟିବଡି ସୃଷ୍ଟି ହୁଏ । ଭୂତାଣୁ ଏବଂ ଜୀବାଣୁ ଦ୍ୱାରା ସଂକ୍ରମିତ ବିରୁଦ୍ଧରେ ଏହି ଆଣ୍ଟିବଡି ମାନେ କାର୍ଯ୍ୟ କରିଥାନ୍ତି । କିନ୍ତୁ ଏମାନେ ଏଚ୍ ଆଇ ଭି ଭୂତାଣୁ



ମନ୍ତବ୍ୟ (Notes)

ବିରୁଦ୍ଧରେ ଲଢ଼ିବା ପାଇଁ କ୍ଷମ ନୁହଁନ୍ତି ଏଚ୍ ଆଇ ଭି ଭୂତାଣୁ କେତେକ ଶ୍ୱେତରକ୍ତ କଣିକା ସହିତ ନିଜକୁ ସଂଯୋଗ କରିଥାଏ ଏବଂ ନିଜର ବଂଶ ବୃଦ୍ଧି କରିଥାଏ । ଥରେ ଏହି ଭୂତାଣୁକୋଷ ମଧ୍ୟରେ ପ୍ରବେଶ କରି ସଂଯୋଦିତ ହୋଇପାରେ କୋଷକୁ ନଷ୍ଟ କରି ଏମାନଙ୍କୁ ନଷ୍ଟ କରିବା କଷ୍ଟ ସାଧ ହୋଇପଡେ । ଏମାନଙ୍କୁ ନଷ୍ଟ କରିବା ଅର୍ଥ କୋଷ କୁ ନଷ୍ଟ କରିବା । ଯାହାଫଳରେ ଶରୀରର ରୋଗ ପ୍ରତିରୋଧ ବ୍ୟବସ୍ଥା ଦୁର୍ବଳ ହୋଇପଡେ ।

### ୨୧.୭.୧ ଏଡସ୍ ର ଚିହ୍ନ ଏବଂ ଲକ୍ଷଣ

ଚିହ୍ନ ଏବଂ ଲକ୍ଷଣ, ସାଧାରଣତଃ ଏଚ ଆଇ ଭି ଏଡସ୍ ଦ୍ୱାରା ସଂକ୍ରମିତ ହୋଇଥିବା ବ୍ୟକ୍ତିଠାରେ ଅନ୍ୟ ଯେକୌଣସି ରୋଗର ଚିହ୍ନ ଏବଂ ଲକ୍ଷଣ ଦେଖାଯାଇପାରେ । ବ୍ୟକ୍ତିଟି ଏଚ୍ଆଇଭି ଦ୍ୱାରା ସଂକ୍ରମିତ କି ନାହିଁ କେବଳ ରକ୍ତ ପରୀକ୍ଷାରୁ ଏହାଜଣାପଡେ । ବ୍ୟକ୍ତିର ରକ୍ତ ପରୀକ୍ଷା ସକାରାତ୍ମକ (Positive)ଥିଲେ ମଧ୍ୟ ପ୍ରଥମେ ସେ ଏଡସରେ ଆକ୍ରାନ୍ତ ହୋଇ ନଥାଏ କିନ୍ତୁ କିଛିଦିନ ପରେ ତାଠାରେ ଏଡସର ଲକ୍ଷଣ ଦେଖାଯାଏ ।

ଏଚ୍ ଆଇ ଭି ଦ୍ୱାରା ସଂକ୍ରାମିତ ହୋଇଥିବା ଲୋକମାନଙ୍କ ଠାରେ ନିମ୍ନଲିଖିତ ଚିହ୍ନ ଏବଂ ଲକ୍ଷଣ ଗୁଡ଼ିକ ଅଳ୍ପ ବହୁତ ଦେଖାଯାଏ -

- ଅବିରତ କ୍ଳାନ୍ତି ଅନୁଭବ କରିବା
- ଓଜନହ୍ରାସ (ଶରୀରର ଓଜନ ୧୦% ପ୍ରତିଶତ ହ୍ରାସ ପାଇବା)
- ରାତିରେ ଝାଳବୋହିବା
- ସପ୍ତାହ ସପ୍ତାହ ବ୍ୟାପି ଜ୍ୱର ଲାଗି ରହିବ ।
- ମାସର ଅଧିକ ସମୟ ପର୍ଯ୍ୟନ୍ତ ପତଳାଝାଡ ଲାଗି ରହିବା

ଏଚ୍ ଆଇ. ଭି ଦ୍ୱାରା ସଂକ୍ରମିତ ଅଧିକାଂଶ ଲୋକଙ୍କ ଠାରେ ରୋଗର ଚିହ୍ନ ଓ ଲକ୍ଷଣ ଦେଖାଯାଇ ନଥାଏ କିନ୍ତୁ କିଛି ବର୍ଷ ପରେ ଏଡସ୍ର ଲକ୍ଷଣ ସେମାନଙ୍କ ଠାରେ ଦେଖାଯାଇଥାଏ । ସେଇ ସମୟକୁ ବିନା ଲକ୍ଷଣ ଅସୁସ୍ଥତା ବୋଲି କୁହାଯାଏ ଏବଂ ଏହା ୧୦ବର୍ଷ କିମ୍ବା ଅଧିକ ଦିନ ବଢିପାରେ । କିନ୍ତୁ ଯେହେତୁ ତାଙ୍କ ରକ୍ତରେ ଏଚ୍ ଆଇ ଭି ଭୂତାଣୁ ଥାଏ, ସେମାନେ ଅନ୍ୟକୁ ରୋଗ ସଂକ୍ରମଣ କରିପାରନ୍ତି ।

**ଏଡସ୍ ଦ୍ୱାରା ସଂକ୍ରମିତ ହୋଇଥିବା ବ୍ୟକ୍ତି ଠାରେ ଦେଖାଯାଉଥିବା ସାଧାରଣ ଚିହ୍ନ - ଲକ୍ଷଣ**

- ସାଧାରଣତଃ ବାହୁ ମୂଳର, ବେକରେ ଏବଂ ଯୌନାଙ୍ଗ ପାଖରେ ଲସିକାଗ୍ରନ୍ଥିରେ ଫୁଲା ଦେଖାଯାଏ ।
- ଫଙ୍ଗାଲ (କବକ) ସଂକ୍ରମଣ ଦ୍ୱାରା ପାଟିରେ, ତଣ୍ଟିରେ ଏବଂ ଜିଭରେ ଧଳାଧଳା ଦାଗ ଦେଖାଯିବା ।
- ପାଟି, ନାକ, ଆଖିପଣ ଏବଂ ଚର୍ମତଳେ ଲାଲ, ମାଟିଆ, ଗୋଲାପି ଏବଂ ବାଇଗଣି ରଙ୍ଗର ଦାଗ ଦେଖାଯିବା ।
- ଟ୍ୟୁବରକୁ ଲୋସିସ୍ (T.B) ଯକ୍ଷ୍ମା ।

ଗୋଟିଏ ବ୍ୟକ୍ତିର ଶରୀର ରୋଗ ସଂକ୍ରମଣ ଠାରେ ଏଚ୍ ଆଇ ଭି ଆଣ୍ଟି ବଡିଜ ପ୍ରସ୍ତୁତ କରିବା ପାଇଁ ଦୁଇ ସପ୍ତାହରୁ ତିନି ମାସ ସମୟ ନେଇ ଥାଏ । ଏଚ୍ ଆଇ ଭି ସଂକ୍ରମଣ ଏବଂ ଏଡସ୍ ମଧ୍ୟରେ ସମୟର ସୀମା ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ ହୋଇପାରେ । ବ୍ୟକ୍ତି ମଧ୍ୟରେ ସମୟର ସୀମା ଭିନ୍ନ ହୋଇପାରେ । ଏହା ରକ୍ତରେ ଭୂତାଣୁର ମାତ୍ରା, ବ୍ୟକ୍ତଗତ ରୋଗ ପ୍ରତିରୋଧକ ଶକ୍ତି ଏବଂ କ୍ରମାଗତ ବାହ୍ୟସଂକ୍ରମଣ ପ୍ରତି ଉନ୍ମୋଚ, ଉତ୍କଣ୍ଠା, ମାନସିକ ଅବସାଦ ଉପରେ ନିର୍ଭର କରେ । ଧୂମପାନ, ମଦ୍ୟପାନ, ଅପପୁଷ୍ଟି ଏବଂ ଶାରୀରିକ କ୍ଳାନ୍ତି ଇତ୍ୟାଦି ସ୍ୱାସ୍ଥ୍ୟ କ୍ଷତିକାରକ ଉପାଦାନ ଗୁଡିକ ଏଡସ୍ ଶିଘ୍ର ବୃଦ୍ଧିରେ ସହାୟକ ହୋଇଥାନ୍ତି ।

**ଏଚ୍ ଆଇ ଭି ପରୀକ୍ଷା**

ରୋଗ ସଂକ୍ରମଣ କରିବା ପ୍ରଥମ ତିନିମାସ ମଧ୍ୟରେ ଏଚ୍ ଆଇ ଭି ଆଣ୍ଟିବଡିଜ୍ ବୃଦ୍ଧିଲାଭକରେ ତେଣୁ ତିନିମାସ ପରେ ରକ୍ତ ପରୀକ୍ଷା କଲେ ଏଚ ଆଇ ଭି ସଂକ୍ରମଣ ଜଣାପଡିବା ସମ୍ଭବପର ହୁଏ । ମାତ୍ର ଅଳ୍ପ କେତେକ କ୍ଷେତ୍ରରେ ଆଣ୍ଟିବଡିଜ ବୃଦ୍ଧି ଲାଭ କରିବା ପାଇଁ ଛଅମାସ ସମୟ ନିଏ । ଯଦି ତିନିମାସ ପରେ ପ୍ରଥମ ପରୀକ୍ଷା ନକାରାତ୍ମକ(ନେଗେଟିଭ) ଆସେ, ଛଅମାସ ପରେ ଆଉ ଥରେ ରକ୍ତ ପରୀକ୍ଷା କରିନେବା ଉତ୍ତମ ଅଟେ ।

**୨୧.୭.୨ ଏଚ୍ ଆଇ ଭି ସଂକ୍ରମଣ ମାଧ୍ୟମ**

- ରକ୍ତ, ବୀର୍ଯ୍ୟ (semen) ଯୌନାଙ୍ଗର ସ୍ରାବ ମଧ୍ୟଦେଇ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏଚ ଆଇ ଭି ସଂକ୍ରମିତ ହୋଇଥାଏ ।

**ରକ୍ତଦ୍ୱାରା ସଂକ୍ରମଣ**

ଯେହେତୁ ଏହି ଭୂତାଣୁ ରକ୍ତରେ ଦେଖାଯାଏ ତେଣୁ ଏହା ରକ୍ତ ଏବଂ ରକ୍ତର ଉତ୍ପାଦକ ଦ୍ୱାରା ସଂକ୍ରାମିତ +ହୁଏ । HIV ସଂକ୍ରମିତ ବ୍ୟକ୍ତି ବ୍ୟବହାର କରୁଥିବା ଛୁଞ୍ଚି, ସିରିଞ୍ଜ, ବ୍ଲେଡ, ଛୁରୀ, ଅପରେସନ କରାଯାଉଥିବା ଯନ୍ତ୍ରପାତି ଏବଂ ଅନ୍ୟ ଫୋଡିବା ଯନ୍ତ୍ର ମାଧ୍ୟମରେ ସଂକ୍ରମିତ ହୁଏ । ଯଦି ସଂକ୍ରମିତ ଉପକରଣ ଗୁଡିକ ପରିଶୋଧିତ କରାନ ଯାଇ ସୁସ୍ଥ ବ୍ୟକ୍ତିର ଶରୀରରେ ପ୍ରୟୋଗ କରାଯାଏ । ତେବେ ତାକୁ ରୋଗ ସଂକ୍ରମଣ କରିଥାଏ । ଠିକ୍ ଭାବରେ ବିଶୋଧବତ ହୋଇ ନଥିବା ଏହି ଉପକରଣ ଗୁଡିକ କାନଫୋଡ଼ିବା, ଚିତା କୁଟାଇବା ଝାଟୁକରିବା, ଆକ୍ୟୁପଙ୍କରେ କରିବା ଏବଂ ଲିଙ୍ଗଅଗ୍ରଆବରଣ ଛେଦନ, ପୁରାତ ଚିକିତ୍ସା ପଦ୍ଧତି ପ୍ରୟୋଗ କରିବା ମଧ ଏଡସ୍ ସଂକ୍ରମଣ କରିବା ରେ ସାହାଯ୍ୟକରେ । ଇଞ୍ଜେକସନ୍ ମାଧ୍ୟମରେ ନିଶାଦ୍ରବ୍ୟ ବାହାର କରୁଥିବା ବ୍ୟକ୍ତିମାନେ ସାରାତ୍ମକ ଏଡସ୍ ରୋଗର ଶିକାର ହୋଇଥାନ୍ତି କାରଣ ସେମାନେ ବିଶୋଧିତ ହୋଇ ଥିବା ଗୋଟିଏ ସିରିଞ୍ଜ୍ ମିଳିମିଶି ବ୍ୟବହାର କରନ୍ତି ।

**ସଂକ୍ରମିତ ମା'ଠାରୁ ନବଜାତ ଶିଶୁକୁ ସଂକ୍ରମଣ**

ଏଚ୍ ଆଇ ଭି ସଂକ୍ରମିତ ମା'ଠାରୁ ତା'ର ଶିଶୁକୁ ଜନ୍ମ ପୂର୍ବରୁ କିମ୍ବା ଜନ୍ମ ପରେ HIV ସଂକ୍ରମଣ ହୋଇପାରେ । ଜନ୍ମପୂର୍ବରୁ ଏହା ନାଭିନାଡ ମଧ୍ୟଦେଇ ଭ୍ରୁଣ କୁ ସଂକ୍ରମିତ ହୋଇପାରେ ଏବଂ ଶିଶୁ ଜନ୍ମ ସମୟରେ ମା'ର ରକ୍ତ ଦ୍ୱାରା ଏବଂ ସ୍ତନ୍ୟପାନ ଦ୍ୱାରା ସଂକ୍ରମିତ ହୋଇପାରେ । ଏହି ପ୍ରକାର ହେଉଥିବା ସଂକ୍ରମଣ ପ୍ରାୟ ତିରିଶ (୩୦%) ପ୍ରତିଶତ ।

**ଯୌନ ସଂକ୍ରମଣ**

HIV ସଂକ୍ରମଣର ସବୁଠାର ମୁଖ୍ୟ ମାଧ୍ୟମ ହେଲା ସଂକ୍ରମିତ ସାଥୀ ସହିତ ଅସୁରକ୍ଷିତ ଯୌନ ସଂକ୍ରମଣ (ବିନା କଣ୍ଡୋମ) ର ବ୍ୟବହାର ଦ୍ୱାରା ଯଦିଓ ଥରେ ଯୌନ ସଂମ୍ପର୍କ ଦ୍ୱାରା ସଂକ୍ରମଣର





ଆଶଙ୍କା ୦.୧ ରୁ ୧.୦ ପ୍ରତିଶତ କିନ୍ତୁ ପୃଥିବୀର ୮୦ ରୁ ୯୦ ପ୍ରତିଶତ ସଂକ୍ରାମିତ ବ୍ୟକ୍ତିରପ୍ରତିଶତ HIV ସଂକ୍ରମଣ ଏହି ମାଧମରେ ହୋଇଥାଏ । HIV ଭୂତାଣୁ ବୀର୍ଯ୍ୟକ ଯୋନିସ୍ରାବ ରେ ଥାଏ । ଏଥିପାଇଁ HIV କୁ ସର୍ବନୂତନ ଯୌନ ବାହିତ ରୋଗ (STD) ର ଆଖ୍ୟା ଦିଆଯାଇଛି । ଅନ୍ୟ ଯୌନ ବାହିତ ରୋଗ ଗୁଡିକ HIV ସଂକ୍ରମଣକୁ ବେଶ ସହାୟତା କରିଥାନ୍ତି । ଏହି ଭଳି ସଂକ୍ରମଣକୁ ସଂମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବ ଯଦି ଲୋକମାନେ ନିରାପଦ ଯୌନ ସମ୍ପର୍କ ସ୍ଥାପନ କରିବେ ।

### ୨୧.୭.୩ H.I.V ସଂକ୍ରମଣ ବିଷୟରେ ପ୍ରଚଳିତ କଥା ଓ ଭ୍ରାନ୍ତ ଧାରଣା

HIV ସଂକ୍ରମଣ ବିଷୟରେ ଅନେକ ଗୁଡିଏ ଭ୍ରାନ୍ତ ଧାରଣା ଶୁଣିବାକୁ ମିଳେ ଜଣେ ଜାଣିବା ଉଚିତ୍ ଯେ HIV ସଂକ୍ରମଣ ସାଧାରଣ ମିଶିବା ଦ୍ୱାରା ବ୍ୟାପେ ନାହିଁ । ସଂକ୍ରାମିତ ବ୍ୟକ୍ତି ସହିତ -

- କର ମର୍ଦ୍ଦନ, କରସ୍ପର୍ଶ କିମ୍ବା ହାତ ଧରିଲେ
- ଗହଳି ସ୍ଥାନରେ ସଂକ୍ରମିତ ବ୍ୟକ୍ତିର ଶରୀର ସ୍ପର୍ଶ କଲେ
- ସଂକ୍ରମିତ ବ୍ୟକ୍ତିର ବାସନକୁସନ ଏବଂ କପପ୍ଲେଟ ବ୍ୟବହାର କଲେ
- ଗୋଟିଏ ସ୍ଥାନରେ କାର୍ଯ୍ୟ କଲେ
- ଗୋଟିଏ ସ୍ଥାନରେ ଖେଳିଲେ
- ଗୋଟିଏ ସ୍ଥାନରେ ଏକାଠି ବସିଲେ ବା ଖେଳିଲେ
- ଖାଦ୍ୟ ପଦାର୍ଥ ଓ ଲୁଗାପଟା ବ୍ୟବହାର କଲେ
- ଚୁମ୍ବନ ଦେଲେ ବା ଗେଲ କଲେ ବା କୋଳା କୋଳି ହେଲେ
- ଗୋଟିଏ ଘରେ ଶୋଇଲେ
- ଗୋଟିଏ ପାଇଖାନା, ଗାଧୁଆଘର ଏବଂ ସୁଇମିଙ୍ଗ ପୁଲ ବ୍ୟବହାର କଲେ
- ଏକାଠି ହସାହସି ହେଲେ ।

### ତୁମ ପାଇଁ କାମ ୨୧.୫

ବିଜ୍ଞାପନ, ବ୍ୟାନର ଏବଂ ପୋଷ୍ଟର ଦ୍ୱାରା HIV / AIDS ବିଷୟରେ ଦିଆଯାଉଥିବା ତଥ୍ୟ ଗୁଡ଼ିକୁ ଦେଖ ଏବଂ ଲେଖିରଖ ।

୧. ଏଡସ୍‌ର ଚିହ୍ନ ଖୋଜି ବାହାର କର । ଏହାକୁ ଆଙ୍କ, ରଙ୍ଗ ଦିଅ ଏବଂ ତୁମ ପ୍ରାକ୍ଟିକାଲ ଖାତାରେ ଲଗାଅ ।

### ୨୧.୮. ନିରାପଦ ମାତୃତ୍ୱ

ସମସ୍ତଙ୍କ ଜୀବନ ମୂଲ୍ୟବାନ । ଗୋଟିଏ ପରିବାରରେ ସୁସ୍ଥରିହିବା ପ୍ରତ୍ୟେକ ବ୍ୟକ୍ତିର ଅଧିକାର । ତୁମେ ସୁସ୍ଥ ରହିଲେ ତୁମେ ସୁଖୀ ହୋଇପାରିବ । ସାଧାରଣତଃ ଘରେ ରଖିବା । ସମସ୍ତଙ୍କ ପାଇଁ ରୋଷେଇ କରିବା ଘରକୁ ପରିଷ୍କାର ପରିଚ୍ଛିନ୍ନ ରଖିବା ଇତ୍ୟାଦି ପାଇଁ ଦାୟୀକିଏ ? ଏହା ପରିବାରର ଜଣେ ସ୍ତ୍ରୀ ଲୋକ ହୋଇଥାଏ । ତାଙ୍କୁ ପରିବାରର ଅନ୍ୟ ଲୋକମାନେ ଏହି କାମରେ ସାହାଯ୍ୟ କରିପାରନ୍ତି ବା ନ କରି ପାରନ୍ତି, ସାଧାରଣତଃ କର୍ମଜୀବି ମହିଳା, ଅସୁସ୍ଥ ଏବଂ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଘରର ପ୍ରତ୍ୟେକ ସଦସ୍ୟ ଦୈନିକ ଘରୋଇ କାର୍ଯ୍ୟରେ ସହଯୋଗ କରିବା ଉଚିତ ।



ଚିତ୍ର ୨୧.୬



ମନ୍ତବ୍ୟ (Notes)



## ନିରାପଦ ମାତୃତ୍ୱ

ଗର୍ଭାବସ୍ଥା ଏବଂ ଶିଶୁ ଜନ୍ମ ସମୟରେ ମାତୃ ମୃତ୍ୟୁହାର ଏବଂ ଅସୁସ୍ଥତା କମାଇବା ପାଇଁ ନିରାପଦ ମାତୃତ୍ୱ ଅଭିଯାନ ସାରା ବିଶ୍ୱରେ ନିଆଯାଇଛି । ତୁମ ଜାଣ କି ? ଆମ ଦେଶ ବିଶ୍ୱର ଏଭଳି ଏକ ସ୍ଥାନ ଯେଉଁଠରେ ମାତୃ ମୃତ୍ୟୁହାର ସର୍ବାଧିକ । ଉତ୍ତର ଆମେରିକାରେ ୪,୦୦୦ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ମାତ୍ର ଜଣେ ମହିଳାଙ୍କର ମୃତ୍ୟୁ ଘଟିଥାଏ । ମାତ୍ର ଭାରତରେ ପ୍ରତି ୧୩୨ ଜାଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥାଏ । ଆଂଶିକ ବିକାଶ ଏହି ଅପମୃତ୍ୟୁର କାରଣ ହୋଇପାରେ କି ? ସାଧାରଣତଃ ୧୪ ରୁ ୪୫ ବର୍ଷ ବୟସରେ ମହିଳାମାନେ ଗର୍ଭଧାରଣ କରିଥାନ୍ତି ଗର୍ଭଧାରଣ ଏକ ସାଧାରଣ ପ୍ରକ୍ରିୟା । ସମସ୍ତେ ଆଶା କରିବା ଭଳି ଗର୍ଭଧାରଣ ଏବଂ ଶିଶୁଜନ୍ମ ସର୍ବଦା ସହଜ ଓ ପ୍ରାକୃତିକ ହୋଇ ନଥାଏ । ସାରା ବିଶ୍ୱରେ ପ୍ରତିବର୍ଷ ୬,୦୦୦୦୦ (ଛଅଲକ୍ଷ) ମହିଳା ଗର୍ଭଧାରଣ ଓ ଶିଶୁଜନ୍ମ ଜନିତ ସମସ୍ୟା ଯୋଗୁଁ ମୃତ୍ୟୁବରଣ କରିଥାନ୍ତି, ଯାହାର ସଂଖ୍ୟା ଭାରତ ବର୍ଷରେ ପ୍ରାୟ ଏକ ଲକ୍ଷ । ଏହି ସଂଖ୍ୟା ଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ସ୍ତ୍ରୀଲୋକ କିଛି ସ୍ଥାୟୀ ଆଘାତର ଶିକାର ହୋଇଥାନ୍ତି । ନିରାପଦ ମାତୃତ୍ୱ, ମାତୃ ମୃତ୍ୟୁହାର ଏବଂ ଶିଶୁ ମୃତ୍ୟୁ ହାର ଏବଂ ଅସୁସ୍ଥତା କମାଇବା ପାଇଁ ଶିକ୍ଷା ଦେଇଥାଏ ।

### ନିରାପଦ ମାତୃତ୍ୱ ପାଇଁ ମହିଳାମାନେ ନିମ୍ନଲିଖିତ ବିଷୟ ଗୁଡିକ ପ୍ରତି ଧ୍ୟାନ ଦେବା ଉଚିତ

(i) ପ୍ରାକ୍ ବା ବିଳମ୍ବ ଗର୍ଭଧାରଣକୁ ବାରଣ କର । ୧୮ ବର୍ଷ ପୂର୍ବରୁ ଏବଂ ୩୫ରୁ ୩୭ ବର୍ଷ ପରେ ଗର୍ଭଧାରଣ ମା' ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟପାଇଁ ନିରାପଦ ନୁହେଁ ।


(ii) ପରିବାର ନିୟୋଜନ ଯୋଜନା - ଏହାର ଅର୍ଥ ହେଲା, ଦୁଇଟି ଗର୍ଭଧାରଣ ମଧ୍ୟରେ ଅତିକମ୍‌ରେ ଦୁଇବର୍ଷର ବ୍ୟବଧାନ ରହିବା ଉଚିତ । ଯାହାଫଳରେ ମା'ର ଶରୀର ପୁନଶ୍ଚ ଗର୍ଭଧାରଣ ପାଇଁ ଉପଯୁକ୍ତ ହୋଇପାରିବ । ଶିଶୁଟି ମଧ୍ୟ ଏହି ସମୟରେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଓ ଯତ୍ନ ପାଇ ପାରିବା ପରିବାର ନିୟୋଜର ଅର୍ଥ ହେଲା ଦୁଇ ବା ତିନୋଟି ଶିଶୁ ମଧ୍ୟରେ ସୀମିତ ରଖିବା ।

ପରିବାର ନିୟୋଜନ ପାଇଁ ନିମ୍ନଲିଖିତ ଯେକୌଣସି ପଦ୍ଧତି ବ୍ୟବହାର କରାଯାଇ ପାରିବ । ଏହାକୁ ଗର୍ଭନିରୋଧ ପଦ୍ଧତି କୁହାଯାଏ ।

**ପ୍ରାକୃତିକ ପଦ୍ଧତି** - ଏହି ପଦ୍ଧତିରେ ମହିଳା ମାନଙ୍କ ପାଇଁ ନିରାପଦ ସମୟ ଆସିବା ପର୍ଯ୍ୟନ୍ତ (Rhythm method) ଯୌନ ସମ୍ପର୍କକୁ ବାରଣ କରାଯାଏ ଏବଂ ସଙ୍ଗମ ସମୟରେ (ଯେତେବେଳେ ଗର୍ଭଧାରଣର ସଙ୍ଗେ ସଙ୍ଗେ ସମ୍ଭାବନା ଥାଏ) ବୀର୍ଯ୍ୟ ସ୍ଖଳନ ହେବା ପୂର୍ବରୁ 'ଲିଙ୍ଗ'କୁ ଯୋନି ମଧ୍ୟରୁ ଅପସାରଣ କରାଯାଏ । ଏହି ପଦ୍ଧତି ନିରାପଦ ନୁହେଁ କାରଣ ଏହାଦ୍ୱାରା ବେଳେ ବେଳେ ଅବାଞ୍ଛିତ ଗର୍ଭଧାରଣ ହୋଇଥାଏ । ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ, ଡ଼ାକ୍ତରଙ୍କ ପରାମର୍ଶ ନେଇ ନିରାପଦ ସମୟ ସ୍ଥିର କରାଯାଇପାରିବ ।

**କୃତ୍ରିମ ପଦ୍ଧତି - ପୁରୁଷ ମାନଙ୍କ ଦ୍ୱାରା ବ୍ୟବହୃତ:-**

**କଣ୍ଡୋମ୍ : (ପତଳା ରବର ନଳୀ) -** ସଙ୍ଗମ ସମୟରେ ଏହା ଲିଙ୍ଗକୁ ଆବୃତ୍ତ କରି ରଖେ ଏବଂ ସ୍ଖଳିତ ବୀର୍ଯ୍ୟ କୁ ଯୋନି ମଧ୍ୟକୁ ପ୍ରବେଶ କରିବାକୁ ଦିଏ ନାହିଁ ସମସ୍ତ ଔଷଧ ଦୋକାରେ 'କଣ୍ଡୋମ୍' ମିଳେ ।





– **ସ୍ତ୍ରୀ ଲୋକଙ୍କ ଦ୍ୱାରା ବ୍ୟବହୃତ:- I.U.D** – ଏହା ଏକ ଆନ୍ତଃ ଗର୍ଭାଶୟ ସାଧନ ବା ମଧ୍ୟଛଦ ଅଟେ ଯାହାକୁ ଜଣେ ଡ଼ାକ୍ତରଙ୍କ ସହାୟତାରେ ଯୋନି ମଧ୍ୟରେ ସ୍ଥାପନ କରାଯାଏ । ଏହା ଅବାଞ୍ଛିତ ଗର୍ଭଧାରଣରୁ ରକ୍ଷାକରେ । I.U.D. କୁ ସାଧାରଣତଃ 'କପଟ ଟି' ବୋଲି କୁହାଯାଏ ।

– **ରାସାୟନିକ ପଦ୍ଧତି :** ଏହା ବୀର୍ଯ୍ୟ କ୍ଷୟକାରୀ ଜେଲି ବା କ୍ରୀମ୍ ଅଟେ, ଯାହାକୁ ସ୍ତ୍ରୀ ଯୋନିରେ ପ୍ରୟୋଗ କରାଯାଏ । ଏହା ଗର୍ଭ ନିରୋଧକ ବଟିକା ରୂପରେ ମଧ୍ୟ ମିଳେ, ଯାହାକୁ ସ୍ତ୍ରୀଲୋକମାନେ ଦୈନିକ ଗୋଟିଏ ବ୍ୟବହାର କରିପାରନ୍ତି ।

– **ଯାନ୍ତ୍ରିକ ପଦ୍ଧତି** : – ଏହାକୁ ବନ୍ଧ୍ୟାକରଣ ପଦ୍ଧତି କୁହାଯାଏ । ଏହା ସ୍ଥାୟୀ ବନ୍ଧ୍ୟାକରଣ ପଦ୍ଧତି ଅଟେ ପୁରୁଷ ବନ୍ଧ୍ୟାକରଣ (ଭାସେକ୍‌ଟୋମି) ପଦ୍ଧତିରେ ବୀର୍ଯ୍ୟବାହୀ ନାଳୀକୁ କାଟିଦିଆଯାଏ ଓ ଦୁଇପଟ ମୁହଁକୁ ବାନ୍ଧି ଦିଆଯାଏ, ସ୍ତ୍ରୀ ବନ୍ଧ୍ୟାକରଣ ପଦ୍ଧତିରେ (ଟ୍ୟୁବ୍‌କ୍ ଟୋମି) ଗର୍ଭବାହୀ ନଳୀ କୁ କାଟି ଦିଆଯାଏ ଓ ଦୁଇପଟ ମୁଣ୍ଡକୁ ଯୋଡିଦିଆଯାଏ ।

(iii) **ଗର୍ଭାବସ୍ଥାରେ ଯତ୍ନ** : ଗର୍ଭାବସ୍ଥା ପ୍ରସବ ଓ ଶିଶୁ ଜନ୍ମ ସମୟରେ ଜଣେ ମହିଳାଙ୍କର ପର୍ଯ୍ୟାପ୍ତ ଯତ୍ନ, ଘରର ସମସ୍ତ ସଦସ୍ୟ ନେବା ଉଚିତ୍ ନିରାପଦ ମାତୃତ୍ୱ ପାଇଁ ନିମ୍ନଲିଖିତ ସତର୍କତା ଗୁଡିକୁ ନିଆଯିବା ଉଚିତ୍ ।

**ନିରାପଦ ମାତୃତ୍ୱ ପାଇଁ ସାବଧାନତା**

– ଗର୍ଭଧାରଣ ସମୟରେ ଜଣେ ଶିକ୍ଷିତା ନର୍ସ୍ / ଡାକ୍ତର ଙ୍କ ସହାୟତା ନିହାତି ନିଆଯିବା ଉଚିତ ଏବଂ କେଉଁ ପ୍ରକାର ପ୍ରସବ କରାଯିବ ତା' ପାଇଁ ପ୍ରସ୍ତୁତି କରଯିବା ଉଚିତ ।

– ସ୍ୱାଭାବିକ ପ୍ରସବ ସମୟରେ ଜଣେ କୁଶଳୀ ବ୍ୟକ୍ତିଙ୍କର ଉପସ୍ଥିତି ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଗର୍ଭବତୀ ସ୍ତ୍ରୀଲୋକଟିକୁ କେତେବେଳେ ଡାକ୍ତରଖାନାକୁ ନିଆଯିବ ତାହା ସେ ଜାଣିବା ଉଚିତ କାରଣ ତା' ପାଇଁ ଅସ୍ତ୍ରୋପଚାର ଏବଂ ରକ୍ତର ଆବଶ୍ୟକତା ପଡିପାରେ ।

– ନବଜାତ ଶିଶୁକୁ ପରିଷ୍କାର ରଖାଯିବା ଉଚିତ । ନାଭିନାଡକୁ ଠିକ୍ ଭାବରେ କାଟି ବନ୍ଧାଯିବା ଉଚିତ ଏବଂ ପରିଷ୍କାର ରଖାଯିବା ଯାହା ଦ୍ୱାରା କି ଜୀବାଣୁ ଏହା ମଧ୍ୟରେ ପ୍ରବେଶ କରିପାରିବେ ନାହିଁ ।

– ଶିଶୁଟି ଜନ୍ମ ହେବା ସଙ୍ଗେ ସଙ୍ଗେ ସ୍ତନ୍ୟପାନ ଆରମ୍ଭ କରାଯିବା ଉଚିତ୍ କାରଣ ପ୍ରଥମ ମା'କ୍ଷୀର ଶିଶୁକୁ ପ୍ରାକୃତିକ ରୋଗପ୍ରତିରୋଧକ ଶକ୍ତି ଯୋଗାଇ ଥାଏ । ମଇଳା ବୋତଲ ଶିଶୁ ପାଇଁ ରୋଗ ସଂକ୍ରମଣ କିମ୍ବା ପତଳା ଝାଡାର କାରଣ ହୋଇପାରେ ।

**୨୧.୭ ପାଠଗତ ପ୍ରଶ୍ନ:**

୧. ନିମ୍ନଲିଖିତ ଗୁଡିକ ମଧ୍ୟରୁ ଯେଉଁ ଗୁଡିକ HIV ସଂକ୍ରମଣରେ ସାହାଯ୍ୟ କରେ ନାହିଁ, ସେଗୁଡ଼ିକୁ ଭୁଲ୍ ଚିହ୍ନ ଦିଅ ।

(i) ରକ୍ତ, ବୀର୍ଯ୍ୟ ଓ ଯୋନିସ୍ରାବ

(ii) ସଂକ୍ରମିତ ବ୍ୟକ୍ତିଙ୍କ ସହ ହାତ ମିଳାଇଲେ

(iii) ଛୁଞ୍ଚି ବା ବ୍ଲେଡ୍ ଦ୍ୱାରା ଚମ ଫୁଟାଇଲେ ବା କାଟିଲେ

(iv) ଜନ୍ମ ସମୟରେ ବା ଜନ୍ମ ପୂର୍ବରୁ 'ମା' ଠାରୁ ଛୁଆକୁ ସଂକ୍ରମିତ ହେବା ।

(v) ସଂକ୍ରମିତ ବ୍ୟକ୍ତି ଶୋଉଥିବା ଘରେ ଶୋଇଲେ ।

(vi) ସଂକ୍ରମିତ ବ୍ୟକ୍ତିକୁ ଚୁମ୍ବନ ଦେଲେ ବା ଗେଲ କଲେ

(vii) ସଂକ୍ରମିତ ବ୍ୟକ୍ତିଠାରୁ ରକ୍ତ ଆଣି ରକ୍ତଦାନ କଲେ

(viii) ସଂକ୍ରମିତ ବ୍ୟକ୍ତିଙ୍କ ସହିତ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବା

(ix) ସଂକ୍ରମିତ ବ୍ୟକ୍ତିଙ୍କର ଲୁଗାପଟା ବ୍ୟବହାର କରିବା

(x) ସଂକ୍ରମିତ ବ୍ୟକ୍ତି ସହିତ ଖେଳିଲେ ।

୨. ଦିଆଯାଇଥିବା ବିକଳ୍ପ ଗୁଡିକ ମଧ୍ୟରୁ ସବୁଠାରୁ ସଠିକ୍ ଉତ୍ତରଟି ବାଛି ଦିଆଯାଇଥିବା ବାକ୍ୟଟିକୁ ପୂରଣ କର ।

(i) ସଂକ୍ରମିତ ବ୍ୟକ୍ତିର ରକ୍ତରେ HIV ଭୂତାଣୁରେ ଆଣ୍ଟିବଡି କେତେ ସମୟରେ ତିଆରି ହୋଇଥାଏ ?

(କ) ୩ ମାସ (ଖ) ଦୁଇସପ୍ତାହ

(ଗ) ୨ ସପ୍ତାହରୁ ୩ ମାସ (୪) ୩ ସପ୍ତାହରୁ ୧୦ ବର୍ଷ

(ii) H.I.V. ପଜିଟିଭ୍ ବ୍ୟକ୍ତି ଠାରେ, AIDS ରୋଗର ଲକ୍ଷଣ କେତେ ସମୟରେ ଦେଖାଯାଏ ?

(କ) ଦୁଇ ସପ୍ତାହ (ଖ) ତିନି ମାସ

(ଗ) ୩ ରୁ ୪ମାସ (ଘ) ୧୦ ବର୍ଷ

(iii) ଜଣେ ବ୍ୟାକ୍ତି HIV ପଜିଟିଭ୍ ବୋଲି ନିଶ୍ଚିତ କୁହାଯାଇ ପାରିବ ଯଦି

(କ) ତାର ଓଜନ ଅତ୍ୟଧିକ କମିଯାଏ

(ଖ) ଅନେକ ସପ୍ତାହ ଧରି ଜ୍ୱର ଲାଗିରହେ

(ଗ) ଲଗାତାର ପତଳା ଝାଡ଼ା ହୁଏ

(ଘ) ରକ୍ତରେ ଆଣ୍ଟିବଡି ସୃଷ୍ଟି ହୁଏ

(iv) AIDS, HIV ରୁ ସୃଷ୍ଟି ଯାହାକି

(କ) ଶରୀର ର ରୋଗପ୍ରତିଷେଧକ ଶକ୍ତି କୁ ନଷ୍ଟ କରିଦିଏ

(ଖ) ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ନଷ୍ଟ କରିଦିଏ

(ଗ) ବ୍ୟକ୍ତିର ଶରୀରରେ ରକ୍ତ ତିଆରି ହେବା କ୍ଷମତା ନଷ୍ଟ ହୋଇଯାଏ

(ଘ) ଜଣେ ବ୍ୟକ୍ତିର ରକ୍ତରେ ଆଣ୍ଟିବଡି ତିଆରି ହେବା ପ୍ରକ୍ରିୟା ନଷ୍ଟ ହୋଇଯାଏ ।



ମନ୍ତବ୍ୟ (Notes)

(v) ନିରାପଦ ମାତୃତ୍ୱ ଅର୍ଥ

(କ) ମାତୃ ମୃତ୍ୟୁହାର କିମ୍ବା ଅସୁସ୍ଥତା କମାଇବା

(ଖ) ଗୋଟିଏ ଜୀବନ୍ତ ଶିଶୁକୁ ଜନ୍ମ ଦେବା

(ଗ) ସୁସ୍ଥ ଶିଶୁଙ୍କୁ ବଢାଇବା

(ଘ) 'ମା' ସ୍ୱାସ୍ଥ୍ୟର ଯତ୍ନ ନେବା ।

(iv) ନିମ୍ନଲିଖିତ ମଧ୍ୟରୁ କେଉଁଟି ନିରାପଦ ମାତୃତ୍ୱ ପାଇଁ ପୂର୍ବ ସତର୍କତା ନୁହେଁ ?

(କ) ଗର୍ଭଧାରଣ ବେଳେ ପ୍ରଶିକ୍ଷିତ ଧାଇ କିମ୍ବା ଡ଼ାକ୍ତରଙ୍କ ସହ ପରାମର୍ଶ କରିବା

(ଖ) ପ୍ରସବ ସମୟରେ ଜଣେ କୁଶଳୀ ବ୍ୟକ୍ତି ଉପସ୍ଥିତ ରହିବା

(ଗ) ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରିବା

(ଘ) ନାଭି ନାଡ଼କୁ ନିରାପଦ ଭାବେ କାଟିବା ଓ ବାନ୍ଧିବା

୩. **AIDS ଏବଂ HIV ର ବିସ୍ତାର କର**

........................................................................................................

........................................................................................................

**ତୁମେ କଣ ଶିଖିଲ ?**

ଶିଶୁର ବିକାଶରେ ସ୍ୱତନ୍ତ୍ର ସମସ୍ୟା

| | | | | | | | |
|---|---|---|---|---|---|---|---|
| କନ୍ୟା ସନ୍ତାନମାନଙ୍କ ବିରୁଦ୍ଧରେ ପକ୍ଷପାତିକା | ବାଳ ଅପରାଧର କାରଣ | ଶିଶୁ ଶ୍ରମିକ ପ୍ରଥାର କାରଣ ଏବଂ ପ୍ରଭାବ | ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଶିଶୁ | ଶାରୀରିକ ବିକଳାଙ୍ଗ ଶିଶୁଙ୍କ ସମସ୍ୟା | ମାନସିକ ବିକୃତି | ଏଚ୍.ଆଇ.ଭି. (HIV) ଓ ଏଡ୍ସ୍ (AIDS) | ନିରାପଦ ମାତୃତ୍ୱ |
| ଶିକ୍ଷା କିଭଳି ସେମାନଙ୍କୁ ସାହାଯ୍ୟ କରିପାରିବ | ସଂଶୋଧନ ଓ ପ୍ରତିକାର ପ୍ରକ୍ରିୟା | ଶିଶୁ ଶ୍ରମିକଙ୍କୁ ସାହାଯ୍ୟ | ସେମାନଙ୍କ ସମସ୍ୟା ହ୍ରାସ ପାଇଁ ଉଦ୍ୟମ | କିଭଳି ସାହାଯ୍ୟ କରାଯାଇ ପାରିବ | କିଭଳି ସାହାଯ୍ୟ କରାଯାଇ ପାରିବ | କାରଣ ପ୍ରଚଳିତ କଥା ଏବଂ ଭ୍ରାନ୍ତ ଧାରଣା | ସତର୍କତା |

**ପାଠାନ୍ତ ପ୍ରଶ୍ନ :-**

୧. କନ୍ୟା ସନ୍ତାନ ମାନଙ୍କ ବିରୁଦ୍ଧରେ ହେଉଥିବା ବିଭିନ୍ନ ପକ୍ଷପାତିତା ର ତାଲିକା କର ସେଥିରୁ ଯେ କୌଣସି ଗୋଟିଏ ର ବିଶଦ ଆଲୋଚନା କର ।

୨. କନ୍ୟା ସନ୍ତାନ ମାନଙ୍କ ପ୍ରତିଷ୍ଠା ବୃଦ୍ଧି ପାଇଁ, ଶିକ୍ଷାର କଣ ଭୂମିକା ତାହା ଆଲୋଚନା କର ।

୩. ବାଳ ଅପରାଧର ସଂଜ୍ଞା ଲେଖ ଏହା କାରଣ ଗୁଡିକ ବର୍ଣ୍ଣନା କର ।

୪. ବାଳ ଅପରାଧ ସମସ୍ୟାର ସମାଧାନ ନିମେନ୍ତ କଣ କଣ ପ୍ରତିଷେଧକ ବ୍ୟବସ୍ଥା ନିଆଯାଇପାରିବ ?

୫. ଶିଶୁ ଶ୍ରମିକର ସଂଜ୍ଞା ଲେଖ ଓ ଏହାର କାରଣ ଗୁଡ଼ିକ ବର୍ଣ୍ଣନା କର

୬. ଶିଶୁ ଶ୍ରମିକର ପରିଣତି ବିଷୟରେ ଆଲୋକପାତ କର ।

୭. ଶିଶୁ ଶ୍ରମିକ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ଉପାୟ ଗୁଡ଼ିକ ବର୍ଣ୍ଣନା କର ।

୮. ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଶିଶୁର ସଜ୍ଞାଲେଖ ଏବଂ ସେମାନଙ୍କ ସମସ୍ୟା ଦୂରୀକରଣ ନିମନ୍ତେ କିଛି ଉପାୟ ବର୍ଣ୍ଣନା କର ।

୯. ଶିଶୁ ମାନଙ୍କ ଠାରେ ଦେଖାଯାଉଥିବା କେତେକ ବୃହତ୍ ଶାରୀରିକ ଅକ୍ଷମତା ବିଷୟରେ ବର୍ଣ୍ଣନା କର ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ଆଲୋଚନା କର ।

୧୦. ଶାରୀରୀକ ଅକ୍ଷମ ଶିଶୁ ମାନଙ୍କୁ କିଭଳି ତୁମେ ସାହାଯ୍ୟ କରିପାରିବ, ତାର କିଛି ଉପାୟ ଲେଖ ।

୧୧. ମାନସିକ ବିକୃତିର ସଂଜ୍ଞାଲେଖ ଏବଂ ସେମାନଙ୍କୁ କିଭଳି ସାହାଯ୍ୟ କରାଯାଇ ପାରିବ ଆଲୋଚନା କର ।

୧୨. ଏଡ୍‌ସ୍ (AIDS) ଓ ଏଚ୍ ଆଇ ଭି (HIV) ର ସଂଜ୍ଞା ଲେଖ ?

୧୩. ଏଡ଼ସ ସମ୍ବନ୍ଧରେ ଚଳୁଥିବା ପ୍ରଚଳିତ କଥା ଓ ଭ୍ରାନ୍ତଧାରଣା କଣ ?

୧୪. ନିରାପଦ ମାତୃତ୍ୱ ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

## ପାଠଗତ ପ୍ରଶ୍ନର ଉତ୍ତର

୨୧.୧ - ପଠିତ ପାଠ୍ୟର ସାହାଯ୍ୟ ନିଅ

୨୧.୨ - ପଠିତ ପାଠ୍ୟର ସାହାଯ୍ୟ ନିଅ

୨୧.୩ - ପଠିତ ପାଠ୍ୟର ସାହାଯ୍ୟ ନିଅ

୨୧.୪ (i) ପଢାଅ (ii) ଖେଳନା, କଣ୍ଢେଇ (iii) ବହି ହାସ୍ୟରସାତ୍ମକ (iv) ଦକ୍ଷତା (v) ସ୍ୱାସ୍ଥ୍ୟରକ୍ଷା (vi) ଶୀକ୍ଷଣୀୟ (vii) ପୁଷ୍ଟିକର (viii) ହସ୍ତଶିଳ୍ପ (ix) ନୀତିଶିକ୍ଷା (x) ବିଦ୍ୟାୟଳ

୨୧.୫ - ୧. (ଘ) ୨. (ଗ)
୩. (ଖ) ୪. (ଖ)
୫. (ଖ)

୨୧.୬ - ୧. (ଘ) ୨ (ଘ) ୩. (ଙ)

୨୧.୭ - ପଠିତ ପାଠ୍ୟର ସାହାଯ୍ୟ ନିଅ

AUDIO : - Missing Girl Child in India

VIDEO : - Agle Janam mohe bitiya nakijo / Aparna ka Janam

# ୨୨

# ବସ୍ତ୍ରବିଜ୍ଞାନ ଉପକ୍ରମଣିକା

ଖାଦ୍ୟ ଏବଂ ବାସସ୍ଥାନ ପରେ ପୋଷାକ ମଧ୍ୟ ଜରୁରୀ । ଶରୀରକୁ ଢାଙ୍କିବା, ନିରାପତ୍ତା ଦେବା ଏବଂ ସ୍ଥଳ ବିଶେଷରେ ନିଜକୁ ସଜାଇବା ପାଇଁ ତୁମେ ପୋଷାକକୁ ବ୍ୟବହାର କରିଥାଅ । ତୁମେ ନିଶ୍ଚୟ ଭିନ୍ନ ଭିନ୍ନ ସ୍ଥିତିରେ ଭିନ୍ନ ଭିନ୍ନ ପ୍ରକାର ପୋଷାକ ବ୍ୟବହାର କରୁଥିବ; ଯେପରିକି ନିତିଦିନିଆ, କାର୍ଯ୍ୟାଳୟ ଉପଯୋଗୀ, ଉତ୍ସବପୋଷାକ, ରାତ୍ରିପୋଷାକ ଇତ୍ୟାଦି ।

ପୋଷାକଗୁଡ଼ିକ ବୁଣାଯାଇଥିବା କପଡ଼ାରୁ ତିଆରି ହୋଇଥାଏ ଏବଂ ଆଜିକାଲି ଅନେକ ପ୍ରକାରର ବୁଣାଯାଇଥିବା କପଡ଼ା ବଜାରରେ ମିଳୁଅଛି । ତୁମେ ଜାଣିଛ କି ଏହି କପଡ଼ା ଗୁଡ଼ିକ କେଉଁଥିରୁ ଓ କିପରି ତିଆରି କରାଯାଇଛି ? ସେଗୁଡ଼ିକ କିପରି ଏତେ ଭିନ୍ନ ଭିନ୍ନ ପ୍ରକାରରେ ମିଳିପାରୁଛି ? ସେଗୁଡ଼ିକ ମଧ୍ୟରେ କେତେଗୁଡ଼ିଏ କାହିଁକି ଅନ୍ୟମାନଙ୍କ ଠାରୁ ଚକ୍ ଚକ୍ କରୁଛି ? କେତେକ ପୋଷାକ ଅନ୍ୟମାନଙ୍କ ତୁଳନାରେ ହାଲୁକା ଲାଗୁଛି ଏବଂ ଅନ୍ୟଗୁଡ଼ିକ କାହିଁକି ଭାରୀ ଲାଗୁଛି ? ଏହିସବୁ ତୁମେ ଜାଣିଛ କି ? ଏହି ଅଧ୍ୟାୟରେ ତୁମେ ଏହିସବୁ ପ୍ରଶ୍ନର ଉତ୍ତର ପାଇପାରିବ ଏବଂ ଆହୁରି ଅଧିକ ଏ ସମ୍ପର୍କୀୟ ପ୍ରଶ୍ନ ଏବଂ ତାର ଉତ୍ତର ମଧ୍ୟ ଜାଣିପାରିବ ।

## ଉଦ୍ଦେଶ୍ୟ / ଲକ୍ଷ୍ୟ :

ଏହି ପାଠ୍ୟକ୍ରମଟି ପଢ଼ିବା ପରେ ତୁମେ ନିମ୍ନଲିଖିତ ତଥ୍ୟକୁ ବୁଝି ପାରିବା ପାଇଁ ସକ୍ଷମ ହେବ ।

- ❖ ବସ୍ତ୍ର ବିଜ୍ଞାନର ଅର୍ଥ ଜାଣିବା ଏବଂ ଏହାର ପରିସର ବୃଦ୍ଧିକୁ ପ୍ରତିପାଦନ କରିବା ।
- ❖ ବସ୍ତ୍ରବିଜ୍ଞାନର ଅର୍ଥକୁ ଜାଣିବା ଏବଂ ତାହାର ମୂଳତତ୍ତ୍ୱ ଦୀର୍ଘତା ଅନୁସାରେ ଶ୍ରେଣୀଭୁକ୍ତ କରିବା ।
- ❖ ବିଭିନ୍ନ ପ୍ରକାରର ବସ୍ତ୍ରର ପ୍ରକୃତି / ଧର୍ମ ଏବଂ ଉପଯୋଗୀତା ସମ୍ବନ୍ଧରେ ଜାଣିବା ।
- ❖ ଜୈବିକ ପରୀକ୍ଷା ଦ୍ୱାରା ବସ୍ତ୍ରକୁ ଚିହ୍ନିତ କରିବା / ଜାଣିବା ।

## ୨୨.୧ : ବସ୍ତ୍ର ବିଜ୍ଞାନର ପରିସର ବାଖ୍ୟା

ତୁମେ ରହୁଥିବା ଘରେ ତୁମର ଚାରିପାଖକୁ ଅନାଅ ଏବଂ ଚାରିପାଖରେ ଥିବା ବସ୍ତୁ ବା ପୋଷାକ ଉପରେ ତୁମର ନଜରକୁ କେନ୍ଦ୍ରୀଭୂତ କର । ତୁମେ ଜାଣି ପାରିବ ଯେ ବସ୍ତୁକୁ ତୁମେ କେବଳ

ପୋଷାକ ହିସାବରେ ବ୍ୟବହାର କରୁନାହଁ, ବରଂ ତା'ଉପରେ ମଧ୍ୟ ବସୁଛ, ପ୍ରବେଶ ଦ୍ୱାରର ପରଦା କାନ୍ଥରେ କାନ୍ଥର ସୌନ୍ଦର୍ଯ୍ୟ ବୃଦ୍ଧି କରିବାପାଇଁ କାନ୍ଥ ଝୁଲଣା ଇତ୍ୟାଦିରେ ମଧ୍ୟ ବ୍ୟବହାର କରୁଛ ।

ମନ୍ତବ୍ୟ (Notes)

ଏଥିରୁ ଜଣାଯାଏ ଯେ ବସ୍ତ୍ର କେବଳ ପୋଷାକରେ ବ୍ୟବହୃତ ନହୋଇ ଘରେ ଓ ବାହାରେ ଆହୁରି ଅଧିକ ବ୍ୟବହାର ସମ୍ପର୍କରେ ତୁମେ କି ଭାବିପାରୁଛ କି ? ହୁଏତ ନିଶ୍ଚୟ ତୁମେ ଠିକ୍ ଭାବିପାରୁଚ । ଘରେ ବସ୍ତ୍ରର ଆହୁରି ଅନେକ ପ୍ରକାରର ବ୍ୟବହାର କରାଯାଇଥାଏ, ଯେପରିକି ରୋଷେଇ ଘରେ ହାତପୋଛା, ଗାଧୁଆ ଘରେ ତଉଲିଆ, ଖଟ ଉପରେ ବିଛଣା ଚଦର, ସୋଫା ଉପରେ ସୋଫାର ଘୋଡ଼ଣି ଏବଂ ଚଟାଣ ଉପରେ କାରପେଟ୍ ଇତ୍ୟାଦି । ଏତଦ୍ ବ୍ୟତୀତ ବସ୍ତ୍ର ମଧ୍ୟ ଉଦ୍ୟୋଗ କ୍ଷେତ୍ରରେ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ମୋଟର ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

**ବସ୍ତ୍ର କାହାକୁ କୁହାଯାଏ / ବସ୍ତ୍ର କ'ଣ ?**

ପୋଷାକର ଯେ କୌଣସି ଅଙ୍ଗକୁ ବସ୍ତ୍ର କୁହାଯାଏ ।

ବସ୍ତ୍ରର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି କୋଣ ଓ ଘର ଅଧ୍ୟବ୍ୟବସାୟକୁ ବସ୍ତ୍ର ବିଜ୍ଞାନ କୁହାଯାଏ ଏବଂ ଏହା ବିଭିନ୍ନ ଅବସ୍ଥାରେ ବସ୍ତ୍ରର ବ୍ୟବହାରକୁ ବର୍ଣ୍ଣନା କରିଥାଏ । ତୁମେ ଅନୁଭବ କରିଥିବ ଯେ ବିଭିନ୍ନ ପ୍ରକାରର ବସ୍ତ୍ର କେବଳ ଯେ ଦେଖିବାକୁ ଅଲଗା ତାହା ନୁହେଁ ବରଂ ସେମାନଙ୍କର ଗୁଣ, ବ୍ୟବହାର ଏବଂ ବ୍ୟବହାରିକ ଯତ୍ନ ମଧ୍ୟ ଅଲଗା ଅଟେ । ରେଶମ ବସ୍ତ୍ର ଚିକ୍କଣ ଏବଂ ଉଜ୍ଜ୍ୱଳ କାର୍ପାସ ବସ୍ତ୍ର ଚିକ୍କଣ କିନ୍ତୁ କମ୍ ଉଜ୍ଜ୍ୱଳ ଅଟେ । ପଶମ, ଖଦଡ଼ିଆ ଅଟେ, କିନ୍ତୁ ଏହା ତୁମକୁ ଗରମ ରଖେ ଏବଂ କାର୍ପାସ୍ ବସ୍ତ୍ର ପିନ୍ଧିବା ପାଇଁ ଶୀତଳ ଅଟେ । କାର୍ପାସ ବସ୍ତ୍ର ସହଜରେ ଧୁଆଯାଇପାରେ କିନ୍ତୁ ପିନ୍ଧିବା ପୂର୍ବରୁ ଠିକ୍ ଦେଖାଯିବା ପାଇଁ ଇସ୍ତ୍ରୀ କରିବା ଆବଶ୍ୟକ । ନାଇଲନ ଓ ପଲିଷ୍ଟର ବସ୍ତ୍ର ଖୁବ୍ ସହଜରେ ଧୁଆଯାଇପାରେ ଏବଂ ପ୍ରାୟତଃ ଧୋଇବା ପରେ ଇସ୍ତ୍ରୀ କରିବା ଆବଶ୍ୟକ ହୋଇନଥାଏ । ରେଶମକୁ ଶୁଷ୍କ ପଦ୍ଧତି ବା ମୃଦୁ ସାବୁନ ଦ୍ୱାରା ଧୁଆଯାଇଥାଏ । ଏହିପରି ଅନେକ ବସ୍ତ୍ର ସମ୍ବନ୍ଧୀୟ ତଥ୍ୟ ବସ୍ତ୍ର ବିଜ୍ଞାନରେ ବର୍ଣ୍ଣନା କରାଯାଇଛି । ଆଜିକାଲି ବଜାରରେ ବିଭିନ୍ନ ପ୍ରକାରର ବସ୍ତ୍ର, ସବୁ ପ୍ରକାର ରଙ୍ଗ, ଆକୃତି ଏବଂ ଡିଜାଇନ୍‌ରେ ଉପଲବ୍ଧ ହେଉଛି । ସେମାନଙ୍କର ମୂଲ୍ୟ ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ହେଉଛି । ଜଣେ ବୁଦ୍ଧିମାନ ଗ୍ରାହକ ହେବାପାଇଁ ବସ୍ତ୍ର ବିଜ୍ଞାନର ଜ୍ଞାନ ଜରୁରୀ ଅଟେ । କାରଣ ଏହା ବସ୍ତ୍ରକୁ ଉତ୍ତମ ରୂପେ ଜାଣିବାପାଇଁ ସାହାଯ୍ୟ କରିଥାଏ ।

## ୨୨.୨ : ତନ୍ତୁ

କ'ଣ ତୁମେ କେବେ ଭାବିଛ କି ? ବସ୍ତ୍ର କିପରି ତିଆରି ହୋଇଥାଏ । ଚିନ୍ତାକରି କହିଲ କୌଣସି ଗୋଟିଏ ବସ୍ତ୍ରରୁ ସୂତାଟିଏ ଟାଣି ବାହାର କରି ଏହାକୁ ଖୋଲି ଦେଖ । ତୁମେ ଦେଖିବ ଯେ ଏହି ସୂତାରେ ଆହୁରି ପତଳା ସରୁ ସରୁ କେଶ ପରି ସୂତା ଏକାଠି ମୋଡ଼ି ହୋଇ ରହିଛି । ଏହି ପତଳା ସରୁ ସରୁ କେଶ ପରି ସୂତାଳୁ ତନ୍ତୁ କୁହାଯାଏ । ଅନ୍ୟ ଭାବରେ କହିବାକୁ ଗଲେ ତନ୍ତୁ ହିଁ ବସ୍ତ୍ରର ମୂଳ ଏକକ ।

### ୨୨.୨.୧ : ତନ୍ତୁର ଶ୍ରେଣୀ ବିଭାଗ

୧। ତନ୍ତୁ ଦୁଇ ପ୍ରକାରର ଦେଖାଯାଏ- କ୍ଷୁଦ୍ର, ଦୀର୍ଘ ଏବଂ ତନ୍ତୁର ଏହି ଦୀର୍ଘତା ଏକ ମହତ୍ୱପୂର୍ଣ୍ଣ ଗୁଣ । କ୍ଷୁଦ୍ର ତନ୍ତୁକୁ ଦେଖିବାପାଇଁ ଗୋଟିଏ ସୂତା ଗୋଲା ନେଇ ଏଥିରୁ ଏକ ସୂକ୍ଷ୍ମ ତନ୍ତୁ ଟାଣି ଦେଖ । ଜାଣିପାରିବ ଯେ ଏହା ଲମ୍ବା ଅଟେ । ଏହି କ୍ଷୁଦ୍ର ତନ୍ତୁକୁ ଓ ଦୀର୍ଘ ତନ୍ତୁକୁ ଫିଲାମେଣ୍ଟ କୁହାଯାଏ ।

୨। ତନ୍ତୁର ବର୍ଗୀକରଣ ତାହାର ଉତ୍ପତ୍ତି ନେଇ ମଧ୍ୟ କରାଯାଇଥାଏ । କିନ୍ତୁ ତନ୍ତୁ ଗଛଲତା ଜୀବଜନ୍ତୁ ଏବଂ ଖଣିଜ ଦ୍ରବ୍ୟ ପରି ପ୍ରାକୃତିକ ଉତ୍ସରୁ ମିଳିଥାଏ । ଏହି ତନ୍ତୁକୁ ପ୍ରାକୃତିକ ତନ୍ତୁ କୁହାଯାଏ । ଅନ୍ୟ ତନ୍ତୁ ଗୁଡ଼ିକ ମନୁଷ୍ୟକୃତ ।


**(କ) ପ୍ରାକୃତିକ ତନ୍ତୁ-** ଏହା ଉଦ୍ଭିଦ ତନ୍ତୁ, ଜୈବିକ ତନ୍ତୁ ଏବଂ ଖଣିଜ ତନ୍ତୁ ହୋଇପାରେ । ଆସ ସେସବୁକୁ ବିଶଦ ଭାବରେ ଜାଣିବା ।




ଚିତ୍ର. ୨୨.୧ ଉଦ୍ଭିଦ ତନ୍ତୁ-କାର୍ପାସ

(i) **ଉଦ୍ଭିଦ ତନ୍ତୁ-** ଗଛଲତାରୁ ମିଳୁଥିବା ତନ୍ତୁକୁ ଉଦ୍ଭିଦ ତନ୍ତୁ କୁହାଯାଏ ଏବଂ ଏହା ଗଛଲତାର ବିଭିନ୍ନ ଅଂଶ ଗୁଡ଼ିକରୁ ମିଳିଥାଏ । ତୁମେ ନିଶ୍ଚୟ କପା ଗଛରେ କପା ଫଳିଥିବା ଦେଖିଥିବ । ଏହି ତନ୍ତୁ ସହିତ ମଞ୍ଜି ମିଶି କରିଥାଏ । ମଞ୍ଜି କେଶର କାର୍ପାସ । ଏକ ଉଦାହରଣ : ଏହିପରି ଝୋଟ ଓ ଫ୍ଲାକ୍ସ ଉଦ୍ଭିଦର କାଣ୍ଡରୁ ଓ ସପୁରୀ ପତ୍ରରୁ ମଧ୍ୟ ତନ୍ତୁ ପାଇଥାଉ । ସେହିପରି ତନ୍ତୁ ଫଳର ବାହାର ଆବରଣରୁ ମଧ୍ୟ ମିଳିଥାଏ ଯାହା ନଡ଼ିଆର ବାହାର ଆବରଣରୁ କତା ନାମକ ଏକ ତନ୍ତୁ ପ୍ରାପ୍ତ ହୋଇଥାଏ । ସମସ୍ତ ଉଦ୍ଭିଦ ତନ୍ତୁ ସେଲୁଲୋଜ ତନ୍ତୁ ଅଟେ ।

(ii) **ପ୍ରାଣୀଜ ତନ୍ତୁ-** ତୁମେ କହିପାରିବ କି ? କେଉଁ ପଶୁମାନଙ୍କଠାରୁ ଆମକୁ ତନ୍ତୁ ମିଳିଥାଏ । ସାଧାରଣତଃ ମେଣ୍ଢାମାନଙ୍କ ପାଖରୁ ଆମକୁ ପଶମ ମିଳିଥାଏ । ଓଟ, ଛେଳି ଓ ଠେକୁଆ ଏଭଳି ଅନ୍ୟ କେତେକ ପ୍ରାଣୀମାନଙ୍କ ପାଖରୁ ଆମକୁ ପଶମ ମିଳିଥାଏ । ରେଶମ ମଧ୍ୟ ଏକ ପ୍ରାଣୀଜ ତନ୍ତୁ । ଏହା ରେଶମ ପୋକ ପାଖରୁ ବାହାରୁଥିବା ଏକ ସ୍ରାବରୁ ପ୍ରସ୍ତୁତ ହୋଇଥାଏ । ତୁମେ ଜାଣିଛ କି ରେଶମ ପ୍ରାକୃତିକ ତନ୍ତୁମାନଙ୍କ ମଧ୍ୟରେ ଶକ୍ତ ତନ୍ତୁ ଅଟେ ? ପ୍ରାଣୀଜ ତନ୍ତୁ ପୁଷ୍ଟିସାରରୁ ପ୍ରସ୍ତୁତ ହୋଇଥାଏ ।



ଚିତ୍ର. ୨୨.୨ ପ୍ରାଣୀଜ ତନ୍ତୁ-ରେଶମ



ଚିତ୍ର. ୨୨.୩ ପ୍ରାଣୀଜ ତନ୍ତୁ-ପଶମ

(iii) **ଖଣିଜ ତନ୍ତୁ-** ଖଣିଜ ପଦାର୍ଥରୁ ପ୍ରାପ୍ତ ତନ୍ତୁକୁ ଖଣିଜ ତନ୍ତୁ କୁହାଯାଇଥାଏ । ଯେମିତିକି ଆଜବେଷ୍ଟସ । ତୁମେ ଆଜବେଷ୍ଟସ ପରସ୍ତକୁ ଛାତରେ ବ୍ୟବହାର ହୋଇଥିବା ଦେଖିଥିବ । ଅନ୍ୟ କୌଣସି କାର୍ଯ୍ୟରେ ଆଜବେଷ୍ଟସ୍‌ର ବ୍ୟବହାର ତୁମେ ଭାବିପାରୁଛ କି ? ଦମକଳ କର୍ମୀମାନଙ୍କ ଦ୍ୱାରା ଏହା ଆଜବେଷ୍ଟସ ବସ୍ତ୍ର ଭାବରେ ବ୍ୟବହାର ହୋଇଥାଏ ଯେହେତୁ ଏହା ଜ୍ୱଳନ ରହିତ ହୋଇଥାଏ ।

ରେଶମ ତନ୍ତୁ ଛଡ଼ା ସମସ୍ତ ପ୍ରାକୃତିକ ତନ୍ତୁ ଷ୍ଟେପଲ ଯଥା କ୍ଷୁଦ୍ର ତନ୍ତୁ ଅଟେ । ରେଶମ ତନ୍ତୁ ଫିଲାମେଣ୍ଟ ବା ଦୀର୍ଘତନ୍ତୁ ଅଟେ ।

(ଖ) **ମାନବ ନିର୍ମିତ ତନ୍ତୁ –** ତନ୍ତୁର ଅନ୍ୟ ଏକ ବର୍ଗ ଯାହାକୁ ମାନବ ନିର୍ମିତ ତନ୍ତୁ କୁହାଯାଏ । ଯେମିତି ଏହାର ନାମକରଣରୁ ଜଣାଯାଏ ଯେ ଏହି ତନ୍ତୁ ସିଧାସଳଖ ପ୍ରକୃତିରୁ ମିଳିନଥାଏ ବରଂ ଏଥିରେ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ । ମାନବ ନିର୍ମିତ ତନ୍ତୁ ଦୁଇପ୍ରକାର ଅଟେ ।

(i) ପୁନଃଉତ୍ପାଦିତ ତନ୍ତୁ (ପୁନର୍ଗଠିତ ତନ୍ତୁ)

(ii) କୃତ୍ରିମ ତନ୍ତୁ


ଚାଲ ଏହି ବିଷୟରେ ଅଧିକ ଜାଣିବା

**(i) ପୁନଃଉତ୍ପାଦିତ ତନ୍ତୁ**

ଏହା ପ୍ରାକୃତିକ କଞ୍ଚା ଦ୍ରବ୍ୟରୁ ପ୍ରସ୍ତୁତ ହୋଇଥାଏ । ଯେମିତିକି ସେଲୁଲୋଜ (ବର୍ଜିତ ସୂତା ତନ୍ତୁ ବା କାଠମଣ୍ଡ) ବା ପ୍ରୋଟିନ୍‌ରୁ ପ୍ରସ୍ତୁତ । ଏହା ଏହି ଉପରେ ନିର୍ଭର କରିଥାଏ ଯେ କି ପ୍ରକାର ତନ୍ତୁ ପ୍ରସ୍ତୁତ ହେବା ଆବଶ୍ୟକ ହୋଇଥାଏ । ଏହା ପ୍ରାକୃତିକ କଞ୍ଚା ପଦାର୍ଥରୁ ରାସାୟନିକ ଦ୍ରବ୍ୟ ସାହାଯ୍ୟରେ ପୁନର୍ଗଠିତ କରାଯାଇଥାଏ । ରେୟନ ଏକ ପୁନର୍ଗଠିତ ସେଲୁଲୋଜ ତନ୍ତୁ ଅଟେ ।

**(ii) କୃତ୍ରିମ ତନ୍ତୁ**

ଅନ୍ୟ ପଟରେ ଏହା ରାସାୟନିକ ପଦାର୍ଥରୁ ମିଳିଥାଏ ଓ ସ୍ୱଭାବରେ ଏହା ସମ୍ପୂର୍ଣ୍ଣ କୃତ୍ରିମ ହୋଇଥାଏ ଯେପରି ନାଇଲନ୍, ପଲିଷ୍ଟର, ଆର୍କିଥିଲିକ୍ (କାସମିଲନ) ଆଦି । କୃତ୍ରିମ ତନ୍ତୁ ସାଧାରଣତ ଦୀର୍ଘରେ (ଫିଲାମେଣ୍ଟ) ହୋଇଥାଏ । ପରନ୍ତୁ ଆବଶ୍ୟକ ଅନୁଯାୟୀ ଏହା ଛୋଟ ଖଣ୍ଡରେ କାଟି ଷ୍ଟେପଲ ତନ୍ତୁ କରାଯାଇଥାଏ ।



ଚିତ୍ର. ୨୨.୪ ମାନବ ନିର୍ମିତ କୃତ୍ରିମ ତନ୍ତୁ-ପଲିଷ୍ଟର



ଚିତ୍ର. ୨୨.୫ ମାନବ ନିର୍ମିତ କୃତ୍ରିମ ତନ୍ତୁ-ଆକ୍ରିଇଲିକ୍



ମନ୍ତବ୍ୟ (Notes)

ଆସ ଏବେ ଏକ ସଙ୍ଗରେ ଦୁଇ ବର୍ଗୀକରଣକୁ ରଖି ଦେଖିବା ।

- ତନ୍ତୁ
  - ଦୀର୍ଘତାକୁ ଆଧାରକରି
    - ଷ୍ଟେପଲ (କ୍ଷୁଦ୍ର)
      - କାର୍ପାସ
      - ଝୋଟ
      - ପଶମ
    - ଫିଲାମେଣ୍ଟ (ଦୀର୍ଘ)
      - ରେଶମ
      - ନାଇଲନ
      - ପଲିଷ୍ଟର
      - ରେୟନ
  - ଉତ୍ପତ୍ତିକୁ ଆଧାରକରି
    - ପ୍ରାକୃତିକ
      - ଉଦ୍ଭିଦ
        - କାର୍ପାସ
        - ଝୋଟ
        - ଫ୍ଲାକ୍ସ
        - କତା
      - ପ୍ରାଣୀଜ
        - ରେଶମ
        - ପଶମ
      - ଖଣିଜ
        - ଆଜ୍‌ବେଷ୍ଟସ
    - ମାନବ ନିର୍ମିତ
      - ପୁନର୍ଗଠିତ
        - ରେୟନ
      - ରାସାୟନିକ
        - ନାଇଲନ
        - ପଲିଷ୍ଟର
        - ଆକ୍ରିଲିକ

**ପେଟିକା - ୫**
**ବସ୍ତ୍ର ଓ ପରିଧାନ**

**ମନ୍ତବ୍ୟ (Notes)**

**ପାଠଗତ ପ୍ରଶ୍ନ. ୨୨.୧**

ନିମ୍ନରେ ଥିବା ବାକ୍ୟଗୁଡ଼ିକର ଶୂନ୍ୟସ୍ଥାନ ଶବ୍ଦ ଏହି କୋଠରୀରେ ଅଛି । ଶବ୍ଦଗୁଡ଼ିକ ଖୋଜି ଚିହ୍ନ ଦେଇ ବାକ୍ୟଗୁଡ଼ିକ ପୂରଣ କର ।

କୋଠରୀ

| | | | | |
|---|---|---|---|---|
| ଲ | କୃ | ରୂ | ମେ | ଷ୍ଟ |
| ନି | ମ୍ଧ | ଏ | ଞ୍ଜି | ତ୍ରି |
| ପ | ଶୁ | ବ | ତ | କ |
| ଫି | ଲା | ମ | ମା | ନ |
| ଠି | ଷ୍ଟେ | ଲ | ବ | ର୍ମି |
| ତ | ଗ | ପ | ସ୍ତ୍ର | ମେ |
| ଣ୍ଡା | ପୁ | ର୍ନ | ତ | ନ୍ତୁ |

୧। ଶୂନ୍ୟସ୍ଥାନ ପୂରଣ କର ।

(କ) ଗୋଟିଏ କପଡ଼ା କୌଣସିର .................. ଏକ ଅଂଶ ଅଟେ ।

(ଖ) ଛୋଟ ତନ୍ତୁକୁ ............... କୁହାଯାଏ ଏବଂ ଲମ୍ବା ତନ୍ତୁକୁ ............. କୁହାଯାଏ ।

(ଗ) ତନ୍ତୁ ଗୁଡ଼ିକ ବସ୍ତ୍ରର .................... ଅଟେ ।

(ଘ) ତନ୍ତୁକୁ ପ୍ରାକୃତିକ ଓ ...............ରେ ଶ୍ରେଣୀଭୁକ୍ତ କରାଯାଇପାରେ ।

(ଙ) କୃତ୍ରିମ ତନ୍ତୁ .................. କିମ୍ବା ସିନ୍ଥେଟିକ୍ସ ହୋଇପାରେ ।

(ଚ) ପଶମ ଗୋଟିଏ ................. ତନ୍ତୁ ଯାହା ................ମାନଙ୍କଠାରୁ ମିଳିଥାଏ ।

(ଛ) ପଲିଷ୍ଟର ଗୋଟିଏ .................. ତନ୍ତୁ ।

(ଜ) କାର୍ପାସ ତନ୍ତୁ ଗଛର ଗୋଟିଏ ............. ରୁ ମିଳିଥାଏ ।

୨। "କ" ସ୍ତମ୍ଭ ସହିତ "ଖ" ସ୍ତମ୍ଭକୁ ମିଳାଅ ।

| "କ" | "ଖ" |
|---|---|
| (କ) ରେୟନ | (କ) କୃତ୍ରିମ ତନ୍ତୁ |
| (ଖ) ସୂତା | (ଖ) ଷ୍ଟିମ୍ ତନ୍ତୁ |
| (ଗ) ରେଶମ | (ଗ) ପୁନର୍ଗଠିତ ତନ୍ତୁ |
| (ଘ) ନାଇଲନ୍ | (ଘ) ପ୍ରାକୃତିକ ସେଲୁଲୋଜ ତନ୍ତୁ |
| (ଙ) ପଶମ | (ଙ) ପତ୍ର ଜାତ ତନ୍ତୁ |
| (ଚ) ଝୋଟ | (ଚ) ପ୍ରାଣୀଜ ତନ୍ତୁ |
| (ଛ) ଆଜବେଷ୍ଟସ | (ଛ) ପ୍ରାଣୀଙ୍କଠାରୁ କ୍ଷରଣ |
| | (ଜ) ଖଣିଜ ତନ୍ତୁ |

**୨୨.୩ : ତନ୍ତୁର ଗୁଣାବଳୀ**

| ବୈଶିଷ୍ଟତା | କାର୍ପାସ | ପଶମ | ରେଶମ | ରେୟନ | ନାଇଲନ | ପଲିଷ୍ଟର | ଆକ୍ରିଲିକ (କାସମିଲନ |
|---|---|---|---|---|---|---|---|
| ୧। ତନ୍ତୁର ଦୀର୍ଘତା | ବସ୍ତ୍ର କ୍ଷୁଦ୍ର ତନ୍ତୁରେ ପ୍ରସ୍ତୁତ ହୋଇଥାଏ । | ସାଧାରଣତଃ କ୍ଷୁଦ୍ର ତନ୍ତୁରୁ ତିଆରି ହୋଇଥାଏ । ଯେପରି ଖଦଡ଼ିଆ ତଥା ବସ୍ତ୍ର କମ୍ବଳ ଆଦି ପ୍ରସ୍ତୁତ ହୋଇଥାଏ । ସୁଟ୍ ବସ୍ତ୍ର ପାଇଁ ଦୀର୍ଘ ତନ୍ତୁ ବ୍ୟବହାର ହୋଇଥାଏ । | ଏହା ଦୀର୍ଘ ତନ୍ତୁରେ ପ୍ରସ୍ତୁତ ହୋଇଥାଏ ଏବଂ ସମସ୍ତ ପ୍ରାକୃତିକ ତନ୍ତୁ ମଧ୍ୟରେ ଦୀର୍ଘତମ ତନ୍ତୁ ଅଟେ । | ଏହା ମାନବ ପ୍ରସ୍ତୁତ ଦୀର୍ଘ ତନ୍ତୁ ଅଟେ । ତେଣୁ ଯେକୌଣସି ଲମ୍ବାରେ ଏହାକୁ ପ୍ରସ୍ତୁତ କରାଯାଇପାରିବ । | ରେୟନ ପରି | ରେୟନ ପରି | ରେୟନ ପରି |
| ୨। ଆକୃତି | ଏହା ଫିକା ତନ୍ତୁ ତେଣୁ ଶୀଘ୍ର ମଇଳା ହୋଇଥାଏ । | ଫିକା, କୁଞ୍ଚୁକୁଞ୍ଚିଆ ଓ ଖଦଡ଼ ତନ୍ତୁ । | ଚିକ୍କଣ, ଉଜ୍ଜ୍ୱଳ ଓ ସିଧା ତନ୍ତୁ ଅଟେ । ତେଣୁ ମଇଳାକୁ ଜମା ହେବାକୁ ଦେଇ ନଥାଏ । ଅନେକ ଥର ବ୍ୟବହାର ହେଲେ ମଧ ମଇଳା ଲାଗି ନଥାଏ । | ଏହାର ଆକୃତି ଚିକ୍କଣ ଓ ଉଜ୍ଜ୍ୱଳ ତେଣୁ ମଇଳାକୁ ଜମା ହେବାକୁ ଦିଏ ନାହିଁ । | ଚିକ୍କଣ ଓ ଉଜ୍ଜ୍ୱଳ ତେଣୁ ମଇଳା ରହିତ ହୁଏ ଓ ସଫା ସହଜରେ ହୋଇଥାଏ । | ଚିକ୍କଣ ଆସ୍ତରଣ ତେଣୁ ମଇଳା ଶୋଷଣ କରି ନଥାଏ ଓ ସହଜରେ ସଫା ହେଇପାରେ । | ପଶମ ପରି ଆକୃତି କିନ୍ତୁ ଓଜନରେ ହାଲୁକା । |


**ପେଟିକା - ୫**
**ବସ୍ତ୍ର ଓ ପରିଧାନ**

**ମନ୍ତବ୍ୟ (Notes)**

| | | | | | | | |
|---|---|---|---|---|---|---|---|
| ୩। ଆର୍ଦ୍ରତାର ଶୋଷଣ | କାର୍ପାସ ସହଜରେ ଆର୍ଦ୍ର ଶୋଷଣ କରିଥାଏ ଓ ଶୀଘ୍ର ଶୁଖିଥାଏ ମଧ୍ୟ । ତେଣୁ ଏହା ଟାୱେଲ୍ ଓ କନା ପାଇଁ ଉପଯୋଗୀ । ଏହା ଶରୀରରୁ ଝାଳ ଶୋଷଣ କରି ନେବା ସହିତ ଶୀଘ୍ର ଶରୀରରେ ରହି ଅଠାପରି ହୋଇନଥାଏ ଓ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ । ଏହା ଗ୍ରୀଷ୍ମ ଋତୁରେ ପିନ୍ଧିବାକୁ ଉପଯୋଗୀ ହୋଇଥାଏ ଓ ଅର୍ନ୍ତବସ୍ତ୍ର ପାଇଁ ମଧ୍ୟ ଉପଯୋଗୀ । | ଏହି ତନ୍ତୁ ପ୍ରକୃତିରେ କିଛି ମାତ୍ରାରେ ଜଳ ପ୍ରତିରୋଧ କରେ । ତଥାପି ଏହା ଅନେକ ମାତ୍ରାରେ ଜଳ ଶୋଷଣ କରିନିଏ । ଏହା ଶୀଘ୍ର ଶୁଖି ନଥାଏ ଓ ଅନେକ ଜଳ ଶୋଷଣ କରି ରଖିଲେ ମଧ୍ୟ ଏହା ଓଦା ଲାଗିନଥାଏ । | ଅନେକ ଜଳ ଶୋଷଣ କରି ରଖିଲେ ମଧ୍ୟ ଓଦା ଲାଗି ନଥାଏ । | କାର୍ପାସ ପରି ଜଳକୁ ଖୁବ୍ ଶୀଘ୍ର ଶୋଷଣ କରିଥାଏ ଓ ଶୀଘ୍ର ଶୁଖିଥାଏ ମଧ୍ୟ । | ସହଜରେ ଆର୍ଦ୍ରତାକୁ ଶୋଷଣ କରି ନଥାଏ । ଏହା ପିନ୍ଧିବାକୁ ଉଷ୍ମ ଦାୟକ ହୋଇଥାଏ ଓ ଝାଳକୁ ଶୋଷଣ କରିନିଏ । | ଅନ୍ୟ ତନ୍ତୁ ଅପେକ୍ଷା ସବୁଠାରୁ କମ୍ ଜଳ ଶୋଷଣ କରିଥାଏ । ଗରମ ଦିନରେ ପିନ୍ଧିବାକୁ ଉପଯୋଗୀ ହୋଇନଥାଏ କାରଣ ଏହା ଝାଳ ଶୋଷଣ କରି ନଥାଏ । | ସହଜରେ ଆର୍ଦ୍ରତା ଶୋଷଣ କରେ ନାହିଁ । ଏଇଥି ପାଇଁ ଏହାକୁ ରଙ୍ଗ କରିବା କଠିନ ହୋଇଥାଏ । |
| ୪। ତାପ ସଞ୍ଚାଳନ | ଏହା ଉତ୍ତମ ତାପ ସଞ୍ଚାଳକ ଅର୍ଥାତ୍ ଶରୀରର ତାପ କାର୍ପାସ ବସ୍ତ୍ର ଦେଇ ସହଜରେ ଶୀଘ୍ର ବାହାରକୁ ସଞ୍ଚାଳିତ ହୋଇଥାଏ ଓ ଶରୀରକୁ ଥଣ୍ଡା ରଖିଥାଏ । | ତାପର କୁସଞ୍ଚାଳକ ଅଟେ ତେଣୁ ଶରୀରର ତାପମାତ୍ରାକୁ ସଂରକ୍ଷିତ କରେ ଏବଂ ଶରୀରକୁ ଗରମ ରଖେ । | ଏହା ତାପର ଦୁର୍ବଳ ସଞ୍ଚାଳକ । ତେଣୁ ବସ୍ତ୍ରକୁ ଗରମ ରଖେ । ଚିକ୍କଣ ଉପରି ପାର୍ଶ୍ୱ ହୋଇଥିବାରୁ ଏହା ପଶମ ପରି ତାପକୁ ଅବରୋଧ କରିପାରେ ନାହିଁ । | ତାପର ଉତ୍ତମ ସଞ୍ଚାଳକ ତେଣୁ ଏହା ପିନ୍ଧିବାକୁ ଥଣ୍ଡା ଲାଗେ । ମାତ୍ର କାର୍ପାସ ବସ୍ତ୍ର ପରି ଥଣ୍ଡା ନୁହେଁ । | ତାପର ଦୁର୍ବଳ ସଞ୍ଚାଳକ । | ତାପର ଦୁର୍ବଳ ସଞ୍ଚାଳକ । | ତାପର ଦୁର୍ବଳ ସଞ୍ଚାଳକ ଏହା ପିନ୍ଧିବାକୁ ଗରମ ଲାଗି ଥାଏ । |

ପେଟିକା - ୫

ବସ୍ତ୍ର ଓ ପରିଧାନ



ମନ୍ତବ୍ୟ (Notes)

| | | | | | | | |
|---|---|---|---|---|---|---|---|
| ୫। ଦୃଢତା | ଓଦା ହେଲେ ଏହା ଦୃଢ ହୁଏ ତେଣୁ ଏହାକୁ ସହଜରେ ଘସି ରଗଡ଼ି ସଫା କରିହୁଏ । | ଦୁର୍ବଳ ତନ୍ତୁ ଅଟେ । ତେଣୁ ଓଦା ହେଲେ ଅଧିକ ଦୁର୍ବଳ ହୁଏ ଏଣୁ ସଫାକରିବା ସମୟରେ ଘସିଲେ ଓ ରଗଡ଼ିଲେ ନଷ୍ଟ ହୋଇପାରେ । | ଏହା ଦେଖିବାକୁ ସୂକ୍ଷ୍ମ ଜଣାଗଲେ ବି ଏହା ଦୃଢ ତନ୍ତୁ ଅଟେ କିନ୍ତୁ ଓଦା ସମୟରେ ଏହାର ଦୃଢତା କମିଯାଏ । | ଓଦା ହେଲେ ଦୃଢତା କମିଯାଏ ତେଣୁ ହାତରେ ଘସି ରଗଡ଼ି ଧୋଇବା ଅନୁଚିତ । | ସମସ୍ତ ତନ୍ତୁ ମଧ୍ୟରେ ଏହା ଦୃଢତମ । ଘସା ଓ ରଗଡ଼ା ପାଇଁ ଉପଯୁକ୍ତ । ଓଦା ହେଲେ ଏହାର ଦୃଢ଼ତା କମେ ନାହିଁ । ତେଣୁ ଶିଳ୍ପରେ ଏହାର ବ୍ୟବହାର ମହତ୍ୱ ରଖେ । | ଅତ୍ୟନ୍ତ ଦୃଢ ତନ୍ତୁ ଯଦି ବା ନାଇଲନ ଠାରୁ କମ୍ । | ଓଦା ଓ ଶୁଖିଲା ଅବସ୍ଥାରେ ଏହାର ଦୃଢତା ସନ୍ତୋଷଜନକ ଅଟେ । ଏହା ନାଇଲନ ଓ ପଲିଷ୍ଟର ପରି ଏତେ ଦୃଢ ହୋଇଥିଲେ ମଧ୍ୟ ଘରୋଇ ସାଜସଜ୍ଜା ଓ ପୋଷାକ ପାଇଁ ଏହାର ଦୃଢତା ଯଥେଷ୍ଟ ଅଟେ । |
| ୬। ପ୍ରତି ସ୍ପନ୍ଦତା (ଭାଙ୍ଗିପଡ଼ିବା ଓ ଲୋଚାକୋଚାକୁ ସହନଶୀଳତା) | ବ୍ୟବହାର ସମୟରେ ଶୀଘ୍ର ଭାଙ୍ଗ ପଡ଼ିଯାଏ । ଧୋଇବା ପରେ ଏହି ଭାଙ୍ଗକୁ ଦୂର କରିବାପାଇଁ ଇସ୍ତ୍ରୀ କରିବା ଆବଶ୍ୟକ ହୋଇଥାଏ । | ଏହା ଏକ ନମନୀୟ ତନ୍ତୁ ଏଥିରେ ପଡ଼ିଥିବା ଭାଙ୍ଗ ସହଜରେ ଖୋଲିଯାଏ । | ରେଶମରେ ଭାଙ୍ଗ ସହଜରେ ପଡ଼ିଥାଏ କିନ୍ତୁ ପଶମ ବସ୍ତ୍ର ପରି ସହଜରେ ଭାଙ୍ଗ ଯାଏ ନାହିଁ । ଧୋଇବା ପରେ ଇସ୍ତ୍ରୀ କରିବା ଆବଶ୍ୟକ ହୁଏ । | ରେୟନରେ ବହୁତ ସହଜରେ ଭାଙ୍ଗ ପଡ଼ିଥାଏ । | ନାଇଲନରେ ଭାଙ୍ଗ କମ୍ ପଡ଼ିଥାଏ ଓ ଧୋଇବା ପରେ ଇସ୍ତ୍ରୀ ସାମାନ୍ୟ ଆବଶ୍ୟକ ପଡ଼ିଥାଏ । | ପଲିଷ୍ଟରରେ ଭାଙ୍ଗ କମ୍ ପଡ଼ିଥାଏ । ଏଥିରେ ଇସ୍ତ୍ରୀର ଆବଶ୍ୟକ ବିଲ୍‌କୁଲ ପଡ଼ିନଥାଏ ବା ଖୁବ୍ କମ୍ ପଡ଼ିଥାଏ । | ଏଥିରେ ପ୍ରାୟତଃ ଭାଙ୍ଗ ପଡ଼ିନଥାଏ । |
| ୭। ବ୍ୟବହାର | ଗରମ ଦିନର ପୋଷାକ କମିଜ୍ ସାର୍ଟ ପ୍ୟାଣ୍ଟ ଖେଳ ପୋଷାକ ଏବଂ ଅର୍ନ୍ତବାସ, ପରଦା ଓ ଚାଦର ରୁମାଲ ଓ ଟାଓ୍ୱେଲ ପରି ପୋଛା ପୋଛି କପଡ଼ା ଆଦିରେ ବ୍ୟବହାର ହୁଏ । | ଶୀତକାଳିନ ପୋଷାକ ସ୍ୱେଟର, ହାତମୋଜା, ଟୋପି, ସୁଟ ଓ କୋର୍ଟର କପଡ଼ା, କମ୍ବଳ, କାର୍ପେଟ ଓ ଗୃହ ସାଜସଜ୍ଜାରେ ବ୍ୟବହୃତ ହୋଇଥାଏ । | ଅଧିକ ମୂଲ୍ୟବାନ ବସ୍ତ୍ର ରୂପେ ପରିଚିତ ଶାଢ଼ୀ, ପୋଷାକ, ଟାଇ ଓ ସ୍କାର୍ଫ ଆଦି ପାଇଁ ଉପଯୁକ୍ତ ହୋଇଥାଏ । | ଗ୍ରୀଷ୍ମକାଳୀନ ପୋଷାକର ବ୍ୟବହାର ହୁଏ । ଚିକ୍କଣ ହୋଇଥିବାରୁ ଏହା କୋଟ୍ ଓ ଜ୍ୟାକେଟର ଭିତର ପାର୍ଶ୍ୱରେ ଲାଇନିଙ୍ଗ ଭାବରେ ବ୍ୟବହାର ହୁଏ । କାର୍ପେଟ ଓ ଘରୋଇ ସାଜସଜ୍ଜାରେ ବ୍ୟବହାର ହୋଇଥାଏ । | ଗେଞ୍ଜି, ମୋଜା, ସ୍ୱେଟର ଓ ପୋଷାକ ତିଆରିରେ ବ୍ୟବହୃତ ହୁଏ ଅଧିକ ଦୃଢ ହୋଇଥିବାରୁ ବିଭିନ୍ନ ପ୍ରକାର ଦଉଡ଼ିରେ ବ୍ୟବହାର ହୁଏ । କାର୍ପେଟ ଓ ଗୃହ ସାଜସଜ୍ଜାରେ ବ୍ୟବହାର ହୁଏ । | ମହିଳା ଓ ପୁରୁଷ ଉଭୟଙ୍କ ପୋଷାକ କପଡ଼ା ପାଇଁ ବ୍ୟବହାର ହୁଏ । ଦଉଡ଼ି, ମାଛ ଜାଲ ଓ ଥଳୀ ପାଇଁ ବ୍ୟବହାର ହୁଏ । ଗୃହର ସାଜସଜ୍ଜାରେ ମଧ୍ୟ ବ୍ୟବହାର ହୁଏ । | ଶୀତକାଳିନ ପୋଷାକରେ ବ୍ୟବହାର ହୁଏ । ପଶମର ବିକଳ୍ପ ରୂପେ ସୁପରିଚିତ । ଖେଳ ପୋଷାକ, କମ୍ବଳ କାର୍ପେଟ ଏବଂ ସାଜସଜ୍ଜା କପଡ଼ା ପାଇଁ ବ୍ୟବହାର ହୁଏ । |

## ୨୨.୪ : ତନ୍ତୁକୁ ଚିହ୍ନିବା

ଆଜିକାଲି ବଜାରରେ ଅନେକ ପ୍ରକାର ବସ୍ତ୍ର ଉପଲବ୍ଧ ହେଉଥିବାରୁ ଏହାକୁ ଚିହ୍ନିବା ମହତ୍ୱପୂର୍ଣ୍ଣ ଅଟେ । ତୁମେ ଜାଣିଛ ଯେ ବସ୍ତ୍ରର ବିଭିନ୍ନତା ବିଭିନ୍ନ ପ୍ରକାର ତନ୍ତୁର ସମ୍ମିଶ୍ରଣରେ ସୃଷ୍ଟି କରାଯାଇଥାଏ । ତେଣୁ ବସ୍ତ୍ରରେ ତନ୍ତୁର ମୂଳତତ୍ତ୍ୱ ଜାଣିବା ଆବଶ୍ୟକ ଯାହାଦ୍ୱାରା ଏହି ଜ୍ଞାନକୁ ଆଧାର କରି ବସ୍ତ୍ରର ଉପଯୋଗୀତା ବ୍ୟବହାର ଓ ଯତ୍ନ ସମ୍ବନ୍ଧରେ ଜାଣିହୁଏ । ସମୟ ସମୟରେ ତୁମେ ନକଲି ତନ୍ତୁର ଠକାମୀରେ ପଡ଼ିଯାଇଥାଅ । ଯେମିତିକି କୌଣସି ବସ୍ତ୍ର ରେଶମ ପରି ଦେଖାଯାଉଥିଲେ ବି ରେଶମ ହୋଇନଥାଏ । ସବୁ ସମୟରେ ବିକ୍ରୟ କର୍ତ୍ତା ବା ବସ୍ତ୍ର ଉପରେ ଲାଗିଥିବା ଲେବୁଲ ସଠିକ ଜ୍ଞାନ ପ୍ରଦାନ କରିପାରିନଥାଏ ।


ଜ୍ୱଳନ ପରୀକ୍ଷା ଏକ ସାଧାରଣ ଏବଂ ବିଶ୍ୱାସନୀୟ ପରୀକ୍ଷା ଯାହା ତୁମେ ଖାଲି ଆଖିରେ ପରୀକ୍ଷା କରି ଜାଣିପାରିବ । ତୁମର ଆବଶ୍ୟକତା ଅନୁଯାୟୀ ବସ୍ତ୍ରଚୟନ କରିବାରେ ଏହା ସାହାଯ୍ୟ କରିପାରିବ । ଜ୍ୱଳନ ପରୀକ୍ଷାରୁ ନିର୍ଦ୍ଦିଷ୍ଟ ଭାବରେ ତନ୍ତୁ ନ ଚିହ୍ନି ପାରିଲେ ବି ଏହି ତନ୍ତୁ କେଉଁ ଶ୍ରେଣୀଭୁକ୍ତ ତାହା ଜାଣିହେବ । କାର୍ପାସ, ଫ୍ଲାକ୍ସ ଏବଂ ରେୟନ ତନ୍ତୁ ମଧ୍ୟ ଅନୁରୂପ ଯେତେବେଳେ ସେଗୁଡ଼ିକ ଜଳାଇବ ଜଣାଯାଏ ଯେ ସେଗୁଡ଼ିକର ମୂଳତତ୍ତ୍ୱ ସେଲୁଲୋଜ ପ୍ରକାରର ।

(କ) ଦୃଷ୍ଟିଗତ ପରୀକ୍ଷା :

ତୁମେ କୌଣସି ବସ୍ତ୍ରକୁ ଆଖିରେ ଦେଖି ଚିହ୍ନିପାରିବ କିନ୍ତୁ ସଠିକ୍ ଚିହ୍ନିବା ତୁମର ଅନୁଭୂତି ଉପରେ ନିର୍ଭର କରେ । ଏହି ପାଠର ଆରମ୍ଭରେ ବସ୍ତ୍ରର ଆକୃତି ଗୁଣବତ୍ତା ସମ୍ବନ୍ଧରେ ତୁମେ ପଢ଼ି ଜାଣିଛ ଯାହା ତୁମକୁ ବିଭିନ୍ନ ବସ୍ତ୍ରକୁ ଦେଖି ଚିହ୍ନିବାରେ ସାହାଯ୍ୟ କରିବ ଯେପରିକି ରେଶମ ବସ୍ତ୍ର ଚିକ୍କଣ, ଉଜ୍ଜ୍ୱଳ ଓ ସୂକ୍ଷ୍ମ ଅଟେ । କାର୍ପାସ ବସ୍ତ୍ର ମଧ୍ୟ ଚିକ୍କଣ କିନ୍ତୁ ରେଶମ ପରି ଏତେ ଉଜ୍ଜ୍ୱଳ ନୁହେଁ ଏବଂ ପଶମ ବସ୍ତ୍ର ନିଶ୍ଚିତ ଭାବରେ ଖଦଖଦଡ଼ିଆ ।

(ଖ) ଜ୍ୱଳନ ପରୀକ୍ଷା :

ଜ୍ୱଳନ ପରୀକ୍ଷା କରିବାକୁ ହେଲେ ୨×୨ ସେଣ୍ଟିମିଟରର ଛୋଟ କପଡ଼ା ଟୁକୁଡ଼ାଏ ନିଅ ଏବଂ ଏହାକୁ ଗୋଟିଏ ଚିମୁଟା ଦ୍ୱାରା ଧରି ନିମ୍ନ ଚିତ୍ର ଅନୁଯାୟୀ ନିଆଁରେ ଦେଖାଅ ।



ଚିତ୍ର : ୨୨.୬ ଜ୍ୱଳନ ପରୀକ୍ଷା



ମନ୍ତବ୍ୟ (Notes)

## ଟେବୁଲ ୨୨.୬
## ତନ୍ତୁର ଜ୍ୱଳନ ପରୀକ୍ଷା

| ନାମ | ନିଆଁ ପାଖରେ | ନିଆଁ ମଧ୍ୟରେ | ନିଆଁରୁ କାଢିବା ପରେ | ଗନ୍ଧ | ଅବଶିଷ୍ଟ |
|---|---|---|---|---|---|
| (କ) ପ୍ରାକୃତିକ ସେଲୁଲୋଜ ତନ୍ତୁ-କାର୍ପାସ, ଲିନେନ୍ | ନିଆଁର ପାଖରେ ସିକୁଡ଼ିଯାଏ ନାହିଁ କିନ୍ତୁ ନିଆଁକୁ ଛୁଇଁଲେ ନିଆଁ ଜଳିଉଠେ | ଶୀଘ୍ର ଜଳିପାରେ | ଜଳିବା ପରି ରହେ ଓ ପରେ ଜ୍ୱଳନରେ ଚମକ ଦେଖାଯାଏ | ଜଳିବାରେ କାଗଜ ଜଳିବା ପରି ଗନ୍ଧ ବାହାରେ | ଜ୍ୱଳନର ଅବଶିଷ୍ଟାଂଶ ହାଲକା, ପାଉଁଶିଆ ରଙ୍ଗ ହୋଇଥାଏ |
| କୃତ୍ରିମ ସେଲୁଲୋଜ ତନ୍ତୁ-ରେୟନ | ” | ” | ” | ” | ଅତି ଅଳ୍ପ ହାଲୁକା ଭୁରଭୁରିଆ ପାଉଁଶ ବାହାରେ |
| ପ୍ରୋଟିନ୍ ତନ୍ତୁ-ପଶମ | ସିକୁଡ଼ି ଯାଇଁ ନିଆଁଠାରୁ ଦୂରକୁ ଆସି ଥାଏ | ଖୁବ୍ ଧିରେ ଧିରେ ଜଳେ | ନିଆଁରୁ କାଢି ନେଲେ ଜଳିବା ବନ୍ଦ ହୋଇଯାଏ | କେଶ ପୋଡ଼ିଗଲା ପରି ଗନ୍ଧ ବାହାରେ | ଛୋଟ କଳା କଳା ମାଳିପରି ଟାଣ ପାଉଁଶ ବାହାରେ ଯାହାକୁ ହାତରେ ଗୁଣ୍ଡ ହୋଇଯାଏ |
| ରେଶମ | ” | ଧିରେ ଧିରେ ଶବ୍ଦ ସହିତ ଜଳେ | ” | ” | କଳା କଳା ମାଳିପରି ପାଉଁଶ ବାହାରେ ଯାହା ଗୁଣ୍ଡ ହୋଇପାରେ |
| (ଖ) କୃତ୍ରିମ ସିନ୍ଥେଟିକ ତନ୍ତୁ-ପଲିଷ୍ଟର | ତରଳିଯାଏ ଏବଂ ସିକୁଡ଼ି ଯାଇ ନିଆଁଠାରୁ ଦୂରକୁ ଚଲି ଆସେ | ଧିରେ ଜଳେ ଏବଂ ତରଳି ଯାଏ | ” | ରାସାୟନିକ ଦ୍ରବ୍ୟ ପରି ଗନ୍ଧ ବାହାରେ | ମାଳିପରି ଛୋଟ ଟାଣ କଳା ଏବଂ ବାଦାମି ରଙ୍ଗର ଅବଶିଷ୍ଟାଂଶ ରହେ |
| ନାଇଲନ | ” | ” | ” | ” | ” |
| ଆକ୍ରିଲିକ୍ | ” | ସ୍ଫୁରଣ ସହିତ ଜୋରରେ ଜଳେ | ଜଳିବା ଜାରି ରହେ ଏବଂ ତରଳିଯାଏ ତରଳି ଯାଇଥିବା ତନ୍ତୁ ବୁନ୍ଦା ବୁନ୍ଦା ହୋଇ ପଡ଼େ | ଅମ୍ଳସିରିକା ପରି ଗନ୍ଧ ହୋଇଥାଏ | କଳା କଳା ଟାଣ ବିଭିନ୍ନ ଆକାରର ମାଳିପରି |







**ପାଠଗତ ପ୍ରଶ୍ନ. ୨୨.୨**

୧। ଠିକ୍ ଉତ୍ତର ବାଛ ଓ ଉତ୍ତରର କାରଣ ଲେଖ ।

(କ) କେଉଁ ବସ୍ତ୍ର ଶୀତ ଋତୁ ପାଇଁ ଉପଯୁକ୍ତ ଅଟେ ।

(କ) କାର୍ପାସ (ଖ) ନାଇଲନ

(ଗ) ପଶମ (ଘ) ପଲିଷ୍ଟର

କାରଣ ........................................................................................

........................................................................................

(ଖ) କେଉଁ ତନ୍ତୁ ସବୁଠାରୁ ଅଧିକ ଦୃଢ଼ ।

(କ) ରେଶମ (ଖ) ନାଇଲନ

(ଗ) ଆକ୍ରିଲିକ (ଘ) ପଲିଷ୍ଟର

କାରଣ ........................................................................................

........................................................................................

(ଗ) କେଉଁ ବସ୍ତ୍ର ଧୋଇବା ପରେ ସବୁଠାରୁ କମ୍ ଇସ୍ତ୍ରୀ ଆବଶ୍ୟକ କରେ ।

(କ) କାର୍ପାସ (ଖ) ରେୟନ

(ଗ) ରେଶମ (ଘ) ପଲିଷ୍ଟର

କାରଣ ........................................................................................

........................................................................................

(ଘ) କାର୍ପାସ ବସ୍ତ୍ର ଜଳିଲେ କେଉଁ ଗନ୍ଧ ବାହାରେ ।

(କ) କାଗଜ ପୋଡ଼ିଲା ପରି (ଖ) କେଶ ପୋଡ଼ିଲା ପରି

(ଗ) ଅମ୍ଳ ପରି (ଘ) ରାସାୟନିକ ଦ୍ରବ୍ୟ ପରି

କାରଣ ........................................................................................

........................................................................................

(ଙ) ନିଆଁ ପାଖକୁ ଆଣିଲେ ସିନ୍ଥେଟିକ୍ ତନ୍ତୁର କି ପରିବର୍ତ୍ତନ ହୋଇଥାଏ ।

(କ) ସୁକୁଟି ହୋଇ ନିଆଁଠାରୁ ଘୁଞ୍ଚିଆସେ ।

(ଖ) ତରଳିଯାଇ ସଙ୍କୁଚିତ ହୋଇଆସେ ।

(ଗ) ନିଆଁ ଧରେ କିନ୍ତୁ ତରଳେ ନାହିଁ ।

(ଘ) ଅପରିବର୍ତ୍ତିତ ରୁହେ ।

କାରଣ ........................................................................................

........................................................................................

ମନ୍ତବ୍ୟ (Notes)

(ଚ) ରେୟନ ଜ୍ୱଳନ ଅବଶିଷ୍ଟାଂଶ କିପରି ହୋଇଥାଏ ।

(କ) କଠିନ ମାଳିପରି ଯାହା ଗୁଣ୍ଡ ହୋଇ ପାରି ନଥାଏ ।

(ଖ) ମୋତି ମାଳିପରି କିନ୍ତୁ ଗୁଣ୍ଡ ହୋଇଯାଏ ।

(ଗ) ହାଲୁକା ପାଉଁଶିଆ ରଙ୍ଗର ପ୍ରାୟ ପକ୍ଷୀର ପର ପରି ।

(ଘ) ଭୁର୍‌ଭୁରିଆ ଓ ଅଳ୍ପ ।

କାରଣ ..................................................................................................

..................................................................................................

୨। କାରଣ ଦର୍ଶାଅ

(କ) କାର୍ପାସ ବସ୍ତ୍ର ଓ ଅର୍ନ୍ତର୍ବାସ ପାଇଁ ଉପଯୁକ୍ତ ।

(ଖ) ଦଉଡ଼ି ପ୍ରସ୍ତୁତ ପାଇଁ ନାଇଲନ ତନ୍ତୁ ବ୍ୟବହାର କରାଯାଏ ।

(ଗ) ନାଇଲନ ପୋଷାକ ଗ୍ରୀଷ୍ମକାଳରେ ଆରାମଦାୟକ ହୁଏ ନାହିଁ ।

**ତୁମେ କ'ଣ ଶିଖିଲ :**

ବସ୍ତ୍ରବିଜ୍ଞାନ

- ବସ୍ତ୍ର
  - କପଡ଼ା
  - ଗୃହଉପଯୋଗୀ ବସ୍ତୁ
  - ଶିଳ୍ପ
  - ହାସପାତାଳର ବ୍ୟବହାର
  - ମୋଟରଯାନ

ମୂଳଆଧାର

- ମୂଳଆଧାର
  - ବିଶେଷତା
    - ଦୀର୍ଘତା
    - ଆକୃତି
    - ଶୋଷଣ କ୍ଷମତା
    - ତାପ ସଞ୍ଚାଳନ
    - ଦୃଢ଼ତା
    - ପ୍ରତିସ୍ପନ୍ଦତା
  - ଜ୍ୱଳନ ପରୀକ୍ଷା

ବର୍ଗୀକରଣ

- ଦୀର୍ଘତାକୁ ଆଧାରକରି
  - ଲଘୁ କ୍ଷୁଦ୍ର (ଷ୍ଟେପଲ)
  - ଦୀର୍ଘ (ଫିଲାମେଣ୍ଟ
- ଉତ୍ପତ୍ତିକୁ ଆଧାରକରି
  - ପ୍ରାକୃତିକ
    - ଉଦ୍ଭିଦ
    - ପ୍ରାଣୀଜ
    - ଖଣିଜ
  - କୃତ୍ରିମ
    - ପୁନର୍ଗଠିତ
    - ସିନ୍ଥେଟିକ୍

ମନ୍ତବ୍ୟ (Notes)

**ପାଠ୍ୟାନ୍ତ ଅଭ୍ୟାସ :**

୧। ବସ୍ତ୍ରର ପରିଭାଷା ଦିଅ ଓ ଏହାର ବିଭିନ୍ନ ବ୍ୟବହାରିତାକୁ ବର୍ଣ୍ଣନା କର ।


୨। ଉତ୍ପତ୍ତିକୁ ଆଧାର କରି ତନ୍ତୁର ବର୍ଗୀକରଣ କର ।

୩। ଗ୍ରୀଷ୍ମଋତୁ ପାଇଁ ଉପଯୁକ୍ତ ବସ୍ତ୍ରର ନାମ ଓ ଏହାର ମହତ୍ୱପୂର୍ଣ୍ଣ ବିଶେଷତା ଲେଖ ।

୪। ରେୟନ ତନ୍ତୁକୁ କିପରି ଚିହ୍ନିବ ।

୫। ପ୍ରାକୃତିକ ଓ କୃତ୍ରିମ ତନ୍ତୁ ମଧ୍ୟରେ ପାର୍ଥକ୍ୟ ଦେଖାଅ ।

୬। ନିମ୍ନ ଫ୍ଲୋ ଚାର୍ଟକୁ ପୁରା କର ।




**୨୨.୧ ପାଠଗତ ପ୍ରଶ୍ନର ଉତ୍ତର :**

୧। (କ) ତନ୍ତୁ

(ଖ) ଷ୍ଟେପଲ, ଫିଲାମେଣ୍ଟ

(ଗ) ମୂଳ ଏକକ

(ଘ) କୃତ୍ରିମ

(ଙ) ପୁନଃଗଠିତ

(ଚ) ପଶୁ, ମେଣ୍ଢା

(ଛ) ମାନବ ନିର୍ମିତ

(ଜ) ମଞ୍ଜିରୂପ

୨। (କ) - (iii)

(ଖ) - (iv)

(ଗ) - (vii)

(ଘ) - (i)



ମନ୍ତବ୍ୟ (Notes)

(ଙ) - (vi)

(ଚ) - (ii)

(ଛ) - (viii)

୩। (କ) କୃତ୍ରିମ, (ଖ) ପ୍ରାଣୀଜ, (ଗ) ଖଣିଜ, (ଘ) ପୁର୍ନଗଠିତ

**୨୨.୨**

୧। (i) (ଗ) କାରଣ ପଶମ ତାପର କୁସଞ୍ଚାଳକ ଅଟେ ।

(ii) (ଖ) କାରଣ ଏହା ରଗଡ଼ିବାକୁ ସହଜ କରିପାରେ ଓ ଓଦା ହୋଇଗଲେ ଦୃଢତାକୁ ହରାଇ ନଥାଏ ।

(iii) (ଘ) କାରଣ ଏହା ଭାଙ୍ଗ (ଲୋଝକୋଝ)କୁ ପ୍ରତିରୋଧ କରିପାରେ

(iv) (କ) କାରଣ ଏହା ପ୍ରକୃତରେ ସେଲୁଲୋଜ ।

(v) (ଖ) କାରଣ ଏହା ରାସାୟନିକ ପଦାର୍ଥରେ ପ୍ରସ୍ତୁତ ।

(vi) (ଘ) କାରଣ ଏହାର କଞ୍ଚାମାଲ ସେଲୁଲୋଜ ଅଟେ ।

୨। (i) ଏହା ଥଣ୍ଡା ଓ ଉତ୍ତମ ଶୋଷକ ।

(ii) ଏହା ଦୃଢତମ ତନ୍ତୁ ।

(iii) ନାଇଲନ ଆର୍ଦ୍ରତାକୁ ଶୋଷଣ କରିନଥାଏ ।

*For more information*

*Log on to http://www.fabricline.com/ fabriccare.html*

# ୨୩

# ସୂତା ଓ ଏହାର ଗଠନ

ପୂର୍ବ ପାଠରେ ତୁମେ ଶିଖିଲ ଯେ ବସ୍ତ୍ରର ମୂଳ ଏକକ ତନ୍ତୁ ଅଟେ । ତନ୍ତୁ କ୍ଷୁଦ୍ର ବା ଦୀର୍ଘ ହୋଇଥାଏ । ତନ୍ତୁ ମଧ୍ୟରେ କ୍ଷୁଦ୍ର ତନ୍ତୁ ବା ଷ୍ଟେପଲ, ବସ୍ତ୍ର ନିର୍ମାଣ ପାଇଁ ଦୁର୍ବଳ ହୋଇଥାଏ । ଏହାକୁ ବସ୍ତ୍ର ବନାଇବା ପୂର୍ବରୁ ବିଭିନ୍ନ ପ୍ରକାର ପଦାର୍ଥ ପ୍ରୟୋଗ କରି ବସ୍ତ୍ର ବନାଇବା ନିମନ୍ତେ ଉପଯୁକ୍ତ କରାଯାଇଥାଏ । ଏହି ସବୁ ତଥ୍ୟ ଏହି ଅଧ୍ୟାୟରେ ଆଲୋଚିତ କରାଯାଇଛି ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେ ନିମ୍ନଲିଖିତ କରିପାରିବ ।

- ❖ ଲଛିସୂତାର ପରିଭାଷା ।
- ❖ ଲଛିସୂତା ତିଆରି କରିବାର ପ୍ରଣାଳୀ ବର୍ଣ୍ଣନା କର ।
- ❖ ମିଶ୍ରିତ ଲଛିସୂତାର ଅର୍ଥ ଓ ମହତ୍ତ୍ୱର ବ୍ୟାଖ୍ୟା ତଥା ଉପଲବଧ ମିଶ୍ରିତ ବସ୍ତ୍ରର ଉଦାହରଣ ଦିଅ ।
- ❖ ଲଛିସୂତାର ବିଶେଷତାର ବର୍ଣ୍ଣନା ।
- ❖ ବିଭିନ୍ନ ପ୍ରକାର ଲଛିସୂତାର ବର୍ଗୀକରଣ ଓ ଉପଯୋଗୀତା ଉପସ୍ଥାପନ ।
- ❖ ସୂତା ଓ ଲଛିସୂତା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

## ୨୩.୧ : ଲଛି ସୂତା

ତୁମେ ତୁମର ମାଙ୍କୁ ସ୍ୱେଟର ବୁଣିବା ଦେଖିଥିବ ବା କେବେ ନିଜେ ବି ସ୍ୱେଟର ବୁଣିଥିବ । ଏହି ବୁଣାଇ ପାଇଁ ତୁମେ ପଶମର ଲମ୍ବା ସୂତା ବ୍ୟବହାର କରିଥାଅ । ଏହି ସୂତାକୁ ଖୋଲି ଏହାର ଢେଉ ଢେଉ ଗଠନ ଦେଖିଲେ ତୁମେ ଦେଖିବ ଯେ ଏହି ସୂତା ଅନେକ ଛୋଟ ତନ୍ତୁରୁ ପ୍ରସ୍ତୁତ ହୋଇଥାଏ । ଏହିପରି ଅନେକ ତନ୍ତୁକୁ ମିଶାଇ ପ୍ରସ୍ତୁତ ହୁଏ ଲଛିସୂତା । ଏଥିରେ ମୋଡ଼ା ଦିଆଯାଇ ଏହାକୁ ଦୀର୍ଘ ଓ ଦୃଢ କରାଯାଇଥାଏ । କ୍ଷୁଦ୍ର ତନ୍ତୁକୁ ଏକାଠି କରି ଷ୍ଟେପଲ ସୂତା ଓ ଦୀର୍ଘତନ୍ତୁରୁ ଫିଲାମେଣ୍ଟ ସୂତା ପ୍ରସ୍ତୁତ କରାଯାଇଥାଏ । ବର୍ତ୍ତମାନ ତୁମେ ଲଛିସୂତାର ପରିଭାଷା କହିପାରିବ କି ? ହଁ ତୁମେ ବିଲ୍‌କୁଲ ଠିକ୍ କହିଛ ।

| ଅନେକ କ୍ଷୁଦ୍ର ତନ୍ତୁ ଏକତ୍ର ମୋଡ଼ି ମୋଡ଼ି ହୋଇ ଲଛିସୂତା ହୋଇଥାଏ । |
|---|


ଷ୍ଟେପଲ (କ୍ଷୁଦ୍ର ତନ୍ତୁ) ତଥା ଫିଲାମେଣ୍ଟ (ଦୀର୍ଘତନ୍ତୁ) ଉଭୟ ଲଛିସୂତା ପ୍ରସ୍ତୁତରେ ବ୍ୟବହାର ହୁଏ ।

| |
|---|
| ଷ୍ଟେପଲ ତନ୍ତୁ ଦ୍ୱାରା ଲଛିସୂତା ଏବଂ ଫିଲାମେଣ୍ଟ ତନ୍ତୁ ଦ୍ୱାରା ଫିଲାମେଣ୍ଟ ତନ୍ତୁ ପ୍ରସ୍ତୁତ ହୋଇଥାଏ । |

### ୨୩.୧.୧ : ଲଛି ସୂତା ତିଆରି

ତନ୍ତୁରୁ ସୂତା ପ୍ରସ୍ତୁତ କରିବା ପ୍ରଣାଳୀକୁ ସୂତା କାଟିବା କୁହାଯାଏ ।

(କ) **କ୍ଷୁଦ୍ର ତନ୍ତୁ (ଷ୍ଟେପଲ)ରୁ ସୂତା ପ୍ରସ୍ତୁତ ପ୍ରଣାଳୀ :** ଗୋଟିଏ ତନ୍ତୁ ଗୁଚ୍ଛ ନେଇ ପରିଷ୍କାର କରି ଲମ୍ବଭାବରେ ସିଧା ସିଧା କରାଯାଏ । ଏହାପରେ ସେଗୁଡ଼ିକୁ ଟାଣି ଟାଣି ସରୁ ସୂତା ପରି କରାଯାଏ ଏବଂ ତାହାକୁ ମୋଡ଼ା ଦିଆଯାଇ ଏକ ଧାରରେ ରଖାଯାଏ । ଏହିପରି ସୂତା କଟାକୁ ଯାନ୍ତ୍ରିକ ସୂତା କଟା କୁହାଯାଏ । ଏହା ପ୍ରାକୃତିକ ତନ୍ତୁ ଯେମିତି କପା ଓ ପଶମରେ କରାଯାଇଥାଏ । ଏହିପରି ପ୍ରସ୍ତୁତ ସୂତାକୁ ସ୍ପନ୍ ସୂତା କୁହାଯାଏ । ତୁମେ ନିଜେ ଚେଷ୍ଟା କଲେ ଏହିପରି ଲଛିସୂତା ତିଆରି କରିପାରିବ । ଗୋଟିଏ କପା ଗୋଲା ନେଇ କିଛି ତନ୍ତୁ ଟାଣିବାକୁ ଚେଷ୍ଟାକର ଯେତେବେଳେ ଟାଣୁଛ ଟାଣିବା ସହିତ ଏହାକୁ ମୋଡ଼ା ଦିଅ । ତୁମେ ଦେଖିବ ଏହିପରି ମୋଡ଼ି ମୋଡ଼ି ହୋଇ ସୂତା ପ୍ରସ୍ତୁତ ହୋଇଯାଉଛି । କାରଣ ଅନେକ କ୍ଷୁଦ୍ର ତନ୍ତୁକୁ ଏକାଠି କରି ମୋଡ଼ା ଦିଆଯାଇଥାଏ । ଏହିପରି ତନ୍ତୁକୁ ଟାଣିବା ଓ ମୋଡ଼ା ଦେବା ପ୍ରଣାଳୀକୁ ସୂତା କାଟିବା କୁହାଯାଏ । ତୁମେ ତାକୁଡ଼ି, ଚରଖା ବା ସୂତା କାଟିବା ମେସିନ୍ ବ୍ୟବହାର କରି ସୂତା କାଟିବା କରିପାରିବ ।



ଚିତ୍ର ୨୩.୧
ହାତ ଦ୍ୱାରା ସୂତା କାଟିବା

(ଖ) **ଦୀର୍ଘ ତନ୍ତୁ (ଫିଲାମେଣ୍ଟ)ରୁ ସୂତା ପ୍ରସ୍ତୁତ ପ୍ରଣାଳୀ :** ଦୀର୍ଘକାର ତନ୍ତୁ କାଟିବା ରାସାୟନିକ ପ୍ରକ୍ରିୟାରେ ହୋଇଥାଏ । ଏହା ବୁଝିବା ପାଇଁ ମନେପକାଅ ଯେ କିପରି ହାଲୱାଇ ଦୋକାନରେ କିପରି ସେଉ ପ୍ରସ୍ତୁତ ହୋଇଥାଏ । ସେ ବେସନରେ ମିଶ୍ରଣ ପ୍ରସ୍ତୁତ କରି ଏହାକୁ ଏକ କଣାଥିବା ଛିଦ୍ର ମଧ୍ୟରେ ପ୍ରବେଶ କରାଇ ଗରମ ତେଲରେ ଛାଣିଥାଏ । ଗରମ ତେଲ ବେସନକୁ ଏକ କଠିନ ସେଉରେ ପରିବର୍ତ୍ତିତ କରିଥାଏ । ରାସାୟନିକ ସୂତା କାଟିବା ପ୍ରଣାଳୀ କିଛି ଏହି ପ୍ରକାରର ହୋଇଥାଏ । କଞ୍ଚା ପଦାର୍ଥ (ରାସାୟନିକ) ଦ୍ୱାରା ସୂତା କାଟିବା ଘୋଳ ପ୍ରସ୍ତୁତ କରି ସ୍ପିନର ବା ଛିଦ୍ର (ଏହା ଦେଖିବାକୁ ଗାଧୁଆଘର ସାୱାର ପରି)ର ରନ୍ଧ୍ର ଦେଇ ବାହାର କରାଯାଏ । ଛିଦ୍ରରୁ ବାହାରକୁ ଆସିବା ପରେ ଘୋଳ କଠିନ ସୂତାରେ ପରିବର୍ତ୍ତିତ ହୋଇଥାଏ । ଯାହାକୁ ଆମେ ଫିଲାମେଣ୍ଟ ବା ଦୀର୍ଘକାର ତନ୍ତୁ କହିଥାଉ । ଏହି ଦୀର୍ଘକାର ତନ୍ତୁକୁ ଏକାଠି କରି ମୋଡ଼ି ଦେଲେ ଏକ ଦୃଢ଼ ବା ଉତ୍କୃଷ୍ଟ ସୂତା ପ୍ରସ୍ତୁତ ହୋଇଥାଏ ।

## ୨୩.୨ ମିଶ୍ରିତ ସୂତା

ତୁମେ ନିଶ୍ଚିତ ଟେରିକଟ୍ ବା କଟସ୍ ଉଲର ନାମ ଶୁଣିଥିବ । ଏହା ମିଶ୍ରିତ ବସ୍ତ୍ରର ନାମ ଅଟେ ଯାହା ଅନେକ ତନ୍ତୁକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । ଯେଉଁ ସମୟରେ ସୂତା କାଟିବା ହେଉଥାଏ ସେହି ସମୟରେ ଦୁଇପ୍ରକାର ତନ୍ତୁକୁ ମିଶାଇ ଟାଣି ବା ମୋଡ଼ା ଦେଇ ଗୋଟିଏ ମିଶ୍ରିତ ତନ୍ତୁ ପ୍ରସ୍ତୁତ କରାଯାଏ । ତୁମେ କହିପାରିବ କି କାହିଁକି ଦୁଇପ୍ରକାର ତନ୍ତୁ ଏକାଠି ମିଶାଯାଇଥାଏ ? ହଁ ଦୁଇପ୍ରକାର

ତନ୍ତୁ ମିଶାଇବା ଦ୍ୱାରା ଦୁଇ ପ୍ରକାର ତନ୍ତୁର ଭଲ ଗୁଣବତ୍ତାକୁ ଏକ ବସ୍ତ୍ରରେ ପାଇପାରିବା । କାର୍ପାସ ତନ୍ତୁକୁ ଟେରିଲିନ୍ (ପଲିଷ୍ଟର) ସାଙ୍ଗରେ ମିଶାଇ ଟେରିକଟ କପଡ଼ା କରାଯାଇଥାଏ । ଟେରିକଟ୍ ବସ୍ତ୍ରରେ କାର୍ପାସର ଆରାମଦାୟକତା ରହିବା ସହିତ ଟେରଲିନ୍ (ପଲିଷ୍ଟର)ର ସହଜ ରକ୍ଷଣାବେକ୍ଷଣର ଗୁଣ ରହିଥାଏ ଯେପରି ନାଇଲନ୍‌ର । ଏହିପରି ପଶମ ଓ ରେଶମ ସହିତ ଟେରିଲିନ୍ ମିଶାଇ ଟେରି ଉଲ୍ (ଟେରି ପଶମ) ଓ ଟେରି ସିଲ୍କ (ଟେରି ରେଶମ) ପ୍ରସ୍ତୁତ ହୋଇଥାଏ ।

**ଟେବୁଲ ୨୩.୧ ସାଧାରଣ ଉପଲବଧ ହେଉଥିବା ମିଶ୍ରିତ ବସ୍ତ୍ର :**

| ବସ୍ତ୍ର (ମିଶ୍ରିତ) | | ଗଠନ | | |
|---|---|---|---|---|
| ଟେରିକଟ୍ | | ଟେରିଲିନ୍ | + | କାର୍ପାସ |
| କଟ୍‌ସ ଉଲ | | କାର୍ପାସ | + | ପଶମ |
| ଟେରି ଉଲ | | ଟେରିଲିନ୍ | + | ପଶମ |
| କାର୍ପାସ ସିଲ୍କ | | କାର୍ପାସ | + | ରେଶମ |
| ଉଲ ଆକ୍ରାଇଲିକ୍ | | ପଶମ | + | ଆକ୍ରାଇଲିକ |


**କ୍ରିୟାକଳାପ ୨୩.୧**

ତୁମେ ପାଖରେ ଥିବା କୌଣସି ଲୁଗା ଦୋକାନକୁ ଯାଇ ସେଠାରେ କେତେ ପ୍ରକାର ମିଶ୍ରିତ ବସ୍ତ୍ର ଉପଲବ୍‌ଧ ହେଉଛି ତାହା ପର୍ଯ୍ୟବେକ୍ଷଣ କରି ତୁମର ରେକର୍ଡ଼ ଖାତାରେ ଲେଖ ।

| କ୍ରମିକ ସଂଖ୍ୟା | ଉପଲବ୍‌ଧ ମିଶ୍ରିତ ବସ୍ତ୍ର | ଗଠନ |
|---|---|---|
| | | |

**ପାଠଗତ ପ୍ରଶ୍ନ ୨୩.୧**

୧। ଟଙ୍କା ବାକ୍‌ସରୁ ଅକ୍ଷର ନେଇ ଶୂନ୍ୟସ୍ଥାନ ପୂରଣ କର । ପ୍ରତ୍ୟେକ ଅକ୍ଷରକୁ ଏକଥରରୁ ଅଧିକ ବ୍ୟବହାର କରିପାରିବ ।




ଚିତ୍ର ୨୩.୨

(କ) ରାସାୟନିକ ସୂତାକାଟିବା ପ୍ରକ୍ରିୟାର ଅନ୍ତର୍ଗତ ............. ର ଘୋଳ ପ୍ରସ୍ତୁତ କରାଯାଏ । ଏହି ଘୋଳକୁ ............ ରେ ପ୍ରବେଶ କରାଇ .............. ତନ୍ତୁ ପ୍ରସ୍ତୁତ କରାଯାଏ ।

(ଖ) ସୂତା କାଟିବା କେଢ଼ିରେ ............. ବା .......... ରେ କରାଯାଇଥାଏ ।

(ଗ) ସ୍ୱନ ସୂତା ............ ତନ୍ତୁରୁ ଓ ଫିଲାମେଣ୍ଟ ତନ୍ତୁ .......... ତନ୍ତୁରୁ ପ୍ରସ୍ତୁତ କରାଯାଏ ।

(ଘ) ଦୁଇ ପ୍ରକାର ମିଶ୍ରିତ ସୂତା ............. ଓ .......... ଅଟେ ।

## ୨୩.୩ ସୂତାର ବିଶ୍ଳେଷଣ ବା ବୈଶିଷ୍ଟ

ପୂର୍ବ ପାଠରେ ବିଭିନ୍ନ ତନ୍ତୁର ବୈଶିଷ୍ଟ ଓ କିପରି ଏହା ବସ୍ତ୍ରର ଗୁଣକୁ ପ୍ରଭାବିତ କରିଥାଏ । ଆଲୋଚନା କରାଯାଇଛି । ସୂତାର ଗୁଣ ମଧ୍ୟ ବସ୍ତ୍ରର ବ୍ୟବହାରକୁ ପ୍ରଭାବିତ କରିଥାଏ ।

ସୂତାର ଦୁଇଟି ଅତି ମହତ୍ୱପୂର୍ଣ୍ଣ ଗୁଣ ଏହାର ମୋଟେଇ/ ପତଳା ଓ ଏଥିରେ ଦିଆଯାଇଥିବା ମୋଡ଼ାର ମାତ୍ରା ସ୍ୱପ୍ନର ଏହି ଦୁଇଟି ଗୁଣ ପରସ୍ପର ସମ୍ବନ୍ଧିତ । ଗୋଟିଏ ସୂତାରେ ଯେତେ ଅଧିକ ମୋଡ଼ା ଥାଏ ସୂତା ସେତେ ଅଧିକ ପତଳା, ଚିକ୍କଣ ଓ ଦୃଢ଼ ହୋଇଥାଏ । ତୁମେ ସୂତା ପ୍ରସ୍ତୁତିର ଅଧ୍ୟାୟକୁ ମନେ ରଖିଛ କି ? ଯେତେ ଅଧିକ ତନ୍ତୁ ଟାଣି ମୋଡ଼ା ଦେବେ ସେତେ ପତଳା ସୁକ୍ଷ୍ମ ସୂତା ମିଳିପାରିବ ।

ଯାହାବି ହେଉ ଯଦି ସୂତାରେ ଅଧିକ ମୋଡ଼ା ଦିଆଯାଏ ତେବେ ବସ୍ତ୍ରରେ ଲୋଉକୋଉ ପ୍ରଭାବ ଆସିଥାଏ ।

ଏହି ପ୍ରକାର ଅଧିକ ମୋଡ଼ା ଦିଆଯାଇଥିବା ସୂତାକୁ କ୍ରେପ ସୂତା କୁହାଯାଇଥାଏ ଓ ଏହି ପ୍ରକାର ବସ୍ତ୍ରକୁ ଓଢ଼ଣୀ (dupatta) ପାଇଁ ବ୍ୟବହାର କରାଯାଇଥାଏ ।

## ୨୩.୪ ସୂତାର ପ୍ରକାର


ସୂତାର ଗଠନକୁ ଆଧାର କରି ସୂତାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି :

(କ) ସରଳ ସୂତା, (ଖ) ଜଟିଳ ବା (Novelity) ସୂତା, (ଗ) ବିରଚନ (Textumed)ସୂତା

### (୧)(କ) ସରଳ ସୂତା :


ଏକ ସୂତା ଯାହା ଚିକ୍କଣ ଓ ସମାନ ଭାବରେ ଏଥିରେ ମୋଡ଼ା ଦିଆଯାଇଥାଏ, ତାହାକୁ ସରଳ ସୂତା କୁହାଯାଏ । ପପ୍‌ଲିନ୍ ଓ କ୍ରେମ୍ବିଜ୍ କପଡ଼ା ପ୍ରସ୍ତୁତି ପାଇଁ ଏହି ସୂତା ବ୍ୟବହାର କରାଯାଏ । ସରଳ ସୂତାକୁ ପୁଣି ତିନି ଭାଗରେ ବିଭକ୍ତ କରାଯାଇଛି ।

ସରଳ ଏକକ ସୂତା ଯାହା ସମାନ ମୋଡ଼ା ଦିଆଯାଇ ପ୍ରସ୍ତୁତ କରାଯାଇଥାଏ ।



**ଚିତ୍ର ୨୩.୩ ସରଳ ଏକକ ସୂତା**

(ଖ) ଏକ ସରଳ ପ୍ଲାଏ ସୂତା : ଯେଉଁଥିରେ ଦୁଇ ବା ଦୁଇରୁ ଅଧିକ ଏକକ ସୂତା ନେଇ ସମାନ ଭାବରେ ଏକତ୍ର ମୋଡ଼ା ଦିଆଯାଇଥାଏ ଯଦି ପ୍ଲାଏ ଦୁଇ ଏକକ ବିଶିଷ୍ଟ ହୋଇଥାଏ ତେବେ ଏହାକୁ ଦୁଇ ପ୍ଲାଏ (Two ply yarn) ସୂତା କୁହାଯାଏ । ଏହି ପ୍ରକାର ସୂତା ୨×୨ (2×2) ରୁବିଆ ବସ୍ତ୍ରରେ ଦେଖାଯାଇଥାଏ । ଏହି ବସ୍ତ୍ରରେ ଦୁଇ ଦିଗରେ ଏହି ସୂତା ବ୍ୟବହାର ହୋଇଥାଏ ।



**ଚିତ୍ର ୨୩.୪ ଟୁ ପ୍ଲାଏ ସୂତା** (Two ply yarn)

ଏହି ପରି ତିନି ପ୍ଲାଏ ସୂତା ବା ଚାରି ପ୍ଲାଏ ସୂତା ଉପଲବ୍ଧ ହୋଇଥାଏ ।




**ଚିତ୍ର ୨୩.୫ ତିନି ପ୍ଲାଏ ସୂତା**



**ଚିତ୍ର ୨୩.୬ ଚାରି ପ୍ଲାଏ ସୂତା**

ଏକ ସରଳ କର୍ଡ଼ ସୂତା : ଯେଉଁଥିରେ ଦୁଇ ବା ଅଧିକ ପ୍ଲାଏ ସୂତା ଏକତ୍ର ମୋଡ଼ା ଦିଆଯାଇ ପ୍ରସ୍ତୁତ ହୋଇଥାଏ । ଏକ କର୍ଡ଼ ସୂତାକୁ ଦେଖିବା ପାଇଁ ବସ୍ତ୍ର ଶୁଖାଇବା ଦଉଡ଼ି ନେଇ ଏହା ଖୋଲି ଦେଖ ।



**ଚିତ୍ର ୨୩.୭**

କର୍ଡ଼ ସୂତା ପ୍ରସ୍ତୁତି : ଦୁଇ ବା ଅଧିକ ପ୍ଲାଏ ସୂତା ନେଇ ଏକାଠି ମୋଡ଼ା ଦେଲେ ଏହା କର୍ଡ଼ ସୂତା ପ୍ରସ୍ତୁତ କରେ ।

**୨। ଜଟିଳ ବା (ନଭେଲିଟି) ସୂତା :**

ବସ୍ତ୍ର ସୂତା ସବୁ ସମୟରେ ଚିକ୍କଣ ଓ ସମାନ ହୋଇନଥାଏ । ଗୋଟିଏ "ଖଦି" ବସ୍ତ୍ରକୁ ରେସରେସ କରି ଏହାର ସୂତାକୁ ଦେଖ । ତୁମେ ଦେଖିବ ଯେ ଏହି ସୂତା ଏକ ସମାନ ନହୋଇ କେଉଁଠି କେଉଁଠି ମୋଟା ଓ କେଉଁଠି କେଉଁଠି ପତଳା ହୋଇଥାଏ । ଏହି ସୂତାକୁ ଜଟିଳ ସୂତା ବା ନଭେଲିଟି ସୂତା କୁହାଯାଏ । ଜଟିଳ ସୂତା ଅସମାନ ହୋଇଥାଏ । ଯାହା କେଉଁଠି ମୋଟା ଓ କେଉଁଠି ପତଳା ହେବା ସହିତ ଆହୁରି ମଧ୍ୟ କୁଞ୍ଚ କୁଞ୍ଚ ଲୁଗା ସହିତ ମୋଡ଼ା ଯୁକ୍ତ ଓ ଲମ୍ବାଇଲେ ରଙ୍ଗର ବିଭିନ୍ନତା ମଧ୍ୟ ରହିଥାଏ । ସୂତାର ଏହି ସୁନ୍ଦରତା କାରଣରୁ ଏହି ଜଟିଳ ସୂତାକୁ ବସ୍ତ୍ରରେ ସୁନ୍ଦର ଓ ନୂଆ ପ୍ରଭାବ ପାଇଁ ବ୍ୟବହାର କରାଯାଇଥାଏ । ସାଧାରଣ ସୂତା ପରି ଜଟିଳ ସୂତା ବି ଏକକ ବା ଦୁଇ ପ୍ଲାଏ ହୋଇପାରେ ।

ଏକ ଏକକ ଜଟିଳ ସୂତା ସାଧାରଣତଃ ଅସମାନ ମୋଡ଼ାଯାଇ କେଉଁଠି ମୋଟା ଓ କେଉଁଠି ପତଳା ହୋଇଥାଏ । "ଖଦି" ବସ୍ତ୍ରରେ ଏହି ପ୍ରକାର ସୂତା ଦେଖାଯାଇଥାଏ ।

ଜଟିଳ ସୂତା ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ପ୍ଲାଏ ସୂତା ସମାନ ଭାବରେ ମୋଡ଼ାଯାଇଥିବା ଦୁଇଟି ବା ଅଧିକ ସୂତାକୁ ନେଇ ଗଠିତ । ଜଟିଳ ପ୍ଲାଏ ସୂତାରେ ଦୁଇ ବା ଅଧିକ ଜଟିଳ ସୂତା ପରସ୍ପର ମୋଡ଼ି ହୋଇ କୁଞ୍ଚ କୁଞ୍ଚ ଏବଂ ଗଣ୍ଠି ଗଠନ କରି ନୂଆ ସୁନ୍ଦର ପ୍ରଭାବ ଆଣିଥାଏ । ଅନେକ ବୁଣାଇ ସୂତା ଜଟିଳ ପ୍ଲାଏ ସୂତାରେ ତିଆରି ହୋଇ ସ୍ୱେଟରମାନଙ୍କର ରୁଚିକର ପ୍ରଭାବ ଆଣିଥାଏ ।

(Core yarn) କୋର ସୂତା ଏକ ଅନ୍ୟ ପ୍ରକାର ସୂତା ଯାହା ତୁମେ ନିଶ୍ଚୟ ଦେଖିଥିବ । ତୁମ ପୁରୁଣା ମୋଜାରୁ ଗୋଟିଏ ଇଲାଷ୍ଟିକ୍ ଟାଣି ଆଣ ତୁମେ ଦେଖିବ ଯେ ସେହି ଇଲାଷ୍ଟିକ୍ ଆଉ



ମନ୍ତବ୍ୟ (Notes)

ଗୋଟିଏ କାର୍ପାସ ବା ନାଇଲନ ସୂତା ଦ୍ୱାରା ଗୁଡ଼ାଇ ହୋଇ ରହିଛି । ଏହି ସୂତାକୁ କୋର ସୂତା କୁହାଯାଏ ଏବଂ ଏହାକୁ ନଭେଲ୍‌ଟି ସୂତା ଭାବରେ ଶ୍ରେଣୀଭୁକ୍ତ କରାଯାଇଛି । ଜଟିଳ ଓ ନଭେଲଟି ସୂତାର କେତେକ ଉଦାହରଣ ନିମ୍ନରେ ଚିତ୍ର ସହିତ ବର୍ଣ୍ଣନା କରାଯାଇଛି ।




**ଚିତ୍ର ୨୩.୮ (କ) ସ୍ଲବ** (slub) **ସୂତା (କେଉଁଠି ମୋଟା ଓ କେଉଁଠି ପତଳା)**




**ଚିତ୍ର ୨୩.୮ (ଖ) ସ୍ପିରା** (Spira) **ଜିମ୍ପ** (Gimp)
**(ଏହା ହେଉଛି ନରମ ମୋଟା ସୂତା ଓ ଟାଣ ସୂକ୍ଷ୍ମ ସୂତା ସହିତ ମୋଡ଼ି ହୋଇ ରହିଥିବା ସୂତା)**



**ଚିତ୍ର ୨୩.୮ (ଗ) ବକଲ ସୂତା** (Boucle)
**(ଦୁଇଟି ଭିନ୍ନ ଭିନ୍ନ ପ୍ରକାର ସୂତା ତନ୍ତୁରେ ଭିନ୍ନ ଭିନ୍ନ ବେଗରେ ଦିଆଯାଇ ଗୋଟିଏ ଅଲଗା ପ୍ରସବ ଅଣାଯାଇଥାଏ)**




**ଚିତ୍ର ୨୩.୮ (ଘ) ଲୁପ** (Loop)
**(କୋର ସୂତା ସହିତ ଟାଣ ତନ୍ତୁ ମିଶିକରି ଲୁପ ପ୍ରସ୍ତୁତ କରିଥାଏ ଯାହା କୋର ସୂତାରୁ ବାହାରକୁ ବାହାରିଥାଏ)**



**ଚିତ୍ର ୨୩.୮ (ଙ) ସ୍ନାରଲ** (Snarl) **ସୂତା (ଅତ୍ୟଧିକ ମୋଡ଼ାଯାଇଥିବା ସୂତା)**



**ଚିତ୍ର ୨୩.୮ (ଚ) ନପ୍** (Knop) **ସୂତା**
**(ମୂଳ ସୂତାକୁ ଆଧାର କରି ଦୃତଗତିରେ ନପ ତିଆରି କରାଯାଇଥାଏ)**



ଚିତ୍ର ୨୩.୮ (ଛ) ଚେନିଲି (Chenille)
**(ବୁଣାଇ ହୋଇସାରିବା ପରେ କଟାଯାଇ ସୂତା ପ୍ରସ୍ତୁତ କରାଯାଏ)**

ମନ୍ତବ୍ୟ (Notes)

**୩। ବିରଚନ ସୂତା :**

ଯେତେବେଳେ ତୁମେ ଗୋଟିଏ ସ୍ୱେଟରକୁ ଖୋଲିବ ଦେଖିବ ଯେ ଯେଉଁ ସୂତା ତୁମେ ବୁଣିବା ସମୟରେ ସିଧା ଥିଲା ତାହା ବର୍ତ୍ତମାନ କୁଞ୍ଚି କୁଞ୍ଚି ବା ଢେଉ ଢେଉ ହୋଇଯାଇଛି । ଏହି ସୂତା (ଉଲ) କୁ ଆମେ ବିରଚନ (Textumed) ସୂତା କହିଥାଉ ।

**ବିରଚନ (Textumed) କ'ଣ :**

| |
|---|
| ସାଧାରଣତ ବିରଚନ ଏକ ପ୍ରୟୋଗାତ୍ମକ କୌଶଳ ଯାହା କୃତ୍ରିମ ଦୀର୍ଘ ତନ୍ତୁରେ ପ୍ରୟୋଗ କରାଯାଏ । ଫଳରେ ତାହା କୁଞ୍ଚିକୁଞ୍ଚିଆ ହୋଇ ଲୁପ, କଏଲ ଓ କ୍ରିମ୍ପ ପରି ଆକାର ଧାରଣ କରେ । |

ଏହି ଚିକ୍କଣ ଦୀର୍ଘ ତନ୍ତୁରେ ଦିଆଯାଉଥିବା ବିରଚନ ପରେ ନିମ୍ନ ପ୍ରଭାବ ଦେଖିବାକୁ ମିଳିଥାଏ ।


ତୁମେ ପୂର୍ବ ପାଠରେ ପଢିଥିବା କୃତ୍ରିମ ତନ୍ତୁ ଯେମିତି ନାଇଲନ ଓ ପଲିଷ୍ଟରର ଗୁଣ ମନେ ରଖିଛ କି ? ହଁ, ଏହା ଚିକ୍କଣ, ହାଲୁକା, ଖସଡ଼ିଆ ଓ ଏହାର ଆର୍ଦ୍ରତା ଶୋଷଣ କରିବା କ୍ଷମତା କମ୍ ଥାଏ ।

ଏହିପରି ସାଧାରଣ ଦୀର୍ଘକାର ତନ୍ତୁରେ ପ୍ରସ୍ତୁତ ବସ୍ତ୍ର ପିନ୍ଧିବା ପାଇଁ ଅସୁବିଧାଜନକ ହୋଇଥାଏ । ଯେତେବେଳେ ଏହି ଦୀର୍ଘକାର ତନ୍ତୁକୁ ବିରଚନ କରାଯାଏ ତାହା ଆହୁରି ଘନ, ଭାରୀ ଓ ବିସ୍ତାର ଉପଯୋଗୀ ହୋଇଯାଇଥାଏ । ପରିବର୍ତ୍ତିତ ବିରଚନର (Textumed) କାରଣରୁ ସୂତା ମଝିରେ ଖାଲିସ୍ଥାନ ସୃଷ୍ଟି ହୋଇଥାଏ । ଏହା କପଡ଼ାକୁ ଅଧିକ ଶୋଷକଶୀଳ ଓ ବାୟୁ ଯାତାୟତଶୀଳ କରାଇଥାଏ ଫଳରେ କପଡ଼ାଟି ପିନ୍ଧିବାକୁ ଅଧିକ ଆରାମପ୍ରଦ ହୋଇଥାଏ ।

ବିରଚନ ସୂତାକୁ ଦେଖିବା ପାଇଁ ତୁମେ ତୁମର ନାଇଲନ୍ ମୋଜାରୁ ଗୋଟିଏ ସୂତା ଟାଣ ତୁମେ ଦେଖିପାରିବ ଯେ ଏହି ସୂତା ନରମ ବିସ୍ତାରଶୀଳ ଫୁଲିଫୁଲିକା ହେଇଥାଏ ଏବଂ ଏହା ସାଧାରଣ ନାଇଲନ୍ ସୂତାଠାରୁ ଅଧିକ ଘନ ଅଟେ ।



ଚିତ୍ର ୨୩.୯ (କ)
ମୋଡ଼ି ଯୋଡ଼ିବା (Coiled)



ଚିତ୍ର ୨୩.୯ (ଖ)
ଅଗ୍ରଭାଗ ଢେଉ ଢେଉକା (Crimped)



ମନ୍ତବ୍ୟ (Notes)



ଚିତ୍ର ୨୩.୯ (ଗ)
ଅଗ୍ରଭାଗ ଗୋଲାକାର ଏବଂ ଢେଉ ଢେଉକା (Rounded Crimped)



ଚିତ୍ର ୨୩.୯ (ଘ) କୁଞ୍ଚି କୁଞ୍ଚିଆ (Curled)



ଚିତ୍ର ୨୩.୯ (ଙ)
ଅଧିକ ଭାରି ମୋଟା ସୂତା (High Bulk-Stretched and Relaxed)

**ସୂତା ଏବଂ ଲଚ୍ଛି ସୂତା :**

ତୁମେ ସୂତା ଓ ଲଚ୍ଛିସୂତା ଉଭୟ ଶବ୍ଦକୁ ପ୍ରାୟ ଏକାପରି ବ୍ୟବହାର କରିଥାଅ । ପ୍ରକୃତରେ ସୂତା ଓ ଲଚ୍ଛିସୂତା ସମାନପରି ଅଟେ କିନ୍ତୁ ଏହା ସମାନ ନୁହେଁ । ଲଚ୍ଛିସୂତାକୁ ଅଧିକା କିଛି ପ୍ରକ୍ରିୟା କରଣ ଭିତର ଦେଇ ସୂତା ପ୍ରସ୍ତୁତ କରାଯାଇଥାଏ ।

| |
|---|
| ସାଧାରଣତଃ ସୂତା (Thread) ହେଉଛି ପ୍ଲାଏ ସୂତା (Play Thread), ଏହା ଅଧିକ ସମାନ, ପତଳା ଏବଂ ଦୃଢ଼ ଅଟେ । |

**ପାଠଗତ ପ୍ରଶ୍ନ ୨୩.୨**

**୧। ନିମ୍ନଲିଖିତ ଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

(କ) ଏକକ ସୂତା ଏବଂ ପ୍ଲାଏ ସୂତା

(ଖ) ବଡ଼ ସୂତା ଏବଂ କୋର ସୂତା

(ଗ) ଜଟିଳ ସୂତା ଏବଂ ବିରଚନ ସୂତା

(ଘ) ସୂତା ଏବଂ ଲଚ୍ଛି ସୂତା

**୨। ନିମ୍ନଲିଖିତ ବାକ୍ୟଗୁଡ଼ିକର ଉପଯୋଗୀତାକୁ ଋହିଁ ଉଦାହରଣ ସହିତ ଏହାର ଯଥାର୍ଥତା ପ୍ରତିପାଦନ କର ।**

(କ) ସୂତା ତିଆରି ସମୟରେ ଅଧିକ ମୋଡ଼ା ଦେଲେ ଏହା ସୂତାରେ ଲୋଝ କୋଝର ପ୍ରଭାବ ଆଣିଥାଏ ।


(ଖ) ଜଟିଳ ସୂତା ବସ୍ତ୍ରରେ ସୁନ୍ଦରତାର ପ୍ରଭାବ ଆଣିଥାଏ ।

(ଗ) ଜଟିଳ ସୂତାର ବ୍ୟାସ ସମାନ ହୋଇନଥାଏ ।

(ଘ) ସୂତା ଲଚ୍ଛି ସୂତା ସହିତ ସମାନ ନୁହେଁ ।

ମନ୍ତବ୍ୟ (Notes)

୩। ଶବ୍ଦ ଗୋଲକ ଧନ୍ଦା ।




**ସୂଚନା :**

୧। ଅନ୍ତର୍ବାସ ପାଇଁ ଭଲ ତନ୍ତୁ

୫। ମଣିଷ ତିଆରି ଦୃଢତମ ତନ୍ତୁ


**ଆଡ଼ ଭାବରେ :**

୨। ଦୃଢ ଓ ଭଲ ଭାବରେ ମୋଡ଼ା ଯାଇଥିବା ସୂତ

୩। ତନ୍ତୁ ଗୁଚ୍ଛ

୪। ମଣିଷ ତିଆରି ସେଲୁଲୋଜିକ୍ (Cellulosic) ତନ୍ତୁ

## ତୁମେ କ'ଣ ଶିଖିଲ





ମନ୍ତବ୍ୟ (Notes)

**ପାଠ୍ୟାନ୍ତ ପ୍ରଶ୍ନାବଳୀ :**

୧। ସୂତାର ପରିଭାଷା ବର୍ଣ୍ଣନା କର ?

୨। ଷ୍ଟେପ୍‌ଫୁଲ ତନ୍ତୁ ସୂତା ତିଆରି କରିବା ପଦ୍ଧତି ବର୍ଣ୍ଣନା କର ?

୩। ବିରଚନ ସୂତାରୁ ତିଆରି କରାଯାଇଥିବା କପଡ଼ା ପିନ୍ଧିବାକୁ କାହିଁକି ଆରାମଦାୟକ ?

୪। ଲଚ୍ଛି ସୂତାକୁ ସୂତାରେ ପରିଣତ କରିବାପାଇଁ କେଉଁ କେଉଁ ଅଧିକ ଗୁଣାବଳୀ ଆବଶ୍ୟକ ?

୫। ଟେରିଉଲ କପଡ଼ା କିଣିବା ସମୟରେ ତୁମେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବ ।

**ପାଠାଗତ ପ୍ରଶ୍ନର ଉତ୍ତର :**

**୨୩.୧** ୧। (କ) ସୂତାକଟା, ସୂତାକଟା ଚଲୁଣୀ, ଘନୀକରଣ

(ଖ) ସୂତାକଟା ଚରଖା, ସୂତାକଟା ଯନ୍ତ୍ର

(ଗ) ଷ୍ଟେପଲ ତନ୍ତୁ, ଦୀର୍ଘକାର ତନ୍ତୁ

(ଘ) କଟସୁଲ୍, ଟେରିକଟ୍

**୨୩.୨** ୧। ପଠିତ ବିଷୟକୁ ଦେଖ

୨। ପଠିତ ବିଷୟକୁ ଦେଖ

୩। ୧. କାର୍ପାସ, ୨. ସୂତା, ୩. ଲଚ୍ଛିସୂତା, ୪. ରେୟନ, ୫. ନାଇଲନ୍

**ଶୁଣିବା ପାଇଁ**

ମିଶ୍ରିତ କ୍ରିୟା ଓ ତାହାର ଉପକାରିତା

**ଦେଖିବା ପାଇଁ**

ସୂତା ତିଆରି ଉପରେ ଆଧାରିତ ଚିତ୍ର

*For more information*

*http://www.fabriclink.com*

*http://www.allfiberarts.com/ cs/ dyeinfo.html*





# ୨୪

# ବସ୍ତ୍ର ନିର୍ମାଣ

ଯେତେବେଳେ ତୁମେ ବ୍ୟବହାର କରୁଥିବା ବସ୍ତ୍ର, ପର୍ଦା ଓ ଚଦର ଦେଖ, ସେଥିରେ କିଛି ଭିନ୍ନତା ଦେଖିଥାଅ କି ? କିଛି ବସ୍ତ୍ର ମୋଟା ଓ କିଛି ପତଳା, କିଛି ସାଧା ତ କିଛି ଡିଜାଇନ୍ ବାଲା କିଛି ଟାଣ ତ କିଛି ନରମ ହୋଇଥାଏ । ଯଦି ତୁମେ ନିଜ ବସ୍ତ୍ରର କପଡ଼ା ନିରିକ୍ଷଣ କରିବ ତେବେ ଦେଖିବ ଯେ ତୁମର ଅର୍ନ୍ତବାସ ବାହାର ପିନ୍ଧିବା ବସ୍ତ୍ର କପଡ଼ାଠାରୁ ଭିନ୍ନ ଅଟେ । କପଡ଼ାର ଏହି ଭିନ୍ନତା ତାହାର ନିର୍ମାଣ ନେଇ ହୋଇଥାଏ । ପୂର୍ବପାଠରେ ତୁମେ ଶିଖିସାରିଛ ଯେ ବସ୍ତ୍ରର ଗୁଣ, ଆକୃତି ଓ ପିନ୍ଧିବା ତନ୍ତୁ ଓ ସୂତା ଦ୍ୱାରା ପ୍ରଭାବିତ ହୋଇଥାଏ । ଏହିପରି ବସ୍ତ୍ର ତିଆରିର ବିଧି ମଧ୍ୟ ବସ୍ତ୍ରର ଆକୃତି, ଗୁଣ ଓ କାର୍ଯ୍ୟକାରିତା ପ୍ରଭାବିତ କରିଥାଏ । ଏହି ଅଧ୍ୟାୟରେ ତୁମେ ବସ୍ତ୍ରର ନିର୍ମାଣ ଏହି ଦିଗ ବିଷୟରେ ପଢିବ ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟ ପଢିସାରିବା ପରେ ତୁମେ ନିମ୍ନକୁ କରିପାରିବ ।

- ❖ ବସ୍ତ୍ର ନିର୍ମାଣ ବିଧି ବର୍ଣ୍ଣନା
- ❖ ଉଲ ବୁଣାଇ ବିଧି ବର୍ଣ୍ଣନା
- ❖ ମୂଳ ଆଧାରିତ (Weave) ବୁଣାର ପ୍ରକାର
- ❖ ବୁଣାଯାଇଥିବା (Woven) ବସ୍ତ୍ର ଓ ନିଟେଡ଼ (Knitted) ବସ୍ତ୍ର ମଧ୍ୟରେ ପ୍ରଭେଦ କ'ଣ

## ୨୪.୧ : ବସ୍ତ୍ର କ'ଣ ?

ପୂର୍ବ ପାଠରେ ତୁମେ ତନ୍ତୁ ଓ ସୂତା ବିଷୟରେ ପଢିଛ । ପରନ୍ତୁ ଯେବେ ତୁମକୁ ଟେକ୍ସଟାଇଲର ଅର୍ଥ ପଚରାଯାଏ ତେବେ ତୁମେ ବସ୍ତ୍ର, କପଡ଼ା ବା ତିଆରି ବସ୍ତ୍ର ବିଷୟରେ ଭାବିଥାଅ । ପ୍ରକୃତରେ ପୋଷାକ ଓ ଘର ଉପଯୋଗୀ ବସ୍ତ୍ର ଆଦି ପ୍ରସ୍ତୁତ ପୂର୍ବରୁ ତନ୍ତୁ ଓ ସୂତାକୁ ବସ୍ତ୍ର ବା କପଡ଼ାରେ ପରିବର୍ତ୍ତିତ କରିବାକୁ ।

**କପଡ଼ାର ଯେ କୌଣସି ଅଂଶ ବସ୍ତ୍ର ଅଟେ**

ତୁମେ ଯେତେବେଳେ ବଜାର ଯାଅ କ'ଣ ଦେଖିଥାଅ ? ଦୋକାନରେ ଅନେକ ପ୍ରକାର ବସ୍ତ୍ର ଦ୍ୱାରା ଭର୍ତ୍ତି ହୋଇଥାଏ । ଆସ ଦେଖିବା ବସ୍ତ୍ର କିପରି ତିଆରି ବା ପ୍ରସ୍ତୁତ ହୋଇଥାଏ ।

**ବସ୍ତ୍ର କିପରି ପ୍ରସ୍ତୁତ ହୋଇଥାଏ ?**

ବସ୍ତ୍ର ଅନେକ ପ୍ରକାର ଟେକ୍‌ନିକ୍‌ରେ ତିଆରି ବା ପ୍ରସ୍ତୁତ ହୋଇଥାଏ ଯାହା ନିମ୍ନରେ ଦିଆଯାଇଛି ।


(କ) ଉଇଭିଙ୍ଗ — (ଖ) ବୁଣାଇ ବା ନିଟିଙ୍ଗ

(ଗ) ବିନା ବୁଣା ବସ୍ତ୍ର — (ଘ) ବ୍ରେଡ଼ଡ଼ ବସ୍ତ୍ର

(ଙ) ନେଟ ବା ଜାଲି ବସ୍ତ୍ର — (ଚ) ଲେସ୍


ଆସ ଏହି ଟେକ୍‌ନିକ୍ ବିଷୟରେ ବିଶେଷ କିଛି ଜାଣିବା

**(କ) ବସ୍ତ୍ର ବୁଣିବା (ଉଇଭିଙ୍ଗ) :** ଏହା ବସ୍ତ୍ର ପ୍ରସ୍ତୁତିର ସବୁଠୁ ସାଧାରଣ ପଦ୍ଧତି । ତୁମେ ଆସନ ବା ଚଟାଇ ପ୍ରସ୍ତୁତ ହେବା ଦେଖିଥିବ । ବସ୍ତ୍ର ବୁଣା (ଉଇଭିଙ୍ଗ) ଚଟାଇ ବୁଣା ପରି ସମାନ ହୋଇଥାଏ । ଯେଉଁଠି ଦୁଇ ଗଣ୍ଡିଲି ସୂତା ସମକୋଣରେ ପରସ୍ପର ଅନ୍ତର୍ଗଠିତ ହୋଇ ବୁଣା ହୋଇଥାଏ । ଉଇଭିଙ୍ଗ (ବୁଣା) କପଡ଼ା ଗୋଟିଏ ଦୃଢ଼ ବସ୍ତ୍ର ଦେଇଥାଏ । ତୁମେ ପପ୍‌ଲିନ୍, ଡେନିମ୍ ଓ କେମ୍ବ୍ରିକ କପଡ଼ାର ନାମ ଶୁଣିଛ କି ? ହଁ ଏହି ପ୍ରକାର କପଡ଼ା ସମସ୍ତ ଦୋକାନରେ ଉପଲବଧ ହୋଇଥାଏ ଓ ଏହି କପଡ଼ାରୁ ପ୍ରସ୍ତୁତ ପୋଷାକ ତୁମେ ନିଶ୍ଚୟ ବ୍ୟବହାର କରିଥିବ ।



ଚିତ୍ର ୨୪.୧ : ଉଇଭିଙ୍ଗ

**(ଖ) ନିଟିଙ୍ଗ ବା ବୁଣାଇ :** ତୁମେ ଯେତେବେଳେ ସ୍ୱେଟର ବୁଣ ସେତେବେଳେ ସ୍ୱେଟର ବୁଣିବା ସମୟରେ ଉଲର ଗୋଟିଏ ଗୋଳା ନିଆଯାଇଥାଏ । ଫନ୍ଦାକୁ ସାଧାରଣତଃ ଗୋଟିଏ ଗୋଳା ନେଇ ବୁଣିଥାଅ ଯାହାକି ଗୋଟିଏ ନିଜ ମଧ୍ୟରେ ଗୁନ୍ଥି ବସ୍ତ୍ର ପ୍ରସ୍ତୁତ ହୋଇଥାଏ । ଏହି ପ୍ରଣାଳୀକୁ ବୁଣାଇ କୁହାଯାଏ । ଫନ୍ଦା ଭିତରେ ଆଉ ଗୋଟିଏ ଫନ୍ଦା ନେଇ ସ୍ୱେଟରଟି ବୁଣାଯାଏ । ଏହି ପ୍ରଣାଳୀକୁ ବୁଣାଇ (ନିଟିଙ୍ଗ) କୁହାଯାଏ ଏବଂ ଏପରି ବୁଣାଇ କପଡ଼ାକୁ ଖୁବ୍ ଅଧିକ ବିସ୍ତାରିତ ହେବା ସହଜରେ ଯତ୍ନ ନେବାର ଗୁଣ ଦେଇଥାଏ ।



ଚିତ୍ର ୨୪.୨ : ନିଟିଙ୍ଗ୍ ବୁଣାଇ

ଏହିପରି (ନିଟିଙ୍ଗ) ବୁଣାଇ ମୁଖ୍ୟତଃ ଗଞ୍ଜି କପଡ଼ାରେ ବ୍ୟବହୃତ ହୋଇଥାଏ । ଏହି ପଦ୍ଧତିରେ ବୁଣା ଯାଇଥିବା କପଡ଼ା ଅନ୍ତର୍ବାସ, ମୋଜା ଏବଂ ଟି-ସାର୍ଟ ପ୍ରଭୃତି ପୋଷାକ ପାଇଁ ବିଶେଷ ଉପଯୋଗୀ ।

**(ଗ) ବିନା ବୁଣା ବସ୍ତ୍ର :** ବିନା ବୁଣାଇ ନିଟିଙ୍ଗରେ ସିଧାସଳଖ ତନ୍ତୁରୁ ତିଆରି ହୋଇଥାଏ । ଏହି ପଦ୍ଧତିରେ କୌଣସି ଯାନ୍ତ୍ରିକ ଶକ୍ତି, ଅଠା ବା ଉତ୍ତାପ ଦ୍ୱାରା ତନ୍ତୁକୁ ଏକାଠି ରଖାଯାଏ । ନମଦା ଏକ ପରମ୍ପରାଗତ କାଶ୍ମୀରୀ କଳା ଯାହାକି ଏହିପରି ବିନା ବୁଣାର ବସ୍ତ୍ରର ଉଦାହରଣ ।








**(ଘ) ବ୍ରେଡ଼ଡ଼ ବସ୍ତ୍ର :** କେଶରେ ବେଣୀ ପକେଇଲା ପରି ପାଟନ୍‌ରେ ଏପରି ବ୍ରେଡେଡ ବସ୍ତ୍ର ତିଆରି ହୋଇଥାଏ । ଏହି ବସ୍ତ୍ର ମୁଖତଃ ସିଲାଇ କରାଯାଉଥିବା ବସ୍ତ୍ରର ଧାର ସୁଧାରିବା ପାଇଁ ଏବଂ ଜୋତାର ଲେସ୍ ତିଆରି କରିବା ପାଇଁ ବ୍ୟବହାର କରାଯାଇଥାଏ ।




ଚିତ୍ର ୨୪.୩ : ବ୍ରେଡ଼ଡ଼୍ ବସ୍ତ୍ର

**(ଙ) ନେଟ ବା ଜାଲି :** ଏ ଗୁଡ଼ିକ ଖୋଲା ଖୋଲା ଜାଲିପରି ଜ୍ୟାମିତିକ ଆକାରର ବସ୍ତ୍ର ଅଟେ । ଏଥିରେ ସୂତା ଗୁଡ଼ିକୁ ଘୋଡ଼ାଇ ଜାଗାରେ ଗଣ୍ଠି ଦିଆଯାଏ । ତୁମେ ଲକ୍ଷ୍ୟ କରିଥିବ ଏହିପରି ବସ୍ତ୍ର ସାଧାରଣତଃ ମଶାରୀ କପଡ଼ା ତିଆରିରେ ବ୍ୟବହୃତ କରାଯାଏ ।



ଚିତ୍ର ୨୪.୪ : ଜାଲି

**(ଚ) ଲେସ୍ :** ଏହିପରି ବୁଣାଇରେ ସୂତାକୁ ଏପଟ ସେପଟ କରି, ଛକି ପକାଇ ବିଭିନ୍ନ ପ୍ରକାରର ଜଟିଳ ଡିଜାଇନ ପ୍ରସ୍ତୁତ କରାଯାଇଥାଏ । ଏଥିରେ ସୂତାରେ ଫନ୍ଦି କରି ଗଣ୍ଠି ପକେଇ ଖୋଲା ଜାଲିପରି ଗଠନ ପ୍ରସ୍ତୁତ କରାଯାଇଥାଏ ।



ଚିତ୍ର ୨୪.୫ : ଲେସ୍

ଏହିପରି ବୁଣାଇରେ ଖୁବ୍ ସୁନ୍ଦର ଡିଜାଇନ ସୃଷ୍ଟି କରାଯାଇପାରେ । ପୋଷାକର ସୌନ୍ଦର୍ଯ୍ୟ ବଢାଇବା ପାଇଁ ଲେସର ମହତ୍ୱପୂର୍ଣ୍ଣ ବ୍ୟବହାର କରାଯାଇଥାଏ ।


**କାର୍ଯ୍ୟକଳାପ ୨୪.୧.** ବୁଣାହୋଇଥିବା, ନ ବୁଣା ହୋଇଥିବା, ବ୍ରେଡେଡ୍ ନେଟ ବା ଲେସ୍ କପଡ଼ାର ଏକ ଏକ ନମୁନା ସଂଗ୍ରହ କର । ଏଇଥିପାଇଁ ତୁମେ ପାଖରେ ଥିବା ଦରଜି ଦୋକାନ ଏହି ବିଭିନ୍ନ ନମୁନା ସଂଗ୍ରହ କରିବାପରେ ସାହାଯ୍ୟ କରି ଅତ୍ୟନ୍ତ ପାରିବ । ଏହି ନମୂନାକୁ ତୁମ ରେକର୍ଡ଼ ପୁସ୍ତିକାରେ ଅଠା ସାହାଯ୍ୟରେ ଲଗାଇ ତୁମର ପର୍ଯ୍ୟବେକ୍ଷଣକୁ ଉଦାହରଣ ପରି ଲେଖ । ଏହି କାର୍ଯ୍ୟକଳାପ ତୁମକୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଠିକ୍ ବସ୍ତ୍ର ଚୟନ କରିବାରେ ସାହାଯ୍ୟ କରିବ ।

| କ୍ରମିକ ସଂଖ୍ୟା | ନମୂନା | ନାମ | ନିମ୍ନ ଜିନିଷଗୁଡ଼ିକ ତିଆରି କରିବାରେ ସାଧାରଣତ ବ୍ୟବହାର ହୋଇଥାଏ । |
|---|---|---|---|
| ୧। | | ନେଟ | ମଶାରୀ, ଫ୍ରକ, ଲେହେଙ୍ଗା ଓ ଓଢଣୀ ଆଦି |

**ପାଠଗତ ପ୍ରଶ୍ନ ୨୪.୧ :**


୧। ନିମ୍ନରେ ଥିବା ବସ୍ତ୍ର ପ୍ରସ୍ତୁତିର ବିଭିନ୍ନ ପ୍ରଣାଳୀକୁ ଚିହ୍ନାଇ ଦିଅ ।

(କ)



ଚିତ୍ର ୨୪.୬


(ଖ)




ଚିତ୍ର ୨୪.୭





(ଗ) 

ଚିତ୍ର ୨୪.୮

(ଘ) 

ଚିତ୍ର ୨୪.୯


## ୨୪.୨ ବସ୍ତ୍ର ବୁଣା କ'ଣ :

ବସ୍ତ୍ର ବୁଣାରେ ସୂତାର ଦୁଇ ସମୂହ ଏକ ନିର୍ଦ୍ଧାରିତ କ୍ରମରେ ସମକୋଣରେ ଅନ୍ତର୍ଗତ ହୋଇଥାଏ ।

କ'ଣ ତୁମେ କେବେ "ଚଟପାଇ" ତିଆରି ହେବା ଦେଖିଛ ? ସର୍ବପ୍ରଥମେ ଗୋଟିଏ ଫ୍ରେମ୍ ଉପରେ ଦଉଡ଼ି ନେଇ ସମାନ ଅନ୍ତରରେ ଥିବା ଦୁଇଟି ଧାରକୁ ନିଜ ମଧ୍ୟରେ ଅନ୍ତର୍ଗମନ କରାଯାଏ । ଏହାପରେ ଦ୍ୱିତୀୟ ଦଉଡ଼ି ଲମ୍ବପଟରେ ଗୋଟେ ଉପର ଓ ଗୋଟେ ତଳେ ଦେଇ ଚାଲିଯାଏ । ଏହିପ୍ରକାର ଅନ୍ତର୍ଗମନ ଚେକ୍‌ର ପ୍ରଭାବ ଦେଇଥାଏ ଓ ଖୁବ୍ ଦୃଢ ହୋଇଥାଏ ।

ବସ୍ତ୍ର ବୁଣା ମଧ୍ୟ ଠିକ୍ ଏହିପରି କରାଯାଇଥାଏ । ଅନ୍ତର କେବଳ ଏତିକି ଯେ ସୂତା ବୁଣାଇରେ ଫ୍ରେମ୍ ବଦଳରେ ତନ୍ତୁ ବ୍ୟବହାର କରାଯାଇଥାଏ । କେତେକ ଶବ୍ଦ/ ଶବ୍ଦବଳୀ ବହୁ ସମୟରେ ବ୍ୟବହାର କରାଯାଇଥାଏ । ଯାହାକୁ ତୁମେ ଲେବୁଲରେ ମଧ୍ୟ ଦେଖିପାରିବ ।

**ଧାର (ସେଲ୍‌ଭେଜ୍)-** କପଡ଼ାକୁ ନିରିକ୍ଷଣ କରିବା ସମୟରେ ତୁମେ କପଡ଼ାର ଲମ୍ବର ଦୁଇ ପଟରେ ଏକ ଧାର ପାଇବ । ଏହାକୁ ସେଲଭେଜ୍ କୁହାଯାଇଥାଏ ଓ ଏହା କପଡ଼ାକୁ ମଜବୁତ କରିଥାଏ ଓ ଯାହା ବସ୍ତ୍ରର ପରବର୍ତ୍ତୀ ପ୍ରକ୍ରିୟାପାଇଁ ମହତ୍ୱପୂର୍ଣ୍ଣ ଅଟେ ।





**ଚିତ୍ର. ୨୪-୧୦ (ବସ୍ତ୍ର ପ୍ରସ୍ତୁତିରେ ବ୍ୟବହୃତ ସାଧାରଣ ଶବ୍ଦ)**

**ଲମ୍ବ ସୂତା :** ଏଗୁଡ଼ିକ କପଡ଼ାର ଲମ୍ବ ପଟରେ ଥିବା ସୂତା ବା ଏଗୁଡ଼ିକ ଧାର ସହିତ ସମାନ୍ତରାଳ ଭାବରେ ରହିଥାଏ । ଏଗୁଡ଼ିକୁ ଶେଷ (End) ମଧ୍ୟ କୁହାଯାଇଥାଏ ।

**ପ୍ରସ୍ତ ସୂତା :** ଯେତେବେଳେ ତୁମେ ଏକ ବୁଣା ବସ୍ତ୍ର ଦେଖିବ ଏକ ଲମ୍ବସୂତା ଛଡ଼ା ଅନ୍ୟ ଏକ ପ୍ରସ୍ତ ସୂତା ରହିଥାଏ । ଏହାକୁ ପ୍ରସ୍ତ ସୂତା କୁହାଯାଏ । ଲମ୍ବ ସୂତା ସହିତ କ୍ରସ କରି ବା ଲମ୍ବ ସୂତା ମଧ୍ୟରେ ଅନ୍ତର୍ଗମନ କରି ବସ୍ତ୍ର ରଚନା କରିଥାଏ । ଏହାକୁ ପିକ୍ ବା ଫିଲିଙ୍ଗ ବୋଲି କୁହାଯାଇଥାଏ ।

**ସୂତା ଗଣନା (ଥ୍ରେଡ଼୍ କାଉଣ୍ଟ) :** ତୁମେ ଲକ୍ଷ କରିଥିବ ଯେ କିଛି ବୁଣା ବସ୍ତ୍ର ଘନ ଥିବା ବେଳେ ଅନ୍ୟ କେତେକ ଖୋଲା ଖୋଲା ଜାଲି ପ୍ରତିତ ହୋଇଥାଏ । ଏହି ପାର୍ଥକ୍ୟ ସୂତା ଗଣନା କାରଣରୁ ହୋଇଥାଏ ଯାହା କୌଣସି ବସ୍ତ୍ରର ପ୍ରତି ବର୍ଗ ଇଞ୍ଚରେ ଲମ୍ବ ଓ ସୂତାର ସଂଖ୍ୟା କେତେ । ସୂତା ଗଣନା ହିଁ ବସ୍ତ୍ରର ଗୁଣବତ୍ତା ଓ ଦୃଢତାକୁ ପ୍ରତିପାଦିତ କରିଥାଏ । ଅଧିକ ସୂତା ଗଣନା ଥିବା ବସ୍ତ୍ର

କମ୍ ସୂତା ଗଣନାଥିବା ବସ୍ତ୍ର ତୁଳନାରେ ଅଧିକ ଉତ୍ତମ ଏକ ଭଲ କପଡ଼ାରେ ଲମ୍ବ ସୂତା ଓ ପ୍ରସ୍ତସୂତା ପ୍ରାୟତଃ ବେଶୀ/ କମ୍ ସମାନ ରହିଥାଏ ।




**ଚିତ୍ର. ୨୪-୧୧ (ତନ୍ତୁର ବିଭିନ୍ନ ଅଂଶ (କ) ହାରନେସ୍, (ଖ) ଲମ୍ବ ସୂତା, (ଗ) ସଟଲ, (ଘ) କଂଘି (ରିଡ୍), (ଙ) ସୂତା ଗଣନା)**

### ୨୪.୨.୧ ବୁଣାଇ ପ୍ରକ୍ରିୟା :

ବୁଣାଇ ପ୍ରକ୍ରିୟା "ଚଟାଇ" (ଆସନ) ବୁଣା ପ୍ରକ୍ରିୟା ସହିତ ତୁଳନା କରାଯାଇ ପାରେ । ଚଟାଇ ତିଆରି ସମୟରେ ଫ୍ରେମ୍ ଉପରେ କିଛି ଦଉଡ଼ିକୁ ଏକ ସମାନ୍ତରାଳରେ ରଖାଯାଏ । ଚଟାଇ ବୁଣୁଥିବା ବ୍ୟକ୍ତି ନିଜ ଆଙ୍ଗୁଳି ସାହାଯ୍ୟରେ କିଛି ଦଉଡ଼ିକୁ ଉଠାଇ ତାହାର ତଳେ ଆଉ ଗୋଟିଏ ଦଉଡ଼ି ଲମ୍ବରେ ବାହାର କରିନିଏ । ପୁଣି ଗୋଟିଏ ଛୁରୀ ସାହାଯ୍ୟରେ ଏଇ ଦଉଡ଼ିକୁ କସିକରି ଗୋଟିଏ ଘନ (ଖାପି) ଚଟାଇ ପ୍ରସ୍ତୁତ ହୁଏ ।

ବୁଣାଇରେ ଏହି ପ୍ରକାର ପ୍ରକ୍ରିୟା ତନ୍ତରେ ହୋଇଥାଏ । ଲମ୍ବ ସୂତା ଗୁଡ଼ିକ ସମାନ୍ତରାଳ ଭାବରେ ପାଖ ପାଖ ବିଛାଇ ଦିଆଯାଏ । ପରେ ହାତ କିମ୍ବା କୌଣସି ଉପକରଣ ସାହାଯ୍ୟରେ କିଛି ଲମ୍ବ ସୂତାକୁ ଟେକାଯାଏ ଯେମିତିକି ପ୍ରସ୍ତ ସୂତା ଗୋଟିଏ ସଟଲ ମାଧ୍ୟମରେ ଏହା ମଧ୍ୟ ଦେଇ ଅନ୍ତର୍ଗମନ କରି ଦିଆଯାଏ । ଏହିପରି ବୁଣାଇର ପ୍ରଥମ ସ୍ତର ସମ୍ପୂର୍ଣ୍ଣ ହୋଇଥାଏ । ଉଦାହରଣ ସ୍ୱରୂପ ଗୋଟିଏ ଲମ୍ବ ସୂତା ଛାଡ଼ି ଆଉ ଗୋଟିଏ ଲମ୍ବା ସୂତା ଉଠାଇ ବୁଣା ହେବା ଦ୍ୱାରା ସାଧାରଣ ବୁଣା ବସ୍ତ୍ର ପ୍ରାପ୍ତ ହୋଇଥା, । ବୁଣାକୁ ଦୃଢ଼ ଓ ଘନ କରିବାପାଇଁ ଲମ୍ବ ସୂତାକୁ ପାନିଆଁ ପରି ଯନ୍ତ୍ର ସାହାଯ୍ୟରେ ପିଟା ଯାଏ । ଏହି ଯନ୍ତ୍ରକୁ ରିଡ (Read) କୁହାଯାଏ ।

ହସ୍ତତନ୍ତରେ ଏହି ସବୁ ପ୍ରକ୍ରିୟା ହାତଦ୍ୱାରା କରାଯାଏ । କିନ୍ତୁ ବର୍ତ୍ତମାନ ସମୟରେ ଯନ୍ତ୍ରଚାଳିତ ତନ୍ତ ଅଧିକ ଶୀଘ୍ର ବୁଣାଇ ପରିବାପାଇଁ ବ୍ୟବହୃତ ହେଉଛି ।


### ୨୪.୨.୨ ବୁଣାଇର ପ୍ରକାର :

ତୁମେ ନିଶ୍ଚୟ ଦେଖିଥିବ ଯେ ଆମେ ବ୍ୟବହାର କରୁଥିବା ବସ୍ତ୍ର ଭିନ୍ନ ଭିନ୍ନ ଡିଜାଇନ୍ (design)ର ହୋଇଥାଏ । ଏହି ଡିଜାଇନ ନିମ୍ନକାରଣରୁ ହୋଇଥାଏ ।

- ❖ ବିଭିନ୍ନ ପ୍ରକାର ସୂତା ଯେମିତି ସାଧାରଣ ସୂତା, ଜଟିଳ ସୂତା ଓ ବିରଚନ ସୂତାର ପ୍ରୟୋଗକରି
- ❖ ଲମ୍ବ ସୂତା ଓ ପ୍ରସ୍ତ ସୂତାକୁ ଭିନ୍ନ ଭିନ୍ନ ପ୍ରକାରେ ଅନ୍ତର୍ଗମନ କରାଇ ।

୧। ସାଧାରଣ ବୁଣା (Plain weave) : ଏହା ବୁଣାଇର ସବୁଠୁ ସାଧାରଣ ନମୁନା ଓ ବୁଣିବା ପାଇଁ ସବୁଠୁ କମ୍ ଖର୍ଚ୍ଚ ହୋଇଥାଏ । ସାଧାରଣ ବ୍ୟବହୃତ ବସ୍ତ୍ର ଯେମିତିକି ମଲମଲ ଓଢଣି, ଅରଗଣ୍ଡି

ଓ ଶିଫନ ଶାଢୀ ଆଦି ସାଧରଣ ବୁଣାରେ ପ୍ରୟୋଗ କରାଯାଇଥାଏ । ଏହି ବସ୍ତ୍ରରେ ପ୍ରସ୍ତ ସୂତା ପ୍ରତ୍ୟେକ ଲମ୍ବ ସୂତାର ଉପର ଓ ତଳ ହୋଇ ଯାଇଥାଏ । ଯଦି ସୂତା ସାଧାବୁଣାରେ ଅଧିକ ପାଖ ପାଖ ଥାଏ ତେବେ ସୂତା ଗଣନା ଅଧିକ ହୋଇଥାଏ ଓ ଏହି ପ୍ରକାର ବସ୍ତ୍ର ଅଧିକ ଦୃଢ ଓ ଅଧିକ ସ୍ଥାୟୀ ହୋଇଥାଏ ।




ଚିତ୍ର ୨୪.୧୨ ସାଧା ବୁଣା

ସାଧାବୁଣା ଦୁଇ ପ୍ରକାରର ହୋଇଥାଏ :


**ରିବ୍ ବୁଣା (Rib Weave) :**
ପତଳା ସୂତା ସହିତ ମୋଟା ସୂତା
ଏକକ ସୂତା ସହିତ ଦୁଇଟି ମୋଟା ସୂତା,
ଏକାଠି କରି ବସ୍ତ୍ରର ଯେ କୌଣସି ଗୋଟିଏ ବୁଣାଇ
କରି ଲାଇନ୍ (Rib) ଡିଜାଇନ୍ ଅଣାଯାଏ ।

ବାସକେଟ ବୁଣା **(Basket Weave) :**
ଦୁଇ ବା ତତୋଧିକ ଲମ୍ବ ସୂତା ଓ ଠିକ୍ ସେତିକି ପ୍ରସ୍ତ ସୂତାର ତଳ ଓ ଉପର ଦେଇ ଅନ୍ତର୍ଗମନ କଲେ ବାସକେଟ ବୁଣା ହୋଇଥାଏ । ମିଟି କପଡ଼ା ଯାହା କ୍ରସ ଷ୍ଟିଚ୍ କରିବାପାଇଁ ବ୍ୟବହାର ହୋଇଥାଏ । ଏପରି ବୁଣାଇ ଏକ ଉଦାହରଣ ।



ଚିତ୍ର ୨୪.୧୩ ବାସକେଟ ବୁଣାଇ


୨। **ଟ୍ୱିଇଲ ବୁଣାଇ (Twill Weave) :** ଏହା କପଡ଼ା ବୁଣାଇରେ ବଙ୍କା ବଙ୍କା ଗାର ଦେଖାଯାଇଥାଏ । ଏହି ବୁଣାଇ ଖୁବ୍ ଦୃଢ ଏବଂ ସ୍ଥାୟୀ ଅଟେ । ତେଣୁ ସାଧାରଣତଃ ପୁରୁଷମାନଙ୍କର ସୁଟ୍ କୋର୍ଟ ଓ ଜିନ୍ସ୍ କପଡ଼ା ପାଇଁ ଏହି ବୁଣା ପ୍ରୟୋଗ କରାଯାଇଥାଏ । ସାଧା ବୁଣାଇ ଅପେକ୍ଷା ଏହି ବୁଣାଇରେ କମ୍ ମଇଳା (ଧୂଳି) ଦେଖାଯାଏ ।



ଚିତ୍ର ୨୪.୧୪ ଟୁଇଲ ବୁଣାଇ

୩। **ସାଟିନ ବୁଣାଇ :** ଏପରି ବୁଣାଇରେ ସୂତାକୁ ଲମ୍ବ ଲମ୍ବ ଫନ୍ଦାରେ ନିଆଯାଇଥିବାରୁ ଏହି କପଡ଼ା ଖୁବ୍ ସୁନ୍ଦର ଓ ଚକଚକିଆ ହୋଇଥାଏ । ଏହି ବୁଣାରେ ପ୍ରସ୍ତ ସୂତା ଲମ୍ବ ପଟ ସୂତା ଉପରେ ଗୁଡ଼ାଇ ହୋଇ ଅନ୍ତର୍ଗମନ କରିଥାଏ । ଏପରି ଲମ୍ବ ଲମ୍ବ ଫନ୍ଦା ସହଜରେ ଢିଲା ହୋଇଥିବାରୁ ସାଟିନ୍ ବୁଣାଇ ଟୁଇଲ ବୁଣାଇ ବା ସାଧା ବୁଣାଇ ପରି ଶକ୍ତ ନୁହେଁ ।

ଏହି ସାଧା ବୁଣାଇ ବ୍ୟତୀ ତୁମେ ଅନେକ ପ୍ରକାରର ସୁନ୍ଦର ସାଜସଜ୍ଜା ବିଶିଷ୍ଟ ବୁଣା ଦେଖିଥିବ ଯେପରିକି ବସ୍ତ୍ରରେ ଥିବା ବୁଣା ବୁଟି ଡିଜାଇନ । କଡ଼ଡ଼ୋରି କପଡ଼ାରେ ଉପରକୁ ଉଠିଥିବା ସମାନ୍ତରାଳ ଲମ୍ବ ଲେଖା ଦେଖାଯାଇଥାଏ । ତଉଲିଆର ଦୁଇ ପାଖରେ ଫନ୍ଦା ରହିଥାଏ । ଏହି ସମସ୍ତ କପଡ଼ା/ ବସ୍ତ୍ର କିଛି ବିଶିଷ୍ଟ ତନ୍ତ ଓ ବୁଣାଇ କୌଶଳରେ ପ୍ରସ୍ତୁତ ହୋଇଥାଏ । ପରନ୍ତୁ ଏହି ସମସ୍ତ ବସ୍ତ୍ର ମହଙ୍ଗା ହୋଇଥାଏ ।



**ଚିତ୍ର ୨୪.୧୫ ସାଟିନ୍ ବୁଣା**

**କାର୍ଯ୍ୟକଳାପ : ୨୪.୨**

ବିଭିନ୍ନ ପ୍ରକାର ବୁଣାଇର ନମୂନା ସଂଗ୍ରହ କର । ଏହାକୁ ତୁମ ରେକର୍ଡ଼ ଖାତାରେ ଅଠା ଦ୍ୱାରା ଲଗାଇଦିଅ । ଏହି ନମୂନାଗୁଡ଼ିକୁ ଯତ୍ନର ସହିତ ପର୍ଯ୍ୟବେକ୍ଷଣ କରି ଏହାର ବୁଣାଗୁଡ଼ିକ ଚିହ୍ନ ଓ ତୁମ ରେକର୍ଡ଼ ଖାତରେ ଏହାକୁ ଲେଖ ।

| କ୍ରମିକ ସଂଖ୍ୟା | ନମୂନା | ବୁଣା |
|---|---|---|
| ୧ | | |
| ୨ | | |

**ପାଠଗତ ପ୍ରଶ୍ନ ୨୪.୨ :**

୧। ନିମ୍ନଗୁଡ଼ିକ ପାଇଁ ଗୋଟିଏ ଶବ୍ଦ ଦିଅ :

(କ) ସୂତାର ଦୁଇ ସମୂହ ସମକୋଣରେ ଅନ୍ତର୍ଗମନ କରିବା ................. ।


(ଖ) କେବଳ ଗୋଟିଏ ସୂତାର ଫନ୍ଦାରେ ପ୍ରସ୍ତୁତ ବସ୍ତ୍ର .................. ।

(ଗ) ବସ୍ତ୍ରର ଏକ ବର୍ଗ ଇଞ୍ଚରେ ସୂତାର ସଂଖ୍ୟା .................. ।

(ଘ) ଲମ୍ବା ଫନ୍ଦା ନେଇ ବୁଣା ହେବାଦ୍ୱାରା ବସ୍ତ୍ର ଉପରେ ଆସୁଥିବା ଚମକ .................. ।

ମନ୍ତବ୍ୟ (Notes)

୨। ଚିତ୍ରକୁ ଲେବୁଲ କର । (ନାମକରଣ କର)



ଚିତ୍ର ୨୪.୧୬

୩। ମୋଟା ଅକ୍ଷର ଲେଖାଥିବା ବାକ୍ୟକୁ ଗୋଟିଏ ଶବ୍ଦରେ ଲେଖ :

ଏହି ଶବ୍ଦ ପାଇବାପାଇଁ ପୁରା ଅଧ୍ୟାୟକୁ ଧ୍ୟାନପୂର୍ବକ ପଢ ।

(କ) ସୂନିର ଫ୍ରକ କରିବାପାଇଁ ଖୋଲା ଜାଲିଦାର, ଜ୍ୟାମିତୀୟ ଆକାର ବାଲା ବସ୍ତ୍ର ....... ।

(ଖ) ଆମେ ସବୁଜ ରଙ୍ଗ ସୂତାର ଦୁଇ ସମୂହରୁ ପ୍ରସ୍ତୁତ ବସ୍ତ୍ର କିଣୁଛୁ .................. ।

(ଗ) ତୁମେ ତୁମର ସାର୍ଟ ଉପରେ ଜଟିଳ ଡିଜାଇନ ପ୍ରସ୍ତୁତ ପାଇଁ କ୍ରିସ୍ କ୍ରସ ସୂତା କାହିଁକି ବ୍ୟବହାର ନ କରୁଛ .................. ।

(ଘ) ସେ ପ୍ରମୁଖ ତେରେଛା ରେଖା ଥିବା ବାଲା ପ୍ୟାଣ୍ଟ କିଣିଲା ....................... ।

(ଙ) ରେଖା ଗୋଟିଏ କପଡ଼ା ଉପରେ କ୍ରସ ଷ୍ଟିଚ୍‌ରେ ଦୁଇ ବା ଅଧିକ ଲମ୍ବ ସୂତା ଓ ସେତିକି ସଂଖ୍ୟା ପ୍ରସ୍ତ ସୂତା ସହିତ ଅନ୍ତର୍ଗମନ ହୋଇଥିବା କପଡ଼ାରେ ୱାଲ୍ (Wall hanging) ହାଙ୍ଗିଙ୍ଗ୍ ପ୍ରସ୍ତୁତ କରିଛି । ............

## ୨୪.୩ ନିଟିଙ୍ଗ୍ :

**ନିଟିଙ୍ଗ କହିଲେ ଗୋଟିଏ ସୂତାକୁ ଛୁଞ୍ଚି / କଣ୍ଟା (Needles) ସାହାଯ୍ୟରେ ଫନ୍ଦା ଉପରେ ଫନ୍ଦା କରି ବସ୍ତ୍ର ପ୍ରସ୍ତୁତ କରାଯାଏ ।**

ତୁମେ ଜାଣିଛ ଯେ ବୁଣାଇ ପାଇଁ ଉଲର ଗୋଟିଏ ଗୋଳା ଓ ଦୁଇଟି କଣ୍ଟା ସାହାଯ୍ୟରେ ଫନ୍ଦା କରାଯାଇଥାଏ ଯେତେବେଳେ ଗୋଟିଏ ଧାଡ଼ି ଫନ୍ଦା ପ୍ରସ୍ତୁତ ହୋଇଯାଏ ତେବେ ଦ୍ୱିତୀୟ ଧାଡ଼ି ପାଇଁ ପ୍ରଥମ ଧାଡ଼ି ଫନ୍ଦା ମଧ୍ୟରେ ସୂତା ଅନ୍ତର୍ଗମନ କରାଇ ବୁଣାଯାଏ । ଏହିପରି ବୁଣା ବସ୍ତ୍ର ପ୍ରସ୍ତୁତ ହୋଇଥାଏ ।

ବସ୍ତ୍ର ବୁଣିବାରେ ଏହି ବିଧିରେ ଖୁବ୍ ଆରାମଦାୟକ ଓ ପ୍ରସାରିତ ବସ୍ତ୍ର ମିଳିଥାଏ । ଏହା ବସ୍ତ୍ର ଉପରେ ଭାଙ୍ଗବି ପଡ଼ିନଥାଏ । ଏହାର ବିସ୍ତାରିତ ଗୁଣପାଇଁ ଏହି ବିଭିନ୍ନ ମାପ ଲୋକଙ୍କ ପାଇଁ ଠିକ୍ ହୋଇଥାଏ । ଏହାର ବିସ୍ତରିତ ଗୁଣ ପାଇଁ ଏହି ବିଭିନ୍ନ ମାପ ଲୋକଙ୍କ ପାଇଁ ଠିକ୍ ହୋଇଥାଏ । ନିଟିଙ୍ଗ ବସ୍ତ୍ର କେବଳ ସୋଏଟର ପାଇଁ ବ୍ୟବହୃତ ହୁଏ ତା ନୁହେଁ ଆହୁରି ବି ବାନିୟନ, ମୋଜା ଓ ଅର୍ନ୍ତବସ୍ତ୍ର ଆଦି ପ୍ରସ୍ତୁତ



ଚିତ୍ର ୨୪.୧୭ ନିଟିଙ୍ଗ୍

ପାଇଁ ବ୍ୟବହୃତ ହୋଇଥାଏ । ନିଟେଡ଼ ଉଲ ଶୀତଦିନ ପାଇଁ ଉପଯୋଗୀ ହୋଇଥାଏ କାରଣ ଏଥିରେ ଅନେକ ଖାଲିସ୍ଥାନ ଥାଏ ଯାହା ଶରୀରର ତାପକୁ ଧରି ରଖେ ଓ ଉଷ୍ଣତା ପ୍ରଦାନ କରେ ।

ଏକ ବୁଣାଯାଇଥିବା ବସ୍ତ୍ରରେ ତୁମେ ନିମ୍ନକୁ ଦେଖିବାକୁ ପାଇବ ।

କୋର୍ସସେସ୍ (Courses) - ଅନେକଗୁଡ଼ିଏ ଲୁପ ଧାଡ଼ିରେ କ୍ରସ ଦିଗରେ ରହିଥାଏ ।

ୱେଲସ୍ (Wales) - ଏଗୁଡ଼ିକ ଲମ୍ବ ଭାବରେ ବା ଉର୍ଦ୍ଧ୍ୱସ୍ତମ୍ଭର ଫନ୍ଦା ହୋଇଥାଏ ।



**ଚିତ୍ର ୨୪.୧୮ ୱେଲ୍ସ**



**ଚିତ୍ର ୨୪.୧୯ କୋର୍ସସେସ୍**

ତୁମେ ଦେଖିଥିବ ଯେ ଉଲର ମୋଟାଇକୁ ନେଇ ବୁଣାଇ କଣ୍ଟା (needle) ର ଆକାର ଚୟନ କରିବାକୁ ହୋଇଥାଏ । ବସ୍ତ୍ରର ଧାର ବା ବର୍ଡ଼ରକୁ ତିଆରି ପାଇଁ ପତଳା କଣ୍ଟା (needle) ନିଆଯାଇଥାଏ ଯାହା ଦ୍ୱାରା ବର୍ଡ଼ର ତାହାର ଆକାରକୁ ଠିକ୍ ରଖିପାରେ ।

## ୨୪.୪ ବୁଣାଇ (Weaving) ଓ ବୁଣିବା (Knitting)

ତୁମେ ଦେଖିଲ ଯେ ବୁଣାଇ ତଥା ନିଟିଙ୍ଗ ଉଭୟ ବସ୍ତ୍ର ବୁଣିବାର ଲୋକପ୍ରିୟ ପଦ୍ଧତି । ବସ୍ତ୍ରର ଉପଯୋଗ ଓ ଗୁଣକୁ ଆଧାରକରି ଦୁଇଟି ମଧ୍ୟରୁ ଗୋଟିଏକୁ ଚୟନ କରାଯାଏ । ନିମ୍ନ ଟେବୁଲ ଦୁଇଟି ବିଧିର ତୁଳନାତ୍ମକ ଚିତ୍ର ପ୍ରଦାନ କରିଛି ।

ଟେବୁଲ ୨୪.୧ ଉଇଭିଙ୍ଗ ଓ ନିଟିଙ୍ଗ

| | ଗୁଣ | ଉଇଭିଙ୍ଗ | ନିଟିଙ୍ଗ |
|---|---|---|---|
| | |  **ଚିତ୍ର ୨୪.୨୦** |  **ଚିତ୍ର ୨୪.୨୧** |
| ୧। | ସୂତା ସଂଖ୍ୟା | ସମକୋଣରେ ଦୁଇ ସୂତା ସମୂହ ଅନ୍ତର୍ଗମନ ହୋଇଥାଏ । | ଗୋଟିଏ ସୂତା ଦ୍ୱାରା ଫନ୍ଦା ସୃଷ୍ଟି ହୋଇ ବୁଣାଯାଏ । |
| ୨। | ଆବଶ୍ୟକ ଉପକରଣ | ହସ୍ତ ଚାଳିତ ବା ସ୍ୱୟଂଚାଳିତ ତନ୍ତ ହୋଇପାରେ । | ବୁଣା କଣ୍ଟା- ହାତରେ ବୁଣା କଣ୍ଟା ବା ମେସିନ୍‌ରେ ବୁଣା ହୋଇପାରେ । |
| ୩। | ବସ୍ତ୍ର | ଦୃଢ, ଚିକ୍କଣ, ସ୍ଥାୟୀ ଓ ତାର ଆକାର ଧରି ରଖିପାରେ । | ଲୋଚକୋଚ ପ୍ରତିରୋଧକ, ପ୍ରସାରିତ, ନରମ ଶରୀରକୁ ଠିକ୍ ହୋଇଥାଏ । |



ମନ୍ତବ୍ୟ (Notes)

| | | | |
|---|---|---|---|
| ୪। | ଯତ୍ନ ଓ ରକ୍ଷଣା ବେକ୍ଷଣ | ପୁନ ବ୍ୟବହାର ପୂର୍ବରୁ ସଫା ଓ ଇସ୍ତ୍ରୀ ଆବଶ୍ୟକ ହୁଏ | ଇସ୍ତ୍ରୀ ଆବଶ୍ୟକ ହୋଇନଥାଏ କିନ୍ତୁ ସଫା କରିବା ପରେ ସମତଳ ସ୍ଥାନରେ ଶୁଖାଇବା ଆବଶ୍ୟକ ହୁଏ । |
| ୫। | ଡିଜାଇନ୍ | ବିଭିନ୍ନ ପ୍ରକାର ସୂତା ଏବଂ ରଙ୍ଗ ତଥା ବୁଣାରେ କରାଯାଇପାରେ । | ବିଭିନ୍ନ ପ୍ରକାର ଉଲ୍, ଫନ୍ଦା ଓ ରଙ୍ଗର ମାଧ୍ୟମରେ ପ୍ରସ୍ତୁତ କରାଯାଇପାରେ । |
| ୬। | ଉପଯୋଗ/ ବ୍ୟବହାର | ପରିଧାନ, ପର୍ଦ୍ଦା, ଚଦର, ଟେବୁଲ ଲିନେନ୍ ଓ ଅନ୍ୟ କପଡ଼ା ପାଇଁ | ଅନ୍ତର୍ବସ୍ତ୍ର, ହୋସିୟାରୀ, ସ୍ୱୋଏଟର, ଟି.ସାର୍ଟ, ମୋଜା ଆଦି ପାଇଁ । |

## ତୁମେ କ'ଣ ଶିଖିଲ

**ବସ୍ତ୍ର ପ୍ରସ୍ତୁତ କରିବା**

- ଉଇଭିଙ୍ଗ୍
  - ଡିଜାଇନ୍
    - ସୂତା ଭିନ୍ନତା ଦ୍ୱାରା
      - ପ୍ରକାର
      - ରଙ୍ଗ
    - ବୁଣାଇ ଭିନ୍ନତା ଦ୍ୱାରା
      - ସାଧା — ରିବ୍, ବାସଲେଟ୍
      - ଟୁଇଲ୍
      - ସାର୍ଟିନ୍
- ନିଟିଙ୍ଗ୍ → ଶବ୍ଦାବଳୀ → ବିଶେଷତା
- ଅନ୍ୟ
  - ନନ୍‌ଓଭେନ୍
  - ଲେସ
  - ବ୍ରେନ୍ସ୍
  - ନେଟ୍

## ପାଠ୍ୟନ୍ତ ପ୍ରଶ୍ନ

୧। ବସ୍ତ୍ର ପ୍ରସ୍ତୁତର ବିଭିନ୍ନ ପ୍ରଣାଳୀକୁ ବ୍ୟାଖ୍ୟା କର ।

୨। ଉଇଭିଙ୍ଗ/ ବୁଣାଇରେ କିପରି ଡିଜାଇନ୍ କରାଯାଏ ବିସ୍ତାରିତ ବର୍ଣ୍ଣନା କର ।

୩। ଉଇଭିଙ୍ଗ ଓ ନିଟିଙ୍ଗକୁ ତୁଳନା କରି ଏହା ପାର୍ଥକ୍ୟ କର ।

୪। ନିଟେଡ୍ ପୋଷାକ ଶୀତଦିନେ ପିନ୍ଧିବା ପାଇଁ ଉପଯୁକ୍ତ କାହିଁକି ?

୫। ସାଟିନ୍ ଉଇଭ୍ ସାଧା ଉଇଭ୍ ଓ ଟୁଇଲ ଉଇଭ ପରି ଶକ୍ତ କାହିଁକି ହୋଇ ନଥାଏ ?

୬। ଜିସ୍ ପାଇଁ ଟୁଇଲ୍ ଉଇଭ୍ କାହିଁକି ବ୍ୟବହୃତ ହୋଇଥାଏ ?

## ପାଠଗତ ପ୍ରଶ୍ନର ଉତ୍ତର

୨୪.୧. ୧। (କ) ନିଟିଙ୍ଗ୍ (Knitting)

(ଖ) ଲେସ୍

(ଗ) ନେଟ

(ଘ) ଉଇଭିଙ୍ଗ (weaving)

୧୪.୨. ୧। (କ) ଉଇଭିଙ୍ଗ (weaving)
(ଖ) ନିଟିଙ୍ଗ୍ (Knitting)
(ଗ) ସୂତା ଗଣନା
(ଘ) ସାର୍ଟିନ୍
୨। (କ) ପ୍ରସ୍ଥ
(ଖ) ଲମ୍ବ
୩। (କ) ନେଟ୍
(ଖ) ବୁଣା ବସ୍ତ୍ର (Woven fabrics)
(ଗ) ଲେସ୍
(ଘ) ଟୁଇଲ ଉଇଭ
(ଙ) ବାସ୍କେଟ ଉଇଭ

ଅଧିକ ଜାଣିବା ପାଇଁ ଦେଖ

*For more information*

*http://www.fabriclink.com*

*http://www.rallnet.com/ weave.html*





# ୨୫

# ବସ୍ତ୍ର ପରିସଜ୍ଜା

ଆମେ ଯେତେବେଳେ ବସ୍ତ୍ର କିଣିବାପାଇଁ ବଜାରକୁ ଯାଉ ଅନେକ ପ୍ରକାର ବସ୍ତ୍ର ଆମେ ଦେଖିବାକୁ ପାଇଥାଉ ଓ କିଣିବା ପୂର୍ବରୁ ବସ୍ତ୍ର ସମ୍ପର୍କରେ ଅନେକ ପ୍ରଶ୍ନ ଦୋକାନୀକୁ ପଚାରି ବସ୍ତ୍ର କିଣିଥାଉ । ଯେପରି କ'ଣ ଏହି ବସ୍ତ୍ର ଧୋଇବାରେ କମିଯିବ କି ? କ'ଣ ଏହାର ରଙ୍ଗ ପକ୍କା ଅଟେ ? କ'ଣ ଏହି ବସ୍ତ୍ରକୁ ଘରେ ସଫା କରିପାରିବି କି ? ବା ଏହା ଶୁଷ୍କ ପରିଷ୍କୃତ ଦରକାର କରିବ ? କିଛି ବସ୍ତ୍ର ଉପରେ ସଙ୍କୁଚିତ (Shrinkage) ରହିତ ବା ଧୋଇବା ଓ ପିନ୍ଧିବା (Wash & Wear)ର ନିର୍ଦ୍ଦେଶର ଲେବୁଲ ଲଗାଯାଇଥାଏ, ଆମେ ମଧ୍ୟ ଲିଜିବିଜି, ଚନ୍ଦିନୀ, ଚିନନ୍, କ୍ରିଙ୍କଲ ଆଦି ବସ୍ତ୍ରର ନାମ ସହିତ ପରିଚିତ ଅଟୁ । ଅଧିକ ସମୟରେ ଏହି ସବୁ ନାମ ଆମକୁ ଅଧିକ ପରିଚୟ ଦେଇ ନଥାଏ । କେବେ ମଧ୍ୟ ଓଢଣୀ ରଙ୍ଗେଇବା ବାଲା ଓଢଣୀରେ ଏକ ନିର୍ଦ୍ଦିଷ୍ଟ ରଙ୍ଗ ଦେଇପାରିବ ନାହିଁ ବୋଲି କହିଥାଏ କାରଣ ଓଢଣୀ ପଲିଷ୍ଟର ଥାଏ । କ'ଣ ଏହାର ଅର୍ଥ ଏହି ଯେ ପଲିଷ୍ଟର ବସ୍ତ୍ରକୁ ରଙ୍ଗ କରାଯାଇପାରିବ ନାହିଁ ? କିନ୍ତୁ ଆମେ ଅନେକ ରଙ୍ଗର ପଲିଷ୍ଟର ଓଢଣୀ ଦୋକାନରେ ମିଳୁଥିବା ଦେଖୁ । ଏହାକୁ କିପରି ରଙ୍ଗ କରାଯାଇଥାଏ । ଯେବେ ଆମେ ସୁଟ କପଡ଼ା କିଣିବାପାଇଁ ବଜାର ଯାଇଥାଏ ତେବେ ଦୋକାନୀବାଲା ଆମକୁ ଡିଜାଇନ୍ ବାଲା କପଡ଼ା ଦେଖାଇଥାଏ ଯାହା ବାନ୍ଧନୀ ବା ବାଟିକ୍‌ର ହୋଇଥାଏ । ଏହି ଡିଜାଇନ୍ କିପରି କରାଯାଇଥାଏ ? ଏହି ପାଠରେ ଆମେ ଏହି ପ୍ରଶ୍ନ ଓ ଏହିପରି କେତେକ ପ୍ରଶ୍ନର ଉତ୍ତର ପାଇପାରିବା ।

**ଉଦ୍ଦେଶ୍ୟ :**

ଏହି ଅଧ୍ୟାୟ ପଢିସାରିବା ପରେ ତୁମେ ନିମ୍ନଲିଖିତ କରିପାରିବ ।

- ପରିସଜ୍ଜାର ଅର୍ଥ ଓ ବସ୍ତ୍ର ଉପରେ ଏହାର ପ୍ରୟୋଗ ମହତ୍ୱ ବର୍ଣ୍ଣନା
- ପୁର୍ନବିନ୍ୟାସ, ଦୀର୍ଘସ୍ଥାୟୀ, ମୂଳତତ୍ତ୍ୱ ଓ ସ୍ୱତନ୍ତ୍ରତା ଭିତରେ ପରିସଜ୍ଜାର ବର୍ଗୀକରଣ କର ଏବଂ ପ୍ରତ୍ୟେକର ବଛା ବଛା ଗୁଣଗୁଡ଼ିକ ବର୍ଣ୍ଣନା କର ।
- ରଙ୍ଗର ପ୍ରକାର ତାଲିକା କର ଓ ତାହାର ବିଶିଷ୍ଟ ଗୁଣଗୁଡ଼ିକର ବ୍ୟାଖ୍ୟା କର ।
- ରଙ୍ଗ କରିବା ପ୍ରକ୍ରିୟାର ବିଭିନ୍ନ ଚରଣ ଉଲ୍ଲେଖ କର ଓ
  ବାନ୍ଧଣୀ, ବାଟିକ ଓ ପ୍ରିଣ୍ଟିଙ୍ଗ ପ୍ରକ୍ରିୟାର ପ୍ରଦର୍ଶନ କର ।

## ୨୫.୧ : ପରିସଜ୍ଜା କ'ଣ ?

ତନ୍ତରୁ ବାହାରିଥିବା ସମୟରେ ବସ୍ତ୍ରକୁ ତୁମେ କ'ଣ ଦେଖୁଛ ? ସାଧାରଣତଃ ଏହି ବସ୍ତ୍ର ହାତକୁ ଖଦଡ଼ ଲାଗିବା ସହିତ, ମଇଳା ଓଦା ଯୁକ୍ତ ହୋଇଥାଏ । ଏହାକୁ ଗ୍ରେ ବସ୍ତ୍ର କୁହାଯାଇଥାଏ । ରେଜେଇର ଖୋଳ ବନାଇବା ପାଇଁ ବ୍ୟବହୃତ ହେଉଥିବା ମାରକିନ୍ କପଡ଼ା ଯାହାକୁ ଆମେ କିଣିଥାଉ ଅଫ୍ ଧଳା ଓ ମଇଳା ହୋଇଥାଏ । ଏହାକୁ ଗ୍ରେ କପଡ଼ା କୁହାଯାଏ । କିନ୍ତୁ ଅଧିକତର କପଡ଼ା ଯାହା ଆମେ ଦୋକାନରୁ କିଣୁ ତାହା ଚିକ୍କଣ, ସଫା ଓ ସ୍ୱଚ୍ଛ ଅଟେ । ଏମିତି କାହିଁକି ଓ କ'ଣ ପାଇଁ ହୋଇଥାଏ ? ହଁ ଏଥିରେ ପରିସଜ୍ଜା ଦିଆଯାଇଥାଏ ।

**ବସ୍ତ୍ର ବୁଣା ସରିବାପରେ କରାଯାଉଥିବା ବିଭିନ୍ନ ପ୍ରକ୍ରିୟା ଯାହା ବସ୍ତ୍ରର ରୂପ ସ୍ପର୍ଶ ଓ ଉପଯୋଗୀତାକୁ ସୁଧାରିଥାଏ ତାହା ପରିସଜ୍ଜା କୁହାଯାଇଥାଏ ।**

ଯେବେ ସୂତା କପଡ଼ା ଉପରେ ପରିସଜ୍ଜା କରାଯାଇଥାଏ, ଏହା ଅଧିକ ଉଜ୍ଜ୍ୱଳ, ଦୃଢ ଓ ଧୋଇବାରେ କମିବା ରହିତ ହୋଇଥାଏ । ଏହିପରି ଅନ୍ୟ ପରିସଜ୍ଜା ବସ୍ତ୍ରକୁ କୋମଳ ବା ଟାଣ, ଜଳ ବା ଦାଗ ପ୍ରତିରୋଧକ, ରଙ୍ଗିନ ବା ଡିଜାଇନ୍‌ବାଲା କରିଥାଏ ।

## ୨୫.୨ ପରିସଜ୍ଜାର ବର୍ଗୀକରଣ

ପରିସଜ୍ଜାର ବର୍ଗୀକରଣ ନିମ୍ନପ୍ରକାର କରାଯାଇପାରେ

(କ) ସ୍ଥାୟୀ ଓ ପୁର୍ନବିନ୍ୟାସ ପରିସଜ୍ଜା

(ଖ) ମୂଳତତ୍ତ୍ୱ ଓ ବିଶିଷ୍ଟ ପରିସଜ୍ଜା

ସାଧାରଣତଃ ମୂଳତତ୍ତ୍ୱ ପରିସଜ୍ଜା ପ୍ରାୟ ପ୍ରତ୍ୟେକ ବସ୍ତ୍ରର ରୂପକୁ ସୁଧାରିବା ପାଇଁ କରାଯାଇଥାଏ । ବିଶିଷ୍ଟ ପରିସଜ୍ଜା କୌଣସି ବିଶେଷ କାରଣ ବା ଉପଯୋଗକୁ ଦୃଷ୍ଟିରେ ରଖି କରାଯାଇଥାଏ ।

ପରିସଜ୍ଜା

| ପୁନର୍ବୀନ୍ୟାସ | ସ୍ଥାୟୀ | ମୂଳତତ୍ତ୍ୱ | ବିଶିଷ୍ଟ |
|---|---|---|---|
| ଷ୍ଟିଫେନିଙ୍ଗ | ମରସରାଇଜେସନ | ମୂଳତତ୍ତ୍ୱ | ମରସରାଇଜେସନ |
| ମଣ୍ଡ ଦେବା | ଧୋଇବା ଓ ପିନ୍ଧିବା | ସ୍କୋୟୋରିଙ୍ଗ | କମିବା ନିୟନ୍ତ୍ରଣ |
| | | ଷ୍ଟିଫେନିଙ୍ଗ | ଧୋଇବା ଓ ପିନ୍ଧିବା |
| | | | ରଙ୍ଗାଇବା ଓ ପ୍ରିଣ୍ଟ କରିବା |

ଆମକୁ ସବୁ ସମୟରେ ଏହି ସମସ୍ୟା ଆସିଥାଏ ଯେ ବସ୍ତ୍ରକୁ ଧୋଇବା ବା ପିନ୍ଧିବା ପରେ ବସ୍ତ୍ରର ଟାଣପଣ କମିଯାଇଥାଏ ଓ ସେଥିରେ ଭାଙ୍ଗ ପଡ଼ିଥାଏ । ଏହି ପରିସ୍ଥିତିରେ ତୁମେ କ'ଣ କରିପାରିବ ? ପ୍ରତ୍ୟେକ ଥର ଥୋଇବା ପରେ ତୁମେ ମଣ୍ଡ ଦଇ ଇସ୍ତ୍ରୀ କରିଥାଅ । ଏହାକୁ ପୁନର୍ବୀନାସ କୁହଯାଏ । ଏହାର ଅର୍ଥ କିଛି ପରିସଜ୍ଜା ଧୋଇବା ବା ଶୁଷ୍କ ପରିଷ୍କୃତ ପଯ୍ୟନ୍ତ ରହିଥାଏ । ପରନ୍ତୁ କିଛି ପରିସଜ୍ଜା ପୁରା ଜୀବନ ସାର ରହିଥାଏ । ଯେପରି ଲୋଠ୍ଠ କୋଠ୍ଠ ରହିତ ବା ଧୋଇବା ଓ ପିନ୍ଧିବା ଆଦି ପରିସଜ୍ଜା । ଏହି ପରିସଜ୍ଜା ଧୋଇବା ଶୁଷ୍କ ପରିଷ୍କୃତ ବା ଇସ୍ତ୍ରୀ କରିବା ଦ୍ୱାରା ପ୍ରଭାବିତ ହୋଇନଥାଏ । ଏହି ପ୍ରକାର ପରିସଜ୍ଜା ସ୍ଥାୟୀ ହୋଇଥାଏ ଓ ଏହାକୁ ଘରେ କରାଯାଇପାରେ ନାହିଁ । କିଛି ସ୍ଥାୟୀ ପରିସଜ୍ଜା ମଧ୍ୟ ବିଶିଷ୍ଟ ବା ମୂଳତତ୍ତ୍ୱ ହୋଇଥାଏ ।



ମନ୍ତବ୍ୟ (Notes)

**ପାଠଗତ ପ୍ରଶ୍ନ ୨୫.୧**

**୧। ବନ୍ଧନୀ ମଧ୍ୟରେ ଥିବା ସଂକେତ ଶବ୍ଦକୁ ଠିକ୍ କରି ଶୂନ୍ୟ ସ୍ଥାନ ପୂରଣ କର ।**

(କ) ପରିସଜ୍ଜା ବସ୍ତ୍ର .................... ଓ ....................ରେ ସୁଧାରିବାକୁ ଦିଆଯାଇଥାଏ । (ଯୋତାଗିପଢ଼), (ଉପରୁ)

(ଖ) ପରିସଜ୍ଜାର ବର୍ଗୀକରଣ ............ ବା ................ ଓ ............ ବା .............. ଅନୁଯାୟୀ କରାଯାଇପାରେ । (ତ୍ୱତଳମ୍ଭ), (ଷ୍ଟଶିବି), (ୟୀସ୍ଥାଅ), (ୟୀସ୍ଥା)

(ଗ) ଏହି ପରିସଜ୍ଜା ପ୍ରତି ଧୋଇବା ପରେ ଦିଆଯାଇଥାଏ ତାହାକୁ .......... କୁହାଯାଏ । (ୟୀସ୍ଥାଅ)

(ଘ) ଯେତେବେଳେ ଗୋଟିଏ ପରିସଜ୍ଜା ପ୍ରତ୍ୟେକ ବସ୍ତ୍ରରେ ଦିଆଯାଇଥାଏ ଏହାକୁ ......... କୁହାଯାଏ । (ତ୍ୱତଳମ୍ଭ)

(ଙ) ତନ୍ତୁରୁ ପ୍ରାପ୍ତ ହୋଇଥିବା ଖଦଡ଼, ମଇଳା ଓ ଦାଗଯୁକ୍ତ ବସ୍ତ୍ରକୁ ......... କୁହାଯାଏ । (ପଡ଼ାଗ୍ରେ)

## ୨୫.୩ କିଛି ସାଧାରଣ ପରିସଜ୍ଜା

ଆସ ଆମେ ଏବେ ବସ୍ତ୍ର ଉପରେ ପ୍ରୟୋଗ କରାଯାଉଥିବା ବିଭିନ୍ନ ମୂଳ ପରିସଜ୍ଜା ବିଶେଷତ୍ୱକୁ ଆଲୋଚନା କରିବା ।

(କ) ମୂଳ ପରିସଜ୍ଜା

### (i) ସ୍କାୟୋରିଙ୍ଗ ବା ପରିଷ୍କାର କରିବା

ଗ୍ରେ କପଡ଼ା ରୂପେ ପାଇଥିବା ବସ୍ତ୍ରରେ ପ୍ରାକୃତିକ ଭାବରେ ଅନେକ ମଇଳା ପଦାର୍ଥ ରହିଥାଏ, ଏଇ ମଇଳା ପଦାର୍ଥ ଗୁଡ଼ିକ ବସ୍ତ୍ର ନିର୍ମାଣ ସମୟରେ ଲାଗିଥିବା ତେଲ ମହମ ଓ ମଇଳା ଦାଗ ହୋଇପାରେ । କୌଣସି ପରିସଜ୍ଜା କରିବା ପୂର୍ବରୁ ଏହି ମଇଳା ପଦାର୍ଥଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ସଫା ହେବା ମହତ୍ୱପୂର୍ଣ୍ଣ । ଏହି ପରିଷ୍କୃତିକୁ ସ୍କାୟୋରିଙ୍ଗ କୁହାଯାଏ ଓ ପ୍ରତ୍ୟେକ କପଡ଼ା/ ବସ୍ତ୍ର ପାଇଁ ଏହା ବ୍ୟବହୃତ ହୋଇଥାଏ । ଏଇଥିପାଇଁ ସାବୁନ ଦ୍ରବଣ ଓ ରାସାୟନିକ ପଦାର୍ଥର ଉପଯୋଗ କରାଯାଇଥାଏ । ପରିଷ୍କୃତି ପରେ ବସ୍ତ୍ର ଅଧିକ ଚିକ୍କଣ, ପରିଷ୍କାର ଓ ଅଧିକ ଅଶୋଷକ ହୋଇଯାଇଥାଏ ।

**କାର୍ଯ୍ୟକଳାପ ୨୫.୧ କର ଓ ଦେଖ :** ଗୋଟିଏ ନୂଆ ବସ୍ତ୍ର ଓ ଗୋଟିଏ ପୁରୁଣା ବସ୍ତ୍ର ନେଇ ଏହାକୁ ପାଣିରେ ପକାଅ । ତୁମେ କ'ଣ ଦେଖିଲ ? ପୁରୁଣା ବସ୍ତ୍ର ଶୀଘ୍ର ବୁଡି ଦ୍ରବିଭୂତ ହୋଇଗଲା କାରଣ ଏହାର ଅଧିକ ଅବଶୋଷଣ ଶକ୍ତି ଅଧିକ । ଯେମିତି ଏହା ପାଣି ଶୋଷଣ କରିବ ଏହି ବସ୍ତ୍ର ଭାରି ହୋଇ ବୁଡି ଯିବ ।

### (ii) ବ୍ଲିଚିଙ୍ଗ :

ଯେତେବେଳେ ବସ୍ତ୍ର ପ୍ରସ୍ତୁତ ହୋଇଯାଏ ସେତେବେଳେ ବସ୍ତ୍ର ବିଭିନ୍ନ ମଇଳା ପଦାର୍ଥ ଓ ରଙ୍ଗ ସାମଗ୍ରୀର ଉପସ୍ଥିତି କାରଣରୁ ସମ୍ପୂର୍ଣ୍ଣ ଧଳା ହୋଇନଥାଏ । ସେହି ବସ୍ତ୍ରକୁ ଧଳା ବା ହାଲକା ରଙ୍ଗ କରିବା ପାଇଁ ବିରଞ୍ଜକ କରାଯାଇଥାଏ । ବସ୍ତ୍ର ଅନୁଯାୟୀ ଉପଯୁକ୍ତ ବିରଞ୍ଜକ ପଦାର୍ଥର ଚୟନ କରି

ବସ୍ତ୍ର ଉପରୁ ରଙ୍ଗକୁ ବାହାର କରାଯାଏ । ବିରଞ୍ଜକ ପ୍ରକ୍ରିୟା ସୂତା, ଉଲ ଓ ରେଶମ ବସ୍ତ୍ର ଉପରେ କରାଯାଇଥାଏ । ମାନବ ନିର୍ମିତ ବସ୍ତ୍ର ଉପରେ ବିରଞ୍ଜକ କ୍ରିୟା କରାଯାଇନଥାଏ କାରଣ ଏହା ପ୍ରାକୃତିକ ଭାବରେ ଧଳା ହୋଇଥାଏ । ତୁମେ କିଛି ମାନବ ନିର୍ମିତ ବସ୍ତ୍ରକୁ ମନେ ପକାଇ ପାରୁଛ କି ?

ବିରଞ୍ଜକ କ୍ରିୟା ଖୁବ୍ ସାବଧାନର ସହିତ କରାଯିବା ଉଚିତ କାରଣ ରଙ୍ଗକୁ ଛଡ଼ାଇବା ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ବସ୍ତ୍ରକୁ କିଛି ପରିମାଣରେ କ୍ଷତି ପହଞ୍ଚାଇପାରେ । ହାଇଡ୍ରୋଜେନ୍ ପେରକସାଇଡ଼ ଏକ ସାର୍ବଜନିକ ବିରଞ୍ଜକ ଯାହାକୁ ସମସ୍ତ ବସ୍ତ୍ର ଉପରେ ପ୍ରୟୋଗ କରାଯାଇପାରିବ ।

**(iii) ମଣ୍ଡଦେବା (Stiffening) :**

ମଣ୍ଡଦେବା/ ଟାଣ କରିବା ଅର୍ଥ ଯେଉଁ ବସ୍ତ୍ର ସାଧାରଣରେ ନରମ/ ଲୋଚକୋଚ ଥାଏ ତାହାକୁ ମଣ୍ଡ ଦେବା ପରେ ଏହା ଟାଣ/ କଡ଼ା ହୋଇଯାଇଥାଏ । ଥରେ ତୁମେ କାର୍ପାସ ବସ୍ତ୍ରକୁ କିପରି ମଣ୍ଡଦେଇ ଟାଣ କରିଥାଅ ? ହଁ, ତୁମେ ମଇଦା ବା ପେଜ (ଭାତ) ମଣ୍ଡ ବ୍ୟବହାର କରୁଥିବା । ରେଶମ ବସ୍ତ୍ର ଟାଣ କରିବା ପାଇଁ ଅଠାର ପ୍ରୟୋଗ କରାଯାଇଥାଏ । ମଣ୍ଡ ଦେଇ ଟାଣ କରିବା ଦ୍ୱାରା ଏହା ଭାରୀ, ଚିକ୍କଣ ଓ ଚମକଦାର ହୋଇଯାଇଥାଏ । ଏହି ପ୍ରକାର ଟାଣ କରିବା ଦ୍ୱାରା ଅନେକ ସମୟରେ ଦୋକାନୀ ଗ୍ରାହକମାନଙ୍କୁ ଠକି ଥାନ୍ତି । ତୁମେ ନିଶ୍ଚୟ ଦେଖିଥିବ ଯେ କିଛି ବସ୍ତ୍ରକୁ ହାତରେ ରଗଡ଼ିବା ଦ୍ୱାରା ଧଳା ରଙ୍ଗର ପାଉଡ଼ର ଝଡ଼ିଥାଏ । ଏହି ପରିସ୍ଥିତି ଅଧିକ ମଣ୍ଡଦେବା କାରଣରୁ ହୋଇଥାଏ । ନିକୃଷ୍ଟ ବସ୍ତ୍ରକୁ ଅଧିକ ମଣ୍ଡ ଦେଇ ଦେଖିବାକୁ ଘନ ଓ ଉନ୍ନତ କରାଯାଏ । ଏହି ପ୍ରକାର ବସ୍ତ୍ରକୁ କିଣିବା ଅନୁଚିତ । ତୁମେ କହିପାରିବ କି କାହିଁକି ?

**କାର୍ଯ୍ୟକଳାପ ୨୫.୨ :** ଗୋଟିଏ ମଣ୍ଡ କପଡ଼ା ନେଇ ହାତରେ ଅଙ୍ଗୁଳିଦ୍ୱାରା ରଗଡ଼ ପୁଣି ବସ୍ତ୍ରକୁ ଆଲୋକ ସାମନାରେ ରଖି ଦେଖ । ମଣ୍ଡ ଝଡ଼ିଯିବା କାରଣରୁ ବୁଣାବସ୍ତ୍ର ଖୁବ୍ ଛିଦ୍ରଯୁକ୍ତ/ ଜାଲି ଦେଖାଯିବ । ଏହା ଦ୍ୱାରା ବସ୍ତ୍ରର ଗୁଣାବତ୍ତା ଭଲ ବା ଖରାପ ଜଣାପଡ଼ିଥାଏ । ଏହି କାର୍ଯ୍ୟକଳାପ ଦ୍ୱାରା ତୁମେ ଶ୍ରେଷ୍ଠ ଗୁଣବତା କପଡ଼ା ଚୟନ କରିପାରିବ ।

(ଖ) ବିଶିଷ୍ଟ ପରିସଜ୍ଜା :

**(i) ମରସରାଇଜେସନ**

ପରିସଜ୍ଜା ପୂର୍ବରୁ କାର୍ପାସ ବସ୍ତ୍ର ନିଷ୍ପ୍ରଭ (ଚମକହୀନ) ଓ ଖଦଡ଼ ଥାଏ ଯେଉଁଥିରେ ସହଜରେ ଭାଙ୍ଗ ପଡ଼ିଯାଏ । ଯେତେବେଳେ ରାସାୟନିକ ପଦାର୍ଥ ଯେପରି ସୋଡ଼ିୟମ ହାଡ୍ରୋକସାଇଡ଼ ଉପଯୋଗରେ କାର୍ପାସ ବସ୍ତ୍ର ମରସରାଇଜଡ଼ କରାଯିବା ଦ୍ୱାରା ଏହା ଦୃଢ ଚମକଯୁକ୍ତ ଓ ରଙ୍ଗକୁ ଅବଶୋଷଣ କରିବାର କ୍ଷମତା ପ୍ରାପ୍ତ ହୋଇଥାଏ । ଏହା ଏକ ସ୍ଥାୟୀ ପରିସଜ୍ଜା । ଆଜିକାଲି ଏହି ପରିସଜ୍ଜା କାର୍ପାସ ବସ୍ତ୍ର ଉପରେ ନିୟମିତ ଭାବରେ କରାଯାଉଛି । ସିଲାଇ କରିବା ପାଇଁ ବ୍ୟବହୃତ ସୂତା ମଧ୍ୟ ମରସରାଇଜଡ଼ କରାଯାଉଛି । ତୁମେ କହିପାରିବ କି ଏପରି କାହିଁକି କରାଯାଉଛି ?

**(ii) ସଙ୍କୋଚନ ନିୟନ୍ତ୍ରଣ ବା ସଙ୍କୁଚତ ରହିତ**

ଯେବେ ତୁମ ନୂଆ ସାର୍ଟ ଧୋଇବା ପରେ କମିଯାଇ ଛୋଟ ହୋଇଯାଏ ତେବେ କ'ଣ ହେବ ?

| **ସଫା/ ଧୋଇବା ପରେ କମିଯାଇ ଛୋଟ ହୋଇଯିବାକୁ ସଙ୍କୋଚନ କୁହାଯାଏ ।** |
| --- |

ଯଦି ବସ୍ତ୍ର ଉପରେ ଲାଗିଥିବା ଲେବୁଲରେ ସେନ୍‌ଫୋରାଇଜଡ଼ ବା ସଙ୍କୋଚନ ପ୍ରତିରୋଧକ ବା ଆଣ୍ଟିସ୍ରିକ ଲେଖାଯାଇଥାଏ ତେବେ ଏହାର ଅର୍ଥ ସଙ୍କୋଚନ ନିୟନ୍ତ୍ରଣ ପାଇଁ ପରିସଜ୍ଜା କରାଯାଇଥାଏ ।

ଏହି ପ୍ରକାର ବସ୍ତ୍ର ଧୋଇବାପରେ ଛୋଟ କମିନଥାଏ । ଯଦି ବସ୍ତ୍ର ଉପରେ ଏହି ଲେବୁଲ ଲାଗିନଥିଲେ, ତୁମେ ବସ୍ତ୍ରକୁ ଘରେ ମଧ୍ୟ ସଙ୍କୁଚିତ ରହିତ କରିପାରିବ । ବୋଧହୁଏ ଏହି ପ୍ରକାର କାର୍ଯ୍ୟ ତୁମେ ଅନେକଥର କରିଥିବ । ଶାଢ଼ିରେ ଫଲସ ଲଗାଇବା ପୂର୍ବରୁ ଫଲସକୁ ପାଣିରେ ଭିଜାଇଥାଅ ବା ସୁଟ୍ ସିଲାଇ ପୂର୍ବରୁ କପଡ଼ାକୁ ପାଣିରେ ଭିଜାଇଥାଅ । ଆମ ଆବଶ୍ୟକତାଠାରୁ ଟିକେ ଅଧିକ କପଡ଼ା କିଣି ଏହାକୁ ରାତିସାରା ପାଣିରେ ଭିଜାଇ, ଚିପୁଡ଼ି, ଶୁଖାଇବା ଆବଶ୍ୟକ । ଏହି କପଡ଼ାରୁ ପ୍ରସ୍ତୁତ ପୋଷାକ ପରବର୍ତ୍ତୀ ଧୋଇବାରେ ଆଉ ସଙ୍କୁଚିତ ହେବ ନାହିଁ ।

**କାର୍ଯ୍ୟକଳାପ ୨୫.୩ :** ଗୋଟିଏ ନଆ (ଧୂଆବିନା) ଖଦୀ କପଡ଼ା ନିଅ । ୧୫ସେ.ମି. ଆକାରର କାଟ । ଏହି କପଡ଼ା ଧୋଇବା ପରେ ଶୁଖାଅ । ଏହି ଶୁଖିଲା କପଡ଼ାକୁ ମାପି ଦେଖ । ଆକାରରେ କିଛି ପରିବର୍ତ୍ତନ ହୋଇଛି କି ? ଯଦି କପଡ଼ାରେ କୌଣସି ପରିବର୍ତ୍ତନ ନହୋଇଛି ତେବେ ଏହା ସଙ୍କୁଚିତ ହୋଇନାହିଁ ବା କମି ନାହିଁ । ଆକାରରେ ପରିବର୍ତ୍ତନ ହୋଇଥିଲେ ଏହା ସଙ୍କୁଚିତ ହୋଇଛି ବୋଲି ବୁଝାଯାଏ ।

**(iii) ଜଳ ଅବରୋଧନ :**

ବର୍ଷାତି, ଛତା ଓ ତାର୍‌ପଲିନ୍‌ରେ ଉପଯୋଗ ହେଉଥିବା ବସ୍ତ୍ରକୁ ରାସାୟନିକ କ୍ରିୟା ଦ୍ୱାରା ଜଳ ଅବରୋଧକ କରାଯାଇଥାଏ । ଏହି ପ୍ରକାର ପରିସଜ୍ଜାକୁ ଓ୍ୱାଟର ପ୍ରୁଫିଙ୍ଗ କୁହାଯାଇଥାଏ ଓ ଏହା ଗୋଟିଏ ସ୍ଥାୟୀ ପରିସଜ୍ଜା ଅଟେ ।

**(iv) ପର୍ଚମେନ୍‌ଟାଇଜେସନ (Parchmentisation) :**

କ'ଣ ତୁମେ ଅରଗାଣ୍ଡି ବସ୍ତ୍ରରେ ଓ ଅନ୍ୟ ବସ୍ତ୍ର ଅପେକ୍ଷା କିଛି ଭିନ୍ନତା ଦେଖୁଛ କି ? ଏହା ଖୁବ୍ ପତଳା ଓ ଟାଣ ଅଟେ । ଏହା ସ୍ୱଚ୍ଛ ହେବା ସହିତ ଧୋଇବା ପରେ ବି ଟାଣ ରହେ ।

ଏହା କେବଳ ପର୍ଚମେଣ୍ଟେଜାଇସନ ପରିସଜ୍ଜା ପାଇଁ ହୋଇଥାଏ । ଯାହା ସ୍ଥାୟୀ ପରିସଜ୍ଜା ଅଟେ । ଏହି କାରଣରୁ ଅରଗାଣ୍ଡି ଶାଢ଼ୀରେ ମଣ୍ଡ ଦେବାକୁ ପଡ଼ିନଥାଏ ।

**(iv) ଓ୍ୱାସ୍ ଆଣ୍ଡ ଓ୍ୱାର (Wash & Wear) :**

ତୁମେ ଜାଣିଛ ଯେ କାର୍ପାସ ବସ୍ତ୍ର ବ୍ୟବହାର କଲା ପରେ ଖୁବ୍ ଲୋଡ଼କୋଡ଼ ହୋଇ ନରମ ହୋଇଯାଇଥାଏ । ବର୍ତ୍ତମାନ ସମୟରେ ଓ୍ୱାସ ଆଣ୍ଡ ଓ୍ୱାର ପରିସଜ୍ଜା ଦେବା ଦ୍ୱାରା କାର୍ପାସ ବସ୍ତ୍ରର ରକ୍ଷଣାବେକ୍ଷଣ ସହଜ ହୋଇଯାଏ ଯାହା ଦ୍ୱାରା ବାର ବାର ଇସ୍ତ୍ରୀ କରିବାକୁ ପଡ଼ିନଥାଏ । ବସ୍ତ୍ରରେ ଭାଙ୍ଗ ମଧ୍ୟ ପଡ଼ି ନଥାଏ । ଏହି ପ୍ରକାର ପରିସଜ୍ଜା ସ୍ଥାୟୀ ଅଟେ ଓ ଏଇଥିପାଇଁ ରେଜିନ୍‌ସ (Resins) ରାସାୟନିକ ପଦାର୍ଥର ବ୍ୟବହାର କରାଯାଇଥାଏ ।

**(v) ରଙ୍ଗ କରିବା ଓ ଛାପ ପ୍ରିଣ୍ଟ କରିବା (Drying and Painting) :**

ବଜାରରେ ଧଳା ବସ୍ତ୍ର ଛଡ଼ା ରଙ୍ଗିନ୍ ବସ୍ତ୍ର ଓ ଛପା ବସ୍ତ୍ର ଉପଲବଧି ଥିବା ତୁମେ ଦେଖିଥିବ । ବସ୍ତ୍ରକୁ ରଙ୍ଗାଇବା ଓ ଛପା କରିବା (ପ୍ରିଣ୍ଟ) ପ୍ରଣାଳୀକୁ ରଙ୍ଗାଇବା ଓ ଛପାଇବା କୁହାଯାଏ । ରଙ୍ଗାଇବାରେ ସମ୍ପୂର୍ଣ୍ଣ ବସ୍ତ୍ର ରଙ୍ଗ ହୋଇଯାଇଥାଏ । ପରନ୍ତୁ ଛପାଇବାରେ ବସ୍ତ୍ରର କିଛି ନିର୍ଦ୍ଦିଷ୍ଟ ଅଂଶ ରଙ୍ଗ ଦ୍ୱାରା ଡିଜାଇନ ହୋଇଥାଏ । ଏହା ମହତ୍ତ୍ୱପୂର୍ଣ୍ଣ ଯେ ରଙ୍ଗାଯାଇଥିବା ବା ଛପାଯାଇଥିବା ବସ୍ତ୍ରର ରଙ୍ଗ ପକ୍କା (ଦୃଢ଼/ କଲର ଫାଷ୍ଟ) ହେବା ଉଚିତ କାରଣ ରଙ୍ଗ ଧୋଇବା, ରଗଡ଼ିବା ବା ଇସ୍ତ୍ରୀ କରିବା ଦ୍ୱାରା ଯଦି ରଙ୍ଗ ଛାଡ଼େ ତେବେ ଡିଜାଇନ ଖରାପ ହୋଇଯାଇଥାଏ ।





ମନ୍ତବ୍ୟ (Notes)







ପକ୍କାରଙ୍ଗକୁ ଜାଣିବାପାଇଁ ଗୋଟିଏ ଧଳା ରୁମାଲ ଓଦା କରି ରଙ୍ଗୀନ ବସ୍ତ୍ର ଉପରେ ରଗଡ଼ିବା ଦ୍ୱାର ଗୋଟିଏ ସରଳ ପରୀକ୍ଷା କରାଯାଇପାରେ । ଯଦି ରଙ୍ଗ ରୁମାଲରେ ଲାଗିଯିବ ତେବେ ରଙ୍ଗ ପକ୍କା ନୁହେଁ । ଏ ପ୍ରକାର ବସ୍ତ୍ର କିଣିବା ଅନୁଚିତ । ଯଦି ତୁମେ କଞ୍ଚା ରଙ୍ଗର ନୂଆ କାର୍ପାସ ବସ୍ତ୍ର କିଣିଛ ତେବେ ଏହାକୁ ଲୁଣ ମିଶ୍ରିତ ଥଣ୍ଡା ପାଣିରେ ବୁଡ଼ାଇ ରଖ । ଏହା ଦ୍ୱାରା ରଙ୍ଗ କିଛିଟା ପକ୍କା ହୋଇପାରେ ।

**ପାଠଗତ ପ୍ରଶ୍ନ ୨୫.୨**

୧। ଠିକ୍ ବା ଭୁଲ ଲେଖି ସ୍ପଷ୍ଟିକରଣ ଦିଅ ।

(i) ସ୍କୋୟୋରିଙ୍ଗ (scoaring) ପରିସଜ୍ଜା ବସ୍ତ୍ରକୁ ସଫା/ ପରିଷ୍କାର କରିଥାଏ ।

..........................................................................

(ii) ବିରଞ୍ଜକର କୌଣସି ହାନିକାରକ ପ୍ରଭାବ ବସ୍ତ୍ର ଉପରେ ପଡ଼ି ନଥାଏ ।

..........................................................................

(iii) ସଂକୋଚନ ନିୟନ୍ତ୍ରଣ ପରିସଜ୍ଜା ଘରେ ମଧ୍ୟ କରାଯାଇପାରିବ ।

...............................................................

(iv) ଅରଗାଣ୍ଡି ବସ୍ତ୍ର ସ୍ଥାୟୀ ଭାବରେ ଟାଣ ବସ୍ତ୍ର ଅଟେ ।

...................................................

(v) ସିଲାଇ ପାଇଁ ମରସରାଇଜଡ୍ ସୂତା ପ୍ରୟୋଗ କରିବା ଉଚିତ ।

...............................................................

୨। ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ମରସରାଇଜେସନ୍ ......... ପରିସଜ୍ଜା ଅଟେ । (ସ୍ଥାୟୀ/ ଅସ୍ଥାୟୀ)

(ii) ବସ୍ତ୍ରର ଲେବୁଲ ଉପରେ ସଂକୋଚନ ନିୟନ୍ତ୍ରଣ .......... ନାମରେ ମଧ୍ୟ ଲେଖା ହୋଇଥାଏ । (ସାନ୍‌ଫରରାଇଜଡ଼/ ପର୍ଚମେନ୍‌ଟାଇଜିଡ଼)

(iii) ୱାଟର ପ୍ରୁଫିଙ୍ଗ/ ଜଳ ପ୍ରତିରୋଧନ .......... ପରିସଜ୍ଜା ଅଟେ । (ମୂଳତତ୍ତ୍ୱ/ ବିଶିଷ୍ଟ)

(iv) ଯଦି ଧୋଇବା ପରେ ରଙ୍ଗ ଛାଡ଼ି ନଥାଏ ତେବେ ବସ୍ତ୍ରରେ .......... ପରିସଜ୍ଜା କରାଯାଇଥାଏ । (ଜଳ ପ୍ରତିରୋଧକ/ ରଙ୍ଗ ଦୃଢତା)

୩। ବସ୍ତ୍ରରେ ନିମ୍ନ ଗୁଣ ପ୍ରାପ୍ତ କରିବା ପାଇଁ ପ୍ରୟୋଗ କରାଯାଉଥିବା ପରିସଜ୍ଜାର ନାମ ଲେଖ ।

(i) (କ) ଦୃଢ ଓ ଚମକବାଲା କାର୍ପାସ ବସ୍ତ୍ର

(ଖ) ଏହା ଭଲ ରଙ୍ଗ ଅବଶୋଷିତ ହୋଇଥିବା ଉଚିତ ।

ପରିସଜ୍ଜା .......................................

(ii) (କ) କଡ଼ା (ଟାଣ) କାର୍ପାସ ବସ୍ତ୍ର

(ଖ) ଖରାଦିନରେ ଦୈନିକ ପରିସ୍ଥିତିକୁ ସହନିୟ ହେବା ଉଚିତ

ପରିସଜ୍ଜା .......................................





(iii) (କ) କାର୍ପାସ ବସ୍ତ୍ର ଯାହା ସହଜରେ ସଙ୍କୁଚିତ ହୋଇନଥାଏ ।

(ଖ) ଏହାଚୁ ବାରମ୍ବାର ଇସ୍ତ୍ରୀ କରିବାକୁ ପଡ଼ିନଥାଏ ।

ପରିସଜ୍ଜା .......................................

(iv) (କ) ବସ୍ତ୍ର ଜଳ ଅବଶୋଷକ କରିନଥାଏ ।

(ଖ) ବସ୍ତ୍ରରେ ଜଳ ଯାଇନଥାଏ ।

ପରିସଜ୍ଜା .......................................

## ୨୫.୪ ରଙ୍ଗାଇ/ ରଙ୍ଗଦ୍ୱାରା ପରିସଜ୍ଜା

ଯେତେବେଳେ ବସ୍ତ୍ର ଉପରେ ରଙ୍ଗ ଦିଆଯାଇଥାଏ ଏହି ପ୍ରକ୍ରିୟା ରଙ୍ଗାଇ କୁହାଯାଇଥାଏ । ସାଧାରଣତଃ ବସ୍ତ୍ର ଉପରେ ରଙ୍ଗାଇ ଓ ଛପାଇ କାର୍ଯ୍ୟ ମୂଳ ପରିସଜ୍ଜା ପରେ ପରନ୍ତୁ ଅନ୍ୟ ପରିସଜ୍ଜା ପୂର୍ବରୁ କରାଯାଇଥାଏ । କିନ୍ତୁ ପ୍ରଶ୍ନ ଉଠିଥାଏ ଯେ ଆମେ କପଡ଼ାକୁ କାହିଁକି ରଙ୍ଗ କରିଥାଉ । ରଙ୍ଗାଇ ମୂଖ୍ୟତଃ କପଡ଼ାକୁ ରଙ୍ଗ କରି ଏହା ରୂପକୁ ଅଧିକ ଆକର୍ଷିତ କରିବାପାଇଁ କରାଯାଇଥାଏ ।

ଉତ୍ପତିକୁ ଆଧାର କରି ରଙ୍ଗକୁ ନିମ୍ନପରି ବର୍ଗୀକରଣ କରାଯାଇଥାଏ ।

(କ) ପ୍ରାକୃତିକ
(i) କେସର
(ii) ମେହେନ୍ଦୀ
(iii) ନୀଳ

(ଖ) ରାସାୟନିକ
ଅମ୍ଳିୟ ରଙ୍ଗ
ମୂଳ ରଙ୍ଗ/ କ୍ଷାରୀୟ ରଙ୍ଗ
ଏଜୋଇକ୍ (Azoic)
ପ୍ରତ୍ୟକ୍ଷ ରଙ୍ଗ (Direct)
ପରିକ୍ଷିପ୍ତ ରଙ୍ଗ (Disperse)
ପ୍ରତିଧାରୀ ରଙ୍ଗ (Reactive)
ସଟ୍ ରଙ୍ଗ (Vat)

ଆସ ଏବେ ପ୍ରତ୍ୟେକ ସମୂହକୁ ଦେଖିବା

**ପ୍ରାକୃତିକ ରଙ୍ଗ :** ଏହି ରଙ୍ଗ ପ୍ରକୃତିରେ ଉପଲବଧ ପଦାର୍ଥରୁ ମିଳିଥାଏ ଯେମିତି (ଗଛ, କୀଟ ଓ ଖଣିଜ) ଯାହା ପ୍ରଦୂଷଣ ମୁକ୍ତ ଅଟେ ।

**ରାସାୟନିକ ରଙ୍ଗ :** ଏହି ରଙ୍ଗ ପ୍ରାକୃତିକ ସ୍ରୋତରୁ ମିଳିନଥାଏ । ଏହାକୁ ବିଭିନ୍ନ ରାସାୟନିକ ପଦାର୍ଥରୁ ସଂଶ୍ଲେଷିତ କରି ତିଆରି କରାଯାଇଥାଏ । ରାସାୟନିକ ରଙ୍ଗ ଶସ୍ତା ବ୍ୟବହାର ପାଇଁ ସହଜ ଓ ପକ୍କା ରଙ୍ଗ ଦେଇଥାଏ କିନ୍ତୁ ଏହା ବାତାବରଣକୁ ପ୍ରଦୂଷିତ କରିଥାଏ ।


### ୨୫.୪.୧ ରଙ୍ଗାଇର ବିଭିନ୍ନ ସ୍ତର

ଆମେ ଦେଖୁଛେ ବିଭିନ୍ନ ରଙ୍ଗରେ ରଙ୍ଗାଇତ କପଡ଼ା ଯେ ମିଳେ ତା ନୁହେଁ ସିଲାଇ କରିବା ସୂତା, ବୁଣାଇ କରିବାର ଉଲ ସୂତା ମଧ୍ୟ ବିଭିନ୍ନ ରଙ୍ଗରେ ରଙ୍ଗାଇତ ହୋଇ ବଜାରରେ ମିଳିଥାଏ ।


**ରଙ୍ଗ କେଉଁ ଅବସ୍ଥାରେ କରାଯାଏ :**

**(କ) ତନ୍ତୁ ଅବସ୍ଥା :** ଏହି ଅବସ୍ଥାରେ ଉଭୟ ପ୍ରାକୃତିକ ଓ କୃତ୍ରିମ ତନ୍ତୁ ରଙ୍ଗ କରାଯାଇପାରେ । ତନ୍ତୁ ଉପରେ ଏହା ଏକ ସମାନ ଓ ପକ୍କା ରଙ୍ଗ ଦେଇଥାଏ । କିନ୍ତୁ ଏହି ପ୍ରଣାଳୀ ଦ୍ୱାରା ପରବର୍ତ୍ତୀ ଅବସ୍ଥାରେ ତନ୍ତୁ ଯେତେବେଳେ ଅଧିକ ପ୍ରକ୍ରିୟା କରଣ ମଧ ଦେଇ ଗତି କରେ ସେତେବେଳେ ଅନେକ ତନ୍ତୁ ନଷ୍ଟ ହୋଇଥାଏ ।


**(ଖ) ସୂତା ଅବସ୍ଥା :** ସମୟ ସମୟରେ ସୂତା ମଧ ରଙ୍ଗ କରାଯାଇଥାଏ । ବିଶେଷ କରି ଯେତେବେଳେ ଏହାକୁ ସୂତା ଅବସ୍ଥାରେ ବିକ୍ରି କରାଯାଏ । ଏମ୍ବ୍ରୋଡ଼ରି ସୂତା, ସିଲାଇ ସୂତା ଓ ବୁଣାଇ କରିବାର ଉଲ ସୂତା ଏହି ଅବସ୍ଥାରେ ରଙ୍ଗ କରାଯାଇଥାଏ ।


ଚିତ୍ର ୨୫.୧ ସୂତା ଅବସ୍ଥାରେ ରଙ୍ଗାଇ

**(ଗ) କପଡ଼ା ଅବସ୍ଥା :** ଏହା ରଙ୍ଗାଇବାର ଖୁବ ପ୍ରଚଳିତ ଅବସ୍ଥା । ଅଧିକାଂଶ ବସ୍ତ୍ର ଯାହା ଗୋଟିଏ ରଙ୍ଗରେ ରଙ୍ଗାଯାଏ ଏହି ଅବସ୍ଥାରେ ରଙ୍ଗାଯାଇଥାଏ । ଏହି ପ୍ରଣାଳୀ ରଙ୍ଗାଇର ଗୋଟିଏ ତ୍ୱରିତ ବିଧି ଓ ଏଥିରେ ରଙ୍ଗ ମିଶାଇବା ସହଜ ହୋଇଥାଏ । ମିଶ୍ରିତ ବସ୍ତ୍ର ବି ଏହି ଅବସ୍ଥାରେ ରଙ୍ଗା ଯାଇଥାଏ ।


ଚିତ୍ର ୨୫.୨ କପଡ଼ା ଅବସ୍ଥାରେ ରଙ୍ଗାଇ

**(ଘ) ବସ୍ତ୍ର ଅବସ୍ଥାରେ ରଙ୍ଗାଇ :** କେବେ କେବେ ବସ୍ତ୍ର ସିଲାଇ କରିସାରିବା ପରେ ଏହାକୁ ରଙ୍ଗ କରିବା ଆବଶ୍ୟକ ପଡ଼ିଥାଏ ଉଦାହରଣ ସ୍ୱରୂପ ସୁଟ ପାଇଁ ଓଢ଼ଣୀ ତିଆରି ସରିବା ପରେ ରଙ୍ଗାଯାଇଥାଏ ।


ଚିତ୍ର ୨୫.୩ ବସ୍ତ୍ର ରଙ୍ଗାଇ

## ୨୫.୫ ରଙ୍ଗା ଓ ଛପା ଦ୍ୱାରା ଡିଜାଇନ୍ କରିବା

କପଡ଼ାରେ କୌଣସି ଗୋଟିଏ ଡିଜାଇନ୍ ଦେବାକୁ ହେଲେ ରଙ୍ଗର ପ୍ରୟୋଗ ଏକ ନିର୍ଦ୍ଧିଷ୍ଟ ଚୟନ ଶୈଳିରେ କରାଯାଏ । ଏହି କାର୍ଯ୍ୟ ନିମ୍ନକ୍ତ ଟେକ୍‌ନିକ୍‌ରେ କରାଯାଇପାରେ :

(କ) ବାନ୍ଧ ଓ ରଙ୍ଗ (Tie & Dye), (ଖ) ବାଟିକ (Batik), (ଗ) ବ୍ଲକ ଛାପା (Block Pinting)

(କ) ବାନ୍ଧ ଓ ରଙ୍ଗ (Tie & Dye):

ତୁମେ ନିଶ୍ଚୟ ସୁନ୍ଦର ରଙ୍ଗର ବାନ୍ଧଣୀ ଓଢ଼ଣୀ ଦେଖିଥିବ ଯେଉଁଥିରେ ଛୋଟ ଛୋଟ ଧଳା ବିନ୍ଦୁ ପୁରା କପଡ଼ା ସାରା ବିଛାଇ ହୋଇ ରହିଥାଏ । ଏହା କିପରି ହୋଇଥିବ ଭାବି ତୁମେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଥିବ । ଏହା ବାନ୍ଧ ଓ ରଙ୍ଗ ନାମକ ଏକ ପଦ୍ଧତିରେ କରାଯାଇଥାଏ ।

**ବାନ୍ଧ ଓ ରଙ୍ଗ ଏକ ପ୍ରତିରୋଧ ରଙ୍ଗାଇ ପ୍ରକ୍ରିୟା ଅଟେ ।**




ମନ୍ତବ୍ୟ (Notes)

ପ୍ରତିରୋଧ ରଙ୍ଗାଇ ହେଉଛି ଅର୍ଥ ବସ୍ତ୍ରରେ ଏପରି କିଛି କରାଯାଏ ଯାହା ରଙ୍ଗକୁ ପ୍ରତିରୋଧ କରିପାରେ । ବନ୍ଧା ଯିବା ଦ୍ୱାରା ରଙ୍ଗ ବନ୍ଧାଯାଇଥିବା ସ୍ଥାନରେ ପ୍ରବେଶ କରି ପାରେ ନାହିଁ । ଏହି ବାନ୍ଧ ଏବଂ ରଙ୍ଗ ପଦ୍ଧତିରେ କପଡ଼ାର ସ୍ଥିର କରାଯାଇଥିବା ସ୍ଥାନକୁ ସୂତା ଦ୍ୱାରା କଣା କରି ବାନ୍ଧି ଦିଆଯାଏ ଫଳରେ ରଙ୍ଗ ସେହି ସ୍ଥାନକୁ ପହଞ୍ଚିପାରେ ନାହିଁ । ଏହି ପଦ୍ଧତି କପଡ଼ାରେ ବିଭିନ୍ନ ପ୍ରକାରର ଡିଜାଇନ୍ ପ୍ରସ୍ତୁତ କରିବାପାଇଁ ବ୍ୟବହାର କରାଯାଏ ।


ବାନ୍ଧ ଏବଂ ରଙ୍ଗ ଦ୍ୱାରା ଡିଜାଇନ୍ କରିବାର ଅନେକ ପଦ୍ଧତି ଅଛି । ସେଥିମଧ୍ୟରୁ କିଛି ନିମ୍ନରେ ପ୍ରଦତ୍ତ କରାଗଲା ।

୧। ମାର୍ବଲିଙ୍ଗ : କପଡ଼ାନେଇ ମୋଡ଼ିମାଡ଼ି ଗୋଲ ବନାଇ ଦିଅ ତାପରେ ସୂତା ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଧାରା ନନେଇ ବାନ୍ଧି ଦିଅ । ତାପରେ କପଡ଼ାଟିକୁ ରଙ୍ଗାଇ ଦିଅ । ତାପରେ କପଡ଼ାଟିକୁ ରଙ୍ଗାଇ ଦିଅ । ରଙ୍ଗ ଶୁଖିଲା ପରେ କପଡ଼ା ଖୋଲ ।

୨। ବାନ୍ଧ (ବାଇଡିଙ୍ଗ୍) : କପଡ଼ାର କୌଣସି ଗୋଟିଏ ସ୍ଥାନକୁ ଧରି ସମାନ ଦୂରତାରେ ସୂତା ଦ୍ୱାରା ବାନ୍ଧ ।



ଚିତ୍ର ୨୫.୪ ମାର୍ବଲିଙ୍ଗ୍



ଚିତ୍ର ୨୫.୫
(ବାନ୍ଧ) ବାଇଡଙ୍ଗ୍

୩। ଗଣ୍ଠି ପକାଇ : ଡିଜାଇନ୍ ଅନୁଯାୟୀ କପଡ଼ାରେ ଗଣ୍ଠି ଦେଇ ପରେ ରଙ୍ଗରେ ବୁଡ଼ାଅ ।

୪। ଭାଙ୍ଗ କରି (Folding) : କପଡ଼ାକୁ ବିଭିନ୍ନ ପ୍ରକାରରେ ଭାଙ୍ଗି ପରେ ବାନ୍ଧିଦିଅ ।



ଚିତ୍ର ୨୫.୬ ଗଣ୍ଠିପକାଇ



ଚିତ୍ର ୨୫.୭ ଫୋଲଡ଼ିଙ୍ଗ୍

୫। ଗୁଚ୍ଛକରି ବାନ୍ଧିବା : କିଛି ମାଳି ବା ଛୋଟ ପଥର ନେଇ ଡିଜାଇନ୍ ଅନୁଯାୟୀ ରଖି ବାନ୍ଧ । ତାପରେ ରଙ୍ଗରେ ବୁଡ଼ାଅ ।



ଚିତ୍ର ୨୫.୮ ଗୁଚ୍ଛକରି ବାନ୍ଧିବା

୬। ଟ୍ରିଟିକ୍ ବିଧି (Titik) : ଡିଜାଇନ୍ ମୁତାବକ ରନ୍ ସିଲାଇ କରି ସୂତାକୁ ଟାଣି ବାନ୍ଧିଦିଅ । ତାପରେ ରଙ୍ଗରେ ବୁଡ଼ାଅ ।



ଚିତ୍ର ୨୫.୯ ଟ୍ରିଟିକ୍

(ଖ) ବାଟିକ (Batik) :


ବାଟିକ ରଙ୍ଗ ପ୍ରତିରୋଧର ଏକ ଅନ୍ୟ ଟେକ୍‌ନିକ ଅଟେ । ଏହି ବିଧିରେ ରଙ୍ଗର ପ୍ରତିରୋଧ ମହମରେ କରାଯାଇଥାଏ । କପଡ଼ାରେ ଡିଜାଇନ୍ ଅନୁଯାୟୀ ଚୟନ କରାଯାଇଥିବା ସ୍ଥାନରେ ତରଳ ମହମ ଲଗାଯାଇଥାଏ । ଯେତେବେଳେ ଏହି କପଡ଼ା ରଙ୍ଗ କରାଯାଏ ସେତେବେଳେ ମହମ ଲାଗିଥିବା ସ୍ଥାନ ରଙ୍ଗ ହୋଇନଥାଏ । ଫଳସ୍ୱରୂପ ବସ୍ତ୍ର ଉଠାରେ ଏକ ନମୂନା ହୋଇଯାଇଥାଏ । କପଡ଼ା ଉପରେ କୌଣସି ବ୍ରସ ବା କାଠର ବ୍ଲକ ସାହାଯ୍ୟରେ ମହମ ଲଗାଯାଇଥାଏ ।




ଚିତ୍ର ୨୫.୧୦ ବାଟିକ

(ଗ) ଛାପା ବା ପ୍ରିଣ୍ଟିଙ୍ଗ :

ଛପାଇ ଯେପରି ତୁମେ ଜାଣିଛ ଯେ କପଡ଼ା ଉପରେ ରଙ୍ଗ ଦ୍ୱାରା ନମୂନା ବନିବା । ତୁମେ କେବେ ପୋଷ୍ଟ ଅଫିସକୁ ଯାଇଛ କି ? ସେଠାରେ ପ୍ରତ୍ୟେକ ଚିଠିରେ ଏକ ଟିକଟ ଲାଗିଥାଏ । ସେହ ଟିକଟ ଉପରେ ସ୍ୟାହି ପ୍ୟାଡ଼ରେ ଏକ ମୋହର ବୁଡ଼ାଇ ଏହି ମୋହରକୁ ଟିକଟ ଉପରେ ଷ୍ଟାମ୍ପ କରିଦିଆଯାଏ । ବ୍ଲକ ପ୍ରିଟିଙ୍ଗ ଠିକ୍ ଏହପରି କରାଯାଇଥାଏ । ଏକ କାଠ ବ୍ଲକ ଯେଉଁଥିରେ ଏକ ନମୂନା ଖୋଦେଇ ହୋଇଥାଏ । ତାହାକୁ ଗାଢା ରଙ୍ଗରେ ବୁଡ଼ାଇ ପରେ ବସ୍ତ୍ର/ କପଡ଼ା ଉପରେ ଲଗାଇ ଡିଜାଇନ୍ ପ୍ରସ୍ତୁତ କରାଯାଏ । ଏହି ପ୍ରକ୍ରିୟାକୁ ତୁମେ ଉପଲବଧ ହେଉଥିବା ବସ୍ତୁ ଯାହା ବ୍ଲକ ଭାବରେ କାର୍ଯ୍ୟ କରିବ ତାହା ସାହାଯ୍ୟରେ ମଧ୍ୟ କରିପାରିବ ।




ଚିତ୍ର ୨୫.୧୧ ବ୍ଲକ୍ ଛପା





ତୁମେ ତୁମର କଳ୍ପନା ଶକ୍ତି ବ୍ୟବହାର କରି ଆକର୍ଷଣୀୟ ନମୂନା ପ୍ରସ୍ତୁତ କରିପାରିବ । ନିମ୍ନରେ କିଛି ନମୂନା ଦିଆଯାଇଛି । ଏହି ନମୂନା ଘରେ ଉପଲବ୍ଧ ହେଉଥିବା ଘରୋଇ ସାମଗ୍ରୀରେ ପ୍ରସ୍ତୁତ କରାଯାଉଛି । କ'ଣ ତୁମେ ଆଉ କିଛି ଅନ୍ୟ ଡିଜାଇନ୍ ବାବଦରେ ଚିନ୍ତା କରିପାରୁଛ କି ?




ଚିତ୍ର ୨୫.୧୨

**କାର୍ଯ୍ୟକଳାପ ୨୫.୪ :** ଘରୋଇ ବାତାବରଣରୁ ଏପରି କିଛି ସାମଗ୍ରୀ ସଂଗ୍ରହ କର ଯାହା ତୁମେ ସୃଜନାତ୍ମକ ବ୍ଲକ ଭାବରେ ବ୍ୟବହାର କରିପାରିବ । ସେଗୁଡ଼ିକର ତାଲିକା ନିମ୍ନ ଟେବୁଲରେ ଲେଖ ।

| କ୍ରମିକ ସଂଖ୍ୟା | କପଡ଼ା ଉପରେ ବ୍ଲକ ପ୍ରିଣ୍ଟ କରିବାପରି ସାମଗ୍ରୀର ନାମ |
|---|---|
| | |

ତୁମେ କ'ଣ ଶିଖିଲ ?



**ପାଠ୍ୟାନ୍ତ ପ୍ରଶ୍ନ**

୧। ବସ୍ତ୍ର ପରିସଜ୍ଜା କ'ଣ ? ଏହି ପରିସଜ୍ଜା କପଡ଼ା ପାଇଁ କାହିଁକି ଆବଶ୍ୟକ ?

୨। ଯେ କୌଣସି ଦୁଇଟି ମୂଳତତ୍ତ୍ୱ ପରିସଜ୍ଜା ବର୍ଣ୍ଣନା କର ।

୩। ବିଶିଷ୍ଟ ପରିସଜ୍ଜାର ନାମ ଲେଖ । ପ୍ରତ୍ୟେକ ପରିସଜ୍ଜାର ଉପଯୋଗ ଓ ପଦ୍ଧତି ବିଷୟରେ ଲେଖ ।

୪। ରଙ୍ଗାଇ ରଙ୍ଗ ଦ୍ୱାରା ଏକ ପରିସଜ୍ଜା ବର୍ଣ୍ଣନା କର ।

୫। ବସ୍ତ୍ର ପ୍ରସ୍ତୁତିର କେଉଁ କେଉଁ ସ୍ତରରେ ରଙ୍ଗ କରାଯାଇପାରେ ? ଚିତ୍ର ସହିତ ବୁଝାଅ ।

୬। ଛପାଇର ପରିଭାଷା ଲେଖ ।

**ପାଠଗତ ପ୍ରଶ୍ନର ଉତ୍ତର**

୨୫.୧. ୧। ରୂପ (ଚେହେରା) ସମ୍ପାଦନା

୨। ମୂଳତତ୍ତ୍ୱ/ ବିଶିଷ୍ଟ, ପୁନ ନବୀକରଣ ଯୋଗ୍ୟ/ ସ୍ଥାୟୀ

୩। ପୁନ ନବୀକରଣ

୪। ମୂଳତତ୍ତ୍ୱ/ ଧାରା

୫। ଗ୍ରେ ବସ୍ତ୍ର

୨୫.୧. ୧। (i) ହଁ, ସ୍କାୟେରିଙ୍ଗ (ପରିଷ୍କୃତି) ବସ୍ତ୍ରକୁ ସାବୁନ ଓ ରାସାୟନିକ ପଦାର୍ଥ ଦ୍ୱାରା ମଇଳାକୁ ପରିଷ୍କାର କରାଯାଇଥାଏ ।

(ii) ନା, ବିରଞ୍ଜନ ଖୁବ୍ ସାବଧାନର ସହ କରିବାକୁ ହୁଏ । ଏହା ରଙ୍ଗକୁ ନଷ୍ଟ କରିଥାଏ । ଅଧିକ ବିରଞ୍ଜକ କପଡ଼ାକୁ କ୍ଷତି ପହୁଞ୍ଚାଇ ଥାଏ ।

(iii) ହଁ, କପଡ଼ାକୁ ରାତିସାରା ବତୁରାଇ ଶୁଖାଇବା ପରେ କପଡ଼ା ସଙ୍କୁଚିତ ହୋଇଥାଏ ।

(iv) ହଁ, ଏହା ପର୍ଚମେଣ୍ଟାଇଜେସନ ନାମକ ସ୍ଥାୟୀ ପରିସଜ୍ଜା କାରଣରୁ ହୋଇଥାଏ ।

(v) ହଁ, ମରସାଇରେଜେସନ ଦ୍ୱାରା କାର୍ପାସ ବସ୍ତ୍ର ଚିକ୍କଣ, ଚମକଦାର ଓ ଦୃଢ ହୋଇଥାଏ ।

୨। (i) ସ୍ଥାୟୀ, (ii) ସାନ୍‌ଫୋରାଇଜଡ୍, (iii) ବିଶିଷ୍ଟ, (iv) ରଙ୍ଗ, ଦୃଢତା

୩। (i) ମରସରାଇଜେସନ, (ii) ମଣ୍ଡ ଦ୍ୱାରା ଦୃଢ, ଟାଣ କରିବା,
(iii) ୱାସ୍ ଆଣ୍ଡ ୱିୟାର, (iv) ଜଳ ଅବରୋଧକ

**ଭିଡ଼ିଓ :**

୧। ରଙ୍ଗ କରିବା ଓ ଛାପିବା ଟେକ୍‌ନିକ୍

୨। ରଙ୍ଗକୁ ଜାଣିବା

*For more information log on to :*

*http://www.pburch.net*





# ୨୬

# ବସ୍ତ୍ର ଓ କପଡ଼ା ଚୟନ

ଗତ ଚାରୋଟି ପାଠ୍ୟକ୍ରମରେ ତୁମେ ବସ୍ତ୍ର ବିଷୟରେ ଅନେକ କିଛି ଶିଖିଛ । ତୁମେ ତନ୍ତୁ ଓ ତାହାର ଗୁଣାବଳୀ, ବସ୍ତ୍ର ତିଆରିର ପଦ୍ଧତି ଏବଂ ବିଭିନ୍ନ ପ୍ରକାର ପରିସଜ୍ଜା ବିଷୟରେ ଜାଣିଛ । ଏହି ପରିସଜ୍ଜା ବସ୍ତ୍ରକୁ ଏକ ବୈଶିଷ୍ଟ ପ୍ରଦାନ କରିଥାଏ ଯାହା ଦ୍ୱାରା ଆମେ ବସ୍ତ୍ରକୁ ଚିହ୍ନିବା ପାଇଁ ସକ୍ଷମ ହୋଇଥାଉ । ବସ୍ତ୍ରକୁ ଚିହ୍ନିବା ପାଇଁ ତୁମେ ଆଉ କିଛି ସଙ୍କେତ ଜାଣ କି ? ଯାହା ତୁମକୁ ବସ୍ତ୍ର ଚିହ୍ନିବାରେ ସାହାଯ୍ୟ କରିବ । ଏହିପରି କେତେକ ଲୋକ କେବଳ କାର୍ପାସ ବସ୍ତ୍ର ପିନ୍ଧିଥାନ୍ତି କାରଣ ମିଶ୍ରିତ ବସ୍ତ୍ର ସେମାନଙ୍କୁ ରୁଚିକର ହୋଇନଥାଏ । ତେଣୁ ସେପରି କ୍ଷେତ୍ରରେ ତୁମେ କିପରି ନିଶ୍ଚିତ ହେବ ଯେ ତୁମେ ତୁମର ଆବଶ୍ୟକତା ଅନୁଯାୟୀ ବସ୍ତ୍ର କିଣୁଛ ? ଅଧିକାଂଶ ସମୟରେ ବସ୍ତ୍ରର ଗୁଣାବଳୀ ତନ୍ତୁ ଉପରେ ନିର୍ଭର କରେ । ତେଣୁ ଆମ ସମସ୍ତଙ୍କ ପାଇଁ ଏହା ଆବଶ୍ୟକ ଯେ ସଠିକ କ୍ରୟ କରିବା ପାଇଁ ବସ୍ତ୍ର ଉପରେ ଲେଖାଯାଇଥିବା ନିର୍ଦ୍ଦେଶ ପଢିବା ଉଚିତ ।

ଏହା ବସ୍ତ୍ର ବିଷୟରେ ଅଟେ । କିନ୍ତୁ ଯେତେବେଳେ ତୁମେ ରେଡ଼ିମେଡ଼ ପୋଷାକ କିଣ ସେତେବେଳେ କ'ଣ ହେବ ? ପ୍ରତ୍ୟେକ ରେଡ଼ିମେଡ଼ ପୋଷାକରେ ଥିବା ଲେବୁଲ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥାଏ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶଙ୍କର ଏହି ଲେବୁଲ ପଢିବାର ଅଭ୍ୟାସ ନଥାଏ ।

ଆସ ଆମେ ଏବେ ଏହି ସୂଚନା ବିଷୟରେ ବିସ୍ତାରିତ ଭାବରେ ଜାଣିବା ଓ ବସ୍ତ୍ର ଚୟନ ସମ୍ବନ୍ଧିତ କିଛି ସମସ୍ୟାକୁ ଜାଣିବା ।

**ଉଦ୍ଦେଶ୍ୟ :**

ଏହି ପାଠ ପଢିସାରିବା ପରେ ତୁମେ ନିମ୍ନଲିଖିତ କରିପାରିବ ।

- ବସ୍ତ୍ରର ଗୁଣାବଳୀକୁ ଆଧାର କରି ବିଭିନ୍ନ ପ୍ରକାର ଉପଯୋଗୀ ପାଇଁ ବସ୍ତ୍ର ଚୟନ
- ବସ୍ତ୍ର ଚୟନକୁ ପ୍ରଭାବିତ କରୁଥିବା କାରଣର ତାଲିକା ଓ ବ୍ୟାଖ୍ୟା
- ଗୁଣାବତ୍ତା ସଙ୍କେତ ରୂପେ ଲେବୁଲର ମହତ୍ୱ ଜଣାଇବା
- ବସ୍ତ୍ର ଓ କପଡ଼ା/ ପୋଷାକ ବ୍ୟବସାୟରେ ହେଉଥିବା ଅଭ୍ୟାସର ବର୍ଣ୍ଣନା
- ବସ୍ତ୍ର ଓ ତିଆରି ପୋଷାକ ପରଖିବା ସମୟରେ ଯେଉଁ ପଏଣ୍ଟଗୁଡ଼ିକ ମନେ ରଖିବା ଦରକାର ତାହାର ବିଶଦ ବର୍ଣ୍ଣନା

## ୨୬.୧ ବିଭିନ୍ନ ପ୍ରକାର ବ୍ୟବହାର ପାଇଁ ବସ୍ତ୍ରର ଚୟନ

ତୁମେ ତୁମ ଚାରିପାଖକୁ ଦୃଷ୍ଟି ଦେଲେ ଦେଖିପାରିବ ଯେ ଭିନ୍ନ ଭିନ୍ନ କପଡ଼ା ଭିନ୍ନ ଭିନ୍ନ ଜିନିଷ ପାଇଁ ବ୍ୟବହୃତ ହୋଇଛି । ଯେପରି ପର୍ଦ୍ଦା ପାଇଁ ବ୍ୟବହୃତ ପରିଧାନ/ ଅର୍ନ୍ତବସ୍ତ୍ର ପାଇଁ ବ୍ୟବହୃତ କପଡ଼ା ଅଲଗା ହୋଇଥାଏ । ତୁମେ ଦେଖିବ ଯେ ବିଶେଷ ବସ୍ତ୍ର ପାଇଁ ବିଶେଷ ପ୍ରକାର କପଡ଼ା ବ୍ୟବହାର ହୋଇଥାଏ । କପଡ଼ାର ଭିନ୍ନତା କପଡ଼ାରେ ଥିବା ତନ୍ତୁର ଗୁଣାବଳୀ ଉପରେ ନିର୍ଭର କରେ । ଯେପରି ତୁମେ ଜାଣିଛ କି ତନ୍ତୁ, ସୂତା ଓ ବସ୍ତ୍ର ନିର୍ମାଣର ଟେକ୍‌ନିକ୍ ଓ ବସ୍ତ୍ରରେ ଦିଆଯାଇଥିବା ଭିନ୍ନ ପରିସଜ୍ଜା କାରଣରୁ ବି ହୋଇଥାଏ । ତୁମେ ଖରାଦିନ ପାଇଁ କାର୍ପାସ ବସ୍ତ୍ର କାହିଁକି କିଣ, ସିନ୍ଥେଟିକ୍ ବସ୍ତ୍ର କାହିଁକି ନୁହେଁ ?

ଆସ ସଂକ୍ଷେପରେ ଏଠାରେ ବସ୍ତ୍ର ସମ୍ବନ୍ଧିତ ଗୁଣାବଳୀ ଓ ଏହା କିପରି ବସ୍ତ୍ର ଚୟନରେ ପ୍ରଭାବିତ କରିଥାଏ ଜାଣିବ ।

### ୧। ତନ୍ତୁର ଗୁଣ :

ପୂର୍ବପାଠରେ ତୁମେ ତନ୍ତୁର ଗୁଣ ବିଷୟରେ ପଢିସାରିଛ । କ'ଣ ତୁମେ ମନେ ରଖିଛ କି ସେଗୁଡ଼ିକ କ'ଣ ?

ସେଗୁଡ଼ିକ ହେଲା :

❖ ତନ୍ତୁର ଲମ୍ବ ଓ ରୂପ

❖ ଆର୍ଦ୍ରତା ଅବଶୋଷଣ

❖ ତାପ ପରିଚାଳନା (ସଞ୍ଚାଳନ)

❖ ଦୃଢତା

ଆସ ଏବେ ଏହି ଗୁଣ କିପରି ଆମର ବସ୍ତ୍ର ଚୟନକୁ ପ୍ରଭାବିତ କରିଥାଏ ।

**(କ) ତନ୍ତୁର ଲମ୍ବ ଓ ରୂପ :** କ'ଣ ତୁମେ କ୍ଷୁଦ୍ର ତନ୍ତୁ ଓ ଦୀର୍ଘାକାର ତନ୍ତୁରୁ ପ୍ରସ୍ତୁତ ବସ୍ତ୍ରକୁ ମନେ ପକାଇପାରୁଛ ? ହଁ ତୁମେ ଠିକ୍ କହିଛ । କାର୍ପାସ, ଜୁଟ (ଜୋଟ) ଉଲ ତନ୍ତୁ କ୍ଷୁଦ୍ର ତନ୍ତୁ ଓ ନାଇଲନ ଓ ପଲିଷ୍ଟରଗୁଡ଼ିକ ସୂତା/ ଦୀର୍ଘତନ୍ତୁ (ଫିଲାମେଣ୍ଟ) ଅଟେ ।

ତନ୍ତୁର ଲମ୍ବ ଆମର ଚୟନକୁ କିପରି ପ୍ରଭାବିତ କରିଥାଏ ? ତୁମେ ଜାଣିଛ ଯେ କ୍ଷୁଦ୍ରତନ୍ତୁରୁ ପ୍ରସ୍ତୁତ ବସ୍ତ୍ର ଖଦଡ଼ ଦେଖାଯାଇଥାଏ ଓ ଦୀର୍ଘତନ୍ତୁରୁ ପ୍ରସ୍ତୁତ ବସ୍ତ୍ର ଚିକ୍କଣ ଓ ଚମକବାଲା ହୋଇଥାଏ । ଏହା ଛଡ଼ା ଛୋଟ ଓ ଲହର ବାଲା କାର୍ପାସ ଓ ଉଲ ତନ୍ତୁ ଶୀଘ୍ର ମଇଳା ହୋଇଥିବା ବେଳେ ସିନ୍ଥେଟିକ୍ ଓ ରେଶମ ତନ୍ତୁ ଲମ୍ବ ତନ୍ତୁରୁ ପ୍ରସ୍ତୁତ ହେବା ସହ ଜଲଦି ମଇଳା ହୋଇନଥାଏ ଓ ଏହାକୁ ସଫା କରିବା ମଧ୍ୟ ସହଜ ହୋଇଥାଏ ।

ଏହିପରି ତୁମକୁ ଯେବେ ଚିକ୍କଣ ଓ ଚମକବାଲା ବସ୍ତ୍ର ଆବଶ୍ୟକ ହୁଏ ତୁମେ ସିନ୍ଥେଟିକ୍ ବା ରେଶମ ବସ୍ତ୍ର ଚୟନ କର ଯାହା ଦୀର୍ଘକାର ତନ୍ତୁରେ ତିଆରି ହୋଇଥାଏ ।

ଆଜିକାଲି ଖଦଡ଼ ଓ ନିଷ୍ପ୍ରଭ ବସ୍ତ୍ର ଉପରେ ଏପରି ପରିସଜ୍ଜା କରାଯାଉଛି ଯାହା ଦ୍ୱାରା ବସ୍ତ୍ର ଚିକ୍କଣ ଓ ଚମକବାଲା ହୋଇଯାଉଛି ଉଦାହରଣ ସ୍ୱରୂପ ମଣ୍ଡ ଦିଆଯାଇଥିବା କାର୍ପାସ ବସ୍ତ୍ର

ଚିକ୍କଣ ଦେଖାଯାଇଥାଏ । କିନ୍ତୁ ତୁମେ ଏହାବି ଜାଣିଛ ଯେ ମଣ୍ଡ ଏକ ଅସ୍ଥାୟୀ ପରିସଜ୍ଜା ଯାହା ବସ୍ତ୍ର ଧୋଇବା ପରେ ଚାଲି ଯାଇଥାଏ ।

(ଖ) **ଆର୍ଦ୍ରତା ଅବଶୋଷଣ :** କ'ଣ ତୁମେ ବସ୍ତ୍ରର ଏହି ଗୁଣ ସହିତ ପରିଚିତ କି ଯାହା ବସ୍ତ୍ରକୁ ଅବଶୋଷକ ବା ଅବଶୋଷକ ରହିତ ବନାଇ ଥାଏ ? କାର୍ପାସ ବସ୍ତ୍ର ଆର୍ଦ୍ରତା/ ଜଳକୁ ଅଧିକ ଶୋଷଣ କରିଥାଏ । ଯେତେବେଳେ ମୌସମ ଗରମ ବା ଆର୍ଦ୍ର ରହିଥାଏ ସେତେବେଳେ ଆମେ କାର୍ପାସ ବସ୍ତ୍ରକୁ ଅଧିକ ପସନ୍ଦ କରିଥାଏ କାରଣ ଏହା ଝାଳକୁ ଶୋଷିନେଇ ଆମର ଚର୍ମକୁ ଥଣ୍ଡା ରଖେ । ଯେହେତୁ ସିନ୍ଥେଟିକ୍ ବସ୍ତ୍ର ଝାଳକୁ ଶୋଷି ନଥାଏ ତାହା ଗରମ ଦିନରେ ଆରାମଦାୟକ ହୋଇନଥାଏ । ଏହିପରି ଅର୍ନ୍ତବସ୍ତ୍ର ଓ ମୋଜା ଚୟନ କରିବା ସମୟରେ ଆର୍ଦ୍ରତା ଅବଶୋଷଣ ଗୁଣକୁ ଅବଶ୍ୟ ମନରେ ଧ୍ୟାନ ରଖିବା ଉଚିତ କାରଣ ଶରୀରର ଏହି ସ୍ଥାନ ଅଧିକ ଆରାମ ଆବଶ୍ୟକ କରିଥାଏ ।

(ଗ) **ତାପ ସଞ୍ଚାଳନ :** ତନ୍ତୁର ଏହି ଗୁଣ ଅର୍ଥ ଶରୀରର ଉଷ୍ଣତାକୁ ଶରୀରର ବାହାରକୁ ନେଇଯିବା । ତୁମେ ମନେ ପକାଇ ପାରୁଥିବ ଯେ କାର୍ପାସ ଓ ରେୟନ ତାପର ସୁପରିଚାଳକ ଯାହା ଶରୀରକୁ ଥଣ୍ଡା ରଖେ । ରେଶମ ଓ ସିନ୍ଥେଟିକ ବସ୍ତ୍ର ତାପର ଦୁର୍ବଳ ପରିଚାଳକ ଓ ଉଲ ତାପର ଅତ୍ୟନ୍ତ କୁପରିଚାଳକ ଏବଂ ଶରୀରକୁ ଉଷୁମ ରଖିଥାଏ । ଗ୍ରୀଷ୍ମକାଳୀନ ବା ଶୀତକାଳୀନ ପୋଷାକ ଚୟନ କରିବା ସମୟରେ ବସ୍ତ୍ରର ଏହି ଗୁଣକୁ ଧ୍ୟାନ ଦିଅ । ସମ୍ଭବତଃ ତୁମେ ଗ୍ରୀଷ୍ମ ସମୟରେ କାର୍ପାସ ବସ୍ତ୍ର ଶୀତ ସମୟରେ ରେଶମ ଓ ଉଲ ବସ୍ତ୍ର ଚୟନ କରି ଏହି ଅନୁଭବ ପାଇ ସାରିଛ ।

(ଘ) **ଦୃଢତା :** କପଡ଼ାର ଦୃଢତା ଗୁଣାବଳୀ ଏହାକୁ ସଫା କରିବା ସମୟରେ ଆବଶ୍ୟକ ହୋଇଥାଏ । କପଡ଼ାକୁ ସଫା କରିବାର ସୁବିଧା କପଡ଼ା ଓଦା ହେବାପରେ ଏହାର ଦୃଢତା ଉପରେ ନିର୍ଭର କରେ । ତୁମେ ଜାଣ ଯେ କେତେକ ତନ୍ତୁ ଓଦା ହେବା ପରେ ଦୁର୍ବଳ ହୋଇଥାଏ । ସେଗୁଡ଼ିକ କେଉଁ ତନ୍ତୁ ? ହଁ ସେଗୁଡ଼ିକ ଉଲ, ରେଶମ ଓ ରେୟନ ଇତ୍ୟାଦି । ସୂତା ଓ ସିନ୍ଥେଟିକ୍ ପରି କପଡ଼ା ଖୁବ୍ ଦୃଢ ଏବଂ ସହଜରେ ସଫା କରାଯାଇପାରେ । ତେଣୁ ନିତିଦିନିଆ ପିନ୍ଧା ପୋଷାକ ସୂତା ଓ ସିନ୍ଥେଟିକରୁ ତିଆରି ହୋଇଥାଏ କାରଣ ଏହା ଯାହାକି ଧୋଇବା ଦରକାର ହୋଇଥାଏ । ରେଶମ ପରି ସୁକ୍ଷ୍ମ ବସ୍ତ୍ର କେବେ କେବେ ବ୍ୟବହାର ପାଇଁ ଉପଯୁକ୍ତ କାରଣ ସେଗୁଡ଼ିକୁ ସବୁ ସମୟରେ ଧୋଇବା କପଡ଼ା ହୋଇଥିବାରୁ ଏହା ଶିଳ୍ପ କ୍ଷେତ୍ରରେ, ପାରାଚୁଟ୍ ଓ ଦଉଡ଼ି ତିଆରିରେ ବ୍ୟବହୃତ ହୋଇଥାଏ ।

## ୨। କପଡ଼ା ତିଆରି ଶୈଳି (ଟେକ୍‌ନିକ) :

ପୂର୍ବ ପାଠରେ ତୁମେ ବିଭିନ୍ନ ପ୍ରକାର କପଡ଼ା ତିଆରି ପଦ୍ଧତି ପଢିଛ । ପ୍ରତ୍ୟେକ ପଦ୍ଧତି କପଡ଼ା ପ୍ରସ୍ତୁତ କିଛି ବିଶେଷ ଗୁଣାବଳୀ ପ୍ରଦାନ କରିଥାଏ । ଯେପରିକି ନିଟିଙ୍ଗ ପଦ୍ଧତି କପଡ଼ାକୁ ବିସ୍ତାରିତ ହେବା ଓ ସ୍ଥିତିସ୍ଥାପକତା ପରି ଗୁଣାବଳୀ ଦେଇଥାଏ ଫଳରେ ଏହା ମୋଜା, ଅର୍ନ୍ତବାସ, ସୋଏଟର ଇତ୍ୟାଦି ପାଇଁ ଉପଯୋଗୀ ହୋଇଥାଏ । ଉଇଭିଙ୍ଗ ପଦ୍ଧତି କପଡ଼ାକୁ ଚିକ୍କଣ ଓ ଦୃଢ କରିଥାଏ ଫଳରେ ସେସବୁକୁ ପୋଷାକ ତିଆରି କରିବାପାଇଁ ଚୟନ କରାଯାଏ ।

ଏବେ ତୁମେ ଜାଣିଲ ଯେ ଭିନ୍ନ ଭିନ୍ନ କପଡ଼ାର ଗୁଣାବଳୀ ସେସବୁ ତିଆରି କରିବାର ଶୈଳୀ ଉପରେ ନିର୍ଭର କରେ । ତେଣୁ ତୁମେ ବ୍ୟବହାର ଅନୁଯାୟୀ କପଡ଼ା ପସନ୍ଦ କର ।

**୩। ଲାଗୁ ହେଉଥିବା ପରିସଜ୍ଜା :**

ତୁମେ ଅନେକ ପ୍ରକାର ପରିସଜ୍ଜା ଯେପରି ମରସରାଇଜେସନ, ସଙ୍କୋଚନ ନିୟନ୍ତ୍ରଣ ଜଳ ଅବରୋଧନ ପରିସଜ୍ଜା ଆଦି ବିଷୟରେ ପଢ଼ିସାରିଛ ଯେଉଁଗୁଡ଼ିକ ବସ୍ତ୍ରର ଗୁଣାବଳୀ ଏବଂ ରୂପକୁ ବଢ଼ାଇବାରେ ଲାଗୁ କରାଯାଇଥାଏ ।

ବର୍ତ୍ତମାନ ପ୍ରଶ୍ନ ଉଠେ । ପରିସଜ୍ଜା ତୁମର ଚୟନକୁ ପ୍ରଭାବିତ କରେ କି ? ହଁ ପରିସଜ୍ଜା ଆମର ଚୟନକୁ ପ୍ରଭାବିତ କରିଥାଏ ।

ଧରିନିଅ ତୁମେ ଗୋଟିଏ ସାଲୁଆର ସୁଟ କିଣିବା ପାଇଁ ବଜାରକୁ ଯାଇଛ । ତୁମେ ଜାଣ ଯେ ସାଧାରଣ ଭାବେ ପ୍ରାୟ ସାଢ଼େ ଚାରିମିଟର କପଡ଼ା ଦରକାର କର । ତୁମକୁ ଅଳ୍ପ ଅଧିକ କପଡ଼ା କିଣିବାକୁ ପଡ଼ିବ କାରଣ ଏହା ଧୋଇବା ପରେ ସଙ୍କୁଚିତ ହୋଇଯାଇପାରେ । ଯାହାବି ହେଉ ଯଦି କପଡ଼ାରେ ସଙ୍କୋଚନ ନିୟନ୍ତ୍ରଣ ପରିସଜ୍ଜା ଦିଆଯାଇଥାଏ ତେବେ ତୁମକୁ ଏହି ସଙ୍କୋଚନ ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ । ସେହିପରି ତୁମେ ଯଦି ତୁମ ଛତାର କନାକୁ ବଦଳାଇବାକୁ ଚାହୁଁଥାଅ ତେବେ ତୁମେ ବଜାରର ଯେକୌଣସି କପଡ଼ାକୁ କିଣିପାରିବ ନାହିଁ । ତୁମେ ଦୋକାନୀକୁ ଜଳ ପ୍ରତିରୋଧ କପଡ଼ା ବିଷୟରେ ପଚାରିବ । ତୁମେ ମନେ ରଖିଥିବ ଯେ ପରିସଜ୍ଜା କପଡ଼ାର ରୂପ ବୃଦ୍ଧି କରିବାପାଇଁ ଦିଆଯାଇଥାଏ । କିନ୍ତୁ ଅନେକ ସମୟରେ ଏକ ଖରାପ/ ଶସ୍ତା କପଡ଼ାକୁ ଅତ୍ୟଧିକ ମଣ୍ଡ ଦିଆଯାଇଥିବା କପଡ଼ାକୁ କିପରି ଚିହ୍ନିବ ? ଏଇଥିପାଇଁ ବସ୍ତ୍ରର ଗୋଟିଏ କୋଣ ନେଇ ଏହାକୁ ତୁମ ହାତରେ ରଗଡ଼ ଯଦି କପଡ଼ାରୁ ଧଳା ପାଉଡ଼ର ପରି ପଦାର୍ଥ ବାହାରେ ତେବେ ଏହାକୁ କିଣ ନାହିଁ ।

ତେଣୁ ଯେଉଁ ସମୟରେ ବସ୍ତ୍ର କିଣୁଥାଅ ମନେରଖ ଯେ ସମସ୍ତ ଚକ ଚକ କରୁଥିବା ଓ ସୁନ୍ଦର ଦିଶୁଥିବା ବସ୍ତୁ ଭଲ ହୋଇନପାରେ । ସାବଧାନର ସହ ଦେଖ ଯେ ବସ୍ତ୍ର କେଉଁ ପ୍ରକାର ବ୍ୟବହାର ପାଇଁ କ୍ରୟ କରାଯାଉଛି । ଏହିପରି ବସ୍ତ୍ର ସମ୍ବନ୍ଧରେ ତୁମର ଜ୍ଞାନ ତୁମକୁ ସଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ।

**ପାଠଗତ ପ୍ରଶ୍ନ ୨୬.୧**

୧। ନିମ୍ନରେ ଦିଆଯାଇଥିବା ଚାରୋଟି ଶବ୍ଦରୁ ଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) କ୍ଷୁଦ୍ର ତନ୍ତୁରୁ ପ୍ରସ୍ତୁତ ବସ୍ତ୍ର ............ ଦେଖାଯାଏ ।

(କ) ଖଦଡ଼ିଆ (ଖ) ଚିକ୍କଣ

(ଗ) ଉଜ୍ଜ୍ୱଳ (ଘ) ଚମକଯୁକ୍ତ

(ii) ଦୀର୍ଘ ତନ୍ତୁରୁ ପ୍ରସ୍ତୁତ ବସ୍ତ୍ର ............ ଦେଖାଯାଏ ।

(କ) ମଇଳା (ଖ) ଚିକ୍କଣ

(ଗ) ଖଦଡ଼ିଆ (ଘ) ମାନ୍ଦା

(iii) ............ ବସ୍ତ୍ର ଜଲଦୀ ମଇଳା ହୋଇନଥାଏ ।

(କ) କାର୍ପାସ (ଖ) ଅରଗଣ୍ଡି

(ଗ) ଡେନିମ୍ (ଘ) ରେଶମ

(iv) ଶିଶୁମାନଙ୍କ ପୋଷାକ ବନାଇବା ପାଇଁ ସବୁଠାରୁ ଉପଯୁକ୍ତ .......... ବସ୍ତ୍ର ଅଟେ ।

(କ) ରେଶମ (ଖ) କାର୍ପାସ

(ଗ) ନାଇଲନ୍ (ଘ) ଡେନିମ୍

(v) ........... ତାପର ଦୁର୍ବଳ ପରିଚାଳକ ଅଟେ ।

(କ) ଉଲ୍ (ଖ) ରେଶମ

(ଗ) କାର୍ପାସ (ଘ) ଡେନିମ୍

୨। ପ୍ରତ୍ୟେକ ବକ୍ତବ୍ୟ ସାଙ୍ଗରେ ଦିଆଯାଇଥିବା ବିକଳ୍ପରୁ ଗୋଟିଏ ଚୟନ କରି ଶୂନ୍ୟସ୍ଥାନ ପୂରଣ କର । ତୁମ ଚୟନର କାରଣ ଲେଖ ।

(i) ........... ବସ୍ତ୍ରକୁ ସଫା କରିବା ସମୟରେ ତାକୁ ଭଲ ଭାବରେ ରଗଡ଼ି ସଫା କରାଯାଇପାରେ । (କାର୍ପାସ/ ରେୟନ)

.......................................................................................

(ii) ........... ବସ୍ତ୍ରକୁ ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇଥାଏ । (ନାଇଲନ୍/ କାର୍ପାସ)

.......................................................................................

(iii) ........... ବସ୍ତ୍ରକୁ ଶୀତଦିନେ ତୁମକୁ ଗରମ ରଖିଥାଏ । (ଉଲ୍/ ପଲିଷ୍ଟର)

.......................................................................................

୩। ବୁଣା ହୋଇଥିବା (ନିଟେଡ଼୍) ବସ୍ତ୍ର ପାଇଁ ନିମ୍ନ ବକ୍ତବ୍ୟ ମଧ୍ୟରୁ ଠିକ୍ ବକ୍ତବ୍ୟରେ (✓) ଚିହ୍ନ ଦିଅ ।

(i) ଉଲର ଫନ୍ଦାରୁ ପ୍ରସ୍ତୁତ ହୋଇଥାଏ ।

(ii) ଖଦଖଦଡ଼ିଆ ଦେଖାଯାଏ ।

(iii) ଚିକ୍କଣ ଦେଖାଯାଏ ।

(iv) ଆର୍ଦ୍ରତା ଅବଶୋଷଣ କରିଥାଏ ।

(v) ସାଧାରଣ ଭାବରେ ବିସ୍ତାରିତ ହୋଇଥାଏ ।

## ୨୬.୨ କପଡ଼ା ଚୟନକୁ ପ୍ରଭାବିତ କରୁଥିବା କାରକ

ବସ୍ତ୍ର ଯାହା ତୁମେ ପିନ୍ଧିବା ପାଇଁ ଚୟନ କରି କିଣ ଅନେକଗୁଡ଼ିଏ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ସେଗୁଡ଼ିକ ହେଲା ଋତୁ, ବୟସ, ଅବସର କାର୍ଯ୍ୟ ଓ ପେଷା ।

**୧। ମୌସମ :**



ତୁମେ କାର୍ପାସ ବସ୍ତ୍ର ଖରାଦିନରେ ଓ ଉଲ ବସ୍ତ୍ର ଶୀତଦିନରେ ପିନ୍ଧିଥାଅ । ଯେପରିକି ତୁମେ ଜାଣିଛ ଯେ ଉଲ ବସ୍ତ୍ର ଦାମୀ ଓ ଏହାର ଠିକ୍ ଯତ୍ନ ଓ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ । ଥଣ୍ଡା

ମନ୍ତବ୍ୟ (Notes)

ବାତାବରଣରେ ରହୁଥିବା ଲୋକମାନେ ନିଜକୁ ଗରମ ରଖିବା ପାଇଁ ଉଲେନ ବସ୍ତ୍ର ଆବଶ୍ୟକ କରିଥାନ୍ତି । ଗରମ ବାତାବରଣ ତଥା ରେଜିସ୍ଥାନରେ ରହୁଥିବା ଲୋକମାନେ ନିଜ ମୁଣ୍ଡକୁ ଥଣ୍ଡା ରଖିବା ପାଇଁ ପଗଡ଼ି ପିନ୍ଧିଥାନ୍ତି ଓ ଶରୀରକୁ ଥଣ୍ଡା ରଖିବା ପାଇଁ ଲମ୍ବା ରୋବ୍‌ସ (Robes) ପିନ୍ଧିଥାନ୍ତି ।



ଚିତ୍ର ୨୬.୧ ବାତାବରଣ କାରକ

**୨। ଅବସର**

ତୁମେ ଯେବେ କୌଣସି ବାହାଘର ଅବସରକୁ ଯାଅ ସେତେବେଳେ ତୁମେ ଚମକିଲା ରଙ୍ଗର ଲହଙ୍ଗା ଓ ଚୋଲି, ଘାଘରା ଶରାରା, ପ୍ୟାଣ୍ଟ କୋର୍ଟ ଆଦି ପିନ୍ଧିଥାଅ । ଏହା ସହିତ ପିନ୍ଧୁଥିବା ଅନ୍ୟ କେତେକ ଜିନିଷ ଯେପରି ଚୁଡ଼ି, ମାଳି/ ଚେନ୍, କାନଫୁଲ ଆଦି ମଧ୍ୟ ଚମକିଲା ରଙ୍ଗର ହୋଇଥାଏ ।



ଚିତ୍ର ୨୬.୨ ଅବସର

କ'ଣ ତୁମେ ଏହି ଚମକିଲା ବସ୍ତ୍ରକୁ ଦୈନନ୍ଦିନ ବ୍ୟସ୍ତ ଜୀବନରେ ପିନ୍ଧିପାରିବ ? ପ୍ରତ୍ୟେହ ଦୈନନ୍ଦିନ ଜୀବନରେ ପିନ୍ଧିବା ପାଇଁ ତୁମେ ଏପରି ବସ୍ତ୍ର ପିନ୍ଧିବାକୁ ଚାହିଁବ ଯାହା ଆରାମଦାୟକ ହେବା ସହ ତୁମକୁ ଫିଟ୍ ହୋଇଥିବା ଆବଶ୍ୟକ ଯାହା ତୁମର ଦେହର ଚଳନାକୁ ସହଜ କରିପାରିବ । କମ୍ ଅଳଙ୍କାରିକ ହେବା ସହିତ ସାଦାସିଧା ପୋଷାକ ଯେପରି ଔପଚାରିକ ସାଲୁଆର କମିଜ କୌଣସି ସାକ୍ଷାତକାରରେ ମଧ୍ୟ ପିନ୍ଧାଯାଇ ପାରିବ । ଶାଢ଼ୀ, ଔପଚାରିକ ଟ୍ରାଉଜର କମିଜ, ଟାଇ ବାଛିବା ତୁମକୁ କର୍ମ ତତ୍ପର କରିବା ସହିତ ଆତ୍ମବିଶ୍ୱାସରେ ଭରିଦେବ ।

**୩. ବୟସ**


ତୁମେ ନିଶ୍ଚୟ ଲକ୍ଷ କରିଥିବ ଯେ ବୟସ ବଢିବା ସହିତ ପିନ୍ଧିବା ବସ୍ତ୍ରରେ ମଧ୍ୟ ପରିବର୍ତ୍ତନ ଆସିଥାଏ । କୌଣସି ପ୍ରୌଢ଼ ମହିଳାଙ୍କ ଦ୍ୱାରା ପିନ୍ଧାଯାଉଥିବା ବସ୍ତ୍ର କଲେଜ ଯାଉଥିବା ଗୋଟିଏ ବାଳିକାର ବସ୍ତ୍ରଠାରୁ ଏକଦମ୍ ଅଲଗା ହୋଇଥାଏ । ଏହିପରି ପ୍ରୌଢ଼ ପୁରୁଷ ମଧ୍ୟ ଫେସନେବୁଲ ବସ୍ତ୍ର ଅପେକ୍ଷା ସାଧା ଓ ଆରାମଦାୟକ ବସ୍ତ୍ର ପିନ୍ଧିବାକୁ ଚାହିଁ ତାଏ । ଆସ ଏବେ ଦେଖିବା କିପରି ବୟସ ସହିତ ପିନ୍ଧାଯାଉଥିବା ବସ୍ତ୍ର ବଦଳିଯାଏ ।



ଚିତ୍ର ୨୬.୩ ବୟସ

ଶିଶୁର ବସ୍ତ୍ର : ଜନ୍ମଠାରୁ ୧୨ ମାସ ବୟସ ପର୍ଯ୍ୟନ୍ତ ବସ୍ତ୍ରର ଆବଶ୍ୟକତା ଖୁବ୍ କମ୍ ହୋଇଥାଏ । ଉଷ୍ମତା, ଆରାମ ଓ ପରିଷ୍କାର ପରିଚ୍ଛନତା ନବଜାତ ଶିଶୁ ପାଇଁ ମୁଖ୍ୟ ଆବଶ୍ୟକତା । ନବଜାତ ଶିଶୁର ବସ୍ତ୍ର କୋମଳ ଓ ହାଲ୍‌କା ହେବା ଉଚିତ କାରଣ ଶିଶୁର ତ୍ୱଚା କୋମଳ ଓ ସୂକ୍ଷ୍ମ ହୋଇଥାଏ । ଯେହେତୁ ନବଜାତ ଶିଶୁ ଅଧିକାଂଶ ସମୟ ଶୋଇ ରହୁଥିବାର ତାଙ୍କର ପୋଷାକ ସହଜରେ ପିନ୍ଧିବା ଓ ଓହ୍ଲାଇବା ହୋଇପାରୁଥିବା ଉଚିତ । ଏହା ମଧ୍ୟ ମହତ୍ୱପୂର୍ଣ୍ଣ ଯେ ଶିଶୁର ବସ୍ତ୍ର ସହଜରେ ଦେଖାରଖା ହୋଇପାରୁଥିବା ଉଚିତ । ସୂତା କମିଜ ଯାହା ସହଜରେ ଦେଖାରଖା ହୋଇପାରୁଥିବା ଉଚିତ । ସୂତା କମିଜ ଯାହା ସହଜ ସାମନା ଖୋଲା ବୋତାମ ବାଲା ଓ ସ୍ତନର ଦୁଇ ସ୍ତର ବିଶିଷ୍ଟ ଆବରଣବାଲା ଯାହା ପିନ୍ଧିବାକୁ

ସରଳ ଓ ସହଜ ସେପରି ବସ୍ତ୍ର ଚୟନ କରିବା ଉଚିତ । ଶିଶୁର ଡାୟିପର (Diaper) ଆର୍ଦ୍ରତା ଶୋଷଣବାଲା ନରମ ସୂତା ବସ୍ତ୍ରରେ ତିଆରି ହୋଇଥିବା ଉଚିତ ।



**ଚିତ୍ର ୨୬.୪ ଶିଶୁର ପୋଷାକ**

**ସ୍କୁଲ ଯାଉଥିବା ଶିଶୁ :** ଏହି ବୟସରେ ଶିଶୁ ବକାଶ ଅବସ୍ଥାରେ ରହିଥାନ୍ତି । ସେମାନେ ଦୌଡ଼ିବାକୁ ଓ ଖେଳିବାକୁ ପସନ୍ଦ କରିଥାନ୍ତି ଓ ବହୁତ ଚଳଚଞ୍ଚଳ ଥାନ୍ତି । ତେଣୁ ସେମାନଙ୍କର ବସ୍ତ୍ର ମଜବୁତ ଓ ସ୍ଥାୟୀ ହେବା ଉଚିତ ଯେପରି ଏହା ଅଧିକ ପିନ୍ଧାଯାଇ ପାରିବ ଓ ଫାଟିବା/ ଚିରିବ ନାହିଁ ।

ବସ୍ତ୍ର ଚୟନ କରିବା ସମୟରେ ଦେଖ ଯେ ବସ୍ତ୍ରର ଭିତରପଟ ସିଲାଇ ପାଖରେ ଯେପରି ଯଥେଷ୍ଟ କପଡ଼ା ରହିଥାଏ ତାହା ହେଲେ ଶିଶୁର ବୃଦ୍ଧି ସହିତ ଏହି କପଡ଼ାକୁ ଖୋଲି ବର୍ଦ୍ଧିଷ୍ଣୁ ଶିଶୁର ଆବଶ୍ୟକତା ଅନୁଯାୟୀ ବଡ଼ କରାଯାଇପାରିବ । କପଡ଼ା ମଧ୍ୟ ସହଜରେ ସଫା ହୋଇପାରୁଥିବା ଗୁଣର ହେବା ଆବଶ୍ୟକ ଯେହେତୁ ଶିଶୁର ବସ୍ତ୍ର ଖୁବ୍ ଜଲଦି ମଇଳା ହୋଇଥାଏ ।

**କିଶୋର, କିଶୋରୀଙ୍କ ପାଇଁ ବସ୍ତ୍ର :** ଏହି ବୟସରେ ଜଣେ କଲେଜ ଯିବା ଆରମ୍ଭ କରିଥାଏ । ଏହି ବୟସର ପିଲାମାନେ ସେମାନଙ୍କର ବସ୍ତ୍ର ନେଇ ସେମାନେ ଖୁବ୍ ସଚେତନ ଥାନ୍ତି ଓ ସେମାନେ ଅତି ନୂତନତମ ପୋଷାକ ପିନ୍ଧିବାକୁ ଋହାନ୍ତି ନାହିଁ । ସେମାନଙ୍କ ପାଇଁ ଫିଟିଙ୍ଗ ଓ ଷ୍ଟାଇଲ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ କିନ୍ତୁ ବସ୍ତ୍ରର ଗଠନକୁ ଧ୍ୟାନ ଦେଇ ନଥାନ୍ତି । ଏହା ପରାମର୍ଶ ଯୋଗ୍ୟ ଯେ ଏପରି ବସ୍ତ୍ର ଚୟନ କରିବାକୁ ହେବ ଯେପରି ସେମାନେ ଅଳ୍ପ ବସ୍ତ୍ରରେ ଅଧିକ ପ୍ରକାରର ବିଭିନ୍ନତା ପାଇପାରିବେ । ଯେପରିକି କିଛିଟା ରଙ୍ଗର ଚୁଡ଼ିଦାର ବା ସାଲୁଆର କିଛିଟା ରଙ୍ଗର କମିଜକୁ ପରସ୍ପର ସହିତ ଅଦଳବଦଳ କରି ବିଭିନ୍ନ ସେଟ୍‌ରେ ପିନ୍ଧିପାରିବେ । ଠିକ୍



ଚିତ୍ର ୨୬.୫ କିଶୋର ଓ କିଶୋରୀଙ୍କ ପୋଷାକ

ସେହିପରି ଜଣେ କିଶୋର କିଛିଟା ଜିନ୍ ପ୍ୟାଣ୍ଟ ସହିତ ଅଳ୍ପ କିଛିଟା ଟି-ସାର୍ଟ ମିଶାଇ ନିଜର ପୋଷାକରେ ବିଭିନ୍ନତା ଆଣିପାରିବେ ।

**ବୟସ୍କଙ୍କ ପାଇଁ :**

ବୟସ୍କଙ୍କ ପାଇଁ ପୋଷାକ ଚୟନ ଅଧିକାଂଶ ଭାବରେ ସେମାନଙ୍କର ବ୍ୟବସାୟ ବା କାର୍ଯ୍ୟର ପ୍ରକାର ଉପରେ ନିର୍ଭର କରିଥାଏ । ଜଣେ କର୍ମଜୀବି ମହିଳା ଏପରି ପୋଷାକ ଦରକାର କରନ୍ତି ଯାହା ସଫା କରିବା ପାଇଁ ସହଜ ଏବଂ ଖୁବ୍ ବେଶୀ ଇସ୍ତ୍ରୀ ଦରକାର କରେନାହିଁ । କାରଣ ସେମାନଙ୍କ ପାଖରେ ସମୟ ଖୁବ୍ ସୀମିତ ।




ଚିତ୍ର ୨୬.୬ ବୟସ୍କ

ସେମାନେ ମଧ୍ୟ ଏପରି ପୋଷାକ ରହିଁଥାନ୍ତି ଯାହା ସହଜରେ ଲୋଚକୋଚ ହୁଏ ନାହିଁ କାରଣ ଦିନର ଶେଷ ପର୍ଯ୍ୟନ୍ତ ସେମାନଙ୍କର ପୋଷାକ ଭଲ ଦେଖାଯିବା ଦରକାର । ତୁମେ ମନେ ରଖିଛ କି କେଉଁ କପଡ଼ା ସହଜରେ ଲୋଚକୋଚ ହୁଏ ନାହିଁ ।

**ବୃଦ୍ଧାବସ୍ଥା :** ବୃଦ୍ଧାବସ୍ଥା ଯାହାକି ବଭିନ୍ନ ସମସ୍ୟାର ସମୟ । ଏହି ସମୟରେ ଶରୀର ଦୁର୍ବଳ ହୋଇଯାଇଥାଏ । ଦୃଷ୍ଟିଶକ୍ତି ବି କମି ଯାଇଥାଏ ସେଥିପାଇଁ ତୁମେ ଦେଖିଥିବ ସାଧାରଣତ ବୃଦ୍ଧ ଲୋକମାନେ ହାଲୁକା ବସ୍ତ୍ର ପରିଧାନ କରନ୍ତି । ସେମାନେ ଯେଉଁ ପୋଷାକ ପିନ୍ଧନ୍ତି ତାହା ଆଧୁନିକ ନହୋଇ ବରଂ ଟିକେ ଢିଲା ଓ ଆରାମଦାୟକ ହୋଇଥାଏ । ଏହା ମଧ୍ୟ ପରାମର୍ଶ ଯୋଗ୍ୟ ଯେ ସେମାନଙ୍କ ପୋଷାକର ସାମନାଭାଗ ଖୋଲା ଥାଇ ବୋତାମ ଓ ବୋତାମ ଘର ତୁଳନାତ୍ମକ ଭାବରେ ବଡ଼ଥିଲେ ସେମାନେ ସହଜରେ ପୋଷାକକୁ ଠିକ୍‌ରେ ପିନ୍ଧିପାରନ୍ତି ।

## ୪. ବୃତ୍ତି/ ପେଷା :


ଚିତ୍ର ୨୬.୭ ବୃତ୍ତି/ପେଷା

ତୁମେ ନିଶ୍ଚୟ ଡାକ୍ତର ଓ ନର୍ସମାନଙ୍କୁ ଧଳା କିମ୍ବା ହାଲକା ରଙ୍ଗର ସରଳ ପୋଷାକରେ ଦେଖିଥିବ ? ଏପରି ପୋଷାକ ଦେଖିବାକୁ ସଫା ପରିଷ୍କାର ଲାଗିଥାଏ ଏବଂ ରୋଗୀମାନଙ୍କ ଉପରେ ଏହା ଶାନ୍ତିପୂର୍ଣ୍ଣ ପ୍ରଭାବ ପକାଇଥାଏ । ଏକ ସୈନିକର ବୃତ୍ତିଗତ ପୋଷାକ କିପରି ହୋଇଥାଏ ?

ଅନେକ ବୃତ୍ତିରେ ଏକ ନିର୍ଦ୍ଦିଷ୍ଟ ପୋଷାକ ପିନ୍ଧିବାପାଇଁ ହୋଇଥାଏ ଯାହାକି ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ ଉଦାହରଣ ସ୍ୱରୂପ ହୋଟେଲ ଶିଳ୍ପ, ବିମାନ ସେବା, ଟ୍ରାଫିକ୍ ପୋଲିସ୍ ନିରାପତ୍ତା ରକ୍ଷୀମାନଙ୍କର ପୋଷାକ । କ୍ରୀଡ଼ାବିତ ମାନେ ବିଶେଷକରି ଆଥଲେଟସ୍ ଓ ଟେନିସ ଖେଳାଳୀମାନେ କମ୍ ଲମ୍ବାର ପ୍ୟାଣ୍ଟ ଓ କମିଜ ଯାହା ଖୁବ୍ ଭଲରେ ଝାଳ ଶୋଷଣ କରିପାରୁଥିବା କପଡ଼ାରେ ତିଆରି ହୋଇଥାଏ । ଏପରି ପୋଷାକ ଯଦି ଅନ୍ୟକୌଣସି ସମୟରେ ପିନ୍ଧାଯାଏ ତେବେ ତାହା ଠିକ୍ ଲାଗିନଥାଏ । ସେହିପରି ଗୋଟିଏ ସନ୍ତରଣ ପୋଷାକ କେବଳ ସନ୍ତରଣ ସମୟରେ ହିଁ ଠିକ୍ ଲାଗିଥାଏ । କ୍ଲବ, ହୋଟେଲ ଏବଂ ଅନ୍ୟ କୌଣସି ଗତାନୁଗତିକ ଭୋଜିଭାତରେ ପରିବେଶକୁ ରହିଁ ପୋଷାକ ପିନ୍ଧାଯାଇଥାଏ ।

ତୁମେ ଦୀର୍ଘ ବସଯାତ୍ରା ବା ଟ୍ରେନ୍ ଯାତ୍ରା ସମୟରେ କିପରି ପୋଷାକ ପିନ୍ଧିବା ଉଚିତ ? ଯାତ୍ରାପାଇଁ ପୋଷାକ ନିଶ୍ଚିତ ଭାବରେ ଗାଢରଙ୍ଗର ଏବଂ କମ୍ ଲୋଚକୋଚ ହେଉଥିବା ଆବଶ୍ୟକ ।

କୌଣସି ଏକ ସ୍ୱତନ୍ତ୍ର କାର୍ଯ୍ୟକଳାପ ପାଇଁ ସ୍ୱତନ୍ତ୍ର ପୋଷାକର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ ପରୀକ୍ଷାଗାରରେ ସ୍ୱତନ୍ତ୍ର ପୁରା ପୋଷାକ ପିନ୍ଧାଯାଇଥାଏ । କୀଟ ଦମନ ପାଇଁ ରାସାୟନିକ ପଦାର୍ଥ ମିଶାଇବା ସମୟରେ ଏବଂ ପରମାଣୁ କେନ୍ଦ୍ରରେ ଯେଉଁମାନେ କାମ କରନ୍ତି ସେମାନେ ମଧ୍ୟ ପୁରା ପୋଷାକ ପିନ୍ଧି କାମ କରୁଥାନ୍ତି । ଏପରି ପୁରା ପୋଷାକ ସେମାନଙ୍କୁ ବିକିରଣ ବିପଦରୁ ରକ୍ଷା କରିଥାଏ । ଖଣିରେ କାମ କରୁଥିବା ଲୋକମାନେ ସ୍ୱତନ୍ତ୍ର ଖଣି ପୋଷାକ ଏବଂ ଟର୍ଚ୍ଚ ଲାଗିଥିବା ସ୍ୱତନ୍ତ୍ର ହେଲମେଟ୍ ବ୍ୟବହାର କରିଥାନ୍ତି । ସନ୍ତରଣକାରୀମାନେ ସ୍ୱତନ୍ତ୍ର ସନ୍ତରଣ ପୋଷାକ ପିନ୍ଧିଥାନ୍ତି ଯାହାକି ତାଙ୍କୁ ପାଣିଭିତରେ ସହଜରେ ସନ୍ତରଣ କରିବାକୁ ଦେଇଥାଏ ।

ମନ୍ତବ୍ୟ (Notes)

ତୁମେ ଜାଣ ଅନ୍ତରିକ୍ଷ ଯାତ୍ରୀମାନେ ମହାକାଶ ପୋଷାକ ପିନ୍ଧିଥାନ୍ତି ଯାହାକି ସେମାନଙ୍କୁ ପୃଥିବୀ ବାହାର ମହାକାଶ ପ୍ରଭାବରୁ ସମ୍ପୂର୍ଣ୍ଣ ଜୀବନ ସୁରକ୍ଷା ଦେଇଥାଏ ? ଅଗ୍ନି ନିର୍ବାପକ କର୍ମୀମାନେ ଅଗ୍ନି ବିରୋଧକ କପଡ଼ାରେ ତିଆରି ହୋଇଥିବା ସମୟରେ କି ପ୍ରକାର ପୋଷାକ ପିନ୍ଧିବା ଉଚିତ ? ହଁ ଢିଲା ସୂତା ବସ୍ତ୍ର ପିନ୍ଧ । ଝୁଲା ପୋଷାକ, ସାଲ, ଦୁପଟା ଆଦି ରୋଷେଇଘର ପାଇଁ ଠିକ୍ ନୁହେଁ ।

**ପାଠଗତ ପ୍ରଶ୍ନ ୨୬.୨**

୧। ଠିକ୍ ବା ଭୁଲ ଲେଖି ଭୁଲ ବାକ୍ୟକୁ ଠିକ୍ କର ।

(କ) ସିନ୍ଥେଟିକ୍ ତନ୍ତୁ ନବଜାତ ଶିଶୁର ଅର୍ନ୍ତବସ୍ତ୍ର ପାଇଁ ଉପଯୁକ୍ତ ହୋଇଥାଏ ।

(ଖ) ଡାକ୍ତର ଧଳାକୋଟ୍ ଫେସନେବୁଲ ଦେଖାଯିବା ପାଇଁ ପିନ୍ଧିଥାନ୍ତି ।

(ଗ) ଯାତ୍ରାପାଇଁ ବସ୍ତ୍ର ହାଲକା ରଙ୍ଗର ହେବା ଉଚିତ ।

(ଘ) ବସ୍ତ୍ର ଯେପରି ସୂକ୍ଷ୍ମ ରେଶମ ବସ୍ତ୍ର ଦୀର୍ଘ ଟ୍ରେନ ଯାତ୍ରା ପାଇଁ ଉପଯୁକ୍ତ ହୋଇଥାଏ ।

(ଙ) କାର୍ପାସ ବସ୍ତ୍ର (ପୋଷାକ) ଯାହା ସହଜ ପିନ୍ଧା ବା ଓହ୍ଲାଯାଇପାରେ ଓ ସ୍ତନଦ୍ୱୟ ପାଇଁ ଆଗ ଖୋଲା ପୋଷାକ ହୋଇଥାଏ ଶିଶୁମାନଙ୍କ ପାଇଁ ଉଚିତ ହୋଇଥାଏ ।

୨। 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭକୁ ମିଳାଅ ।

| | ସ୍ତମ୍ଭ "କ" | | ସ୍ତମ୍ଭ "ଖ" |
|---|---|---|---|
| ୧। | ଶିଶୁର ପୋଷାକ | (କ) | ବଭିନ୍ନତା ପାଇଁ ମିକସ୍ ଆଣ୍ଡ ମ୍ୟାଚ କପଡ଼ା |
| ୨। | କିଶୋର କିଶୋରି | (ଖ) | ଡେନିମ୍ |
| ୩। | ଚଳଚଞ୍ଚଳ ଶିଶୁ | (ଗ) | ଅବଶୋଷକ ସୂତା କପଡ଼ାରେ ପ୍ରସ୍ତୁତ |
| ୪। | ସ୍କୁଲ ଯାଉଥିବା ପିଲା | (ଘ) | ଆକର୍ଷକ |
| ୫। | ଜେଜେମା | (ଙ) | ଶକ୍ତ ଓ ସ୍ଥାୟୀ |
| | | (ଚ) | ଉଜ୍ଜ୍ୱଳ କପଡ଼ା |
| | | (ଛ) | ସମାନ ବୋତାମ ଥିବା ପୋଷାକ |

## ୨୬.୩ ଗୁଣବତ୍ତା

ତୁମେ ଯେତେବେଳେ କିଛି କିଣିବା ପାଇଁ ବଜାର ଯାଅ ତୁମେ ସୁନ୍ଦର, ସ୍ଥାୟୀ ଓ ସହଜରେ ରକ୍ଷଣାବେକ୍ଷଣ ହୋଇପାରୁଥିବା ବସ୍ତ୍ରକୁ କିଣିବାକୁ ଚାହିଁବ । ସଂକ୍ଷେପରେ କହିବାକୁ ଗଲେ ତୁମେ ନିଶ୍ଚୟ ଏକ ଭଲ ଗୁଣବତ୍ତାର ସମ୍ପୂର୍ଣ୍ଣ ଜିନିଷ ଚାହଁ । ତୁମକୁ ଗୋଟିଏ ଭଲ ପସନ୍ଦ କରିବାକୁ ହେଲେ କେଉଁ ସବୁ ଜିନିଷ ସାହାଯ୍ୟ କରିପାରିବ ? ବସ୍ତ୍ର ଉପରେ ଲଗାଯାଇଥିବା ଛପାଇ ଏବଂ ପୋଷାକ ଉପରେ ଲଗାଇଯାଇଥିବା ଲେବୁଲ ଗ୍ରାହକମାନଙ୍କୁ ସାହାଯ୍ୟ କରିଥାଏ । ଯାହାକି ତୁମକୁ ଜିନିଷଟିର ଗୁଣବତ୍ତା ସମ୍ପର୍କରେ ଧାରଣା ଦେଇଥାଏ । ତେଣୁ ତୁମେ ସେଗୁଡ଼ିକୁ ଗୁଣବତ୍ତା ସୂଚକ ହିସାବରେ ଗ୍ରହଣ କରିପାର ।


### ୨୬.୩.୧ ଲେବୁଲ ଓ ମାରକିଙ୍ଗ

ଲେବୁଲ ଓ ମାରକିଙ୍ଗ୍‌ସ

(କ) ଲେବୁଲ କାଗଜ ବା ପ୍ଲାଷ୍ଟିକ୍‌ର ଏକ ଟୁକୁଡ଼ା ଯାହା ଜିନିଷ ଉପରେ ଲଗାଯାଇଥାଏ ଓ ଜିନିଷ ବିଷୟରେ ସୂଚନା ପ୍ରଦାନ କରିଥାଏ । ଲେବୁଲ ତୁମକୁ ଉତ୍ପାଦ କି ପ୍ରକାରର କିଏ ଏହାକୁ ତିଆରି କରିଛି ଓ କିପରି ଏହା ବ୍ୟବହାର କରାଯାଏ ଆଦି କହିଥାଏ ।


ଆଜିକାଲି ଯାହା ଆମେ କିଣିଥାଉ ବାସ୍ତବିକ ଭାବରେ ତାହା ଉପରେ ଲେବୁଲ ଲାଗିଥାଏ । ଯେ କୌଣସି ୧୦ଟି ଲେବୁଲ ସଂଗ୍ରହ କରି ତା ଉପରେ ଲେଖା ଯାଇଥିବା ସୂଚନାକୁ ପଢ । ତୁମେ ଦେଖିବ ଯେ ସମସ୍ତ ଲେବୁଲ ଉପରେ କିଛି ସୂଚନା ଲେଖାଯାଇଛି ଓ କିଛି ଚିତ୍ର ମଧ୍ୟ କରାଯାଇଛି । ଲେବୁଲ ଅନେକ ପ୍ରକାର ସାମଗ୍ରୀରୁ ପ୍ରସ୍ତୁତ ହୋଇଥାଏ ଯେପରି କାଗଜ, କାର୍ଡ଼ବୋର୍ଡ଼, କପଡ଼ା, ଟିଣ ଓ ଯେ କୌଣସି ସାଧାରଣ ଟ୍ୟାଗ୍ ଆଦି ଯାହା ଉତ୍ପାଦ ଉପରେ ଲାଗିଥାଏ ।

ପ୍ୟାକେଜ୍‌ର ଏହା ଏକ ଅଂଶ ହୋଇପାରେ । ଲେବୁଲ ଉପରେ ଏହି ଉତ୍ପାଦର ନାମ, ଚିତ୍ର, ଡିଜାଇନ୍ ଉତ୍ପାଦନର ବିଧି, ପ୍ୟାକିଙ୍ଗ୍ ଆଦି ବିଷୟରେ ସୂଚନା ଥାଏ ଓ ଅନ୍ୟ କିଛି କାନୁନୀ ସୂଚନା ମଧ୍ୟ ହୋଇପାରେ ଯାହା ଉତ୍ପାଦକ ଲେବୁଲ ଉପରେ ଛାପିବାକୁ ଚାହିଁବେ । କପଡ଼ା ଥାନ ଉପରେ ଲଗାଯାଇଥିବା ଲେବୁଲ କ'ଣ ହୋଇପାରେ ? ପ୍ରତ୍ୟେକ କପଡ଼ା ଥାନର ଆରମ୍ଭରେ ତୁମେ କିଛି ଛପା ଦେଖିଥିବ । ବସ୍ତୁ ଉପରେ ଛପାଥିବା କିଛି ଆକାର ବା ଡିଜାଇନ୍‌କୁ ମାର୍କିଙ୍ଗ୍ କୁହାଯାଏ ଯାହା ବସ୍ତୁଟିକୁ ଚିହ୍ନିବା ପାଇଁ କିଛି ସୂଚନା ପ୍ରଦାନ କରିଥାଏ ।



ଚିତ୍ର ୨୬.୮ ବ୍ରାଣ୍ଡ ଲେବଲ

ଖାଉଟି ଦ୍ରବ୍ୟ ସମ୍ପର୍କ କହିଲେ ଆମେ ତାର ପ୍ରତିକ ଛବି କିମ୍ବା ନାମ ଉପରେ ଦୃଷ୍ଟିପାତ କରି ଜିନିଷଟି ଚିହ୍ନିପାରୁ ଯେପରିକି ବମ୍ବେ ଡାଇଙ୍ଗ (Bombay Deying) କିମ୍ବା ଡି.ସି.ଏମ୍ (D.C.M) ଉତ୍ପାଦ । ଏସବୁ ବ୍ରାଣ୍ଡ ଲେବୁଲ ଅଟେ । ଏହାଛଡ଼ା ବର୍ଣ୍ଣନାତ୍ମକ ଲେବୁଲ ଥାଏ ଯାହାକି ବସ୍ତୁର ଓଜନ, ଆକାର ଏବଂ ପ୍ରକାର ବାବଦରେ ସୂଚନା ଦେଇଥାଏ । ଏତଦ୍ ବ୍ୟତୀତ ପ୍ରମାଣିକୃତ ଲେବୁଲ ଥାଏ ଯାହା ବସ୍ତୁ ସମ୍ପର୍କରେ ଉତ୍ପାଦକଙ୍କ ବ୍ୟତୀତ ଆଉ କିଛି ଏଜେନ୍‌ସି ବା ସଂସ୍ଥାର ଅନୁମୋଦନକୁ ପ୍ରକାଶ କରିଥାଏ ଏବଂ ଉତ୍ପାଦର ନିର୍ଦ୍ଧାରିତ ଗ୍ରାହ୍ୟମାନକୁ ସ୍ପଷ୍ଟ କରିଦେଇଥାଏ । ଉଦାହରଣ ସ୍ୱରୂପ "ଉଲ ମାର୍କ" ସୁଦ୍ଧ ଉଲ ଉତ୍ପାଦ ପାଇଁ ପ୍ରୟୋଗ କରାଯାଇଥାଏ । ଏସବୁ ଛଡ଼ା ଉତ୍ପାଦ ଉପରେ କେୟାର ଲେବୁଲ ମଧ୍ୟ ଥାଏ ଯାହାକି ଧୋଇବା, ଇସ୍ତ୍ରୀ କରିବା ଓ ସାଇତି ରଖିବା ବାବଦରେ ସୂଚନା ଦେଇଥାଏ ।



ଚିତ୍ର ୨୬.୯
ଦେଖାରଖା ଲେବଲ

ଆଉ ଏକ ପ୍ରକାରର ଲେବୁଲ ଯାହାକି ଗ୍ରାହକମାନଙ୍କୁ ଉତ୍ପାଦଟିର ଗଠନ ବାବଦରେ କହିବାପାଇଁ ଡିଜାଇନ୍ କରାଯାଇଥାଏ ଏବଂ ଉତ୍ପାଦଟି ବ୍ୟବହାର କରିବା ସମୟରେ କ'ଣ ଆଶା କରାଯାଏ, କିପରି ଯତ୍ନ ନେବାକୁ ହୁଏ ଏବଂ କିପରି ବ୍ୟବହାର କରିବାକୁ ହୁଏ, ଏସବୁ ଏଥିରେ ଛପା ଯାଇଥାଏ । ଏହିପ୍ରକାରର ଲେବୁଲକୁ ଇନ୍‌ଫରମେଟିଭ୍ ଲେବୁଲ କୁହାଯାଏ । ତେଣୁ ପ୍ରକୃତରେ ଏହାକୁ ପ୍ରଭାବଶାଳୀ କରିବାପାଇଁ ଉତ୍ପାଦକମାନେ ଯଥେଷ୍ଟ ସୂଚନା ଖାଉଟିଙ୍କୁ ଦେଇଥାନ୍ତି । ଯଦିବା ଏହିପରି ମାର୍କିଙ୍ଗରେ



ମନ୍ତବ୍ୟ (Notes)


ଦିଆଯାଇଥିବା ସୂଚନା ସେତିକି ଅର୍ଥପୂର୍ଣ୍ଣ ହୋଇନଥାଏ । ଉଦାହରଣ ସ୍ୱରୂପ "ଲିଜି ବିବି" ପରି ଗୋଟିଏ ନାମ ଉତ୍ପାଦର ଗଠନ ସମ୍ପର୍କରେ କୌଣସି ସୂଚନା ଦେଇପାରିନଥାଏ ।

**କାର୍ଯ୍ୟକଳାପ ୨୬.୧ :** ତୁମେ ନିଶ୍ଚୟ ଦଶ ପ୍ରକାର ଲେବୁଲର ନମୂନା ସଂଗ୍ରହ କରିଥିବ । ସେଗୁଡ଼ିକ ଯତ୍ନର ସହିତ ଅନୁଧ୍ୟାନ କରି ନିମ୍ନଲିଖିତ ଟେବୁଲକୁ ପୂରଣ କର । ସେଗୁଡ଼ିକ ମଧ୍ୟରୁ ଗୋଟିଏ ତୁମର ସୁବିଧାପାଇଁ କରାଯାଇଛି ।

| କ୍ରମିକ ସଂଖ୍ୟା | ଲେବୁଲ | ପ୍ରଦତ୍ତ ସୂଚନା | ଲେବୁଲର ସ୍ଥାନ |
|---|---|---|---|
| ୧ | XL | ଆକାର, ଅତିରିକ୍ତ ବଡ଼ | ବେକର ପଛପାଖରେ ସିଲାଇ ହୋଇ ରହିଛି |
| ୨ | – | – | – |

**ପାଠଗତ ପ୍ରଶ୍ନ ୨୬.୩**

**ଶବ୍ଦ ଜାଲ**




ବିଭିନ୍ନ ପ୍ରକାର ଲେବୁଲ ପାଇଁ ନିମ୍ନରେ ଅନୁସନ୍ଧାନର ସୂତ୍ର ଦିଆଯାଇଛି ।

ଏହି ସୂତ୍ରକୁ ଆଧାର କରି ଶବ୍ଦଜାଲକୁ ପୂରଣ କର ।


ଓସାର ପଟେ

୧। ଗ୍ରାହ୍ୟ ଯୋଗ୍ୟ ମାନ (୧୩)

୨। କମ୍ପାନିର ଚିହ୍ନ (୫)

୩। ରକ୍ଷଣା ବେକ୍ଷଣର ସୂଚନା (୪)

୪। କପଡ଼ାରେ ଛପା ଯାଇଥାଏ (୭)



ମନ୍ତବ୍ୟ (Notes)

ତଳକୁ ତଳ/ଲମ୍ୱ ପଟେ

୫। ଅର୍ନ୍ତନିର୍ହିତ ଗୁଣାବଳୀ ( ୧ ୧ )

୬। ଉତ୍ପାଦର ଗୁଣବତ୍ତା ( ୧ ୧ )

## ୨୬.୪ ଅପବ୍ୟବହାର

ତୁମେ ଖାଦ୍ୟ ସାମଗ୍ରୀ ବା ଇଲେକ୍‌ଟ୍ରିକ ସାମଗ୍ରୀର ଉତ୍ପାଦକ ବା ବ୍ୟବସାୟୀମାନେ କରୁଥିବା ଅନେକ ପ୍ରକାର ଅପବ୍ୟବହାର ବିଷୟରେ ନିଶ୍ଚୟ ଶୁଣିଥିବ । ବସ୍ତ୍ର ଓ ପୋଷାକ କ୍ଷେତ୍ରରେ ମଧ୍ୟ ସମାନ ପ୍ରକାର ଅପବ୍ୟବହାର ଦେଖାଯାଏ । ଏହି ସବୁ ବିଷୟରେ ଆମ ସମସ୍ତଙ୍କର ଜାଣିବା ଜରୁରୀ ଏବଂ ସେ ସବୁକୁ ନିୟନ୍ତ୍ରଣ କରିବାରେ ଆବଶ୍ୟକ ପଦକ୍ଷେପ ନେବା । ଏହି କ୍ଷେତ୍ରରେ ହେଉଥିବା କେତେକ ସାଧାରଣ ଅପବ୍ୟବହାରଗୁଡ଼ିକ ହେଲା ।

### (କ) କମ୍ ମାତ୍ରା ଓ କମ୍ ଗୁଣବତ୍ତାର ଉତ୍ପାଦ ବିକ୍ରି କରିବା

ସୁଟପାଇଁ ୪ ମିଟର କିଣାଯାଇଥିବା କପଡ଼ା ତୁମେ ମାପ କଲାପରେ ୩.୮୦ମିଟର ହୋଇଥାଏ । ଖୁଚୁରା ବ୍ୟବସାୟୀ ଯିଏ ଏପରି କରିଥାଏ ସିଏ ନିଶ୍ଚୟ ମାପ ପାଇଁ ଛୋଟ ମାପକ ବ୍ୟବହାର କରିଥାଏ ବା କପଡ଼ା ମାପିବା ସମୟରେ ଟାଣି କରି ମାପିଥାଏ ।

### (ଖ) ମୂଲ୍ୟରେ ଠକେଇ

କେବଳ ବ୍ୟବସାୟୀ ବହୁତ ସମୟରେ ଉତ୍ପାଦ ବା ପ୍ୟାକେଟ୍ ଉପରେ ଲେଖାଯାଇଥିବା ମୂଲ୍ୟଠାରୁ ଅଧିକ ମୂଲ୍ୟ ଦାବୀ କରନ୍ତି । ସେମାନେ ଏହାକୁ କୌଣସି ଟ୍ୟାକ୍‌ସ ବୋଲି କହିଥାନ୍ତି ଓ ଲେବୁଲର ଦାମ ସହିତ ମିଶୀ ନେଇଥାନ୍ତି । ସେମାନେ ସମୟ ସମୟରେ ଲେବୁଲରେ ଲେଖାଥିବା ସିଲକ୍ ଫିନିଶ ପରି ଶବ୍ଦର ବ୍ୟବହାର କରି ଅଧିକ ମୂଲ୍ୟ ଦାବୀ କରିଥାନ୍ତି ।

### (ଗ) ତୃଟିପୂର୍ଣ୍ଣ ବସ୍ତୁ ବିକିବା

କେତେକ ସ୍ଥାନରେ ବୋପରୀ ଥରେ ବିକ୍ରି ହୋଇ ସାରିଥିବା ଜିନିଷକୁ ନୂଆ ଜିନିଷ କହି ବିକି ଦେଇଥାନ୍ତି ।

### (ଘ) ମିଥ୍ୟା, ଭ୍ରମାତ୍ମକ ଏବଂ ଅସମ୍ପୂର୍ଣ୍ଣ ତଥ୍ୟର ଲେବୁଲ ଓ ମାର୍କିଙ୍ଗ ଦ୍ୱାରା

ତୁମେ ଯେତେବେଳେ ପରଦା ପାଇଁ କପଡ଼ା କିଣ ସେପରି କପଡ଼ାରେ ରଙ୍ଗର ସ୍ଥାୟୀତ୍ୱ କପଡ଼ାର ମାର୍କିଙ୍ଗରେ ଲେଖାଥିବା ଆବଶ୍ୟକ । ଯଦି ସେପରି ହୋଇନଥାଏ ତେବେ ତାହା କପଡ଼ା ସମ୍ୱନ୍ଧରେ ଅସମ୍ପୂର୍ଣ୍ଣ ସୂଚନା । ସେହିପରି ଲେବୁଲ/ ମାର୍କିଙ୍ଗରେ ବ୍ୟବହୃତ ଶବ୍ଦ ଉପଯୁକ୍ତ ଭାବରେ ଅର୍ଥପୂର୍ଣ୍ଣ ହୋଇଥିବା ଓ ଭ୍ରମାତ୍ମକ ନ ହୋଇଥିବା ଆବଶ୍ୟକ । ଲେବୁଲ/ ମାର୍କିଙ୍ଗରେ ଯାହା ସୂଚନା ଦିଆଯାଇଥିବ ତାହା ଠିକ୍ ହେବା ଉଚିତ । ପୋଷାକର ଲେବୁଲରେ ଦିଆଯାଇଥିବା ସୂଚନା ପ୍ରାୟତଃ ବୃଥା ଏବଂ ଅସମ୍ପୂର୍ଣ୍ଣ । ଉଦାହରଣ ସ୍ୱରୂପ ରେଡ଼ିମେଡ଼ ପୋଷାକରେ ଲଗାଯାଇଥିବା ଲେବୁଲରେ ଧୋଇବା ଶୁଖାଇବା ଇସ୍ତ୍ରୀ କରିବା ରକ୍ଷଣାବେକ୍ଷଣ କରିବା ଇତ୍ୟାଦି ବାବଦରେ କିଛି କୁହାଯାଇ ନଥାଏ ।

ତେଣୁ ଜଣେ ଗ୍ରାହକ ହିସାବରେ ସଜାଗ ରହିବା ଏବଂ ଉତ୍ପାଦକ ତଥା ଖୁଚୁରା ବ୍ୟବସାୟୀଙ୍କୁ ଏପରି ଅପବ୍ୟବହାର କରିବା ପାଇଁ କୌଣସି ସୁଯୋଗ ନଦେବା ଏକାନ୍ତ ଜରୁରୀ ଅଟେ ।



ମନ୍ତବ୍ୟ (Notes)

କୌଣସି କ୍ଷେତ୍ରରେ ଅଭିଯୋଗ ଥିଲେ ସେ ସମ୍ପର୍କିୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କର । ଗ୍ରାହକ ସୁରକ୍ଷା ଅଧିନିୟମ ଅନୁଯାୟୀ ୧ ୯୮୮ରେ ଉପରଲିଖିତ ଅପବ୍ୟବହାର ନିରାକରଣ କରାଯାଇଛି ।

**ପାଠଗତ ପ୍ରଶ୍ନ ୨୬.୪**

କୋଡ଼କୁ ଜାଣ

ତୁମେ କିପରି ଜଣେ ସଜାଗ ଗ୍ରାହକ ହୋଇପାରିବ ? ନିମ୍ନରେ ଦିଆଯାଇଥିବା କୋଡ଼କୁ ବ୍ୟବହାର କରି ଜଣେ ସଜାଗ ଓ ଜାଗ୍ରତ ଗ୍ରାହକର ଗୁଣ ନିର୍ଣ୍ଣୟ କର ।

କୋଡ଼

| | | | | |
|---|---|---|---|---|
| A = 1 | G=7 | M=13 | S=19 | |
| B = 2 | H=8 | N=14 | T=20 | Y=25 |
| C = 3 | I=9 | O=15 | U=21 | Z=26 |
| D = 4 | J=10 | P=16 | V=22 | |
| E = 5 | K=11 | Q=17 | W=23 | |
| F = 6 | L=12 | R=18 | X=24 | |

(1) 23-1-20-3-8 20-8-5 6-1-2-18-9-3 2-5-9-14-7

________ ________ ________ ________

13-5-1-19-21-18-5-4

________

(2) 3-8-5-3-10 20-8-5 16-18-9-3-5 16-18-9-14-20-5-4

________ ________ ________ ________

15-14 20-8-5 16-18-15-4-21-3-20

________ ________ ________

(3) 18-5-4 20-8-5 11-1-2-11-5 1-14-4

________ ________ ________ ________

13-1-18-10-9-14-7

________

(4) 4-15 14-15-20 8-5-19-9-20-1-20-5 20-15

________ ________ ________ ________

21-19-5

________

ମନ୍ତବ୍ୟ (Notes)

3-15-14-19-21-13-5-18 ____________ 15-18-15-20-5-3-20-9-15-14 ____________


18-5-7-21-11-1-20-9-15-14 ____________ 1-3-20 ________

## ୨୬.୫ କପଡ଼ାର ଗୁଣବତ୍ତା ପରଖିବାପାଇଁ ନିର୍ଦ୍ଦେଶ

ଆଜିକାଲି ବଜାରରେ ଅନେକ ଆଶ୍ଚର୍ଯ୍ୟ ପ୍ରକାର କପଡ଼ା ଦେଖାଯାଇଥାଏ । କୃତ୍ରିମ ତନ୍ତୁ, ମିଶ୍ରିତ ଓ ପ୍ରାକୃତିକ ତନ୍ତୁର ପ୍ରକାର ବସ୍ତ୍ର ଉଦ୍ୟୋଗରେ କ୍ରାନ୍ତି ଆଣିଛି । ଉଦାହରଣ ସ୍ୱରୂପ କାର୍ପାସ ତନ୍ତୁ ସହିତ ଲାଇକ୍ରା ମିଶ୍ରଣରେ ପ୍ରସ୍ତୁତ ପ୍ୟାଣ୍ଟ ଓ ଜିନ୍ କପଡ଼ା ଖୁବ୍ ଲୋକପ୍ରିୟ ଅଟେ । ଏଗୁଡ଼ିକ ଆରାମଦାୟକ ଓ ଭଲ ଫିଟିଙ୍ଗ ଦେଇଥାଏ । କାର୍ପାସ ଓ ରେଶମ ତନ୍ତୁ ସହ ଖଦି ମିଶ୍ରଣରେ ଏପରି କପଡ଼ା ପ୍ରସ୍ତୁତ ହେଉଛି ଯାହା ବୃଦ୍ଧ ଓ ଯୁବ ସମସ୍ତଙ୍କର ମନ କିଣି ନେଉଛି । ଅନେକ ସିନ୍ଥେଟିକ୍ ତନ୍ତୁ ଏବଂ ଏହାର ମିଶ୍ରିତ ତନ୍ତୁ ମଧ୍ୟ ଖୁବ୍ ଲୋକପ୍ରିୟ ଅଟେ କାରଣ ସେଗୁଡ଼ିକ ପିନ୍ଧିବା ଓ ଯତ୍ନ ନେବା ସହଜ ଅଟେ ।

ବର୍ତ୍ତମାନ କୌଣସି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଉପଯୁକ୍ତ କପଡ଼ା ପସନ୍ଦ କରିବା ସମ୍ଭବ କିନ୍ତୁ ଏକ ବ୍ୟକ୍ତି ବସ୍ତ୍ରର କେଉଁ ଗୁଣକୁ ଦେଖି ବସ୍ତ୍ର ଚୟନ କରିଥାଏ ଓ କିଣିଥାଏ ?

ଗୁଣବତ୍ତା




ଯେତେବେଳେ ତୁମେ ବଜାରକୁ ଯାଉଛ ନିମ୍ନ ବିଷୟ ପ୍ରତି ଧ୍ୟାନ ଦେଲେ ତୁମେ ଉତ୍ତମ କ୍ରୟ କରିବାରେ ସଫଳ ହୋଇପାରିବ ।

**ବସ୍ତ୍ର ସାମଗ୍ରୀ :**

୧। କପଡ଼ାଟି ସ୍ପର୍ଶ କରିବାକୁ ଭଲ ଲାଗୁଥିବ ।

୨। କପଡ଼ାର ସ୍ଥାୟୀତ୍ୱ ଯାହା ତୁମେ ଜାଣ ଯେ ତନ୍ତୁର ଗୁଣବତ୍ତା, କିସମ ଓ ସୂତାର ଦୃଢତା ସୂତାରେ ଦିଆଯାଇଥିବା ମୋଡ଼ା ଏବଂ ଗଠନର ଘନତ୍ୱ ଖାପି ଗୁଣ ଉପରେ ନିର୍ଭର କରେ । ଏକ ଘନ ବୁଣା ବସ୍ତ୍ରରେ ଏକ ଢିଲା ବୁଣା ବସ୍ତ୍ର ଅପେକ୍ଷା ଅଧିକ ତନ୍ତୁ ରହିଥାଏ ଏବଂ ସେଥିପାଇଁ ଏହା ଅଧିକ ସ୍ଥାୟୀ ହୋଇଥାଏ ।





**ବୁଣାଇ (ଉଇଭ୍) :**

୧। କପଡ଼ା ବୁଣାଇରେ ଲମ୍ବା ଫାସକୁ ଏଡ଼ାଇଯିବା ଉଚିତ୍ କାରଣ ଏହା ସହଜରେ ଟାଣି ହୋଇଯାଏ ।

୨। କପଡ଼ାର ଦୃଢତା ପରୀକ୍ଷା କରିବାପାଇଁ ଦୁଇ ବୁଢ଼ା ଆଙ୍ଗୁଠି ମଧ୍ୟରେ କପଡ଼ାକୁ ଟାଣି ପରୀକ୍ଷା କରାଯାଇପାରେ । ଯଦି କପଡ଼ା ଠିକ୍‌ରେ ବୁଣା ହୋଇଥିବ ତେବେ ସୂତାଗୁଡ଼ିକ ପରସ୍ପରଠାରୁ ଛାଡ଼ିଯିବ ନାହିଁ ।

୩। ପ୍ରସ୍ଥ ସୂତା କନାର ଧାରରେ ସମକୋଣରେ ମିଶିବା ଉଚିତ । ପ୍ରସ୍ଥ ସୂତା ତେରେଛାରେ ମିଶିଲେ ଠିକ୍‌ରେ ବୁଣା ହୋଇନାହିଁ ।

୪। ଯଦି କପଡ଼ାକୁ ଆଲୋକ ଆଡ଼କୁ ରଖି ଦେଖିଲେ ଏହାର ବୁଣାଇର ସମାନତା ବୁଝାପଡ଼େ । ତେଣୁ କପଡ଼ାର କେଉଁଠି ପତଳା ବୁଣା ଓ କେଉଁଠି ବୁଣା ଜାଣିବା ପାଇଁ ଏହା ପରୀକ୍ଷା । ଅସମାନ ବୁଣା କପଡ଼ା ପିନ୍ଧିବା ପାଇଁ ଭଲ ପଡ଼ିନଥାଏ । ଆଲୋକ ପରୀକ୍ଷା ବୁଣାଇର ଦୁର୍ବଳ ଅଂଶ ଓ ଅନ୍ୟ ଅନିୟମିତତାକୁ ଦେଖାଇଥାଏ ।

**ପରିସଜ୍ଜା :**

୧। କପଡ଼ା ସୁଗନ୍ଧ ପ୍ରତି ଧ୍ୟାନ ଦିଅ । ଏହା ତେଲିଆ ନ ହୋଇ ନିର୍ମଳ ହେବା ଆବଶ୍ୟକ ।

୨। ଆଲୋକରେ କପଡ଼ା ରଖି ରଙ୍ଗର ସମାନତାକୁ ଜାଣ । ଯଦି ତୁମେ ଦେଖିବ ଯେ ଭାଙ୍ଗ ପାଖରେ ରଙ୍ଗ ଘସି ହୋଇଯିବା ପରି ହୋଇଛି ତେବେ ତାହା ଦୁର୍ବଳ ରଙ୍ଗାଇର ସୂଚନା ଦିଏ ।

୩। କପଡ଼ାର ଧାର ପାଖରେ ସୂତା ସମକୋଣରେ ମିଶିବା ଉଚିତ ନଚେତ୍ ଏହା ପୋଷାକ ତିଆରି ସମୟରେ ଅସୁବିଧା କରିଥାଏ ।

୪। ଦୁଇ ଆଙ୍ଗୁଠିରେ କପଡ଼ାକୁ ରଗଡ଼ିବାରେ କୌଣସି ପାଉଡ଼ର ପରି ଧୂଳି ଝଡ଼ିବା ଉଚିତ ନୁହେଁ । ଯଦି ସେପରି ଧୂଳି ଝଡ଼େ ତେବେ ଏହା ଅଧିକ ମଣ୍ଡ ଦିଆଯାଇଥିବାର ସୂଚନା । ବସ୍ତ୍ର ଉତ୍ପାଦକମାନେ ଦୁର୍ବଳ ଗୁଣବତ୍ତାକୁ ଲୁଚାଇବା ପାଇଁ ଅଧିକ ପରିମାଣର ମଣ୍ଡ ଦେଇଥାନ୍ତି । ରେଶମ ବସ୍ତ୍ରରେ ମଧ୍ୟ ଅଧିକ ଅଠା/ ମଣ୍ଡ ଦେଇଥାନ୍ତି କାରଣ ରେଶମର ମୂଲ୍ୟ ଓଜନ ଅନୁଯାୟୀ ହୋଇଥାଏ ।

୫। ଭେଲ୍‌ଭେଟ୍ ଏବଂ ଟାୱେଲ ଆଦି କିଣିବା ସମୟରେ ଉପରକୁ ଉଠିଥିବା ସୂତାର ଘନତ୍ୱ ଓ ସୁକ୍ଷ୍ମତ୍ୱ ଦେଖିବା ଜରୁରୀ ଅଟେ । ପ୍ରସ୍ଥ ପଟେ ରହିଥିବା ସୂତାର ଦୃଢତାକୁ ମଧ୍ୟ ଦେଖ ।

## ୨୬.୬ ତିଆରି ପୋଷାକର ଚୟନ

ଆଜିକାଲିର ବ୍ୟସ୍ତ ଜୀବନରେ କପଡ଼ା ସିଲାଇ କରିବାପାଇଁ ସମୟ ବାହାର କରିବା ଅତ୍ୟନ୍ତ କଷ୍ଟ । ଏଥିପାଇଁ ତୁମକୁ ବଜାରଯିବାକୁ ପଡ଼ିବ । କପଡ଼ା କିଣିବାକୁ ପଡ଼ିବ, ଦର୍ଜୀ ଖୋଜି ସିଲାଇ ବରାଦ କରିବାକୁ ପଡ଼ିବ ଏବଂ ପୋଷାକଟି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଅନ୍ୟଦିଗରେ ତୁମର ବିକଳ୍ପ ହେଲା ତିଆରି ପୋଷାକ କିଣିବା ।

ଏପରି ବଜାର ରହିଛି ଯେଉଁଠାରେ ତିଆରି ପୋଷାକ ଖୁବ୍ କମ୍ ମୂଲ୍ୟରେ ମିଳିଥାଏ । ଏଠାରେ କେବଳ ଗୋଟିଏ ସମସ୍ୟା ହୁଏ ଯେ ଏହି ପୋଷାକ ଗୁଡ଼ିକ ତୁମର ମାପ ଅନୁଯାୟୀ ତିଆରି

ହୋଇନଥାଏ । ତେଣୁ ତୁମକୁ ଠିକ୍ ନହୋଇପାରେ । ତେଣୁ ଯେତେବେଳେ ତୁମେ ତିଆରି ପୋଷାକ କିଣୁଛ ଏହା ଗୁରୁତ୍ୱପୂର୍ଣ୍ଣ ଯେ ତୁମେ କେଉଁ ଜିନିଷ ପ୍ରତି ଧ୍ୟାନ ଦେଇ ତିଆରି ପୋଷାକ କିଣିବ ।

**ତିଆରି ପୋଷାକ କିଣିବାପାଇଁ ମାର୍ଗଦର୍ଶକ :**

୧। **ପୋଷାକର ଡିଜାଇନ୍ :** କୌଣସି ତିଆରି ପୋଷାକର ଡିଜାଇନ ଚାରୋଟି ମହତ୍ୱପୂର୍ଣ୍ଣ ଜିନିଷ ଉପରେ ନିର୍ଭର କରେ । ଯଥା : ପୋଷାକର ମୂଳ ଷ୍ଟାଇଲ୍, ଆକାର, ରଙ୍ଗ ଏବଂ କପଡ଼ାର ଆକୃତି । ଯେତେବେଳେ ଏହି ସବୁ ଜିନିଷ ପୂର୍ଣ୍ଣମାତ୍ରାରେ ପୋଷାକ ତିଆରିରେ ରହିଥାଏ ସେତେବେଳେ ପୋଷାକଟିର ଡିଜାଇନ୍ ଠିକ୍ ଭାବରେ ସର୍ବାଙ୍ଗ ସୁନ୍ଦର ହୋଇଥାଏ ଯେଉଁଥିରେ ସନ୍ତୁଳନ, ଅନୁପାତ, ତାଳ ଓ ଲୟ ଠିକ୍ ଥାଏ ।



*ଚିତ୍ର ୨୬.୧୧*
*ପୋଷାକର ଡିଜାଇନ୍*

ତୁମ ଚର୍ତୁଃଦିଗରେ ଥିବା ଲୋକମାନଙ୍କର ପୋଷାକକୁ ଯତ୍ନର ସହତ ନିରିକ୍ଷଣ କର । ଚିନ୍ତା କରି ଦେଖ କାହିଁକି ସେଗୁଡ଼ିକ ଭଲ ବା ଖରାପ ଦେଖାଯାଉଛି ? ଡିଜାଇନ୍‌ର ସେହି ଚାରୋଟି ତତ୍ତ୍ୱ ତୁମେ ପୋଷାକରେ ଦେଖିପାରୁଛ କି ?


୨। **ଫିଟ୍/ ଠିକ୍ :** କୌଣସି ତିଆରି ପୋଷାକର ବାହ୍ୟ ରୂପ ଦେଖି ଚୟନ କରିସାରିବା ପରେ ତୁମକୁ ତାର ସାଇଜ ଓ ଫିଟିଙ୍ଗ ପ୍ରତି ଦୃଷ୍ଟି ଦେବାକୁ ହେବ । ଫିଟିଙ୍ଗ ଦେଖିବା ସମୟରେ କାନ୍ଧ, ଛାତି, ଅଣ୍ଟା ଓ ଲମ୍ବାଇ ପ୍ରତି ଧ୍ୟାନ ଦେବା ଉଚିତ । ଏହା ଚେହେରାକୁ ଖାପ ହୋଇଥିବା ଆବଶ୍ୟକ । ଏହା ଅଧିକ ଛୋଟ ବା ଅଧିକ ବଡ଼ ହୋଇନଥିବା ଉଚିତ । ଯାହା ପାଇଁ ପୋଷାକ କିଣୁଥାଅ ତାର ସଠିକ୍ ମାପ ଅନୁସାରେ କିଣିବା ଆବଶ୍ୟକ ।



*ଚିତ୍ର ୨୬.୧୨ ଫିଟିଙ୍ଗ୍ ଓ କାରିଗରୀ*

୩। **କାରିଗରି :** କାରିଗରିର ଅର୍ଥ ବସ୍ତ୍ର ବନାଇବାର ପ୍ରତ୍ୟେକଟି ନିଖୁଣତାକୁ ବୁଝାଏ । ତେଣୁ ପୋଷାକର ଓଲଟା ପଟକୁ ଦେଖ । ସିଲାଇର ଗୋଟିଏ ଦିଗକୁ ଟାଣି ସ୍ଥାୟିତ୍ୱ ପରୀକ୍ଷା କରିନିଅ । ପ୍ରତ୍ୟେକଟି ସିଲାଇ ଦୁଇଥର ହୋଇଥିବା ଆବଶ୍ୟକ । ସିଲାଇର ଶେଷଭାଗ ଠିକ୍ ରହିବା ଦରକାର ଯେପରି ଖୋଲି ନଯାଏ । ସିଲାଇର ମଝିରେ ମଧ୍ୟ କିଛି ଖୋଲା ନଥିବା ଉଚିତ । ପୋଷାକର ବୋତାମ, ହୁକ ଓ ଜିପ ଠିକରେ ବନ୍ଦ ଓ ଖୋଲା ହେବାକୁ ଠିକ୍‌ରେ ଯାଞ୍ଚ କରି ନିଅ । ସିଲାଇ ବାହାରେ କିଛି ଅଧିକ କପଡ଼ା ରହିଥିବା ଜରୁରୀ । କଲର ଦାର ଠିକ୍ ରହିଥିବା ଦରକାର କପଡ଼ାର ସିଲାଇ ନହୋଇଥିବା ଧାର ବାହାରକୁ ଦେଖା ନଯିବା ଦରକାର । ପାଇପିଙ୍ଗ ସାମନାପଟର ରୂପ ବା ଚେହେରା ଅତ୍ୟନ୍ତ ନିଖୁଣତାର ସହିତ ଯାଇଥିବା ଆବଶ୍ୟକ ।

୪। **ମୂଲ୍ୟ :** ବସ୍ତ୍ରର ମୂଲ୍ୟ ବସ୍ତ୍ରର ଅନ୍ୟ ସମସ୍ତ ଉପାଦାନ ନେଇ ହୋଇଥାଏ । ବସ୍ତ୍ରର ଗୁଣବତ୍ତା ସଂରଚନାତ୍ମକ ଗଠନ, ଏମ୍ବ୍ରୋଡରି ଆଦି ବସ୍ତ୍ରର ମୂଲ୍ୟକୁ ପ୍ରଭାବିତ କରିଥାଏ । ସାଧାରଣତ



ମନ୍ତବ୍ୟ (Notes)

ଆମେ ଭାବିଥାଉ ଯେ ଅଧିକ ମୂଲ୍ୟର ପୋଷାକ ଅଧିକ ଗୁଣବତ୍ତା ସମ୍ପନ୍ନ ହୋଇଥିବ । ପରନ୍ତୁ ଏହା ସବୁ ସମୟରେ ସତ୍ୟ ନୁହେଁ । ତେଣୁ ଏହା ଦେଖିବା ଆବଶ୍ୟକ ଯେ କପଡ଼ା ପାଇଁ ଦାବୀ କରାଯାଉଥିବା ମୂଲ୍ୟ ପ୍ରକୃତରେ ଆମକୁ ସେତିକି ମୂଲ୍ୟ ଦେବକି ନାହିଁ ।

୫। **ଯତ୍ନ ଓ ରକ୍ଷଣାବେକ୍ଷଣ :** ବହୁ ସମୟରେ ଆମେ ଦେଖୁ ଯେ ଆମେ ପୋଷାକ କିଣୁ ଓ ତାର ପ୍ରଥମ ଧୁଆ ପରେ ପୋଷାକରେ ଲାଗିଥିବା ପାଇପିନ୍‌ର ରଙ୍ଗ ସମ୍ପୂର୍ଣ୍ଣ ପୋଷାକକୁ ନଷ୍ଟ କରିଦେଇଛି କିମ୍ବା କିଛି ସମୟରେ ଇସ୍ତ୍ରୀ କରିବା ସମୟରେ ପୋଷାକରେ ଲାଗିଥିବା ଲେସ୍ ତରଳି ଯାଇଥାଏ ବା କଳାରଙ୍ଗ କାରଣରୁ କାର୍ପାସ ବସ୍ତ୍ରକୁ ବାରମ୍ବାର ଶୁଷ୍କ ଧୌତି କରି ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ ।

ତିଆରି ବସ୍ତ୍ରର ଉତ୍ତମ ଚୟନ ପାଇଁ କିଣିବା ସମୟରେ ପୋଷାକରେ ଥିବା ସୂଚନାକୁ ପଢି ମୂଲ୍ୟ ସାଙ୍ଗରେ ତୁଳନା କର । ଏପରି ବସ୍ତ୍ର କିଣ, ଯାହାର ଯତ୍ନ ଓ ରକ୍ଷଣାବେକ୍ଷଣ କମ୍ ମୂଲ୍ୟରେ କରାଯାଇପାରିବ ।

**ପାଠଗତ ପ୍ରଶ୍ନ ୨୬.୪**

I. ଦିଆଯାଇଥିବା ବକ୍ତବ୍ୟର ସ୍ପଷ୍ଟିକରଣ ଦିଅ ।

(କ) ଏକ ଘନ ବୁଣାଯାଇଥିବା ବସ୍ତ୍ର ଅଧିକ ଦୃଢ ଓ ସ୍ଥାୟୀ ହୋଇଥାଏ ।

ସ୍ପଷ୍ଟିକରଣ ...........................................................

(ଖ) କପଡ଼ାରେ ଥିବା ସୂତାର ଲମ୍ବା ପାସକୁ ଆଡ଼େ଼ଇ ଯିବା ଉଚିତ ।

ସ୍ପଷ୍ଟିକରଣ ...........................................................

(ଗ) ଆଙ୍ଗୁଠି ଦ୍ୱାରା ବସ୍ତ୍ର ରଗଡ଼ିଲାପରେ ପାଉଡର ପରି ଦୂଳି ନ ରହିବା ଉଚିତ ।

ସ୍ପଷ୍ଟିକରଣ ...........................................................

II. ତୁମ ମନରେ ଥିବା ଦୁଇଟି ପଏଣ୍ଟର ତାଲିକା ନିମ୍ନପାଇଁ କର ।

(କ) ବସ୍ତ୍ର ଚୟନ କେଉଁ ଆଧାରରେ କରାଯିବ

(i) ବୁଣାଇକୁ ଆଧାର କରି ୧। .....................

୨। .....................

(ii) ପରିସଜ୍ଜାକୁ ଆଧାର କରି ୧। .....................

୨। .....................

(ଖ) ପୋଷାକର ଚୟନ କାହାକୁ ଆଧାରକରି


(i) କାରିଗରୀକୁ ଆଧାର କରି ୧। .....................

୨। .....................

(ii) ଯତ୍ନ ଓ ରକ୍ଷଣାବେକ୍ଷଣକୁ ଆଧାର କରି ୧। .....................

୨। .....................

ତୁମେ କ'ଣ ଶିଖିଲ




**ପାଠ୍ୟାନ୍ତ ଅଭ୍ୟାସ :**

୧। ଲେବୁଲ ଓ ମାର୍କିଙ୍ଗ ମଧ୍ୟରେ କି ପାର୍ଥକ୍ୟ ?

୨। ବସ୍ତ୍ର ବିକ୍ରୟରେ କିପ୍ରକାର ଅପବ୍ୟବହାର ଦେଖାଯାଏ ?

୩। ଦଶ ଛପାଇ/ ମାର୍କିଙ୍ଗର ନମୂନା ସଂଗ୍ରହ କର । ସୂଚନା ପ୍ରଦାନ କରୁଥିବା ଲେବୁଲ ବିଷୟରେ ଲେଖ । କିପରି ଏହା ଭଲ ଲେଖ ।

୪। ପର୍ଦ୍ଦା ପାଇଁ କପଡ଼ା କିଣୁଥିବା ସମୟରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବ ।

୫। ତୁମପାଇଁ ଗୋଟିଏ ତିଆରି ପୋଷାକ କ୍ରୟ କରିବାପାଇଁ ଅଛି । ତୁମେ ଏହାକୁ କିପରି ଗୋଟିଏ ଭଲ କ୍ରୟରେ ପରିଣତ କରିବ ?

୬। ତୁମର କଲେଜ ଯାଉଥିବା ଗୋଟିଏ ଭଉଣୀ ଅଛି । ତାପାଇଁ କେଉଁ ବସ୍ତ୍ର ସବୁଠାରୁ ଉପଯୁକ୍ତ ହେବ ଓ କାହିଁକି ? ଲେଖ ।

**ପାଠଗତ ପ୍ରଶ୍ନର ଉତ୍ତର :**

୨୬.୧.୧ (i) କ, (ii) ଖ, (iii) (ଘ), (iv) ଖ, (v) ଖ

୨। (i) କାର୍ପାସ, (ii) ନାଇଲନ, (iii) ଉଲ

୩। (i) କାର୍ପାସ, ଯାହା ଓଦା ହେବା ପରେ ଦୃଢ ହୋଇଥାଏ ।

(ii) ନାଇଲନ ନିଜର ଦୃଢତା ପାଇଁ

(iii) ଉଲ, କାରଣ ଏହା ତାପର କୁପରିଚାଳକ ।

**୨୬.୨.I.** ୧। ମିଥ୍ୟା, ସିନ୍ଥେଟିକ୍ କପଡ଼ା ଆର୍ଦ୍ରତା ଅବଶୋଷଣ କରେ ନାହିଁ । ଏହି ବସ୍ତ୍ର ଶିଶୁଙ୍କ ପାଇଁ ଆରାମ ଦାୟକ ହୋଇନଥାଏ ।

୨। ମିଥ୍ୟା: ଡାକ୍ତରମାନେ ସ୍ୱଚ୍ଛ, ସଫା ଓ କୁଶଳ ହେବା ଉଚିତ । ସେମାନେ ନିଜକୁ ସଂକ୍ରମଣ ପାଖରୁ ସୁରକ୍ଷିତ ରହିବା ଉଚିତ । ସେଥିପାଇଁ ସେମାନେ ଧଳା କୋଟ ପିନ୍ଧିଥାନ୍ତି ।


୩। ମିଥ୍ୟା : ଯାତ୍ରା ସମୟରେ ବସ୍ତ୍ର ଅତ୍ୟଧିକ ମଇଳା ହୋଇଯାଇଥାଏ । ତେଣୁ ହାଲକା ରଙ୍ଗର କପଡ଼ାକୁ ଏଡ଼ାଇ ଦେବା ଉଚିତ ।

୪। ମିଥ୍ୟା : ଲମ୍ବ ଯାତ୍ରା ସମୟରେ ମଜଭୁତ ଓ ସ୍ଥାୟୀ ବସ୍ତ୍ର ପିନ୍ଧିବା ଉଚିତ । କେବଳ ଦୃଢ଼/ ମଜବୁତ ବସ୍ତ୍ର ଯାତ୍ରା ସମୟରେ ଫୁଟା ଫୁଟିକୁ ସହ୍ୟ କରିପାରିବ ।

୫। ସତ୍ୟ, ଯେହେତୁ ଶିଶୁ ଅଧିକାଂଶ ସମୟ ଶୋଇ ରହେ ତେଣୁ ଶିଶୁର ପୋଷାକ ସହଜରେ ପିନ୍ଧିବା ପରି ହେବା ସହିତ ତାର କୋମଳ ତ୍ୱଚାକୁ କଷ୍ଟ ଦେବା ପରି ନହେବା ଉଚିତ ।

**II.** ୧। ଗ, ୨। କ, ଙ, ୩। ଘ, ଚ, ୪। ଖ, ୫। ଛ

୨୬.୩ ଶବ୍ଦ ଜାଲ




୨୬.୪. (୧) କପଡ଼ା ମାପିବା ସମୟରେ ଧ୍ୟାନ ଦିଅ ।

(୨) ଉତ୍ପାଦ ଉପରେ ଥିବା ଛପା ମୂଲ୍ୟ ଦେଖ ।

(୩) ଲେବୁଲ ଓ ମାର୍କିଙ୍ଗ୍‌କୁ ପଢ ।

(୪) ଉପଭୋକ୍ତା ସଂରକ୍ଷଣ ଅଧିନିୟମ ପ୍ରୟୋଗ କର ।

୨୬.୫. **I.**(କ) ବହିର ୨୬.୫ ଅଧ୍ୟାୟକୁ ଉପଯୋଗ କର ।

(ଖ) ବହିର ୨୬.୫ ଅଧ୍ୟାୟକୁ ଉପଯୋଗ କର ।


(ଗ) ବହିର ୨୬.୫ ଅଧ୍ୟାୟକୁ ଉପଯୋଗ କର ।

**II.** (କ) ୧। ବହିର ୨୬.୬ ଅଧ୍ୟାୟକୁ ଉପଯୋଗ କର ।

୨। ବହିର ୨୬.୬ ଅଧ୍ୟାୟକୁ ଉପଯୋଗ କର ।

For more information

ପେଟିକା - ୫
ବସ୍ତ୍ର ଓ ପରିଧାନ



ମନ୍ତବ୍ୟ (Notes)

ମନ୍ତବ୍ୟ (Notes)

# ୨୭

# ବସ୍ତ୍ରର ଯତ୍ନ ଓ ରକ୍ଷଣାବେକ୍ଷଣ

ଆମେ ସମସ୍ତେ ଭଲରେ ଜାଣିଛେ ଯେ ବସ୍ତ୍ର ବ୍ୟବହାର କରିବା ପରେ ମଇଳା ହୋଇଥାଏ । ବସ୍ତ୍ରର ଦୀର୍ଘସ୍ଥାୟୀତ୍ୱ ପାଇଁ ପରିଷ୍କାର ରୂପ, ବ୍ୟକ୍ତିଗତ ପରିଷ୍କୃତି ଏବଂ ବାତାବରଣର ପରିଷ୍କୃତି ପାଇଁ ବସ୍ତ୍ର ଧୋଇବାକୁ ହୁଏ ଏବଂ ଶୁଖାଇ ନିୟମିତ ଭାବରେ ଇସ୍ତ୍ରୀ କରିବାକୁ ପଡ଼େ । ତେଣୁ ଆମ ବସ୍ତ୍ରର ଯତ୍ନ ନେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ତୁମେ ମଧ୍ୟ ଜାଣିଥିବ ଯେ ସବୁ କପଡ଼ା ସମାନ ଭାବରେ ଧୁଆଯାଇନଥାଏ କିମ୍ବା ପରିସଜ୍ଜା କରାଯାଇନଥାଏ । ତୁମେ ମଧ୍ୟ ଜାଣିଥିବ ଯେ କେତେକ କପଡ଼ା ପାଇଁ ତୁମେ ଗରମ ପାଣି ବ୍ୟବହାର କରିବା ସମୟରେ ଅନ୍ୟ କେତେକ କପଡ଼ା କେବଳ ଥଣ୍ଡା ପାଣିରେ ଧୁଆଯାଏ । କେତେକ ବସ୍ତ୍ର ଡିଟରଜେଣ୍ଟରେ ଧୋଇବା ସମୟରେ ଅନ୍ୟ କେତେକ ବସ୍ତ୍ରକୁ ନରମ ସାବୁନ୍‌ରେ ଧୁଆଯାଇଥାଏ । କେତେକ ବସ୍ତ୍ରକୁ ଶୁଖାଇବା ତାରରେ ଟଙ୍ଗା ଯାଇଥିବା ବେଳେ ଅନ୍ୟ କେତେକ ବସ୍ତ୍ରକୁ ସମତଳ ଜମି ଉପରେ ଶୁଖାଯାଇଥାଏ । ଏଥିରୁ ଜଣାଯାଏ ସଫା କରିବା ସମୟରେ ଭିନ୍ନ ଭିନ୍ନ କପଡ଼ାର ଭିନ୍ନ ଭିନ୍ନ ପ୍ରକାର ଯତ୍ନ ଆବଶ୍ୟକ ହୋଇଥାଏ ।

ଆସ ବସ୍ତ୍ର ସଫା କରିବାର ବିଭିନ୍ନ ବିଧି ଓ ବିଭିନ୍ନ ପ୍ରକାର ଯତ୍ନ ବିଷୟରେ ଜାଣିବା ।

## ଉଦ୍ଦେଶ୍ୟ

ଏହି ପାଠଟି ପଢ଼ିସାରିବା ପରେ ତୁମେ ନିମ୍ନଲିଖିତ କରିପାରିବ ।

- କପଡ଼ାର ରକ୍ଷଣାବେକ୍ଷଣର ଆବଶ୍ୟକତା ଓ ସଫା କରିବା ଓ ଶୁଷ୍କ ପରିଷ୍କୃତିର ଅର୍ଥ ।
- ଧୋଇବା / ସଫା କରିବାର ମୂଳତତ୍ତ୍ୱ ବର୍ଣ୍ଣନା ।
- ସାବୁନ ଓ ଡିଟରଜେଣ୍ଟର ବର୍ଣ୍ଣନା ।
- ସହାୟକ ସାମଗ୍ରୀର ତାଲିକା ଏବଂ ତାହାର ବ୍ୟବହାର ।
- ବିଭିନ୍ନ ପ୍ରକାର କପଡ଼ାରୁ ବିଭିନ୍ନ ପ୍ରକାର ଦାଗ ଛଡ଼ାଇବାର ପ୍ରଣାଳୀ ବର୍ଣ୍ଣନା ।
- ବିଭିନ୍ନ ପ୍ରକାର ବସ୍ତ୍ର ପାଇଁ ବିଭିନ୍ନ ପ୍ରକାର ସଫା କରିବା ପ୍ରଣାଳୀର ବିସ୍ତୃତ ଆଲୋଚନା ।
- ବସ୍ତ୍ର ସାଇତି ରଖିବା ସମୟରେ ସତର୍କତା ।
- ଶୁଷ୍କ ପରିଷ୍କୃତି ପ୍ରଣାଳୀର ବର୍ଣ୍ଣନା ।



ମନ୍ତବ୍ୟ (Notes)

## ୨୭.୧ ବସ୍ତ୍ରର ଯତ୍ନ

ସର୍ବପ୍ରଥମେ ଆମେ ଜାଣିବା ଉଚିତ୍ ଯେ କପଡ଼ାର କାହିଁକି ଯତ୍ନ ନିଆଯାଏ ? ଠିକ୍ ଅଛି, ଆମେ ସମସ୍ତେ ଜାଣିଛେ ଯେ ଯେତେବେଳେ ଆମେ ବସ୍ତ୍ର ପିନ୍ଧୁ ସେଗୁଡ଼ିକ ଧୂଳି, ମଳି ଓ ଝାଳ ଆଦି କାରଣରୁ ମଇଳା ହୋଇଯାଏ । ଏହି ମଇଳା କପଡ଼ା ଉପରେ ଲାଗି ରହିଲେ କପଡ଼ା ଖୁବ୍ ଖରାପ ଦେଖାଯାଇଥାଏ । କପଡ଼ା ମଧ୍ୟ ତାର ଦୃଢ଼ତା ହରାଇଥାଏ ଓ ଦାଗ କପଡ଼ାରେ ଲାଗି ରହିଥାଏ । ମଇଳା କପଡ଼ାରୁ ସହଜରେ ଛଡ଼ାଯାଇପାରେ କିନ୍ତୁ ତେଲିଆ ମଇଳା ସଫା କରିବା ପାଇଁ ବିଶେଷ ପ୍ରଣାଳୀର ଆବଶ୍ୟକ ହୋଇଥାଏ ।

## ୨୭.୨ ସଫା କରିବା କ'ଣ ?

ଆମ ମଧ୍ୟରୁ ଅନେକଙ୍କର ଭାବନା ଯେ "ସଫା କରିବା" ଅର୍ଥ କେବଳ କପଡ଼ାକୁ ଧୋଇବା କିନ୍ତୁ ପ୍ରକୃତରେ ସଫା କରିବା କହିଲେ ସଫା କରିବା ସହିତ ଠିକ୍‌ରେ ଶୁଖାଇବା ଓ ପରିସଜ୍ଜା କରିବା ।

| ସଫା କରିବା- କପଡ଼ାକୁ ଧୋଇବା, ଶୁଖାଇବା ଓ ପରିସଜ୍ଜା କରିବା |
|---|

**ଡ୍ରାଇକ୍ଲିନିଙ୍ଗ୍ (ଶୁଷ୍କ ପରିଷ୍କୃତି) :** କିଛି କପଡ଼ାକୁ ଧୂଆଯାଇପାରେ ନାହିଁ । ଏହି କପଡ଼ାକୁ ଦ୍ରାବକ ଓ ଗ୍ରୀଜ୍ ଶୋଷକ ବ୍ୟବହାର କରାଯାଇ ପରିଷ୍କାର କରାଯାଏ । ଅନ୍ୟ ଭାବରେ କହିଲେ, କପଡ଼ା ବିନା ପାଣିରେ ସଫା କରାଯାଇଥାଏ କାରଣ ପାଣି କପଡ଼ା ଓ ତାର ରଙ୍ଗକୁ ହାନି ପହଞ୍ଚାଇପାରେ । ଏହି ଅଧ୍ୟାୟ ଶେଷରେ ତୁମେ ଶୁଷ୍କ ପରିଷ୍କୃତି ବିଷୟରେ ଅଧିକ ଜାଣିପାରିବ ।

### ୨୭.୨.୧ ସଫା କରିବାର ସ୍ତର :

ତୁମେ ଯେତେବେଳେ ଘରେ ସଫା କର ଏହାକୁ କିପରି ଆରମ୍ଭ କର ? ବୋଧହୁଏ, ତୁମେ କପଡ଼ାକୁ ରଙ୍ଗୀନ୍ ବା ଧଳା, କାର୍ପାସ ବା ଉଲ ବା ରେଶମ, କମ୍ ମଇଳା ବା ଅଧିକ ମଇଳା ଅନୁସାରେ ଅଲଗା କରିଥାଅ ।

ତୁମେ ଏପରି କରିଥାଅ କାରଣ ତୁମେ ଜାଣ ଯେ ସବୁପ୍ରକାର କପଡ଼ା ଏକାଠି ସଫା କରାଯାଇପାରିବ ନାହିଁ । ସଫା କରିବାକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ କିଛି ପ୍ରାରମ୍ଭିକ ପ୍ରସ୍ତୁତି ସଫା କରିବା ପୂର୍ବରୁ କରାଯାଏ । ସେଗୁଡ଼ିକ ନିମ୍ନପରି-

i) **ମରାମତି କରିବା :** ସଫା ହେବାକୁ ଥିବା ବସ୍ତ୍ରର ସାବଧାନର ସହ ଯାଞ୍ଚ କରି ଦେଖ ଯେକୌଣସି ସ୍ଥାନରେ ଚିରା, ଛିଡ଼ିଯାଇଥିବା ବା ବାତିଲ୍ ହୋଇଥିବା ବୋତାମ ରହିଛି କି ? ଯଦି ଏପରି ହୋଇଥାଏ ସେଗୁଡ଼ିକୁ ସଫା କରିବା ପୂର୍ବରୁ ସିଲାଇ କରିନେବା ଉଚିତ୍ । ତୁମେ କହିପାରିବ କି ଏପରି କାହିଁକି କରାଯାଇଥାଏ ?

ii) **ଦାଗ ଛଡ଼ାଇବା :** ଯଦି ମଇଳା ଛଡ଼ା ଆଉ କିଛି ଦାଗ ବା ଅନ୍ୟ କିଛି କପଡ଼ା ଉପରେ ଲାଗିଥାଏ ତେବେ ପ୍ରଥମେ ଏହାକୁ ଛଡ଼ାଇଦେବା ଉଚିତ୍ ନଚେତ୍ ସେଗୁଡ଼ିକ କପଡ଼ା ଉପରେ ବ୍ୟାପିଯାଇପାରେ ବା ଦାଗ ଦୃଢ ହେଇ ଲାଗିଯାଇପାରେ ବା ସଫା ହେବାରେ ଥିବା ଅନ୍ୟ କପଡ଼ାକୁ ଦାଗ କରିଦେଇପାରେ ।

ମନ୍ତବ୍ୟ (Notes)



**ଚିତ୍ର ୨୭.୧ : ଦାଗ ଛଡ଼ାଇବା**

**iii) ଅଲଗା କରିବା (ବାଛିବା) :** ସଫା ହେବାକୁ ଥିବା ବସ୍ତ୍ରଗୁଡ଼ିକୁ ତାର ତନ୍ତୁକୁ ଆଧାର କରି ଅଲଗା କରିବା ଉଚିତ୍ ଯେପରି କାର୍ପାସ, ଉଲ, ରେଶମ ଓ ସିନ୍ଥେଟିକ୍ । ଧଳା ବସ୍ତ୍ର ମଧ୍ୟ ରଙ୍ଗୀନ୍ ବସ୍ତ୍ର ଠାରୁ ଅଲଗା କରି ସଫା ହେବା ଉଚିତ୍ । ଅତ୍ୟଧିକ ମଇଳା ବସ୍ତ୍ର ଯେପରି ଝାଡ଼ଣ ଆଦିକୁ କମ୍ ମଇଳା ବସ୍ତ୍ର ଠାରୁ ଅଲଗା କରି ସଫା କରିବା ଉଚିତ୍ ।

**iv) ଭିଜାଇବା :** ସଫା କରିବା ପୂର୍ବରୁ ତୁମେ ବସ୍ତ୍ରକୁ ଭିଜାଇଥାଅ କି ? କାହିଁକି ତୁମେ ଏହା କରିଥାଅ ? ଭିଜାଇବା ଦ୍ୱାରା ମଇଳା ଗୁଡ଼ିକ କପଡ଼ାରୁ ବାହାରି ଆସେ ଓ ସଫା ହୋଇଯିବାଟା ସହଜ ହୋଇଯାଏ । ସବୁ ପ୍ରକାର ବସ୍ତ୍ରକୁ ଭିଜାଇବା ଆବଶ୍ୟକ ହୋଇନଥାଏ । ଉଦାହରଣ ସ୍ୱରୂପ, କପଡ଼ା ଯାହାର ରଙ୍ଗ ପକ୍କା ନୁହେଁ ଏହା ଭିଜାଇବା ଉଚିତ୍ ନୁହେଁ । ଉଲ ବସ୍ତ୍ରକୁ ଭିଜାଇବା ଆବଶ୍ୟକ ହୁଏ ନାହିଁ କାରଣ ଭିଜାଇବା ଦ୍ୱାରା ଏହା ଏକାଠି ଫେଲଟ୍ (felt) ହୋଇଯାଇଥାଏ ।




**ଚିତ୍ର ୨୭.୨ : ଭିଜାଇବା**

**v) ସଫା କରିବା :** ଏବେ ବସ୍ତ୍ରକୁ ଉଚିତ୍ ଡିଟରଜେଣ୍ଟ / ସାବୁନ୍ ବ୍ୟବହାର କରି ଓ ଠିକ୍ ପଦ୍ଧତିରେ ମଧ୍ୟ ସଫା କରାଯାଇଥାଏ । ତୁମେ ଏହି ବିଷୟ ବିସ୍ତାରିତ ଭାବରେ ପରବର୍ତ୍ତୀ ଅଧ୍ୟାୟରେ ଜାଣିବ । ସଫା କରିବା ପଦ୍ଧତି ବସ୍ତ୍ରରୁ ମଇଳା ଛଡ଼ାଇବାରେ ସାହାଯ୍ୟ କରିଥାଏ ।

**vi) ଧୋଇବା :** ବସ୍ତ୍ରରୁ ବ୍ୟବହାର ହୋଇଥିବା ସାବୁନ୍ / ଡିଟରଜେଣ୍ଟ ବା ରାସାୟନିକ ପଦାର୍ଥ ବାହାରିଯିବା ଉଚିତ୍ । ତେଣୁ ବସ୍ତ୍ରକୁ ଦୁଇତିନି କିମ୍ବା



**ଚିତ୍ର ୨୭.୩ : ଧୋଇବା**






ଚାରି ଥର ସ୍ୱଚ୍ଛ ଜଳରେ ଧୋଇବା ଉଚିତ୍ । ପ୍ରକୃତରେ ବସ୍ତ୍ରରୁ ସମସ୍ତ ସାବୁନ୍ ଓ ଡିଟରଜେଣ୍ଟ ସମ୍ପୂର୍ଣ୍ଣ ରୂପେ ବାହାରି ନଯିବାଯାଏ ବସ୍ତ୍ରକୁ ଧୋଇବା ଉଚିତ୍ ।

**vii) ମଣ୍ଡ ଓ ନୀଳ ଦେବା :** ଯଦି ବସ୍ତ୍ରକୁ ମଣ୍ଡ ଦେବା ଆବଶ୍ୟକ ଥାଏ ତେବେ ବସ୍ତ୍ରରେ ମଣ୍ଡଦେବା ଉଚିତ୍ ଓ କପଡ଼ାର ଧଳା ରଙ୍ଗର ଉଜ୍ଜଳତାକୁ ଫେରାଇ ଆଣିବା ପାଇଁ ନୀଳ ମଧ ଦେବା ଆବଶ୍ୟକ । ପରବର୍ତ୍ତୀ ଅଧ୍ୟାୟରେ ଏହି ପଦ୍ଧତି ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି ।

**viii) ଶୁଖାଇବା :** ସମ୍ଭବତଃ ତୁମ୍ଭେ ଜାଣିଛ ଯେ ବସ୍ତ୍ର ବିଭିନ୍ନ ପ୍ରକାରରେ ଶୁଖାଯାଏ । ଶ୍ୱେତବସ୍ତ୍ର ଖରାରେ ଶୁଖାଯାଏ ଓ ରଙ୍ଗୀନ୍ ବସ୍ତ୍ର ଛାଇରେ ଶୁଖାଯାଏ । ରେଶମ ବସ୍ତ୍ର ଧଳା ବା ରଙ୍ଗୀନ୍ ହେଉ ସମସ୍ତ ଛାଇରେ ଶୁଖାଯାଏ । ସିନ୍ଥେଟିକ୍ ବସ୍ତ୍ର ହାଙ୍ଗର୍‌ରେ ଟଙ୍ଗା ଯାଇ ଛାଇରେ ଶୁଖାଯାଏ । ପଶମ ବସ୍ତ୍ର ଛାଇ ଓ ସମତଳ ଚଟାଣରେ ଶୁଖାଯାଏ ।

**ix) ଇସ୍ତ୍ରୀ କରିବା :** ବସ୍ତ୍ର ସଫା କରିବା ପ୍ରଣାଳୀ ଶେଷ ପାହାଚ / ଚରଣ ହେଲା ଇସ୍ତ୍ରୀ କରିବା । କପଡ଼ାର ପ୍ରକୃତି ଅନୁଯାୟୀ ପୋଷାକକୁ ଇସ୍ତ୍ରୀ କରାଯାଏ । କାର୍ପାସ ବସ୍ତ୍ର ଉପରେ ପାଣି ଛିଞ୍ଚାଯାଇ ଅଧିକ ଗରମ ଇସ୍ତ୍ରୀ ବ୍ୟବହାର କରାଯାଇ ଆଇରନ୍ କରାଯାଏ । ରେଶମ ବସ୍ତ୍ର ସାମାନ୍ୟ ଓଦା ଥିବାବେଳେ ଗରମ ଇସ୍ତ୍ରୀ ସାହାଯ୍ୟରେ ଆଇରନ କରାଯାଏ ।



**ଚିତ୍ର ୨୭.୪ : ଇସ୍ତ୍ରୀ କରିବା**

ସିନ୍ଥେଟିକ୍ ଏବଂ ରେୟନ୍ ବସ୍ତ୍ର ସାମାନ୍ୟ ଗରମ ଇସ୍ତ୍ରୀରେ ଇସ୍ତ୍ରୀ କରାଯାଏ । ଉଲ ବସ୍ତ୍ରକୁ ଗୋଟିଏ ଓଦା ମୁସଲିନ୍ କପଡ଼ା ଘୋଡ଼ାଇ ତା' ଉପରେ ଇସ୍ତ୍ରୀ କରାଯାଏ ।

**ପାଠଗତ ପ୍ରଶ୍ନ : ୨୭.୧**

୧ । ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

i) ଅଲଗା କରିବା

ii) ସଫା କରିବା ଓ ଧୋଇବା

iii) ଇସ୍ତ୍ରୀ କରିବା

## ୨୭.୩ ଡିଟରଜେଣ୍ଟ

ଡିଟରଜେଣ୍ଟ ଏକ ଉତ୍ପାଦ ଯାହା ସଫା କରିବା ପାଇଁ ସକ୍ଷମ ଅଟେ । ଡିଟରଜେଣ୍ଟ ଦୁଇପ୍ରକାରର ହୋଇପାରେ– ସାବୁନ୍ ଏବଂ ସିନ୍‌ଡେଟ୍‌ସ୍ ।

କ) ସାବୁନ୍ ଗୋଟିଏ ସଫା କରିବାର ପଦାର୍ଥ ଯାହା ପ୍ରାକୃତିକ ତେଲ ଏବଂ ମହମର ମିଶ୍ରଣରୁ ପ୍ରସ୍ତୁତ ହୋଇଥାଏ ।

ଖ) ସିନ୍‌ଡେଟ୍‌ସ ଏକ ସଫା କରିବା ପଦାର୍ଥ ଯାହା ରାସାୟନିକ ପଦାର୍ଥରୁ ତିଆରି ହୋଇଥାଏ ।

ଦୈନନ୍ଦିନ ଜୀବନରେ ତୁମର ସାବୁନ୍ ସହିତ କାମ କରିବାର ଅନୁଭୂତି ନିଶ୍ଚୟ ଥିବ । ତୁମେ ସାବୁନ୍‌ର ବିଭିନ୍ନ ଗୁଣକୁ ଲକ୍ଷ୍ୟ କରିଥିବ । ସାବୁନ୍ ଗୋଟିଏ ଉତ୍ତମ ପରିଷ୍କାରକ, କିନ୍ତୁ ତୁମେ ଜାଣ ଯେ ସିନଡେଟେଡ୍ ଆହୁରି ଅଧିକ ଭଲ । ଉଭୟ ସଫା କରିବା ସାମଗ୍ରୀ କପଡ଼ା ମଧ୍ୟକୁ ପାଣି ପ୍ରବେଶ କରାଇବାରେ ସାହାଯ୍ୟ କରନ୍ତି କାରଣ ଡିଟରଜେଣ୍ଟ ଜଳର ସମତଳ ଚାପକୁ କମାଇଦିଏ ।

କିନ୍ତୁ ସାବୁନ୍ ଓ ସିନଡେଣ୍ଟ୍ ମଧ୍ୟରେ ପାର୍ଥକ୍ୟ–

i) ଜଳ ଅପେକ୍ଷା କପଡ଼ାକୁ ସାବୁନ୍ ଶୀଘ୍ର ଭିଜାଇଦିଏ କିନ୍ତୁ ସିନ୍‌ଡେଟ୍ ଅପେକ୍ଷାକୃତ ଆହୁରି ଶୀଘ୍ର ଭିଜାଇଥାଏ ।

ii) ତୁମେ ଏହା ମଧ୍ୟ ଲକ୍ଷ୍ୟ କରିଥିବ ଯେ ସାବୁନ୍ ଥଣ୍ଡା ପାଣିରେ ଯେତିକି ଶୀଘ୍ର ମିଳାଇଥାଏ ତା'ଠାରୁ ଅଧିକ ଶୀଘ୍ର ଗରମ ପାଣିରେ ମିଳାଇଥାଏ କିନ୍ତୁ ସିନ୍‌ଡେଟ୍ ଉଭୟ ଥଣ୍ଡା ଓ ଗରମ ପାଣିରେ ମିଳାଇଯାଏ ।


iii) ସିନ୍‌ଡେଟ୍ ଖରଜଳରେ ମଧ୍ୟ ଖୁବ୍ ଭଲ କାମ କରିଥାଏ କିନ୍ତୁ ସାବୁନ୍ କେବଳ ମୃଦୁ ଜଳରେ ହିଁ ଭଲ ଫେଣ ହୋଇଥାଏ ।

iv) ସାବୁନର କୌଣସି ସ୍ୱତନ୍ତ୍ର ଗନ୍ଧ ନଥାଏ କିନ୍ତୁ ସିନ୍‌ଡେଟ୍ ଖୁବ୍ ସୁନ୍ଦର ମିଠା ବାସ୍ନା ହୁଏ । ତେଣୁ ବସ୍ତ୍ରଗୁଡ଼ିକ ସିନ୍‌ଡେଟ୍‌ରେ ସଫା ହେଲେ ସୁଗନ୍ଧିତ ହୋଇଥାଏ ।

v) ସାବୁନ୍‌ରେ ସଫା କରିବା ପରେ ନୀଳ ଦେବାକୁ ହୁଏ କିନ୍ତୁ ସିନ୍‌ଡେଟ୍ ସହିତ ଆଗରୁ ନୀଳ ମିଶି କରି ରହିଥାଏ, ଯାହାକି ବସ୍ତ୍ରରେ ଦେଖିବା ପରି ଉଜ୍ଜ୍ୱଳତା ଆଣିଦିଏ ।

vi) ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ବସ୍ତ୍ର କିଛିଦିନ ସାବୁନ୍‌ରେ ଧୋଇବା ପରେ ବସ୍ତ୍ରଟି ନିଷ୍ପ୍ରଭ ଲାଗେ ଏହା ବସ୍ତ୍ର ଉପରେ ସାବୁନ୍‌ର ଆସ୍ତରଣ ଯୋଗୁ ହୋଇଥାଏ । ସମୟ ସ୍ରୋତରେ ଏହା କପଡ଼ାକୁ ନିଷ୍ପ୍ରଭ କରିଦିଏ । ସିନ୍‌ଡେଟ୍ ବସ୍ତ୍ର ଉପରେ କୌଣସି ପ୍ରକାର ଆସ୍ତରଣ ଛାଡ଼େ ନାହିଁ ।

vii) ସାବୁନ୍ ସିନ୍‌ଡେଟ୍ ଠାରୁ ଶସ୍ତା ଅଟେ । କିନ୍ତୁ ସାବୁନ୍‌ରେ କିଛିଦିନ ବସ୍ତ୍ର ଧୋଇବା ପରେ ବସ୍ତ୍ର ଯଦି ନିଷ୍ପ୍ରଭ ଦେଖାଯାଏ, ବ୍ୟବହାର କରି ଲାଭ କ'ଣ ? ତେଣୁ ସିନ୍‌ଡେଟ୍ ସାବୁନ୍ ଅପେକ୍ଷା ବରଂ ଭଲ ।



ଚିତ୍ର ୨୭.୫ : ଡିଟରଜେଣ୍ଟ ଦ୍ୱାରା କପଡ଼ାରୁ ମଇଳା ଦୂର କରିବା





**ପାଠଗତ ପ୍ରଶ୍ନ : ୨୭.୨**

୧। ନିମ୍ନରେ ଥିବା ତଥ୍ୟକୁ ଠିକ୍ (✓) ଓ ଭୁଲ୍ (✗) ଚିହ୍ନ ଦିଅ ଓ ଭୁଲ୍ ତଥ୍ୟକୁ ଠିକ୍ କର ।

i) ସାବୁନ୍ ଓ ସିନଡେଟ୍ ଉଭୟ ଡିଟରଜେଣ୍ଟ ଅଟେ ।

ii) ସଫାଇ ସାମଗ୍ରୀ ପାଇଁ କଞ୍ଚାମାଲ ପ୍ରକୃତିରେ ମିଳିଥାଏ ।

iii) ସାବୁନ୍ ଅପେକ୍ଷା ସିନଡେଟ୍ ବସ୍ତ୍ରରେ ପ୍ରବେଶ କରିବା କ୍ଷମତା ଅଧିକ ଥାଏ ।

iv) ସିନ୍‌ଡେଟ୍ ପ୍ରୟୋଗରେ ବସ୍ତ୍ର ଫିକା ଓ ନିଷ୍ପ୍ରଭ ଦେଖାଯାଇଥାଏ ।

## ୨୭.୪ ସହାୟକ ସାମଗ୍ରୀ

ସାବୁନ୍ ବା ସିନ୍‌ଡେଟ୍‌ରେ ବସ୍ତ୍ର ସଫା କରିସାରିବା ପରେ ତୁମେ କ'ଣ କର ? ଧଳା କାର୍ପାସ ବସ୍ତ୍ରକୁ ଧଳା ରଖିବା ପାଇଁ ତୁମେ କ'ଣ କର ? କାର୍ପାସ ବସ୍ତ୍ରକୁ ଟାଣ ଓ କଡ଼କ କରିବା ପାଇଁ ତୁମେ କ'ଣ କର ? ବା ରେଶମ ବସ୍ତ୍ରରେ କାହିଁକି 'ଚରଖ' ଦିଆଯାଏ ? ତେଣୁ, ଏହା ସ୍ପଷ୍ଟ ଯେ ସଫାଇ ସାମଗ୍ରୀ ଛଡ଼ା କିଛି ଅନ୍ୟ ଜିନିଷ ବି ସଫା କରିବା ସମୟରେ ତୁମ କପଡ଼ାକୁ ନୂଆ ଜୀବନ ଦେବା ପାଇଁ ଆବଶ୍ୟକ ହୋଇଥାଏ । ଏହି ଅନ୍ୟ ଜିନିଷକୁ ସହାୟକ ସାମଗ୍ରୀ କୁହାଯାଏ । ତୁମେ କ'ଣ ସଫା କରିବାରେ ବ୍ୟବହୃତ ହେଉଥିବା ସହାୟକ ସାମଗ୍ରୀର ପରିଭାଷା ଦେଇପାରିବ ? ନିମ୍ନରେ ଥିବା ବାକ୍ୟ ଦେଖ ।

> ସଫାଇ ପ୍ରଣାଳୀରେ ସଫାଇ ସାମଗ୍ରୀ ବ୍ୟତୀତ ବସ୍ତ୍ରକୁ ପରିସଜ୍ଜା ଦେବା ପାଇଁ ଆବଶ୍ୟକ ହେଉଥିବା ଉତ୍ପାଦକୁ ସହାୟକ ସାମଗ୍ରୀ କୁହାଯାଏ ।

ତୁମେ କିଛି ସଫାଇରେ ବ୍ୟବହାର ହେଉଥିବା ସହାୟକ ସାମଗ୍ରୀର ତାଲିକା ଦେଇପାରିବ କି ?

ସେଗୁଡ଼ିକ ହେଲା-

* ନୀଳ
* ଅପଟିକାଲ ବ୍ରାଇଟେନିଙ୍ଗ୍ ଏଜେଣ୍ଟ (O.B.A.) ବା ଉଜ୍ଜ୍ୱଳତା ଦେବାର ତତ୍ତ୍ୱ
* ରାସାୟନିକ ବିରଞ୍ଜକ
* ଦାଗ ଛଡ଼ାଇବା ତତ୍ତ୍ୱ
* ଟାଣ / ମଣ୍ଡ ଦେବା ପଦାର୍ଥ

ତୁମେ କେବେ ଲକ୍ଷ କରିଛ କି ତୁମର ଧଳା କାର୍ପାସ ଓ ଲିନେନ୍ ବସ୍ତ୍ର ୨-୩ ଥର ପିନ୍ଧିବା ଓ ସଫା କରିବା ପରେ ଏହା ଉଜ୍ଜ୍ୱଳତା ହରାଇଥାଏ ଓ ହଳଦିଆ ପଡ଼ିଯାଇଥାଏ । ବସ୍ତ୍ରର ଏହି ହଳଦିଆ ପଡ଼ିଯିବାକୁ ପ୍ରତିରୋଧ କରିବା ପାଇଁ ତୁମେ ସମ୍ଭବତଃ ନୀଳ ବ୍ୟବହାର କରିଥାଅ । ତୁମେ ଜାଣିବା ଉଚିତ୍ ଯେ ନୀଳଛଡ଼ା ଅନ୍ୟ ବିରଞ୍ଜକ ଓ ଉଜ୍ଜ୍ୱଳ ପ୍ରଦାନ କରିବା ପଦାର୍ଥ ବ୍ୟବହାର କରାଯାଇପାରେ ।

ସେଥିପାଇଁ, ବସ୍ତ୍ରର ହଳଦିଆପଣକୁ ନିମ୍ନକ୍ତୋ ଦ୍ୱାରା ଦୂର କରାଯାଇପାରେ

ନୀଳ | ଅପଟିକାଲ ବ୍ରାଇଟେନିଙ୍ଗ୍ ଏଜେଣ୍ଟ | ବିରଞ୍ଜକ

**(କ) ନୀଳ**

ନୀଳ ଏକ ପ୍ରକାର ରାସାୟନିକ ପଦାର୍ଥ ଯାହା ବସ୍ତ୍ରରେ ଉଜ୍ଜ୍ୱଳତା ଆଣିବା ପାଇଁ ବ୍ୟବହାର କରାଯାଏ । ଏହା ରସାୟନ, ଉଭିଜ ଓ ଖଣିଜ ସ୍ରୋତରୁ ମିଳିଥାଏ ଏବଂ ବଜାରରେ ପାଉଡ଼ର ଓ ତରଳ ରୂପରେ ମିଳିଥାଏ । ନୀଳ ଅନେକ ପ୍ରକାରର ତାର ରଙ୍ଗ ବାଇଗଣିରୁ ନୀଳ ଓ ନୀଳରୁ ସବୁଜ ହୋଇଥାଏ । କେତେବେଳେ ନୀଳ ବସ୍ତ୍ରରେ ଦିଆଯାଏ–

* ଶେଷଥର ବସ୍ତ୍ର ଧୋଇବା ସମୟରେ
* ନୀଳ ପାଣିରେ ବସ୍ତ୍ର ବୁଡ଼ାଇବା ପୂର୍ବରୁ ଏହି ପାଣିକୁ ଭଲ ଭାବରେ ଗୋଳାଇ ଦେବା ଉଚିତ୍

ଏହିପରି କରିବା ଦ୍ୱାରା ବସ୍ତ୍ରରେ ନୀଳ ଦାଗ ପଡ଼େ ନାହିଁ ଓ ବସ୍ତ୍ରଟିରେ ଏକା ସମାନରେ ନୀଳ ଲାଗିଥାଏ । ଉଦାହରଣ ସ୍ୱରୂପ ଅଲଟ୍ରାମେରାଇନ୍ ନୀଳ ଓ ପ୍ରୁସିଆନ୍ ନୀଳ ।

**(ଖ) ଅପଟିକାଲ ବ୍ରାଇଟେନିଙ୍ଗ୍ ଏଜେଣ୍ଟସ୍ / ଫ୍ଲୁରୋସେଣ୍ଟ ବ୍ରାଇଟେନିଙ୍ଗ୍ ଏଜେଣ୍ଟ (OBA / FBA's)**

ତୁମେ କେବେ ସିନ୍‌ଡେଟ୍ ପ୍ୟାକେଟ୍‌ରେ ଲେଖାଯାଇଥିବା ପଦାର୍ଥର ସୂଚୀ ପଢ଼ିଛ କି ? ତୁମେ ସେଠାରେ OBA/FBA ଲେଖାଥିବା ଦେଖିପାରିବ । ବଜାରରେ ତୁମେ ମଧ ବିଶେଷ ଭାବରେ OBA ମାଗିପାରିବ ଯାହା ପ୍ରସିଦ୍ଧ ବ୍ରାଣ୍ଡ ନାମ ନେଇ ଉପଲବ୍ଧ ହୋଇଥାଏ ।

> ଅପଟିକାଲ ବାଇଟେନିଙ୍ଗ୍ ଏଜେଣ୍ଟସ୍ ଏକପ୍ରକାର ରଙ୍ଗବିହୀନ ରଙ୍ଗ । ସେଗୁଡ଼ିକ ଫ୍ଲୁରୋସେଣ୍ଟ ପଦାର୍ଥ ଅଟେ, ଯାହା କପଡ଼ାରେ ବ୍ୟବହାର କଲେ କପଡ଼ାକୁ ଅତ୍ୟନ୍ତ ଉଜ୍ଜ୍ୱଳ ରଙ୍ଗ ଦେଇଥାଏ ଏବଂ ଏହା ଖରାରେ ଶୁଖାଯାଏ ।

ଏହି ଓ.ବି.ଏ ସୂର୍ଯ୍ୟଙ୍କର ଅଲଟ୍ରାଭାଓଲେଟ କ୍ଷେତ୍ରରୁ ଆଲୋକ ଶୋଷିନେଇ ତାହାକୁ ଦେଖାଯାଉଥିବା କ୍ଷେତ୍ରରେ ପୁନଃ ପ୍ରତିଫଳନ କରିଥାଏ । ଏହି ପ୍ରତିଫଳିତ ଆଲୋକ ହଳଦିଆ ପଣକୁ ପ୍ରତିରୋଧ କରିଥାଏ, ଏହିପରି ଭାବରେ କପଡ଼ାର ଉଜ୍ଜ୍ୱଳତା ଫେରି ଆସିଥାଏ । ଫଳରେ ବସ୍ତ୍ରଗୁଡ଼ିକ ଧଳାଠାରୁ ବି ଅଧିକ ଧଳା ଦେଖାଯାଇଥାଏ । ଏଥିରେ କୌଣସି ପ୍ରକାର ରାସାୟନିକ ପ୍ରଭାବ ନ ଥାଏ ତେଣୁ ଏହା ବସ୍ତ୍ର ଉପରେ କୌଣସି କ୍ଷତିକାରକ ପ୍ରଭାବ ପକାଇନଥାଏ ।

**(ଗ) ରାସାୟନିକ ବିରଞ୍ଜକ**

ତୁମେ ଟେଲିଭିଜନରେ ବିଭିନ୍ନ ପ୍ରକାର ବିରଞ୍ଜକର ବିଜ୍ଞାପନ ଦେଖିଥିବ । ସେଗୁଡ଼ିକ କ'ଣ ତୁମେ ଜାଣକି ? ସେଗୁଡ଼ିକର ଗଠନ କ'ଣ ? ଏବଂ ସେଗୁଡ଼ିକ କିପରି ଧଳାଠାରୁ ବି ଅଧିକ ଉଜ୍ଜ୍ୱଳ କରିଥାଏ ? ବିରଞ୍ଜକ ଏହି ପ୍ରକାରରେ କୁହାଯାଇପାରେ–



ମନ୍ତବ୍ୟ (Notes)

ବିରଞ୍ଜକ ହେଉଛି ଏପରି ଏକ ପଦାର୍ଥ ଯାହା ରାସାୟନିକ ପ୍ରକ୍ରିୟା ମାଧ୍ୟମରେ କପଡ଼ାକୁ ଧଳା ବା ତା' ଠାରୁ ଅଧିକ ଉଜ୍ଜ୍ୱଳ କରିଥାଏ । ଏହି ରାସାୟନିକ ପ୍ରକ୍ରିୟା ଅକସିଡାଇନିଙ୍ଗ୍ ବା ରିଡ୍ୟୁସିଙ୍ଗ ହୋଇପାରେ ।

ଏହି ବିରଞ୍ଜକ କପଡ଼ାରୁ ରଙ୍ଗ ଛଡ଼ାଇବାକୁ ସାହାଯ୍ୟ କରିଥାଏ । ଏଗୁଡ଼ିକ ମଧ୍ୟ ଦାଗ ଛଡ଼ାଇବାରେ ବ୍ୟବହୃତ ହୋଇଥାଏ ।

ବିରଞ୍ଜକ ଦୁଇପ୍ରକାର ହୋଇଥାଏ ।

କ) ଅକସିଡାଇଜିଙ୍ଗ୍ ବିରଞ୍ଜକ

ଖ) ରିଡ୍ୟୁସିଙ୍ଗ୍ ବିରଞ୍ଜକ

### କ) ଅକ୍ସିଡାଇଜିଙ୍ଗ୍ ବିରଞ୍ଜକ

ଏହି ବିରଞ୍ଜକ କପଡ଼ାକୁ ପ୍ରାୟତଃ ସ୍ଥାୟୀ ପ୍ରଭାବ ଦେଇଥାଏ । ଏହା ଉଦ୍ଭିଦ ତନ୍ତୁ ଯଥା କାର୍ପାସ ଓ ଲିନେନ୍ ତନ୍ତୁ ଉପରେ ବ୍ୟାପକ ଭାବରେ ବ୍ୟବହାର କରାଯାଇଥାଏ । ଏହି ଅକ୍ସିଡାଇନିଙ୍ଗ୍ ବିରଞ୍ଜକର ଉଦାହରଣ ହେଲା

i) ସୂର୍ଯ୍ୟକିରଣ- ଏହା ହେଉଛି ଦାଗ ଛଡ଼ାଇବାର ସବୁଠୁ ସରଳ ଓ ସର୍ବ ପୁରାତନ ପଦ୍ଧତି । କପଡ଼ାର ଦାଗକୁ ଓଦାକର ଓ ଘାସ ଉପରେ ରଖ । କ୍ଲୋରଫିଲ୍, ଆର୍ଦ୍ରତା ବାୟୁର ଅକ୍ସିଜେନ୍ ଏକାଠି ମିଶି ଦାଗପାଇଁ ବିରଞ୍ଜକ ରୂପେ କାମ କରନ୍ତି ।

ii) ଜାଭେଲ ୱାଟର (ସୋଡ଼ିୟମ୍ ହାଇପୋଲୋରାଡ଼) ($Na_2CO_3$)

ଏହି ପ୍ରକାର ବିରଞ୍ଜକ ବ୍ୟବହାର ପୂର୍ବରୁ ପାଣି ମିଶାଇ ହାଲକା କରିଦେବା ଉଚିତ୍ । ବସ୍ତ୍ରକୁ ବିରଞ୍ଜକ ମଧ୍ୟରେ ବୁଡ଼ାଇ ରଖାଯାଏ ଯେ ପର୍ଯ୍ୟନ୍ତ ଦାଗ ଛାଡ଼ିନଯାଏ । ପୁନଶ୍ଚ କପଡ଼ାକୁ ବିରଞ୍ଜକର ପ୍ରଭାବରୁ ପୂର୍ଣ୍ଣ ଭାବରେ ମୁକ୍ତ ରଖିବା ପାଇଁ ଏହାକୁ ଭଲ ଭାବରେ ଧୋଇବା ଆବଶ୍ୟକ । କାରଣ ଏହା କପଡ଼ାକୁ ଦୁର୍ବଳ କରି କ୍ଷତି ପହଞ୍ଚାଏ ।

iii) ପଟାସିୟମ୍ ପରମାଙ୍ଗାନେଟ୍ ($KMnO_4$) ଓ ଅକ୍ଜାଲିକ୍ ଏସିଡ଼୍

ଏହା ରଙ୍ଗ, ଫିମ୍ପି, ଝାଳ ଓ କାଳିଦାଗ ଛଡ଼ାଇବା ପାଇଁ ବ୍ୟବହାର କରାଯାଏ । ଯେକୌଣସି ପ୍ରକାର ମାଟିଆ ଦାଗ ଯେପରିକି କଳଙ୍କି ଦାଗ, ପାନ ଦାଗ ଅତି ସହଜରେ ପଟାସିୟମ୍ ପରମାଙ୍ଗାନେଟ୍ ଓ ଅକ୍ଜାଲିକ୍ ଏସିଡ଼୍‌ର କିମ୍ବା କେବଳ ଅକ୍ଜାଲିକ୍ ଏସିଡ଼୍‌ର ମିଶ୍ରଣ ଦ୍ୱାରା ଦୂର କରାଯାଇପାରେ ।

iv) ହାଇଡ୍ରୋଜେନ୍ ପେରକ୍ସାଇଡ଼୍ ($H_2O_2$)

ଏହା ଉଦ୍ଭିଦ ଏବଂ ଜାନ୍ତବ ଉଭୟ ତନ୍ତୁ ଉପରେ ପ୍ରୟୋଗ କରାଯାଉଥିବା ଏକ ସାଧାରଣ ବିରଞ୍ଜ । ତେଣୁ ଏହା ରେଶମ ପଶମ ଏବଂ ରେଚନ ଉପରେ ପ୍ରୟୋଗ କରାଯାଇପାରୁଥିବା ଏକ ନିରାପଦ ବିରଞ୍ଜକ କାରଣ ଏହାର ଜାନ୍ତବ ତନ୍ତୁ ଉପରେ କୌଣସି ହାନିକାରକ ପ୍ରଭାବ ନଥାଏ । ହାଇଡ୍ରୋଜେନ୍ ପେରକ୍ସାଇଡ଼୍‌କୁ ସର୍ବଦା ଗାଢ଼ା ରଙ୍ଗର କାଚ ବୋତଲରେ ରଖିବା ଆବଶ୍ୟକ ନଚେତ୍ ଏହାର ପ୍ରଭାବ ନଷ୍ଟ ହୋଇଯାଇଥାଏ ।

### ଖ) ରିଡ୍ୟୁସିଙ୍ଗ୍ ବିରଞ୍ଜକ

ରିଡ୍ୟୁସିଙ୍ଗ୍ ବିରଞ୍ଜକ ଅକ୍‌ସିଡାଇଜିଙ୍ଗ୍ ବିରଞ୍ଜକ ଠାରୁ କମ୍ ପ୍ରଭାବଶାଳୀ ହୋଇଥାଏ ଓ ଜାନ୍ତବ ତନ୍ତୁ ଯେପରି ରେଶମ ଓ ପଶମ ଉପରେ ପ୍ରୟୋଗ କରାଯାଇଥାଏ । ଏହି ବିରଞ୍ଜକ କପଡ଼ା ଉପରେ ସ୍ଥାୟୀ ପ୍ରଭାବ ପକାଇନଥାଏ । ପଶମ ଓ ରେଶମ କିଛି ସମୟରେ ରିଡ୍ୟୁସିଙ୍ଗ୍ ବିରଞ୍ଜକ କରିବା ପରେ ବାୟୁ ସଂସ୍ପର୍ଶରେ ଆସି ହଳଦିଆ ପଡ଼ିଯାଇଥାଏ ।

ଏହାର କାରଣ ହେଲା ପଶମ ଓ ରେଶମ ଜାନ୍ତବ ତନ୍ତୁ ଅଟେ । ଏହାକୁ ସମ୍ପୂର୍ଣ୍ଣ ଧଳା କରିବା ପାଇଁ ରିଡ୍ୟୁସିଙ୍ଗ୍ ବିରଞ୍ଜକ ପ୍ରୟୋଗ କରାଯାଇଥାଏ ଯେତେବେଳେ ଏହି କପଡ଼ା ବାୟୁ ସଂସ୍ପର୍ଶରେ ଆସେ ଏହା ଧିରେ ଧିରେ ହଳଦିଆ ପଡ଼ିଯାଏ ଏବଂ ବିରଞ୍ଜକର ପଭାବ କମିଯାଏ ।

ରିଡ୍ୟୁସିଙ୍ଗ୍ ବିରଞ୍ଜକର ଉଦାହରଣ–

i) ସୋଡ଼ିୟମ୍ ହାଇଡ୍ରୋସଲଫାଇଟ୍

ii) ସୋଡ଼ିୟମ୍ ବାଇସଲ୍‌ଫାଇଟ୍

**ପାଠଗତ ପ୍ରଶ୍ନ : ୨୭.୩**

୧ । ନିମ୍ନଲିଖିତ ତଥ୍ୟଗୁଡ଼ିକ ଭୁଲ୍ ବା ଠିକ୍ ଲେଖି ଭୁଲ୍ ତଥ୍ୟକୁ ଠିକ୍ କର ।

କ) କପଡ଼ା ବିରଞ୍ଜକରେ ବୁଡ଼ାଯିବା ପରେ ଧୋଇବା ଉଚିତ୍ ନୁହେଁ ଏବଂ ବିରଞ୍ଜକ କପଡ଼ା ଉପରେ ଲାଗି ରହିବା ଆବଶ୍ୟକ ।

ଖ) ବିରଞ୍ଜକ କପଡ଼ାକୁ ରାସାୟନିକ ପ୍ରକ୍ରିୟା ଦ୍ୱାରା ଫିକା ଓ ଧଳା କରିଦିଏ ।

ଗ) ସୂର୍ଯ୍ୟକିରଣ ଏବଂ ଆର୍ଦ୍ରତା କପଡ଼ା ଉପରେ ବିରଞ୍ଜକର ପ୍ରଭାବ ପକାଇଥାଏ ।

ଘ) ହାଇଡ୍ରୋଜେନ୍ ପେରକ୍‌ସାଇଡ୍ ଜାନ୍ତବ ତନ୍ତୁ ଉପରେ ନିରାପଦରେ ବ୍ୟବହାର କରାଯାଇପାରେ ।

୨ । ନିମ୍ନୋକ୍ତ ଉକ୍ତି ପାଇଁ ଏକକ ଶବ୍ଦ ବ୍ୟବହାର କର ।

କ) ଏକ ରାସାୟନିକ ଯୌଗିକ ପଦାର୍ଥ ଯାହାକି କପଡ଼ାରୁ ରଙ୍ଗ ଛଡ଼ାଇ ଧଳା ବା ଅଧିକ ଉଜ୍ଜ୍ୱଳ କରିଥାଏ ।

ଖ) ଦାଗ ଛଡ଼ାଇବାର ସବୁଠାରୁ ପୁରୁଣା ଓ ଶସ୍ତା ପଦ୍ଧତି ।

ଗ) କପଡ଼ାରୁ ମାଟିଆ ରଙ୍ଗର ଦାଗ ଦୂର କରିବା ପାଇଁ ବ୍ୟବହାର କରାଯାଉଥିବା ବିରଞ୍ଜ ।

ଘ) ଏକ ବିରଞ୍ଜକ ଯାହାକି ଜାନ୍ତବ ଓ ଉଭିଦ ତନ୍ତୁ ଉପରେ ନିରାପଦରେ ବ୍ୟବହାର କରାଯାଇପାରେ ।

ଙ) ଏହି ବିରଞ୍ଜକର ପ୍ରୟୋଗ ଦ୍ୱାରା ସମ୍ପୂର୍ଣ୍ଣ ଧଳା ପଶମ ଓ ରେଶମ ସମୟ କ୍ରମେ ହଳଦିଆ ପଡ଼ିଯାଇଥାଏ ।

## ୨୭.୫ ଦାଗ ଛଡ଼ାଇବା

ମଇଳା ବ୍ୟତୀତ କପଡ଼ା ଉପରେ କୌଣସି ଚିହ୍ନ ଦାଗ ହୋଇଥାଏ । ଉଦାହରଣ ସ୍ୱରୂପ ଖାଇବା ସମୟରେ ତୁମ ସାର୍ଟ ଉପରେ ତରକାରୀ ବା ଆଚାର ପଡ଼ିଗଲେ କିମ୍ବା ଲେଖିବା ସମୟରେ କାଳି ଢାଳିଗଲେ କିମ୍ବା କବାଟରେ ଲାଗିଥିବା ଓଦା ରଙ୍ଗ କପଡ଼ାରେ ଲାଗିଗଲେ ଏହି ଚିହ୍ନକୁ ଦାଗ କୁହାଯାଏ । ଯଦି ଏହି ଦାଗକୁ ଦୀର୍ଘଦିନ ପାଇଁ ଛାଡ଼ି ଦିଆଯାଏ ତେବେ ସେହି ବସ୍ତ୍ର ଖୁବ୍ ଖରାପ ଦେଖାଯାଇଥାଏ ।

### ୨୭.୫.୧ ଦାଗକୁ କିପରି ଚିହ୍ନିବ ?

ଦାଗଟିକୁ କିପରି ଛଡ଼ାଇବ ତାହା ସ୍ଥିର କରିବା ପୂର୍ବରୁ ଦାଗଟି କେଉଁ ପ୍ରକାରର ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ନିମ୍ନଲିଖିତ ଦିଗପ୍ରତି ଧ୍ୟାନ ଦେବାକୁ ହେବ ।


ଚିତ୍ର ୨୭.୬

କ) ରଙ୍ଗ- ପ୍ରତ୍ୟେକ ଦାଗର ଏକ ନିର୍ଦ୍ଦିଷ୍ଟ ରଙ୍ଗ ଥାଏ । ଉଦାହରଣ ସ୍ୱରୂପ- ତରକାରୀ ଓ ଆଚାର ଦାଗ ହଳଦିଆ ହୋଇଥିବାବେଳେ କଫି ଓ ଚା'ର ଦାଗ ମାଟିଆ, ଘାସର ଦାଗ ସବୁଜ ଅଟେ ।

ଖ) ଗନ୍ଧ- କେତେକ ଦାଗର ଏକ ନିର୍ଦ୍ଦିଷ୍ଟ ବିଚିତ୍ର ଗନ୍ଧ ରହିଛି । ଯେପରିକି ଅଣ୍ଡା ଓ ପେଣ୍ଟ୍‌ର ଦାଗ । ଏହି ଦାଗଗୁଡ଼ିକ ତାର ଗନ୍ଧରୁ ଚିହ୍ନା ପଡ଼ିଥାଏ ।

ଗ) ସ୍ପର୍ଶ- କେତେକ ଦାଗ ମଧ୍ୟ କପଡ଼ାର ସ୍ପର୍ଶକୁ ପରିବର୍ତ୍ତନ କରିଦିଏ ଏବଂ ସେହି ଭିତରେ ଏ ପ୍ରକାର ଦାଗକୁ ଚିହ୍ନି ହୁଏ । ଉଦାହରଣ ସ୍ୱରୂପ- ପେଣ୍ଟ ବା ଚିନିଶିରାର ଦାଗ କପଡ଼ାଟିକୁ ଏପରି କରିଦିଏ ଯେ ଛୁଇଁଲେ ଟାଣ ଲାଗେ । ଯେତେବେଳେକି ଲିପ୍‌ଷ୍ଟିକ୍ ବା ଜୋତା ରଙ୍ଗ କପଡ଼ାଟିକୁ ଖସ୍‌ଖସିଆ କରିଦେଇଥାଏ ।

କାର୍ଯ୍ୟକଳାପ ୨୭.୧ : କିଛି ଟୁକୁଡ଼ା କନା ନେଇ ତହିଁରେ ଲିପ୍‌ଷ୍ଟିକ୍, ନେଲ୍‌ପଲିସ୍, କାଳି, ଯୋତାରଙ୍ଗ, ତରକାରୀ, ଆଚାର, ଦୁଧ, ରକ୍ତ ଆଦିର ଦାଗ ଲଗାଅ । ଟୁକୁଡ଼ା ଗୁଡ଼ିକ ଗୋଳାଇ ଗୋଳାଇ ମିଶାମିଶି କରିଦିଅ । ତା'ପରେ ଏଗୁଡ଼ିକୁ ରଙ୍ଗ, ଗନ୍ଧ ଓ ସ୍ପର୍ଶ ଆଧାରରେ ଚିହ୍ନ । ତୁମେ କ'ଣ ଜାଣିଲ ନିମ୍ନ ଟେବୁଲ୍‌ରେ ଲେଖ ।

| କ୍ରମିକ ସଂଖ୍ୟା | ନିରୀକ୍ଷଣ | ଦାଗ |
|---|---|---|
| ୧ | ରଙ୍ଗ<br>..........................<br>ଗନ୍ଧ<br>..........................<br>ସ୍ପର୍ଶ<br>.......................... | |
| ୨ | ରଙ୍ଗ<br>..........................<br>ଗନ୍ଧ<br>..........................<br>ସ୍ପର୍ଶ<br>.......................... | |

ଦାଗକୁ ନିମ୍ନ ଭାଗରେ ବିଭାଜିତ କରାଯାଇପାରେ ଓ ବିଭାଜକୁ ଆଧାର କରି ପ୍ରତ୍ୟେକ ସମୂହରୁ ଦାଗ ଛଡ଼ାଯାଇପାରେ ।

୧. ଉଦ୍ଭିଦ ଦାଗ- ଯେପରି ତରକାରୀ, ଚା, କଫି

୨. ପ୍ରାଣୀଜ ଦାଗ- ଯେପରି କ୍ଷୀର ଓ ରକ୍ତ


୩. ଗ୍ରୀଜ୍ ଦାଗ- ଯେପରି ଆଚାର

୪. ଖଣିଜ ଦାଗ- ଯେପରି ଲୁହା (କଳଙ୍କି)


୫. ଘାସ ଦାଗ

୬. ମିଶାମିଶି ଦାଗ


**୨୭.୫.୨ : ଦାଗ ଛଡ଼ାଇବା ପ୍ରଣାଳୀ**




ଚିତ୍ର ୨୭.୭ : ଭିଜାଇବା



ଚିତ୍ର ୨୭.୮ : ସ୍ପନ୍ଜିଙ୍ଗ୍



ଚିତ୍ର ୨୭.୯ : ବୁନ୍ଦାବୁନ୍ଦା ପକାଇ



ଚିତ୍ର ୨୭.୧୦ : ବାମ୍ପଦ୍ୱାରା

**୨୭.୫.୩ : ଦାଗ ଛଡ଼ାଇବା ସମୟରେ ସତର୍କତା**

ଦାଗ ବହୁତ ସାବଧାନରେ ଛଡ଼ାଇବାକୁ ହୁଏ । ଯଦି କିଛି ସତର୍କତା ନ ନିଆଯାଏ ତେବେ ଏହା କପଡ଼ାକୁ ନଷ୍ଟ କରିଦେଇଥାଏ । ତେଣୁ ଯେତେବେଳେ ତୁମେ ଦାଗ ଛଡ଼ାଇବାକୁ ଯିବ ନିମ୍ନ ସତର୍କତା ଗୁଡ଼ିକ ପ୍ରତି ନଜର ଦେବ:-

୧. ଦାଗଟି ସଦ୍ୟ ଲାଗିବା ସଙ୍ଗେ ସଙ୍ଗେ ଛଡ଼ାଇବାକୁ ଚେଷ୍ଟାକର ।

୨. କପଡ଼ା କେଉଁ ପ୍ରକାରର କାର୍ପାସ, ଉଲ୍, ରେଶମ ବା ସିନ୍ଥେଟିକ୍ ଜାଣ ।



ମନ୍ତବ୍ୟ (Notes)

୩. କି ପ୍ରକାର ଦାଗ ଚିହ୍ନ ।

୪. ଜାଣିନଥିବା ଦାଗ ପାଇଁ ପ୍ରାରମ୍ଭରେ ଦାଗ ଛଡ଼ାଇବାର ସରଳ ବିଧି ନେଇ ପରେ ଜଟିଳ ବିଧିକୁ ନେବାକୁ ହେବ । ସବୁ ସମୟରେ ଦାଗକୁ ଥଣ୍ଡା ପାଣିରେ ଧୋଇବା ଉଚିତ୍ । କାରଣ ପୃଷ୍ଟି ଜାତୀୟ ଦାଗ ଯେପରି ରକ୍ତ ଓ ଅଣ୍ଡା ଦାଗ ଗରମ ପାଣିରେ ଧୋଇବା ପରେ ପକ୍କା ହୋଇଯାଇଥାଏ ଓ ଛଡ଼ାଇବାକୁ କଷ୍ଟ ହୋଇଥାଏ ।

୫. କପଡ଼ା ପାଇଁ ବ୍ୟବହାର କରାଯିବା ରାସାୟନିକ ପଦାର୍ଥ ହାନୀକାରକ ହେବା ଉଚିତ୍ ନୁହେଁ ।

୬. ପ୍ରଥମେ ସୂକ୍ଷ୍ମ ଓ ରଙ୍ଗୀନ୍ କପଡ଼ାର ଛୋଟ ଭାଗରେ ରାସାୟନିକ ପଦାର୍ଥ ଲଗାଇ ଦେଖ । ଯଦି ଏହା କପଡ଼ାକୁ କ୍ଷତି କରେ ତେବେ ଏହାକୁ ବ୍ୟବହାର କର ନାହିଁ ।

୭. କପଡ଼ା ଉପରେ ଶକ୍ତିଶାଳୀ ରିଏଜେଣ୍ଟର ଏକବାର ବ୍ୟବହାର ଅପେକ୍ଷା ଲକ୍ଷୁ ରିଏଜେଣ୍ଟ (ଲଘୁ ପ୍ରତିକ୍ରିୟା ସାଧକ ପଦାର୍ଥ)ର ବାରମ୍ବାର ବ୍ୟବହାର ଅପେକ୍ଷାକୃତ ଉତ୍ତମ ।

୮. ଦାଗ ଛଡ଼ାଇବା ପରେ ସମସ୍ତ ପ୍ରକାର ବସ୍ତ୍ରକୁ ସାବୁନ୍ ପାଣିରେ ଅବଶ୍ୟ ଧୋଇବା ଉଚିତ୍ ଯାହାଦ୍ୱାରା ରାସାୟନିକ ପଦାର୍ଥ ସମ୍ପୂର୍ଣ୍ଣ ରୂପେ ବସ୍ତ୍ରରୁ ବାହାରିଯିବ ।

୯. ବସ୍ତ୍ରକୁ ସୂର୍ଯ୍ୟ ରଶ୍ମି ଶୁଖାଇବା ଉଚିତ୍ କାରଣ ଏହା ପ୍ରାକୃତିକ ବିରଞ୍ଜକର କାର୍ଯ୍ୟ କରିଥାଏ ।

**ଟେବୁଲ ୨୭.୧**
**ବିଭିନ୍ନ ଦାଗ ପାଇଁ ଦାଗ ଛଡ଼ାଇବା ବିଧି**

| ଦାଗ | ଧଳା କାର୍ପାସ ବସ୍ତ୍ର | ରଙ୍ଗୀନ୍ ସୂତା ବସ୍ତ୍ର | ରେଶମ ଓ ପଶମ | ସିନ୍ଥେଟିକ୍ / ନାଇଲନ୍ ପଲିଷ୍ଟର, ଆକ୍ରିଆଲିକ୍ |
|---|---|---|---|---|
| ଚା/ କଫି | ତାଜା ବା ସଦ୍ୟ ଦାଗ ଫୁଟୁଥିବା ଗରମ ପାଣି ଦାଗ ଉପରେ ଢାଳ (୨କପ୍ ପାଣି + ୧/୨ ଚା ଚାମୁଚ ବୋରାକ୍ସ) | ଉଷୁମପାଣି ଓ ବୋରାକ୍ସରେ ଭିଜାଅ | ରଙ୍ଗିନ୍ ସୂତା ବସ୍ତ୍ର ପରି ସମାନ ପ୍ରଣାଳୀ | ରଙ୍ଗିନ୍ ସୂତା ବସ୍ତ୍ର ପରି ସମାନ ପ୍ରଣାଳୀ |
| | ପୁରାତନ ଦାଗ ଗ୍ଲିସେରିନ୍‌ରେ ଦାଗକୁ ବୁଡ଼ାଅ | ଧଳା ସୂତାବସ୍ତ୍ର ପରି | ଦାଗ ଉପରେ ହାଇଡ୍ରୋଜେନ୍ ପେରକ୍ସାଇଡ୍ ଦ୍ରବଣ ଢାଳ ଓ ଦାଗ ଛଡ଼ାଇବା ପାଇଁ ହାଲକାରେ ରଗଡ଼ | ଉଷୁମ ପାଣିରେ ବୁଡ଼ାଅ ଓ ଦାଗ ଛାଡ଼ିବା ପର୍ଯ୍ୟନ୍ତ କିଛି ବୁନ୍ଦା ସୋଡ଼ିୟମ୍ ପରବରେଟ୍ ପକାଅ |



ମନ୍ତବ୍ୟ (Notes)



| | | | | |
|---|---|---|---|---|
| **ରକ୍ତ/ ଅଣ୍ଡା / ମାଂସ ଦାଗ** | ତାଜା ଦାଗ ଥଣ୍ଡାପାଣି ଓ ସାବୁନ୍‌ରେ ଧୁଅ | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| | ପୁରାତନ ଦାଗ ଲୁଣପାଣିରେ ଧୁଅ (୨ ଟେବୁଲ ଚାମଚ ଲୁଣ + ୧/୨ ବାଲ୍‌ଟି ପାଣି) | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| **ଲହୁଣି/ ଘିଅ/ ତେଲ/ ତରକାରୀ** | ତାଜା ଦାଗ ଗରମ ସାବୁନ ପାଣିରେ ଧୁଅ | ଧଳା କାର୍ପାସ ବସ୍ତ୍ର ପରି | ପାଣି ଓ ସାବୁନରେ ଧୁଅ | ରେଶମ ଓ ପଶମ ବସ୍ତ୍ର ପରି |
| | ପୁରାତନ ଦାଗ ସାବୁନ ଓ ପାଣିର ଏକ ପେଷ୍ଟ କରି ଦାଗ ଉପରେ ଲଗାଅ | ଧଳା କାର୍ପାସ ବସ୍ତ୍ର ପରି କିନ୍ତୁ ଖରାରେ ନ ଶୁଖାଇ ଛାଇରେ ଶୁଖାଅ | ଧଳା ଓ ରଙ୍ଗୀନ୍ କାର୍ପାସ ବସ୍ତ୍ର ପରି କିନ୍ତୁ ଏକ ନରମ ସାବୁନ ବ୍ୟବହାର କର | ରେଶମ ଓ ପଶମ ବସ୍ତ୍ର ପରି |

**ନୋଟ୍ :** ଯେତେବେଳେ ଦାଗ ତାଜା ଥାଏ, ସେଇଠି ଟାଲ୍‌କମ୍ ପାଉଡ଼ର ଛିଡ଼କାଇ ପକାଇ ଦିଅ କିଛି ଘଣ୍ଟା ପାଇଁ ଏହାକୁ ଛାଡ଼ିଦିଅ । କିଛି ସମୟ ପରେ ବ୍ରସ ଦ୍ୱାରା ପାଉଡ଼ରକୁ ଝାଡ଼ିଦିଅ । ଏହି ବିଧି ଦାଗ ଛଡ଼ାଇବାରେ ସାହାଯ୍ୟ କରେ ଓ ସବୁ ପ୍ରକାର କପଡ଼ା ପାଇଁ ବ୍ୟବହାର ହୋଇପାରେ ।

| | | | | |
|---|---|---|---|---|
| **ପେଣ୍ଟ/ ଜୋତା ପଲିସ୍/ ନେଲ୍ ପଲିସ୍/ ଲିପ୍‌ଷ୍ଟିକ୍/ ବଲପେନ୍** | ତାଜା ଦାଗ ଲାଗିଥିବା ଦାଗର ଅଧିକ ମାତ୍ରାକୁ କୋରାଇ ବାହାର କରିଦିଅ । | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| | ସ୍ପିରିଟ୍ ବା କିରାସିନ୍ ନେଇ ହାଲ୍‌କାରେ ଦାଗ ସ୍ଥାନକୁ ଘସ | | | |



ମନ୍ତବ୍ୟ (Notes)

| | | | | |
|---|---|---|---|---|
| | ପୁରୁଣା ଦାଗ<br>ଉପରୋକ୍ତ ବିଧିକୁ ୨ ବା ୩ଥର ଦୋହରାଅ | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| **ଘାସ** | ତାଜା ଦାଗ<br>ସାବୁନ ଓ ପାଣିରେ ଧୁଅ | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| | ପୁରାତନ ଦାଗ<br>ଦାଗ ଲାଗିଥିବା ଜାଗାଟିକୁ ମିଥାଇଲେଟ୍‌ଡ୍ ସ୍ପରିଟ୍‌ରେ ବୁଡ଼ାଇ ରଖ । | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| **ପାନ** | ତାଜା ଦାଗ<br>ଦାଗ ଉପରେ ପିଆଜ ପେଷ୍ଟ ଲଗାଇ ଖରାରେ ରଖିଦିଅ | ଧଳା କାର୍ପାସ ବସ୍ତ୍ର ପରି କିନ୍ତୁ ଛାଇରେ ରଖ | ରଙ୍ଗୀନ୍ କାର୍ପାସ ବସ୍ତ୍ର ପରି | ରଙ୍ଗୀନ୍ କାର୍ପାସ ବସ୍ତ୍ର ପରି |
| | ପୁରାତନ ଦାଗ<br>ଉପରୋକ୍ତ ବିଧିକୁ ୨ ବା ୩ଥର ଦୋହରାଅ | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| **ମେହେନ୍ଦୀ** | ତାଜା ଦାଗ<br>ଉଷୁମ କ୍ଷୀରରେ ଦାଗକୁ ବୁଡ଼ାଇ ୧/୨ ଘଣ୍ଟା ପାଇଁ ରଖିଦିଅ | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |
| | ପୁରାତନ ଦାଗ<br>ଉପରୋକ୍ତ ବିଧିକୁ ୨ ବା ୩ଥର ଦୋହରାଅ | ଧଳା କାର୍ପାସ ବସ୍ତ୍ର ପରି | ରଙ୍ଗୀନ୍ କାର୍ପାସ ବସ୍ତ୍ର ପରି | ଧଳା କାର୍ପାସ ବସ୍ତ୍ର ପରି |

**ମନେରଖ :** ଏହା ମହତ୍ତ୍ୱପୂର୍ଣ୍ଣ ଯେ ଦାଗ ଛଡ଼ାଇବା ପରେ କପଡ଼ାକୁ ଭଲରୂପେ ଧୋଇଦେବା ଉଚିତ୍ ଯେପରି ବ୍ୟବହୃତ ହୋଇଥିବା ରାସାୟନିକ ସମ୍ପୂର୍ଣ୍ଣ ରୂପେ ବାହାରିଯିବ ।





**ପାଠଗତ ପ୍ରଶ୍ନ : ୨୭.୪**

୧। ନିମ୍ନରେ ଥିବା ଦାଗକୁ ଛଡ଼ାଇବା ପାଇଁ ଦିଆଯାଇଥିବା ଚାରୋଟି ବିକଳ୍ପ ମଧ୍ୟରୁ ସବୁଠାରୁ ଉପଯୁକ୍ତ ବିଧିକୁ ଚୟନ କର ।

i) ଧଳା କାର୍ପାସ ବସ୍ତ୍ର ଉପରେ ଲାଗିଥିବା ପୁରାତନ ଚା ଦାଗ-
କ) ଲୁଣ ପାଣିର ବ୍ୟବହାର  ଗ) ଲେମ୍ବୁରସରେ ଭିଜାଅ
ଖ) ଗ୍ଲିସେରିନ୍‌ରେ ଭିଜାଅ  ଘ) ଦାଗ ଉପରେ ଗରମ ପାଣି ଢାଳିବ

ii) ରଙ୍ଗୀନ୍ କାର୍ପାସ ବସ୍ତ୍ର ଉପରେ ପୁରୁଣା ରକ୍ତ ଦାଗ-
କ) ଲୁଣପାଣିର ବ୍ୟବହାର  ଗ) ଗରମ ପାଣିରେ ଭିଜାଇବା
ଖ) ଗ୍ଲିସେରିନ୍‌ରେ ଭିଜାଇବା  ଘ) ଗରମ ପାଣି ଓ ସାବୁନ୍‌ରେ ଧୋଇବା

iii) ଲିପ୍‌ଷ୍ଟିକ୍ ଦାଗ-
କ) ଲୁଣପାଣିର ବ୍ୟବହାର  ଗ) ମିଥାଇଲେଟେଡ଼୍ ସ୍ପିରିଟ୍‌ରେ ଭିଜାଇବା
ଖ) ଗ୍ଲିସେରିନ୍‌ରେ ଭିଜାଇବା  ଘ) ଗରମ ପାଣି ଓ ସାବୁନ୍‌ରେ ଧୋଇବା

iv) କଳଙ୍କି ଦାଗ-
କ) ଲୁଣ ପାଣିର ବ୍ୟବହାର  ଗ) ମିଥାଇଲେଟେଡ଼୍ ସ୍ପିରିଟ୍‌ରେ ଭିଜାଇବା
ଖ) ଲେମ୍ବୁରସ ଓ ଲୁଣର ବ୍ୟବହାର  ଘ) ସାବୁନ୍ ଓ ଥଣ୍ଡାପାଣିରେ ଧୋଇବା

v) ରେଶମ ବସ୍ତ୍ର ଉପରେ ତାଜା ଲହୁଣୀ ଦାଗ-
କ) ଥଣ୍ଡା ପାଣିରେ ଧୋଇବା  ଖ) ଥଣ୍ଡାପାଣି ଓ ସାବୁନ୍‌ରେ ଧୋଇବା
ଗ) ଲୁଣଦେଇ ଖରାରେ ରଖିବା  ଘ) ଉଷୁମ ପାଣି ଓ ସାବନ୍‌ରେ ଧୋଇବା

vi) ପଲିଷ୍ଟର ବସ୍ତ୍ର ଉପରେ ନେଲ୍‌ପଲିସ୍‌ର ଦାଗ-
କ) ମିଥାଇଲେଟ୍‌ଡ଼୍ ସ୍ପିରିଟ୍‌ରେ ଭିଜାଇବା
ଖ) ଉଷୁମ ପାଣିରେ ଭିଜାଇବା
ଗ) ଥଣ୍ଡା ପାଣିରେ ଭିଜାଇବା
ଘ) ଉଷୁମ ପାଣି ଓ ସାବୁନ୍‌ରେ ଭିଜାଇବା

vii) ପଶମ ବସ୍ତ୍ର ଉପରେ ତାଜା କାଳି ଦାଗ-
କ) ଥଣ୍ଡାପାଣି ଓ ସାବୁନ୍‌ରେ ଧୋଇବା
ଖ) ଫୁଟନ୍ତା ଗରମପାଣି ଓ ସାବୁନ୍‌ରେ ଧୋଇବା
ଗ) ଲେମ୍ବୁରସ ଓ ଲୁଣ ବ୍ୟବହାର କରି
ଘ) ମିଥାଇଲେଟଡ଼୍ ସ୍ପିରିଟ୍‌ରେ ଭିଜାଇବା

## ୨୭.୬ ସଫା କରିବା ବିଧି / ପ୍ରଣାଳୀ

ତୁମେ କପଡ଼ାକୁ ମରାମତି କରିସାରିବା ପରେ, ଦାଗ ଛଡ଼ାଇବା ପରେ, ବାଛି କରି ପାଣିରେ ବୁଡ଼ାଇବା ପରେ ଓ ପ୍ରକୃତ ସଫା କରିବା ପ୍ରଣାଳୀ ଆରମ୍ଭ ହୋଇଥାଏ । ତୁମେ ଜାଣ ଯେ କିଛି ବିଶେଷ ଭାଗ ଯେପରି କଫ ଓ କଲର ଅଧିକ ରଗଡ଼ିବା ଆବଶ୍ୟକ କରିଥାଏ କାରଣ ଏଗୁଡ଼ିକ ଅଧିକ ମଇଳା ହୋଇଥାଏ ।



ଚିତ୍ର : ୨୭.୧୧



ମନ୍ତବ୍ୟ (Notes)

ବସ୍ତ୍ର ସଫା କରିବା ସମୟରେ ତନ୍ତୁର ଗୁଣାବଳୀକୁ ମନରେ ରଖିବା ଉଚିତ୍ । ତୁମେ ମନେ ରଖିଛ କି କାର୍ପାସ ବସ୍ତ୍ର ଓଦା ହୋଇଯିବାରେ ଶକ୍ତ ହୋଇଥିବା ସମୟରେ ରେୟନ ବସ୍ତ୍ର ଓଦା ହେଲେ ଶକ୍ତି ହରାଇଥାଏ ? ଏଇଥିପାଇଁ କାର୍ପାସ୍ ବସ୍ତ୍ରକୁ ରଗଡ଼ି ସଫା କରିବା ସମୟରେ ରେୟନ ବସ୍ତ୍ରକୁ ହାଲକାରେ ସଫା କରାଯାଇଥାଏ । ରେଶମ ଓ ପଶମ ବସ୍ତ୍ର ମଧ୍ୟ ସଫା କରିବା ସମୟରେ ବିଶେଷ ଯତ୍ନ ଆବଶ୍ୟକ କରିଥାଏ କାରଣ ପଶମ ବସ୍ତ୍ର ପାଣିରେ ଓଦା ହେବାପରେ ତାର ଆକାର ଖରାପ ହୋଇଯାଇଥାଏ ଏବଂ ରେଶମ ବସ୍ତ୍ର ତାର ଶକ୍ତି ହରାଇଥାଏ ।

ତେଣୁ ସଫା କରିବା ପ୍ରଣାଳୀ ଚୟନ କରିବା ସମୟରେ ଦୁଇଟି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

i) କେତେ ପରିମାଣରେ ବସ୍ତ୍ର ମଇଳା ଅଟେ ଓ

ii) ବସ୍ତ୍ର କି ପ୍ରକାରର ଯେପରି କାର୍ପାସ, ରେଶମ, ପଶମ, ରେୟନ, ନାଇଲନ ଆଦି ।

ସାଧାରଣତଃ ସଫା କାର୍ଯ୍ୟ ଏହିପରି କରାଯାଏ ।

i) ଘର୍ଷଣ ସଫାଇ

ii) ଶୋଷଣ ସଫାଇ

iii) ଜଳିବା ଓ ଚିପୁଡ଼ିବା

iv) ମେସିନ୍ ଦ୍ୱାରା

ଆସ ଏବେ ପ୍ରଣାଳୀ ଗୁଡ଼ିକୁ ଆଲୋଚନା କରିବା ।

**i) ଘର୍ଷଣ ସଫାଇ**

ଏହି ପ୍ରଣାଳୀରେ ଶକ୍ତ ବସ୍ତ୍ର ଯେପରି କାର୍ପାସ ବସ୍ତ୍ର ପାଇଁ ଉପଯୁକ୍ତ ଅଟେ । ଘର୍ଷଣ ବସ୍ତ୍ର ନିମ୍ନ ପ୍ରକାରରେ ପ୍ରୟୋଗ କରାଯାଇଥାଏ ।


କ) ହାତଦ୍ୱାରା- ଦୁଇ ହାତରେ ବସ୍ତ୍ରକୁ ଜୋର୍‌ରେ ଘଷିବା ଦ୍ୱାରା ସଫା କରିବାକୁ ବୁଝାଏ । ଏହା ବହୁତ ଅଧିକ ମଇଳା ଛୋଟ ବସ୍ତ୍ର ଯେପରି ଛୋଟବସ୍ତ୍ର, ରୁମାଲ ଆଦି ପାଇଁ ଉପଯୁକ୍ତ ଅଟେ । ଏହି ବିଧିରେ ସାବୁନ୍ କମ୍ ଲାଗିଥାଏ ।

ଖ) ପ୍ଲାଷ୍ଟିକ୍ ସ୍କ୍ରବ୍‌ଙ୍ଗ ବ୍ରସ ଦ୍ୱାରା- ମଇଳା ବସ୍ତ୍ରକୁ ଗୋଟିଏ ଶକ୍ତ ଚଟାଣ ଉପରେ ରଖି ପ୍ଲାଷ୍ଟିକ୍ ବ୍ରସ ସାହାଯ୍ୟରେ ଘର୍ଷଣ ଦିଆଯାଏ । ଏହା ଘର ମଧ୍ୟରେ ବ୍ୟବହୃତ ଅତ୍ୟଧିକ ମଇଳା କପଡ଼ା କିପରି ଝାଡ଼ଣ ଆଦିକୁ ସଫା କରିବା ପାଇଁ ବ୍ୟବହାର କରାଯାଏ ।

ଗ) କାଠ ଦଣ୍ଡରେ ପିଟିବା- ବଡ଼ ବସ୍ତ୍ର ଯେପରି ବିଛଣା ଚାଦର ଇତ୍ୟାଦିକୁ ଏହି ବିଧିରେ ସଫା କରାଯାଏ ।

**ii) ଶୋଷଣ ସଫାଇ**

ଏହି ପ୍ରଣାଳୀ ତଉଲିଆ ଆଦି ସଫା କରିବା ପାଇଁ ପ୍ରୟୋଗ କରାଯାଇଥାଏ କାରଣ ଏହି ବସ୍ତ୍ର ଖୁବ୍ ଭାରୀ ଓ ପାଇଲ (pile) ଉଭୟର ହୋଇଥାଏ ତେଣୁ ଏଥିରେ ବ୍ରସ ବ୍ୟବହାର କରାଯାଇପାରିବ ନାହିଁ ।



*ଚିତ୍ର : ୨୭.୧୨ ଶୋଷଣଦ୍ୱାରା ସଫାଇ*

ବସ୍ତ୍ରକୁ ଗୋଟିଏ ଟବ୍‌ରେ ସାବୁନ୍ ପାଣିରେ ରଖି ଶୋଷଣ ଯନ୍ତ୍ରକୁ ତା ମଧ୍ୟରେ ବାରମ୍ବାର ଉପର ତଳ କରି ଚାପ ପ୍ରୟୋଗ କରାଯାଏ । ଏହିପରି ଶୋଷଣ ଯନ୍ତ୍ର ବ୍ୟବହାର ଦବାଇବା ଦ୍ୱାରା ଉତ୍ପନ୍ନ ହେଉଥିବା ଶୂନ୍ୟସ୍ଥାନ ମଇଳାକୁ ଢିଲା କରି ବାହାର କରିଦିଏ ।

### iii) ଦଳିବା ଓ ଚିପୁଡ଼ିବା ଦ୍ୱାରା ସଫାଇ

ଏହି ବିଧି ସୂକ୍ଷ୍ମ ବସ୍ତ୍ର ଯେପରି ରେଶମ, ପଶମ ଓ ରେୟନ ଆଦି ପାଇଁ ପ୍ରୟୋଗ କରାଯାଇଥାଏ । ଏହି ବିଧିରେ ବସ୍ତ୍ରକୁ କୌଣସି କ୍ଷତି ହୋଇନଥାଏ ଓ ତା'ର ଆକାରରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନଥାଏ କାରଣ ଅତି ହାଲ୍କା ଭାବରେ ହାତ ଦ୍ୱାରା ବସ୍ତ୍ରରୁ ମଇଳା ବାହାର କରାଯାଇଥାଏ ।



*ଚିତ୍ର : ୨୭.୧୩*
*ଦଳିବା ଓ ଚିପୁଡ଼ିବା ଦ୍ୱାରା ସଫାଇ*

### iv) ମେସିନ ଦ୍ୱାରା ସଫାଇ

ୱାସିଙ୍ଗ୍ ମେସିନ୍ ଏକ ଶ୍ରମ ବଞ୍ଚାଇବା ଉପକରଣ ଯାହା ବିଶେଷ କରି ବଡ଼ ସଂସ୍ଥା ପାଇଁ ଉପଯୁକ୍ତ ଅଟେ । ବର୍ତ୍ତମାନ ଘରେ ମଧ୍ୟ ଏହାର ଉପଯୋଗ ହେଉଛି । ସଫାଇର ସମୟ କପଡ଼ାର ପ୍ରକାର ଓ ମଇଳାର ପରିମାଣ ଉପରେ ନିର୍ଭର କରେ । କାର୍ପାସ୍ ଅପେକ୍ଷା ପଶମ ସଫା କରିବା ପାଇଁ କମ୍ ସମୟ ଲାଗେ । ମେସିନ୍‌ରେ ସଫା କରିବା ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ପଢ଼ିନେବା ଉଚିତ୍ ।



*ଚିତ୍ର : ୨୭.୧୪*
*ମେସିନ୍ ଦ୍ୱାରା ସଫାଇ*

ନିର୍ଦ୍ଦିଷ୍ଟ ବସ୍ତ୍ର ସଫା କରିବା ପାଇଁ ବିସ୍ତୃତ ବିଧି ପରପୃଷ୍ଠାରେ ଚାର୍ଟରେ ଦିଆହୋଇଛି ।

## ୨୭.୮ ବସ୍ତ୍ରର ଭଣ୍ଡାରଣ

ଏ ପର୍ଯ୍ୟନ୍ତ ଆମେ ବସ୍ତ୍ରକୁ କିପରି ସଠିକ୍ ଯତ୍ନର ସହିତ ସଫା କରାଯିବ ଜାଣିଲେ କିନ୍ତୁ ଏହା ଯଥେଷ୍ଟ ନୁହେଁ । ଯଦି ଆମେ ଆମର ସଫା ବସ୍ତ୍ରକୁ ସଠିକ୍ ଭାବରେ ସାଇତି ନ ରଖିବା ତେବେ ସେହି ବସ୍ତ୍ର କୀଟ ନା ମଥ୍ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ ।

ଆସ, ଆମର ଦାମୀ ବସ୍ତ୍ରକୁ ବଞ୍ଚାଇବା ପାଇଁ କିଛି ସାବଧାନୀର ସୂଚୀ କରିବା ।

୧ । ପକେଟ୍‌କୁ ଖାଲି କରି ବସ୍ତ୍ରକୁ ବ୍ରସ୍‌ରେ ଝାଡ଼ିବା ଦ୍ୱାରା ଧୂଳି ରହେ ନାହିଁ ।

୨ । ସବୁ ସମୟରେ ସାଇତି ରଖିବା ପୂର୍ବରୁ ପିନ୍ଧିଥିବା ବସ୍ତ୍ରକୁ ଖରା ଓ ପବନରେ ଅବଶ୍ୟ ଦେଖାଅ ।

୩ । ବସ୍ତ୍ରକୁ ଡ୍ରାଏକ୍ଲିନିଙ୍ଗ୍ ଅଥବା ସଫା କରିବା ପୂର୍ବରୁ ଅଧିକ ମଇଳା ହେବାକୁ ଦିଅ ନାହିଁ ।

୪ । ଆର୍ଦ୍ର ଥିବା ବସ୍ତ୍ରକୁ ସାଇତି ରଖ ନାହିଁ କାରଣ ଆର୍ଦ୍ରତା ଫିମ୍ପି କରାଇଥାଏ । ତୁମେ ଦେଖିଥିବ ଯେ ଆଲମାରୀ/ସିନ୍ଦୁକରୁ ବସ୍ତ୍ର ବାହାର କରିବାରେ ଏହାର ରଙ୍ଗରେ ପରିବର୍ତ୍ତନ ହୋଇଥାଏ । ଏହି ରଙ୍ଗ ପରିବର୍ତ୍ତନ ଫିମ୍ପି କାରଣରୁ ହୋଇଥାଏ ।

୫ । ସମସ୍ତ ବସ୍ତ୍ରକୁ କୀଟମାନଙ୍କ ଠାରୁ ସୁଗନ୍ଧିତ ରଖିବା ଉଚିତ୍ । ଏହା ତମାଖୁ, ଶୁଖିଲା ନୀମପତ୍ର, କର୍ପୂର ବା ନାପ୍‌ଥେଲିନ୍ ଗୋଲି ଆଦି କୀଟାଣୁନାଶକ ପ୍ରୟୋଗରେ କରାଯାଇପାରେ ଯେପରି କି ତୁମେ ସମସ୍ତେ କରିଥାଅ । ପଶମ ବସ୍ତ୍ରକୁ ଖବର କାଗଜରେ ଗୁଡ଼ାଇ ରଖାଯାଏ ଯେହେତୁ ମଧ୍ୟ କାଗଜରେ ଥିବା ପ୍ରିଣ୍ଟିଙ୍ଗ୍ କାଳିକୁ ସଫା କରିପାରିନଥାଏ । ବାକ୍ସ ଗୁଡ଼ିକର ଉପର ତଳ ଓ କଡ଼ରେ ଖବରକାଗଜ ନେଇ ରଖିପାରିବ । ଶୁଖିଲା ନିମ୍ବ ପତ୍ର, ଚନ୍ଦନ ପାଉଡ଼ର, ଇଉକାଲିପଟାସ୍‌ର ଶୁଖିଲା ପତ୍ର ଆଦିର ସୁଗନ୍ଧ ରହିଲା ପର୍ଯ୍ୟନ୍ତ ପ୍ରଭାବକାରୀ ହୋଇଥାଏ ।

ପେଟିକା - ୫
ବସ୍ତ୍ର ଓ ପରିଧାନ

ମନ୍ତବ୍ୟ (Notes)

## ଟେବୁଲ ୨୭.୩ : ବିଭିନ୍ନ ବସ୍ତ୍ରକୁ ସଫା କରିବା ଓ ଶୁଖାଇବାର ପ୍ରଣାଳୀ

| ବସ୍ତ୍ର | ଭିଜାଇବା | ସଫା କରିବା | ଧୋଇବା | ମଣ୍ଡଦେବା | ନୀଳଦେବା | ଶୁଖାଇବା |
|---|---|---|---|---|---|---|
| କାର୍ପାସ | ବସ୍ତ୍ରକୁ ଭିଜାଇବା ଦ୍ୱାରା ମଇଳାଗୁଡ଼ିକ ଭିଜିଯାଇ ଅଲଗା ହୋଇଯାଏ । ଧଳା ଏବଂ ଅଧିକ ମଇଳା ବସ୍ତ୍ରକୁ ଅଲଗା ଅଲଗା ଭିଜାଅ ।<br>● ଭିଜାଇବା ପାଇଁ ଯଥେଷ୍ଟ ପାଣି ଦିଅ ।<br>● ମଇଳା ବସ୍ତ୍ରକୁ ଭିଜାଇବା ପାଇଁ ଉଷୁମ ପାଣିଠାରୁ ଆରମ୍ଭ କରି ଗରମ ପାଣି ପର୍ଯ୍ୟନ୍ତ ବ୍ୟବହାର କର ।<br>● ଅଧିକ ବସ୍ତ୍ର ଏକାଠି ଭିଜାଅ ନାହିଁ ।<br>● ବସ୍ତ୍ରକୁ ରାତିସାରା ନ ଭିଜାଇ କେବଳ ଘଣ୍ଟାଏ ବା ଦୁଇଘଣ୍ଟା ପାଇଁ ଭିଜାଅ ।<br>● ରଙ୍ଗୀନ୍ ବସ୍ତ୍ରକୁ ଜମାରୁ ଭିଜାଅ ନାହିଁ । କାରଣ ଏଥିରେ ବସ୍ତ୍ରର ରଙ୍ଗ ପ୍ରଭାବିତ ହୋଇଥାଏ । | ● ଖୁବ୍ ବେଶୀ ମଇଳା ଓ ଧଳା ବସ୍ତ୍ର ପାଇଁ ଉଷୁମ ଠାରୁ ଆରମ୍ଭ କରି ଗରମ ପାଣି ପର୍ଯ୍ୟନ୍ତ ବ୍ୟବହାର କର ।<br>● ରଙ୍ଗୀନ ବସ୍ତ୍ର ପାଇଁ ଥଣ୍ଡା ପାଣି ବ୍ୟବହାର କର ।<br>● ଘର୍ଷଣ ପଦ୍ଧତି ବ୍ୟବହାର କର ।<br>● ଖୁବ୍ ବେଶୀ ମଇଳା ହୋଇଥିବା ଜାଗାକୁ ହାତ କିମ୍ବା ବ୍ରସଦ୍ୱାରା ବ୍ୟବହାର କର ନାହିଁ, କାରଣ ଏଥିରେ ବସ୍ତ୍ର ନଷ୍ଟ ହେବାର ସମ୍ଭାବନା ରହିଥାଏ ।<br>● ଏମ୍ବ୍ରୋଡରି ହୋଇଥିବା ବସ୍ତ୍ରକୁ କପଡ଼ା ଢଙ୍କାଯାଇଥିବା ବ୍ରସ୍ ଦ୍ୱାରା ଘର୍ଷଣ ପଦ୍ଧତିରେ ସଫାକର । ଏପରି କପଡ଼ା ଢଙ୍କା ଯାଇଥିବା ବ୍ରସ୍‌ରେ ସଫା କଲେ ଏମ୍ବ୍ରୋଡ଼ରୀକୁ କମ୍ ହାନି ପହଞ୍ଚାଇଥାଏ । | ● ସଫା କରିବା ପରେ ବସ୍ତ୍ରକୁ ଖୁବ୍ ଭଲ ଭାବରେ ଧୁଅ ଯେପରି ବସ୍ତ୍ରରେ ସାବୁନ୍‌ର କିଛି ବି ଅବଶିଷ୍ଟାଂଶ ନ ରହେ ।<br>● ଧୋଇବା ପାଇଁ ଥଣ୍ଡା ପାଣି ବ୍ୟବହାର କର । | ● କାର୍ପାସ ବସ୍ତ୍ରକୁ ଟାଣ କରିବାକୁ ମଣ୍ଡ ଦିଅ । କେବଳ ଅନ୍ତର୍ବାସ ଓ ଟାଇଟ୍ ଫିଟିଙ୍ଗ୍ ପୋଷାକ ଯେପରିକି ବ୍ଲାଉଜ୍ ଇତ୍ୟାଦି ବ୍ୟତୀତ । ଅନ୍ୟ ସମସ୍ତ ସୂତୀବସ୍ତ୍ରରେ ମଣ୍ଡ ଦିଆଯାଏ । ମଣ୍ଡ ଦିଆଯାଇଥିବା ସୂତୀ ବସ୍ତ୍ର ପାଲିସ୍, ଉଜ୍ଜ୍ୱଳ ଓ ତାଜା ଦେଖାଯାଏ । ଏହା ସହଜରେ ମଇଳା ଧରେ ନାହିଁ ।<br>● ମଣ୍ଡ ଦେବାକୁ ହେଲେ କିଛି ମଣ୍ଡ ଘୋଳ ପାଣିରେ ମିଶାଇ ଭଲ କରି ମିଶାଇ ଦିଅ ।<br>● ବସ୍ତ୍ରକୁ ଖୋଲି ପାଣିରେ ଓଦାକର ଏବଂ ମଣ୍ଡଘୋଳରେ ବୁଡ଼ାଅ ।<br>● ବସ୍ତ୍ରକୁ ଚିପୁଡ଼ି ଖରାରେ ଟାଙ୍ଗି ଶୁଖାଅ । | କେବଳ ଧଳା କପଡ଼ାକୁ ନୀଳ ଦେବାର ଆବଶ୍ୟକ ହୋଇଥାଏ । ତୁମେ ନିଶ୍ଚୟ ଦେଖିଥିବ ଯେ ଧଳାବସ୍ତ୍ର କ୍ରମେ କ୍ରମେ ହଳଦିଆ ହୋଇ ଆସେ ତେଣୁ ପୁନର୍ବାର ତାକୁ ଧଳା କରିବା ପାଇଁ ନୀଳ ଦିଆଯାଇଥାଏ । ନୀଳ ଦେବା ପାଇଁ ହେଲେ ଏକ ଚା' ଚାମସ ଶୁଖିଲା ନୀଳ ଏକ ପତଳା କପଡ଼ାରେ ବାନ୍ଧି ପାଣିରେ ମିଶାଅ । ଏହି ତରଳ ନୀଳରେ ଆଉ କିଛି ପାଣି ମିଶାଇ ଭଲରେ ମିଶାଇଦିଅ । କପଡ଼ାକୁ ଖୋଲି ସେଥିରେ ବୁଡ଼ାଅ ଏବଂ କପଡ଼ାକୁ ଚିପୁଡ଼ି ଖରାରେ ଶୁଖାଅ ।<br>**ନୋଟ୍‌-** ଯଦି ବସ୍ତ୍ରରେ ମଣ୍ଡ ଓ ନୀଳ ଉଭୟ ଦେବାର ଆବଶ୍ୟକତା ଥିବ ତେବେ | ● କପଡ଼ାର ମଜବୁତ୍ ଭାଗକୁ ଦଉଡ଼ି ନିକଟରେ ଶୁଖାଅ ।<br>● ଧଳା କପଡ଼ାକୁ ଖରାରେ ଶୁଖାଅ ।<br>● ରଙ୍ଗୀନ୍ କପଡ଼ାକୁ ଛାଇରେ ଶୁଖାଅ ।<br>● ଭାରୀ ରଙ୍ଗୀନ୍ କପଡ଼ାକୁ ଖରାରେ ଶୁଖାଇବା ପାଇଁ କପଡ଼ାକୁ ଲେଉଟାଇ ଓଲଟା ପଟେ ଶୁଖାଅ ।<br>**ନୋଟ୍‌-** ଖରାରେ ଶୁଖା ହୋଇଥିବା କପଡ଼ାକୁ ଶୀଘ୍ର ନେଇଆସ କାରଣ ଅଧିକ ଖରା ବସ୍ତ୍ରକୁ ଦୁର୍ବଳ କରିବା ସହିତ ହଳଦିଆ କରିଥାଏ । |





| | | | | | | |
|---|---|---|---|---|---|---|
| | | | | ● ବସ୍ତ୍ରକୁ ଅଧିକ ମଣ୍ଡ ଦେବାକୁ ଚାହୁଁଥିଲେ ତାକୁ କମ୍ କରି ନ ଚିପୁଡ଼ି ଶୁଖାଅ । | ମଣ୍ଡ ଘୋଳରେ ନୀଳ ମିଶାଇ ଦିଅ । ଯଦି କପଡ଼ାରେ ଅଧିକ କାଳ ହୋଇଯାଇଥାଏ ତେବେ ଏହାକୁ ସାଧାପାଣିରେ ଲେମ୍ବୁରସ ଓ ସିରିକା କିଛି ବୁନ୍ଦା ମିଶାଇ ବୁଡ଼ାଅ । ଅଧିକ ନୀଳ ବାହାରିଯିବ । | |
| ରେଶମ | ● ରେଶମ ବସ୍ତ୍ରକୁ ଭିଜାଅ ନାହିଁ କାରଣ ଭିଜାଇବା ଦ୍ୱାରା ଏହା ଦୁର୍ବଳ ହୁଏ ।<br>● ଗୋଟିଏ ଟବ୍ ପାଣିରେ ମୃଦୁ ତରଳ ସାବୁନ୍ ବା ରିଟାର ଘୋଳ କରି ଟ୍ୟୁବ୍ ଫେଣ ପ୍ରସ୍ତୁତ କର । | ● ସଫା କରିବା ପାଇଁ ଉଷୁମ ପାଣି ବ୍ୟବହାର କର ଯେପରି ମଇଳା ସହଜରେ ବାହାରିଯିବ। ଗରମ ପାଣି ବ୍ୟବହାର କର ନାହିଁ ।<br>● ସଫା କରିବା ପାଇଁ ହାଲ୍କାରେ ଚାପ ପ୍ରୟୋଗ କର । | ● ଥଣ୍ଡା ପାଣିରେ ଧୋଇ ସମସ୍ତ ସାବୁନ୍ ଅଂଶ କାଢ଼ିଦିଅ ଅଧିକ ଚିପୁଡ଼ ନାହିଁ ।<br>● ଶେଷଥର ଧୋଇବା ସମୟରେ ପାଣିରେ କିଛି ବୁନ୍ଦା ସିରିକା ବା ଲେମ୍ବୁରସ ଦିଅ । ଏହାଦ୍ୱାରା କପଡ଼ାର ଚମକ ବଢ଼ିଥାଏ । | ● ଶେଷଥର ଧୋଇବା ସମୟରେ ପାଣିରେ ଗମ୍ (ଅଠା) ଓ ସିରିକା ମିଳାଅ । | | ● ଅଧିକ ପାଣିକୁ କାଢ଼ିବା ପାଇଁ ଛୋଟ କପଡ଼ାକୁ ତଉଲିଆରେ ଗୁଡ଼ାଇଦିଅ ଓ ଇସ୍ତ୍ରୀ କରିନିଅ ।<br>● ବଡ଼ କପଡ଼ା ଯେପରି ଶାଢ଼ୀକୁ ଦଉଡ଼ିରେ ଛାଇରେ ଶୁଖାଅ ଯେ ପର୍ଯ୍ୟନ୍ତ ଅଧିକ ପାଣି ଶୁଖିନଯାଏ । ଇସ୍ତ୍ରୀ କରିବା ପୂର୍ବରୁ କପଡ଼ାକୁ ସମ୍ପୂର୍ଣ୍ଣ ଶୁଖାଅ ନାହିଁ । |
| ପଶମ | ● ଭିଜାଅ ନାହିଁ । ମନେରଖ/ ମହତ୍ୱପୂର୍ଣ୍ଣ- ଧୋଇବା ପୂର୍ବରୁ ବସ୍ତ୍ରକୁ ଏକ ବଡ଼ କାଗଜ ଉପରେ ବିଛାଇ ଏହାର ଆକାରକୁ ଆଙ୍କିଦିଅ । | ● ଏକ ଟବ୍ ପାଣିରେ ମୃଦୁ ସାବୁନ୍ ବା ରିଟାଫଳର ଘୋଳ କରି ଫେଣ କର । ନୋଟ୍- ଧଳା ପଶମ ପାଇଁ ରିଟାଫଳ ବ୍ୟବହାର କରିବ ନାହିଁ । | ● ଥଣ୍ଡା ପାଣିରେ ଧୋଇ ସମସ୍ତ ସାବୁନ୍ ଅଂଶ ବାହାର କରିଦିଅ ।<br>● ଜୋର୍‌ରେ ଚିପୁଡ଼ ନାହିଁ । | | | ● କପଡ଼ାକୁ ରେଖାଙ୍କିତ କାଗଜ ଉପରେ ସମତଳ ସ୍ଥାନରେ ବିଛାଇ ଏହାର ଆକାରକୁ ପୂର୍ବ ଅଙ୍କିକ ଆକାର ଅନୁଯାୟୀ ଟାଣି ଶୁଖାଅ । |

ମନ୍ତବ୍ୟ (Notes)

| | | | | | | |
|---|---|---|---|---|---|---|
| | | • ଉଷୁମ ପାଣି ବ୍ୟବହାର କର କାରଣ ଏହା ମଇଳାକୁ ସହଜରେ ଛଡ଼ାଇଥାଏ, ଗରମ ପାଣି ବ୍ୟବହାର କର ନାହିଁ ।<br>• ସଫା କରିବା ପାଇଁ କମ୍ ଚାପ ପ୍ରୟୋଗ କର । | | | | • ଯଦି ଇସ୍ତ୍ରୀ କରିବା ଆବଶ୍ୟକ ହୁଏ ତେବେ ବାମ୍ଫ ବାଲା ଇସ୍ତ୍ରୀର ପ୍ରୟୋଗ କର । ଶୁଖିଲା ପଶମ ବସ୍ତ୍ର ଉପରେ ଓଦା କପଡ଼ା ବିଛାଇ ଉପରେ ଗରମ ଇସ୍ତ୍ରୀକୁ ପ୍ରୟୋଗ କର । |
| ସିନ୍ଥେଟିକ୍ | | • ଉଷୁମ ବା ଥଣ୍ଡାପାଣି ପ୍ରୟୋଗ କର । ଗରମ ପାଣି ସିନ୍ଥେଟିକ୍ ବସ୍ତ୍ରକୁ କ୍ଷତି ପହଞ୍ଚାଇଥାଏ । ଅଧିକ ତାପରେ ସିନ୍ଥେଟିକ୍ ବସ୍ତ୍ର ତରଳିଯାଏ ଓ ଏହାର ଆକାର ନଷ୍ଟ ହୋଇଯାଏ ।<br>• ଯେକୌଣସି ଭଲ ସାବୁନ୍ ପ୍ରୟୋଗ କର ।<br>• ହାଲ୍କା ଚାପ ଓ ହାଲ୍କା ରଗଡ଼ି ସଫା କର । | • ସାବୁନ୍‌କୁ ସମ୍ପୂର୍ଣ୍ଣ ରୂପେ ବାହାର କରିବା ପାଇଁ ଥଣ୍ଡା ପାଣିରେ ଧୁଅ । କପଡ଼ାରେ ଭାଙ୍ଗ/ଦାଗ ନ ପକାଇବା ପାଇଁ ଚିପୁଡ଼ ନାହିଁ । | | | • ବସ୍ତ୍ରର ଆକାର ସୁରକ୍ଷିତ ରଖିବା ପାଇଁ ହାଙ୍ଗର୍‌ରେ ଶୁଖାଅ ।<br>• ଶୁଖିଯିବାପରେ ଆବଶ୍ୟକ ହେଲେ ଉଷୁମ ଇସ୍ତ୍ରୀରେ ଇସ୍ତ୍ରୀକର । ଅଧିକ ଗରମ ଇସ୍ତ୍ରୀରେ ସିନ୍ଥେଟିକ୍ ବସ୍ତ୍ରକୁ ହାନୀ ହୋଇଥାଏ । |

ଏବେ ତୁମେ ତୁମ ବସ୍ତ୍ରର ଆୟୁ ବୃଦ୍ଧିପାଇଁ ସମ୍ପୂର୍ଣ୍ଣ ରୂପେ ସକ୍ଷମ । ଯେତେବେଳେ ତୁମେ ତୁମର ବସ୍ତ୍ର ପିନ୍ଧ ବା ବଦଳ ତୁମେ ମନେ ରଖିବା ଉଚିତ୍ ଯେ କ'ଣ କରାଗଲେ ତୁମକୁ ଆଗରେ କୌଣସି ଅସୁବିଧା ହେବ ନାହିଁ । ଏଠାରେ କେତେକ ଚିହ୍ନ ଦିଆଯାଇଛି ଯାହା ତୁମ ବସ୍ତ୍ରର ଲେବୁଲ୍ ଉପରେ ରହିଛ । ଏହାର ସାହାଯ୍ୟରେ ତୁମେ ତୁମର ବସ୍ତ୍ରକୁ ଭଲରେ ରକ୍ଷଣାବେକ୍ଷଣ କରିପାରିବ ।

**ଟେବୁଲ ୨୭.୨ : ମେସିନ୍ ସଫାଇ କେତେକ ଚିହ୍ନ**

| ଚିହ୍ନ | ସଫାଇ ତାପମାତ୍ରା | ଧୋଇବା | ଶୁଖାଇବା | ଉଦାହରଣ ଉପଯୋଗୀତାର |
|---|---|---|---|---|
|   ଚିତ୍ର ୨୭.୧୧ ଖୁବ୍ ଅଧିକ ଗରମ | ଅଧିକରଣ | ସାଧାରଣ | ସାଧାରଣ | ଧଳା କାର୍ପାସ ଓ ଲିନେନ୍ ବସ୍ତ୍ର ଯାହା ଉପରେ ବିଶେଷ ପରିସଜ୍ଜା ନଥାଏ । |
|   ଚିତ୍ର ୨୭.୧୨ ଗରମ | ଅଧିକରଣ | ସାଧାରଣ | ସାଧାରଣ | ୬୦°ସେ.ରେ ପକ୍କା ରଙ୍ଗ ବାଲା କାର୍ପାସ ବସ୍ତ୍ର, ଲିନେନ୍ ଓ ଭିସ୍‌କୋସ୍ ବସ୍ତ୍ର ଯାହା ଉପରେ ବିଶେଷ ପରିସଜ୍ଜା ନଥାଏ । |
|   ଚିତ୍ର ୨୭.୧୩ ହାତ ଉଷୁମ | ମଧ୍ୟମ | ଥଣ୍ଡା | ଛୋଟ (କମିଯାଇଥିବା) ସ୍ପିନ୍ | ନାଇଲନ୍, ପଲିଷ୍ଟର / କାର୍ପାସ ମିଶ୍ରଣ : ପଲିଷ୍ଟରେ କାର୍ପାସ ଓ ଭିସ୍‌କୋସ୍ ବସ୍ତ୍ର ବିଶିଷ୍ଟ ପରିସଜ୍ଜା ସହିତ କାର୍ପାସ / କ୍ରିୟାଲିନ୍‌ର ମିଶ୍ରଣ । |
|   ଚିତ୍ର ୨୭.୧୪ ଉଷୁମ | ଅଧିକରଣ | ସାଧାରଣ | ସାଧାରଣ | କାର୍ପାସ, ଲିନେନ / ଭିସ୍‌କୋସ୍ ବସ୍ତ୍ର ଯାହାର ରଙ୍ଗ ୪୦°ସେ. ରେ ପକ୍କା ଅଟେ କିନ୍ତୁ ୬୦°ସେ. ରେ ପକ୍କା ନୁହେଁ । |
|  ଚିତ୍ର ୨୭.୧୫ ଥଣ୍ଡା | ମଧ୍ୟମ | ଥଣ୍ଡା | ଛୋଟ (କମିଯାଇଥିବା) ସ୍ପିନ୍ | ରେଶମ, ଏସିଟେଟ୍ ଓ ଟ୍ରାଇଏସିଟେଟ୍ : ପଶମ ମିଶ୍ରିତ ବସ୍ତ୍ର, ପଲିଷ୍ଟର ଓ ପଶମ ସହିତ ବସ୍ତ୍ର । |

ପେଟିକା - ୫

ବସ୍ତ୍ର ଓ ପରିଧାନ




ମନ୍ତବ୍ୟ (Notes)

**ସଫା କରିବାରେ ଜଳର ତାପମାତ୍ରା**


| | |
|---|---|
| ୧ । ପାଣି ଫୁଟିବା ତାପମାତ୍ରାର ପାଖାପାଖି ପର୍ଯ୍ୟନ୍ତ ପାଣି ଗରମ କର । | ୨ । ହାତ ସହ୍ୟ କରିପାରୁଥିବା ଉତ୍ତାପଠାରୁ କିଛି ଅଧିକ ଗରମ । ଘରୋଇ ଗରମ ପାଣି କଳରେ ଆସୁଥିବା ପାଣିର ଉତ୍ତାପ ପରି । |
| ୩ । ହାତରେ ସହ୍ୟ କରିପାରୁଥିବା ପରି ଗରମ । | ୪ । ହାତକୁ ଆରାମଦାୟକ ଭାବେ ଉଷୁମ ଲାଗୁଥିବା ପରି । |
| ୫ । ଥଣ୍ଡା | |



ଚିତ୍ର ୨୭.୧୫ : ମେସିନ୍‌ରେ ଧୁଅ ନାହିଁ




ଚିତ୍ର ୨୭.୧୬ : ଧୁଅ ନାହିଁ




ଚିତ୍ର ୨୭.୧୭ : ଟମ୍ବଲ ଉପରେ ଶୁଖାଅ



ଚିତ୍ର ୨୭.୧୮ : ଡ୍ରିପ୍ ଶୁଷ୍କ



ଚିତ୍ର ୨୭.୧୯ : ତାର ଉପରେ ଶୁଖାଇବା




ଚିତ୍ର ୨୭.୨୦ : ସମତଳରେ ଶୁଖାଇବା




ଚିତ୍ର ୨୭.୨୧ : ଶୁଷ୍କ ପରିଷ୍କୃତି



ଚିତ୍ର ୨୭.୨୨ : ଡ୍ରାଇକ୍ଲିନ୍ କର ନାହିଁ



ଚିତ୍ର ୨୭.୨୩ : ବିରଞ୍ଜନ କରାଯାଇପାରେ



ଚିତ୍ର ୨୭.୨୪ : ବିରଞ୍ଜନ କରେ ନାହିଁ

**ପାଠଗତ ପ୍ରଶ୍ନ : ୨୭.୫**

୧ । ବନ୍ଧନୀ ମଧ୍ୟରେ ଥିବା ଶବ୍ଦ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

i) ସଫା କରିବା ପୂର୍ବରୁ ବସ୍ତ୍ର ନିଶ୍ଚିତ ରୂପେ _____ ହେବା ଆବଶ୍ୟକ ।
(ଶୁଖାଇବା, ମରାମତି, ଇସ୍ତ୍ରୀ, ମଣ୍ଡଦେବା)

ii) _____ ବସ୍ତ୍ର ସଫା କରିବା ପୂର୍ବରୁ ଭିଜାଇବା ଉଚିତ୍ ନୁହେଁ ।
(ରଙ୍ଗୀନ୍, ଧଳା, ମଇଳା, ଛୋଟ)

iii) ବସ୍ତ୍ରକୁ ଭିଜାଇବା ଦ୍ୱାରା ମଇଳା _____ ହୋଇଯାଇଥାଏ ।
(ବଢ଼ିଥାଏ, କମିଥାଏ, ଢିଲା, ନିରୋଧ)

iv) ମଣ୍ଡଦେବା ଦ୍ୱାରା କାର୍ପାସ ବସ୍ତ୍ର _____ ଦେଖାଯାଇଥାଏ ।
(ନିଷ୍ପ୍ରଭ, ଉଜ୍ଜ୍ୱଳ, ଖଦଡ଼, ହଳଦିଆ)

v) _____ କପଡ଼ାରେ ମଣ୍ଡ ଦେବା ଉଚିତ୍ ନୁହେଁ ।
(ଟେବୁଲ୍ ଲିନେନ୍, ଶାଢ଼ୀ, କମିଜ୍, ଅର୍ନ୍ତବସ୍ତ୍ର)


vi) ରଙ୍ଗୀନ କାର୍ପାସ ବସ୍ତ୍ର _____ରେ ଶୁଖାଇବା ଉଚିତ୍ ନୁହେଁ ।
(ସୂର୍ଯ୍ୟ, ଛାଇ, ଦିନ ଆଲୋକ, ରାତି)


vii) ବସ୍ତ୍ରକୁ ଖରାରେ ଅନେକ ସମୟ ଚାଡ଼ିବା ଦ୍ୱାରା _____ ହୋଇଥାଏ ।
(ଉଜ୍ଜ୍ୱଳ, ନିଷ୍ପ୍ରଭ, ନୀଳ ଓ ହଳଦିଆ)

viii) _____ ଉପରେ ସିଧାସଳଖ ଇସ୍ତ୍ରୀ କରିବା ଅନୁଚିତ୍ ।
(କଲର, କଫ୍, ହାତ, ବୋତାମ)

ix) ଭଣ୍ଡାରଣ କରିବା ସମୟରେ ଯଦି କାର୍ପାସ ବସ୍ତ୍ର ଓଦା ଥାଏ ତେବେ _____ ହୋଇଯାଇଥାଏ ।
(ମାନ୍ଦା, ଉଜ୍ଜ୍ୱଳ, ଫିମ୍ପି, ଚିକ୍କଣ)

୨ । ନିମ୍ନ ଚିତ୍ରରୁ ତୁମେ କ'ଣ ବୁଝିଥାଅ ?


(i)


(ii)


(iii)


(iv)

## ୨୭.୯ ଶୁଷ୍କ ପରିଷ୍କୃତି

ଏହା କପଡ଼ାର ଯତ୍ନ ନେବା ପାଇଁ ଆଉ ଏକ ପଦ୍ଧତି । ତୁମର ଦାମୀ ଓ ସୂକ୍ଷ୍ମ ରେଶମ ଓ ପଶମ ବସ୍ତ୍ରକୁ ସଫା କରିବା ପାଇଁ ଶୁଷ୍କ ପରିଷ୍କୃତି ଆବଶ୍ୟକ ହୋଇଥାଏ । ସାଧାରଣ ସଫା କରିବା ଅପେକ୍ଷା ଶୁଷ୍କ ପରିଷ୍କୃତିରେ ମଇଳାକୁ ଦ୍ରାବକ (solvent) ଓ ଚିକ୍କଣ ଅବଶୋଷଣ ଦ୍ୱାରା ସଫା କରାଯାଇଥାଏ । ଏହି ଦ୍ରାବକ ଦ୍ୱାରା ସଫାକଲେ ଏହି ଲାଭ ହୋଇଥାଏ ଯେ, ଏହା ସାଧାରଣ ସଫା କରିବା ପ୍ରଣାଳୀରେ ପାଣି ପରି ବସ୍ତ୍ର ମଧ୍ୟରେ ପ୍ରବେଶ କରିନଥାଏ । ଏହା ବସ୍ତ୍ରର ରଙ୍ଗକୁ ମଧ୍ୟ ପ୍ରଭାବିତ କରିନଥାଏ । ଏଥିରେ ବସ୍ତ୍ର ସଂକୁଚିତ ହୋଇନଥାଏ କି ତାର ଆକାର ଓ ପରିସଜ୍ଜାକୁ ହରାଇନଥାଏ ।

ଯେପରି ତୁମେ ମନେରଖିଛ ପଶମ ଶୀଘ୍ର ମଇଳା ହୋଇନଥାଏ, ତେଣୁ ଅନ୍ୟ ବସ୍ତ୍ର ପରି ଏହାକୁ ଶୀଘ୍ର ସଫା କରିବା ଆବଶ୍ୟକ ହୋଇନଥାଏ । ପ୍ରକୃତରେ ଏହା "ସ୍ପଟ କ୍ଲିନିଙ୍ଗ୍" ଆବଶ୍ୟକ କରିଥାଏ । ତୁମେ ଘରେ ମଧ୍ୟ ଏହି ସ୍ପଟ୍ କ୍ଲିନିଙ୍ଗ୍ (ସ୍ଥଳ ପରିଷ୍କୃତି) କରିପାରିବ । ମଇଳା ଦାଗ କପଡ଼ା ଉପରେ ଚିକ୍କଣ କାରଣରୁ ଜମା ହୋଇଯାଇଥାଏ । ଯଦି ତୁମେ ଏହି ଚିକ୍କଣକୁ ଛଡ଼ାଇଦେବ ତେବେ ଦାଗ ଛାଡ଼ିଯିବ । ଏହି କାର୍ଯ୍ୟ ପାଇଁ ଚିକ୍କଣ ଅବଶୋଷକ ବା ଦ୍ରାବକ ପ୍ରୟୋଗ କରାଯାଏ । ଏହିପରି କିଛି ନିମ୍ନରେ ଅଛି, ସେଗୁଡ଼ିକ ହେଲା–

ଅବଶୋଷକ (Absorbent) : ଫ୍ରେନ୍ଚ ଚକ, ସୁଲତାନୀ ମିଟ୍ଟି, ସୁତାତାଲି ପାଉଡ଼ର, ବେସନ, ଟାଲକମ୍ ପାଉଡ଼ର, ମାଗ୍ନେସିୟମ୍ କାରବୋନେଟ୍ ଆଦିର ପ୍ରୟୋଗ ସବୁ ପ୍ରକାର ବସ୍ତ୍ରରେ ସ୍ପଟ୍ କ୍ଲିନିଙ୍ଗ୍ ପାଇଁ ବ୍ୟବହାର କରାଯାଇପାରେ ।

ଚିକ୍କଣ ଦ୍ରାବକ : ସଫେଦ୍ ପେଟ୍ରୋଲ, ବେଞ୍ଜିନ୍, କାରବନ ଟେଟ୍ରାକ୍ଲୋରାଇଡ୍, ମିଥାଇଲେଟେଡ଼ ସ୍ପିରିଟ୍ ।

**ତୁମେ କ'ଣ ଶିଖିଲ ?**

- ସଫା କରିବା
  - ମରାମତି
  - ଦାଗ ଛଡ଼ାଇବା
  - ଅଲଗା କରିବା
- ଭିଜାଇବା
  - କେବଳ କାର୍ପାସ ପାଇଁ
  - ଘର୍ଷଣ - ହାତ / ବ୍ରସ୍
- ସଫା କରିବା
  - ଘର୍ଷଣ
  - ଦଳିବା ଓ ଚିପୁଡ଼ିବା
  - ମେସିନ୍ ସଫା
    - ସେମି ଅଟୋମେଟିକ୍
    - ଅଟୋମେଟିକ୍
- ଧୋଇବା
- ମଣ୍ଡଦେବା
  - କାର୍ପାସ - ଆରାରୁଟ, ମଇଦା, ପେଜ
  - ରେଶମ- ଅଠା (gum)
- ନୀଳଦେବା
  - ଧଳା କାର୍ପାସ ଓ ଲିନେନ୍
  - ପ୍ରେସ୍ କରିବା
- ପରିସଜ୍ଜା
  - ଇସ୍ତ୍ରୀ କରିବା
  - ସାଇତି ରଖିବା

**ପାଠ୍ୟାନ୍ତ ପ୍ରଶ୍ନ**

୧। 'ଲଣ୍ଡ୍ରୀ' ବା ସଫା କରିବା ଶବ୍ଦର ଅର୍ଥ କ'ଣ ?

୨। କପଡ଼ାକୁ ସଫା କରିବା କାହିଁକି ଜରୁରୀ ?

୩। ସଫା କରିବାର ମୁଖ୍ୟ ଦୁଇଟି ପ୍ରଣାଳୀ ଲେଖି ବସ୍ତ୍ର ପାଇଁ ଏହାର ଉପଯୋଗୀତା ଲେଖ ।

୪। ଦାଗ କ'ଣ ? ଦାଗ କି ପ୍ରକାରର କିପରି ଚିହ୍ନିବ ?

୫। ଦାଗ ଛଡ଼ାଇବା ସମୟରେ କି କି ପ୍ରକାର ସାବଧାନିୟାଁ ଦେବ ?

୬। ରେଶମ ବସ୍ତ୍ରର ନିମ୍ନ ଦାଗ କିପରି ଛଡ଼ାଇବ ?

i) କଫି

ii) ନେଲ ପଲିସ୍

iii) ନୀଳ କାଳି

iv) ଘାସ

v) ପାନ

୭। ଯେକୌଣସି ପ୍ରକାର ବସ୍ତ୍ର ପାଇଁ ମୁଖ୍ୟ ତିନୋଟି ସଫା କରିବା ପ୍ରଣାଳୀର ସୂଚୀ କର ।

୮। ଏକ କାର୍ପାସ ବସ୍ତ୍ରକୁ ତୁମେ କିପରି ସଫା କରିବ ? ଏଇଥିପାଇଁ ତୁମେ କି ପ୍ରକାର ସତର୍କତା ଅବଲମ୍ବନ କରିବ ଓ କାହିଁକି ?

୯। ସଫା କରିବାରେ କି ଅନ୍ତର ଅଛି ଦର୍ଶାଅ ?

i) ରେଶମ ଓ ପଶମ ବସ୍ତ୍ର

ii) ପଶମ ଓ କାଶ୍ମିଲନ ବସ୍ତ୍ର

iii) ଧଳା ଓ ରଙ୍ଗୀନ୍ କାର୍ପାସ ବସ୍ତ୍ର

୧୦। ନିମ୍ନ ପ୍ରଶ୍ନର ଉତ୍ତର ଦିଅ ।

i) ଅଧିକ ମଇଳା କାର୍ପାସ ବସ୍ତ୍ରକୁ ଭିଜାଇବା କାହିଁକି ଆବଶ୍ୟକ ?

ii) ରେଶମ ବସ୍ତ୍ରକୁ ଧୋଇବା ସମୟରେ ହାଲ୍କା ଚାପ କାହିଁକି ଦିଆଯାଏ ?

iii) ରେଶମ ବସ୍ତ୍ର ଧୋଇବା ସମୟରେ ଶେଷଥର ଧୋଇବାରେ କାହିଁକି ଭିନେଗାର ବ୍ୟବହାର କରାଯାଏ ?

iv) ପଶମ ବସ୍ତ୍ରକୁ ସମତଳ ସ୍ଥାନରେ କାହିଁକି ଶୁଖାଇବା ଆବଶ୍ୟକ ?

v) ନାଇଲନ୍ ବସ୍ତ୍ର ଇସ୍ତ୍ରୀ କରିବା ପାଇଁ ଗରମ ଇସ୍ତ୍ରୀ କାହିଁକି ବ୍ୟବହାର କରାଯାଏ ନାହିଁ ?



ମନ୍ତବ୍ୟ (Notes)

**ପାଠଗତ ପ୍ରଶ୍ନର ଉତ୍ତର**

**୨୭.୧ :** ୧ । i, ii, iii ପାଠକୁ ପ୍ରସଙ୍ଗ କର

**୨୭.୨ :** ୧ । (i) ମିଥ୍ୟା, (ii) ମିଥ୍ୟା, ସିନଡେଟ୍ ରାସାୟନିକ ଭାବରେ ପ୍ରାପ୍ତ ହୋଇଥାଏ ।

(iii) ସତ୍ୟ, (iv) ମିଥ୍ୟା, ସିନଡେଟ୍ ବସ୍ତ୍ର ଉପରେ କୌଣସି ଅଂଶ ଛାଡ଼ିନଥାଏ, ତେଣୁ ବସ୍ତ୍ର ନିର୍ଷ୍ପଭ ବା ହଳଦିଆ ଦେଖାଯାଏ ନାହିଁ ।

**୨୭.୩ :** ୧ । (କ) ମିଥ୍ୟା- ବିରଞ୍ଜକ ବସ୍ତ୍ର ଉପରେ ରହିଯିବାକୁ ଦେବ ନାହିଁ, କାରଣ ଏହା ବସ୍ତ୍ର ଉପରେ ଲାଗି ରହିଲେ ବସ୍ତ୍ରରୁ ଖୁବ୍ କ୍ଷତି ପହଞ୍ଚାଇଥାଏ, (ଖ) ସତ୍ୟ, (ଗ) ସତ୍ୟ, (ଘ) ସତ୍ୟ

୨ । (କ) ବିରଞ୍ଜକ, (ଖ) କାର୍ପାସ, (ଗ) ଅକ୍ଜାଲିକ୍ ଏସିଡ୍ , (ଘ) ହାଇଡ୍ରୋଜେନ୍ ପେରକ୍ସାଇଡ୍, (ଙ) ରିଡ୍ୟୁସିଙ୍ଗ୍ ବିରଞ୍ଜକ

**୨୭.୪ :** ୧ । (i) ଖ, (ii) କ, (iii) ଗ, (iv) ଖ, (v) ଘ, (vi) କ, (vii) କ

**୨୭.୫ :** ୧ । (i) ମରାମତି କରିବା, (ii) ରଙ୍ଗୀନ୍, (iii) ଢିଲା ହୋଇଯିବା, (iv) ଚକ୍‌ଚକ୍ ହେବା, (v) ଅର୍ନ୍ତବସ୍ତ୍ର, (vi) ଛାଇ, (vii) ହଳଦିଆ, (viii) ବୋତାମ, (ix) ଫିମ୍ପି

୨ । (i) ବିରଞ୍ଜକ ବ୍ୟବହାର କର ନାହିଁ

(ii) ଧୁଅ ନାହିଁ

(iii) ଡ୍ରଗ୍ ଶୁଖାଇବା

(iv) ହାତରେ ସଫା କର (ମେସିନ୍‌ରେ ସଫା କର ନାହିଁ)

AUDIO

Selection of Clothing

VIDEO

Summer Dressing

For more information

ଅଧିକ ଜାଣିବା ପାଇଁ

Lon on http://www.fabriclink.com/fabriccare.htm/